# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୨୦/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, November 20/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 332 | ମୂଲ୍ୟ ₹୭/-





KT GLOBAL SCHOOL
Leading Residential & Dayboarding School
Situated in the foothills of Barunei Hills, a heritage site
ADMISSIONS OPEN
ACADEMIC BATCH 2023-24 (CBSE Pattern)
ktglobalschool.org
Barunei Temple Road, Bhubaneswar, Odisha - 752057
9090 1111 66
9090 1111 77
KT GLOBAL SCHOOL
VISION • COURAGE • INNOVATION
TRANSFORMING MINDS


# ‘ଖୁସି’ରେ ଅନିୟମିତତା

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ରିପୋର୍ଟ ଅନୁସାରେ ମାସିକ ଋତୁସ୍ରାବ ସମୟରେ ଓଡ଼ିଶାର ୫୩% ମହିଳା ଅପରିଚ୍ଛନ୍ନ ଭାବେ ଓ ୬୯% ପୁରୁଣା କପଡ଼ା ବ୍ୟବହାର କରୁଥିବା ତଥ୍ୟ ଆଧାରରେ ୨୦୧୮ ଫେବୃୟାରୀ ୨୬ରୁ ଆରମ୍ଭ ହୋଇଛି ‘ଖୁସି’ ଯୋଜନା। ଏଥିରେ ୧୭.୨୬ ଲକ୍ଷ ଛାତ୍ରୀ ଉପକୃତ ହେବା ସହ ବର୍ଷକୁ ୭୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଘୋଷଣା ହୋଇଥିଲା। ତଦନୁଯାୟୀ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀମାନଙ୍କୁ ବିନା ମୂଲ୍ୟରେ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି । ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ଏବଂ ଓପେପା ଏହାର ବିତରଣ ଦାୟିତ୍ୱ ନେଇଛି। ହେଲେ ଏହା ଅନେକ ସ୍କୁଲରେ ପହଞ୍ଚିପାରୁ ନାହିଁ। କେଉଁଠି ଯାତାୟାତ ଖର୍ଚ୍ଚ ବାଧକ ସାଜିଛି ତ ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ସହଯୋଗ ଅଭାବରୁ ‘ଖୁସି’ ଅଧାରେ ଅଟକି ରହିଛି। ଏପରି କି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଯୋଜନା ଆରମ୍ଭରୁ ନାପ୍‌କିନ କିଣାରେ ଆର୍ଥିକ ଅନିୟମିତତା ବାରିଥିଲେ। ଅନୁଗୋଳ ଜିଲାରେ ମଧ୍ୟ ଅନେକ ହଜାର ନାପ୍‌କିନ୍ ନଷ୍ଟ ହୋଇଯାଇଥିବାର ଦୃଶ୍ୟ ୨୦୨୦ ଫେବୃୟାରୀରେ ସାମ୍ନାକୁ ଆସିଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସେବା ଭବନ ପଛ ପାର୍ଶ୍ୱ ଘରର ଖୋଲା ଅଗଣାରେ ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଗଦାଇ ରଖାଯାଇଥିବାରୁ ସେସବୁ ନଷ୍ଟ ହୋଇଯାଇଥିଲା। ଏବେ ଏଭଳି ଅବ୍ୟବସ୍ଥାର ଚିତ୍ର ଆସିଛି ଭଦ୍ରକ, ଢେଙ୍କାନାଳ, ସମ୍ବଲପୁର ଜିଲାରୁ।

## ଡିସେମ୍ବରରେ ଏକ୍ସପାଏରି ହେବ ଲକ୍ଷାଧିକ ପ୍ୟାଡ୍

**ସନାତନ ରାଉତ/ ଅନିଲ ଦାସ/ ଶର୍ମିଷ୍ଠା ପାଣିଗ୍ରାହୀ**
**ଭଦ୍ରକ ଅଫିସ/ ଭୁବନେଶ୍ୱର (ବ୍ୟୁରୋ), ୧୯।୧୧**

ରାଜ୍ୟ ସରକାରଙ୍କ ତରଫରୁ ଓଏସ୍‌ଏମ୍‌ସିଏଲ୍‌କୁ ସାନିଟାରି ନାପ୍‌କିନ କ୍ରୟ ଦାୟିତ୍ୱ ଦିଆଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨୦୧୮ ଜାନୁୟାରୀରେ ଇ-ଟେଣ୍ଡର କରାଯାଇଥିଲା। ଏଥିରେ ୫ଟି ସଂସ୍ଥା ଯଥା-ଦିଲ୍ଲୀସ୍ଥିତ ମେସର୍ସ ସଂଯୋଗ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ, କୋଲକାତାର ମେସର୍ସ ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଲିମିଟେଡ, ଅହମଦାବାଦର ମେସର୍ସ ଶେଖାନୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, ମେସର୍ସ ବୈଦ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଏବଂ ନବରଙ୍ଗପୁରର ମେସର୍ସ ଓମ୍ ଶାନ୍ତି ଟ୍ରେଡର୍ସ ଅଂଶଗ୍ରହଣ କରିଥିଲେ। ଟେଣ୍ଡର ମୂଲ୍ୟାୟନ କମିଟି (ଟିଇସି) ବୈଷୟିକ ବିଡ୍‌କୁ ଯାଞ୍ଚ କରି ଆବଶ୍ୟକ କାଗଜପତ୍ର ଅଭାବରୁ ୩ଟି ସଂସ୍ଥାକୁ ବାତିଲ କରିଥିଲେ। ସର୍ବନିମ୍ନ ବିଡର (ଏଲ୍-୧) ଭାବେ କୋଲକାତାର ମେସର୍ସ ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଲିମିଟେଡ, ଅହମଦାବାଦର ମେସର୍ସ ଶେଖାନୀ ଇଣ୍ଡଷ୍ଟ୍ରିଜ୍




ପ୍ରାଇଭେଟ ଲିମିଟେଡ ନାପ୍‌କିନ ପ୍ରତି ୟୁନିଟ ପିଛା ୨.୯୭ ଟଙ୍କା ଦେଇଥିଲେ। କିନ୍ତୁ ଉକ୍ତ ସଂସ୍ଥା ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ ଯୋଜନାରେ ୟୁନିଟ ପିଛା ୧.୭୪ ଟଙ୍କାରେ ଯୋଗାଇଥିବା ଟିଇସି ଜାଣିବାକୁ ପାଇବା ପରେ ଉକ୍ତ ଟେଣ୍ଡରକୁ ବାତିଲ କରି ଦେଇଥିଲେ। ମାତ୍ର ୨୦୧୮ ସେପ୍ଟେମ୍ବରରେ ଓଏସ୍‌ଏମ୍‌ସିଏଲ୍ ପୁନଃ ଟେଣ୍ଡର କରି ଏଲ୍-୧ ବିଡର ଭାବେ ପୁଣେସ୍ଥିତ ରାଧେ ହାଇଜିନ ପ୍ରଡକ୍ଟସ ଲିମିଟେଡକୁ ନାପ୍‌କିନ ପ୍ରତିଖଣ୍ଡକୁ ୨.୩୦ ଟଙ୍କାରେ ଯୋଗାଣ ପାଇଁ ଅନୁମତି ଦେଇଥିଲେ, ଯାହାକି ଉକ୍ତ ସଂସ୍ଥା ତାମିଲନାଡୁ ମେଡିକାଲ କର୍ପୋରେଶନକୁ ଖଣ୍ଡ ପିଛା ୧.୭୮ ଟଙ୍କାରେ ଯୋଗାଇଛି। ☞ପୃଷ୍ଠା-୪

# ପୃଥିବୀ ଓଜନ ୬ ରୋନାଗ୍ରାମ୍ସ

- ୩୦ ବର୍ଷ ପରେ ଏସ୍‌ଆଇରେ ନୂଆ ଏକକ ସାମିଲ
- ବିଶାଳକାୟ ବସ୍ତୁର ମାପ ସହଜ ହେବ

**ପ୍ୟାରିସ୍, ୧୯।୧୧**

ବିଶାଳ ଓ ଦୀର୍ଘତମ ବସ୍ତୁକୁ ଓଜନ କରିବା କ୍ଷେତ୍ରରେ ଯେଉଁସବୁ ଜଟିଳ ସମସ୍ୟା ଦେଖାଯାଉଥିଲା ସେ ସବୁ ଏବେ ସହଜ ହେବ। ଦୀର୍ଘ ଆୟତନ ବିଶିଷ୍ଟ ବସ୍ତୁକୁ ମାପ କରିବା ପାଇଁ ଅନ୍ତର୍ଜାତୀୟ ଏକକ ବ୍ୟବସ୍ଥା (ଏସ୍‌ଆଇ)ରେ ଦୁଇଟି ନୂଆ ୟୁନିଟ୍‌କୁ ସାମିଲ କରାଯାଇଛି। ଏହି ଦୁଇ ଓଜନ ଏକକ ହେଲା, ରୋନାଗ୍ରାମ୍ସ ଏବଂ କ୍ୱେଟାମିଟର୍ସ। ନୂଆ ଏକକ ଜରିଆରେ ପୃଥିବୀ ଭଳି ବିରାଟକାୟ ବସ୍ତୁର ଓଜନ ସମ୍ଭବ ହେବ ବୋଲି ବ୍ରିଟେନ୍ ନ୍ୟାଶନାଲ ଫିଜିକାଲ ଲାବରେଟୋରିର ମୁଖ୍ୟ ରିଚାର୍ଡ ବ୍ରାଉନ୍ କହିଛନ୍ତି। ଯଦି ରୋନାଗ୍ରାମ୍ସରେ ପୃଥିବୀକୁ ଓଜନ କରାଯାଏ ତେବେ ଏହା ୬ ରୋନାଗ୍ରାମ୍ସ ହେବ, ଯାହାକୁ ୬ରେ ୨୭ଟି ଶୂନ୍ୟ ଦେଇ ସଂଖ୍ୟାରେ ଲେଖିହେବ। ସମ୍ଭବତଃ ୩୦ ବର୍ଷ ପରେ ଅନ୍ତର୍ଜାତୀୟ ଏସ୍‌ଆଇରେ ନୂଆ ଏକକକୁ ଯୋଡ଼ା ଯାଇଛି।

ଓଜନ ମାପାଙ୍କକୁ ନେଇ ବିଶେଷଜ୍ଞମାନଙ୍କର ହସ୍ତଗତ ହୋଇଥିବା ଡେଟା ସହାୟତାରେ ଏହି ଦୁଇ ମେଜରମେଣ୍ଟକୁ ଏସ୍‌ଆଇରେ ସାମିଲ କରାଯାଇଛି। କିଲୋମିଟରର କ୍ଷୁଦ୍ର ଏକକ ମିଳି ହୋଇଥିବାବେଳେ



ରୋନାର କ୍ଷୁଦ୍ର ଏକକ କ୍ୱେଟା। ବଡ଼ ଆୟତନ କ୍ଷେତ୍ରରେ ଏହି ଦୁଇ ଏକକ ବ୍ୟବହାର କରାଯିବ। ବ୍ରିଟେନର ନ୍ୟାଶନାଲ ଫିଜିକାଲ ଲାବରେଟୋରୀ ପକ୍ଷରୁ ଦୁଇ ନୂଆ ଏକକ ଆବିଷ୍କାର କରାଯାଇଛି। ଶୁକ୍ରବାର ପ୍ୟାରିସ୍‌ରେ ଅନୁଷ୍ଠିତ ୨୭ତମ ଜେନେରାଲ କନ୍‌ଫରେନ୍ସ ଅନ୍ ୱେଟ୍ସ ଆଣ୍ଡ ମେଜର୍ସରେ ବୈଜ୍ଞାନିକମାନେ ଏହି ନୂଆ ଏକକ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ମାପ କରିବାର ଏକକକୁ ନେଇ ଗଣମାଧ୍ୟମରେ ବହୁ ଭୁଲ୍ ତଥ୍ୟ ପ୍ରକାଶ ପାଇବା ପରେ ନୂଆ ଏକକ ଆବିଷ୍କାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ପ୍ରିଣ୍ଟ ମିଡିଆର ସ୍ଥିତି**




86 YEARS TRUST IS TIMELESS
*Rituals in the whole nine-yards.*
*And after-nine party.*
*A little extra*
ବାହାଘର
Have the cocktail nights extend into late hours !
It's your wedding and you deserve to have a little more of everything.
Come, celebrate it with khimji jewellers.
Widest range of BIS hallmarked jewellery
UP TO 50% OFF* ON MAKING CHARGES
ON GOLD JEWELLERY
*Wedding Collection 2022*
*by*
KHIMJI®
*Jewellers since 1936*
*T&C apply

STORES ONLY AT
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbahal Road, Jharsuguda
ROURKELA Kesar Bhawan, Main Road
NOWHERE ELSE
100% BIS Hallmarked
100% Certified IGI Diamonds
Lowest Gold Price in Odisha
Lifetime Buyback Guarantee
PLATINUM | DE BEERS FOREVERMARK | MONT BLANC | SWAROVSKI
Toll Free: 1800 3131 777
Follow us:

## ଅଟୋରିକ୍ସାରେ ବିସ୍ଫୋରଣ

କର୍ଣାଟକର ମାଙ୍ଗାଲୁରୁ ସହରରେ ଏକ ଅଟୋରିକ୍ସାରେ ବିସ୍ଫୋରଣ ଘଟି ଡ୍ରାଇଭର ସମେତ ୨ ଜଣ ଆହତ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜନସାଧାରଣ ଭୟଭୀତ ନ ହୋଇ ଶାନ୍ତ ରହିବାକୁ ମାଙ୍ଗାଲୁରୁ ପୋଲିସ ମୁଖ୍ୟ ଏନ୍‌. ଶଶୀକୁମାର ପରାମର୍ଶ ଦେଇଛନ୍ତି। ଡ୍ରାଇଭର ଓ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନେ କିଛି କହିବା ସ୍ଥିତିରେ ନାହାନ୍ତି।

## ସଂକ୍ଷେପରେ

### ଓଏସ୍‌ସିଇରୁ ବାଦ୍‌ ପଡ଼ିଲେ ଲାଭ୍ରୋଭ

**ମସ୍କୋ, ୧୯।୧୧:** ଡିସେମ୍ବରରେ ପୋଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଅର୍ଗାନାଇଜେଶନ୍‌ ଫର୍‌ ସିକ୍ୟୁରିଟି ଆଣ୍ଡ୍‌ କୋ-ଅପରେଶନ୍‌ ଇନ୍‌ ୟୁରୋପ୍‌ (ଓଏସ୍‌ସିଇ)ରେ ରୁଷିଆ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭଙ୍କୁ ସାମିଲ କରିବାକୁ ପୋଲାଣ୍ଡ ମନା କରିଛି।


ସର୍ଗେଇ ଲାଭ୍ରୋଭ

ଓଏସ୍‌ସିଇର ଅଧ୍ୟକ୍ଷ ଥିବା ପୋଲାଣ୍ଡର ଏ ପ୍ରକାର ନିଷ୍ପତ୍ତିକୁ ଅଭୂତପୂର୍ବ ଓ ଉତ୍ତେଜକ ବୋଲି ମସ୍କୋ କହିଛି। ପୋଲାଣ୍ଡର ଏ ପ୍ରକାର ନିଷ୍ପତ୍ତିର ପରିଣାମ ଓଏସ୍‌ସିଇ ଭୋଗିବା କଥା ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ୟୁରୋପୀୟ ସଂଘ (ଇୟୁ)ରେ ଥିବା ରାଷ୍ଟ୍ର କେବଳ ଓଏସ୍‌ସିଇରେ ସାମିଲ ହେବାକୁ ଯୋଗ୍ୟ, ଯେଉଁ ଦେଶଗୁଡ଼ିକରେ ଇୟୁ ପକ୍ଷରୁ କଟକଣା ଲାଗିଛି ସେମାନେ ଏଥିରେ ଯୋଗ ଦେବେ ନାହିଁ ବୋଲି ପୋଲାଣ୍ଡ କହିଛି।

### ଅଭିନେତ୍ରୀ ତବସୁମ୍‌ ଗୋଭିଲଙ୍କ ପରଲୋକ

**ନୂଆଦିଲ୍ଲୀ, ୧୯।୧୧:** ହୃଦ୍‌ଘାତରେ ବଲିଉଡ୍‌ ଅଭିନେତ୍ରୀ ତବସୁମ୍‌ ଗୋଭିଲଙ୍କ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିବାବେଳେ ତାଙ୍କର ମୃତ୍ୟୁ ନେଇ ପୁଅ ହୋଶାଙ୍ଗ ଗୋଭିଲ ଶନିବାର ଗଣମାଧମକୁ ସୂଚନା ଦେଇଛନ୍ତି। ୧୯୪୭ରେ ଜଣେ ଶିଶୁ କଳାକାର ଭାବେ ତବସୁମ୍‌ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ନର୍ଗିସ୍‌, ମେରା ସୁହାଗ, ବାରି ବେହେନ ଓ ସ୍ୱର୍ଗ ଆଦି ଫିଲ୍ମରେ ତାଙ୍କ ଅଭିନୟ ଦେଖିବାକୁ ମିଳିଛି। ଦୂରଦର୍ଶନରେ ପ୍ରସାରିତ ହେଉଥିବା ସେଲିବ୍ରିଟି ଟକ୍‌ ଶୋ’ ‘ଫୁଲ୍‌ ଖିଲେ ହେଁ ଗୁଲ୍‌ସନ୍‌ ଗୁଲ୍‌ସନ୍‌’ ସେ ହୋଷ୍ଟ କରିଥିଲେ। ୧୯୭୨ରୁ ୧୯୯୩ ପର୍ଯ୍ୟନ୍ତ ଏହି ଲୋକପ୍ରିୟ ଟକ୍‌ ଶୋ’ ଚାଲିଥିଲା।



### ପାକିସ୍ତାନ ଜିନ୍ଦାବାଦ୍‌ କହି ୩ ଛାତ୍ର କଲେଜରୁ ନିଲମ୍ବିତ

**ବେଙ୍ଗାଲୁରୁ, ୧୯।୧୧:** ବେଙ୍ଗାଲୁରୁର ନ୍ୟୁ ହୋରିଜନ ଇଞ୍ଜିନିୟରିଂ କଲେଜର ୩ ଜଣ ଛାତ୍ରଙ୍କୁ ପୋଲିସ ଗିରଫ କରିଛି। ସେମାନେ ପାକିସ୍ତାନ ଜିନ୍ଦାବାଦ୍‌ ସ୍ଲୋଗାନ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଲେଜ କର୍ତ୍ତୃପକ୍ଷ ଅଭିଯୁକ୍ତ ଛାତ୍ରଙ୍କୁ ନିଲମ୍ବନ କରିଛନ୍ତି। ୨୫-୨୬ରେ ଆନ୍ତଃମହାବିଦ୍ୟାଳୟ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଛାତ୍ରମାନେ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇଥିଲେ।

# ଯୁଦ୍ଧରେ ଅର୍ଥନୀତି ପ୍ରଭାବିତ

## ଏପିଇସି ସମିଟ୍‌ରେ ମୁକ୍ତ ବାଣିଜ୍ୟ ଲାଗି ଆହ୍ୱାନ

**ବ୍ୟାଙ୍କକ୍‌, ୧୯।୧୧**

ୟୁକ୍ରେନ୍‌ ଉପରେ ରୁଷିଆ ଚଳାଇଥିବା ଯୁଦ୍ଧର ପରିସମାପ୍ତି ଲାଗି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ନେତାମାନେ ଆହ୍ୱାନ ଦେଇଛନ୍ତି। କ୍ଷେତ୍ରୀୟ ଅର୍ଥନୀତିକୁ ଦୀର୍ଘମିଆଦୀ ଅଭିବୃଦ୍ଧି ଦିଗରେ ଆଗେଇ ନେବା ଲାଗି ଶନିବାର ଏସିଆ-ପାସିଫିକ୍‌ ଇକୋନୋମିକ୍‌ କୋଅପରେଶନ ସମିଟ୍‌ ଶେଷ ଦିନରେ ୨୧ ସଦସ୍ୟ ରାଷ୍ଟ୍ରର ନେତାମାନେ ପ୍ରତିଜ୍ଞା କରିଥିଲେ। ରୁଷିଆ ଏବଂ ଚାଇନା ଏପିଇସି ସଦସ୍ୟ ରାଷ୍ଟ୍ର ହୋଇଥିବାବେଳେ ମସ୍କୋକୁ ସମାଲୋଚନାରୁ ବେଜିଂ ଦୂରେଇ ରହିଥିଲା। ଶେଷରେ ଏପିଇସି ନେତାଙ୍କ ଦ୍ୱାରା ଜାରି ଘୋଷଣାନାମାରେ ଯୁଦ୍ଧକୁ ନେଇ ଭିନ୍ନ ମତାମତ ପ୍ରକାଶ ପାଇଥିବା ସ୍ୱୀକାର କରାଯାଇଛି। ଏହି ଫୋରମ୍‌ ମୁଖ୍ୟତଃ ବାଣିଜ୍ୟ ଓ ଆର୍ଥିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ କରାଯାଇଛି। ଏହା ବିବାଦ ସମାଧାନ କରିବା ମଞ୍ଚ ନୁହେଁ ବୋଲି ଘୋଷଣାନାମାରେ କୁହାଯାଇଛି। ତେବେ ବିଶ୍ୱ ଅର୍ଥନୀତି ଉପରେ ଯୁଦ୍ଧ ଓ ଅନ୍ୟାନ୍ୟ ସୁରକ୍ଷା ପ୍ରସଙ୍ଗ ଗୁରୁତର ପ୍ରଭାବ ପକାଉଥିବା କଥାକୁ ସ୍ୱୀକାର କରାଯାଇଛି।

ଏସିଆ-ପ୍ରଶାନ୍ତ ମହାସାଗରୀୟ ସହଯୋଗ ମଞ୍ଚର ଅଧିକାଂଶ ସଦସ୍ୟ ରୁଷିଆ ଯୁଦ୍ଧକୁ ନିନ୍ଦା କରିଥିଲେ। ଏହା ମାନବୀୟ ଯନ୍ତ୍ରଣା ବଢ଼ାଇବା ସହ ମୁଦ୍ରାସ୍ଫୀତି ବୃଦ୍ଧି କରିଛି। ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ଦେଖାଦେବା ସହ ଖାଦ୍ୟ ଅସୁରକ୍ଷା ଓ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି। ଇଣ୍ଡୋନେସିଆର ବାଲିଠାରେ ଶେଷ ହୋଇଥିବା ଜି୨୦ ସମିଟ୍‌ରେ ମଧ୍ୟ ୟୁକ୍ରେନ୍‌-ରୁଷିଆ ଯୁଦ୍ଧକୁ ନିନ୍ଦା କରାଯାଇଥିଲା।


ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁଥ୍‌ ଚାନୋଚା ଶନିବାର ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଚାଲୋମ ହସ୍ତାନ୍ତର କରୁଛନ୍ତି। ଆସନ୍ତାବର୍ଷ ୱାଶିଂଟନ ଏପିଇସି ସମିଟ୍‌ ଆୟୋଜନ କରିବ।

ଏପିଇସି ଚୂଡ଼ାନ୍ତ ବୈଠକ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରଖିବାକୁ ଉଭୟ ନେତା ଆହ୍ୱାନ ଦେଇଥିଲେ। ତାଇୱାନ୍‌ ପ୍ରସଙ୍ଗରେ ଆମେରିକା ମୁଣ୍ଡ ନ ଖେଳାଇବାକୁ ପୂର୍ବରୁ ଜିନ୍‌ପିଙ୍ଗ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ କହିଥିଲେ। ତାଇୱାନକୁ ନେଇ ଦୁଇ ଦେଶର ବାଣିଜ୍ୟ, ପ୍ରଯୁକ୍ତି ପ୍ରଭାବିତ ହୋଇଥିବାବେଳେ ପୁଣିଥରେ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ହୋଇଛି। ଆୟୋଜନକାରୀ ରାଷ୍ଟ୍ର ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ପ୍ରୟୁଥ୍‌ ଚାନୋଚା ଶନିବାର ସମିଟ୍‌ ଉଦ୍‌ଘାଟନ କରି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମୁକ୍ତ ବାଣିଜ୍ୟ ବଢ଼ାଇବା ଲାଗି ଏପିଇସି ଏଜେଣ୍ଡାକୁ ଆଗେଇ ନେବା ନିମନ୍ତେ ନେତାମାନଙ୍କୁ ଅନୁରୋଧ କରିଥିଲେ। ଏହି ଯୋଜନାକୁ କାର୍ଯ୍ୟରେ ପରିଣତ କରିବା ଉପରେ ପ୍ରାଧାନ୍ୟ ଦେବାକୁ ହେବ ବୋଲି ସେ କହିଥିଲେ। ଏପିଇସି ଆନୁଷ୍ଠାନିକ କାର୍ଯ୍ୟସୂଚୀରେ ସୁରକ୍ଷା ପ୍ରସଙ୍ଗ ନ ଥିଲେ ମଧ୍ୟ ଉତ୍ତର କୋରିଆର ଘନଘନ ମିଶାଇଲ ପରୀକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ଓ ସଦସ୍ୟ ରାଷ୍ଟ୍ରର ନେତାମାନେ ଚିନ୍ତାବ୍ୟକ୍ତ କରିଥିଲେ। ଶୁକ୍ରବାର କମଳା ହାରିସ୍‌ ଅଷ୍ଟ୍ରେଲିଆ, କାନାଡ଼ା, ଜାପାନ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ କୋରିଆ ନେତାମାନଙ୍କୁ ଅଲଗା ଅଲଗା ଭେଟି ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରୀକ୍ଷା ବିରୋଧରେ ସ୍ୱର ଉଠାଇବାକୁ ପ୍ରବର୍ତ୍ତାଇଥିଲେ। ଅନ୍ୟ ଏପିଇସି ସଦସ୍ୟ ରାଷ୍ଟ୍ର ହେଲେ ବ୍ରୁନେଇ, ଚାଲି, ହଂକଂ, ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ, ପାପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ସିଙ୍ଗାପୁର, ତାଇୱାନ ଏବଂ ଭିଏତ୍‌ନାମ। ଆସନ୍ତା ବର୍ଷ ଆମେରିକା ପକ୍ଷରୁ ସାନ୍‌ ଫ୍ରାନ୍ସିସ୍କୋରେ ଏପିଇସି ସମିଟ୍‌ର ଆୟୋଜନ କରାଯିବ।

### ଆୟାତୋଲ୍ଲାଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ


ଆୟାତୋଲ୍ଲା ରୁହୋଲ୍ଲା ଖୋମେନି

**ତେହରାନ, ୧୯।୧୧**

ଇରାନରେ ଇସ୍‌ଲାମିକ ରିପବ୍ଲିକ୍‌ର ପ୍ରତିଷ୍ଠାତା ଆୟାତୋଲ୍ଲା ରୁହୋଲ୍ଲା ଖୋମେନିଙ୍କ ପୈତୃକ ଘରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେଇଛନ୍ତି। ଖୋମେଇନ୍‌ ସହରରେ ଥିବା ଉକ୍ତ ବିଲ୍ଡିଂର କିଛି ଅଂଶ ଜଳୁଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ଉକ୍ତ ବିଲ୍ଡିଂରେ ଆୟାତୋଲ୍ଲା ଜନ୍ମଗ୍ରହଣ କରିଥିଲେ। ଏହାକୁ ୩୦ ବର୍ଷ ପୂର୍ବରୁ ସଂଗ୍ରହାଳୟ କରାଯାଇଥିଲା। ୧୯୭୯ରେ ଆୟାତୋଲ୍ଲା ଇରାନ ଇସ୍‌ଲାମିକ୍‌ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନ ବଳରେ ଦେଶର ପାଶ୍ଚାତ୍ୟ ସମର୍ଥିତ ନେତା ଶାହ ମହମ୍ମଦ ରେଜା ପହ୍ଲବୀଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା। ଆୟାତୋଲ୍ଲା ଇରାନର ପ୍ରଥମ ସୁପ୍ରିମ୍‌ ଲିଡର ହୋଇଥିଲେ। ୧୯୮୯ରେ ତାଙ୍କର ପରଲୋକ ହୋଇଥିଲା।

## ଜି୨୦ ସମିଟ୍‌ ଘୋଷଣାନାମା: ଜରୁରୀ ଭୂମିକା ନେଇଥିଲା ଭାରତ

### ସ୍ୱୀକାର କଲା ହ୍ୱାଇଟ୍‌ ହାଉସ

**ୱାଶିଂଟନ, ୧୯।୧୧**

ଜି୨୦ ସମିଟ୍‌ ଘୋଷଣାନାମା ଆଲୋଚନାରେ ଭାରତ ଜରୁରୀ ଭୂମିକା ନିଭାଇଥିଲା ବୋଲି ହ୍ୱାଇଟ୍‌ ହାଉସ୍‌ ପ୍ରେସ୍‌ ସଚିବ କେରିନ୍‌ ଜିନ୍‌-ପିଏରେ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ରୁଷିଆ-ୟୁକ୍ରେନ୍‌ ଯୁଦ୍ଧ ଲାଗିରହିଥିବାବେଳେ ଆଜିର ଯୁଗ କଦାପି ଯୁଦ୍ଧର ଯୁଗ ନୁହେଁ ବୋଲି ଭାରତର


କେରିନ୍‌ ଜିନ୍‌-ପିଏରେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଦେଇଥିଲେ। ଗତ ସପ୍ତାହରେ ଇଣ୍ଡୋନେସିଆର ବାଲିଠାରେ ଶେଷ ହୋଇଥିବା ଦୁଇଦିନିଆ ଜି୨୦ ସମିଟ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡ୍ରେ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସମେତ ଅନ୍ୟ ସଦସ୍ୟ ରାଷ୍ଟ୍ରର ନେତାମାନେ ଯୋଗଦେଇଥିଲେ। ୟୁକ୍ରେନ୍‌ ଯୁଦ୍ଧ ସେଥିର ପ୍ରମୁଖ ପ୍ରସଙ୍ଗ ଭାବେ ସ୍ଥାନ ପାଇଥିଲା।

ଜି୨୦ ନେତୃବୃନ୍ଦଙ୍କ ସମ୍ମିଳନୀ ସଫଳତାର ସହ ଶେଷ ହୋଇଥିବା କେରିନ୍‌ ଖବରଦାତାମାନଙ୍କୁ କହିଛନ୍ତି। ଖାଦ୍ୟ ଓ ଶକ୍ତି ପ୍ରସଙ୍ଗ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ଖାଦ୍ୟ ଓ ଶକ୍ତି ସୁରକ୍ଷା ଚ୍ୟାଲେଞ୍ଜକୁ ମୁକାବିଲା କରାଯାଇଛି ଏବଂ ମାନ୍ଦାବସ୍ଥାମୁକ୍ତ ବିଶ୍ୱ ଅର୍ଥନୀତି ଗଠନ ଲାଗି ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। ଆସନ୍ତା ବର୍ଷ ଭାରତର ଜି୨୦ ଅଧ୍ୟକ୍ଷତାକୁ ସମର୍ଥନ ଯୋଗାଇଦିଆଯିବ ବୋଲି ହ୍ୱାଇଟ୍‌ ହାଉସ୍‌ ପ୍ରେସ୍‌ ସଚିବ ପ୍ରତିଶ୍ରୁତି ଦେଇଛନ୍ତି।

## ରୁଷିଆରେ ବିସ୍ଫୋରଣ: ୯ ନିହତ

**ମସ୍କୋ, ୧୯।୧୧:** ରୁଷିଆର ଦକ୍ଷିଣ-ପୂର୍ବ ସାଖାଲିନ ଆଇଲାଣ୍ଡରେ ଥିବା ଏକ ୫ ମହଲା ବିଶିଷ୍ଟ କୋଠାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବାବେଳେ ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ। ରେସ୍କ୍ୟୁ ଦଳ ପକ୍ଷରୁ ପାଖାପାଖି ୮୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନେକ ଲୋକ ନିଖୋଜ ଥିବାବେଳେ ସେମାନେ କୋଠାର ଭଗ୍ନାବଶେଷ ତଳେ ଫସି ରହିଥିବା ସାଖାଲିନ ଗଭର୍ନର ଭାଲେରି ଲିମାରେଙ୍କୋ କହିଛନ୍ତି। ପାର୍ଲାମେଣ୍ଟାରି ସୂଚନାକ୍ରମେ ଗ୍ୟାସ୍‌ ବ୍ଲାଷ୍ଟ ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ୧୯୮୦ରେ ଏହି କୋଠା ନିର୍ମାଣ କରାଯାଇଥିଲା।

## ଜଙ୍ଗଲରୁ ମିଳିଲା ଅସ୍ଥି

**ନୂଆଦିଲ୍ଲୀ, ୧୯।୧୧**

ଶ୍ରଦ୍ଧା ୱାଲକର ହତ୍ୟା ମାମଲାର ଅଭିଯୁକ୍ତ ଅଫ୍‌ତାବ ପୁନାୱାଲାଙ୍କ ବୟାନକୁ ଆଧାର କରି ମେହରୁଲି ଜଙ୍ଗଲରେ ପୋଲିସର ସର୍ଚ୍ଚ ଅପରେଶନ୍‌ ଜାରି ରହିଛି। ଜଙ୍ଗଲରୁ ମଣିଷ ଶରୀର ଅବଶେଷ ମିଳିବା ପରେ ଶନିବାର କେତେଖଣ୍ଡ ଅସ୍ଥି ପୋଲିସର ହସ୍ତଗତ ହୋଇଛି। ପ୍ରମାଣ ଲାଗି ଲଗାତର ୩ ଦିନ ଧରି ମେହରୁଲି ଜଙ୍ଗଲରେ ପୋଲିସ ତନତନ ଭାବେ ଖୋଜାଖୋଜି ଚଳାଇଛି। ଜଙ୍ଗଲରୁ ମିଳିଥିବା ଏକ ଏକ ଲମ୍ବା ହାଡ଼, ଯାହା ଶ୍ରଦ୍ଧାଙ୍କ ଜଙ୍ଘର ହାଡ଼ ବା ଫେରମ ବୋନ୍‌ ହୋଇଥିବା ପୋଲିସ କହିଛି। ଛତରପୁର ଅଞ୍ଚଳକୁ ଲାଗିଥିବା ମେହରୁଲି ଜଙ୍ଗଲରୁ ହାତ ହାଡ଼, ପାଟେଲା (ନି କ୍ୟାପ୍‌) ପୋଲିସ ଜବତ କରିଛି। ମିଳିଥିବା ହାଡ଼ରେ କଟା ଦାଗ ଦେଖିବାକୁ ମିଳିଛି, ଯାହାକୁ ଏକ ବଡ଼ ଧାରୁଆ ଅସ୍ତ୍ରରେ ଖଣ୍ଡ ଖଣ୍ଡ କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଅସ୍ଥି ସବୁ ଶ୍ରଦ୍ଧାଙ୍କର କି ନୁହେଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଫୋରେନ୍ସିକ୍‌ ଟେଷ୍ଟ ପରେ ହାଡ଼ର ଚିହ୍ନଟ ସମ୍ଭବ ବୋଲି ପୋଲିସ ଉଚ୍ଚାଧିକାରୀ କହିଛନ୍ତି । ଅକ୍ଟୋବର ୧୮ ବିଳମ୍ବିତ ରାତିରେ ଅଫତାବ ଏକ ବ୍ୟାଗ୍‌ ନେଇ ଯାଉଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଲିଭ୍‌-ଇନ୍‌ ପାର୍ଟନର ଶ୍ରଦ୍ଧାଙ୍କ କଟା ଶରୀରକୁ ବ୍ୟାଗ୍‌ରେ ଫିଙ୍ଗିବା ପାଇଁ ନେଇଯାଉଥିବା ସନ୍ଦେହ କରଯାଉଛି।

## ଜେଲରେ ଜେଲମନ୍ତ୍ରୀଙ୍କୁ ମାଲିସ୍‌

**ନୂଆଦିଲ୍ଲୀ, ୧୯।୧୧**

ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ଜେଲ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଗିରଫ ହୋଇ ତିହାର ଜେଲରେ ରହିଥିବାବେଳେ ତାଙ୍କୁ ସେଠାରେ ମସାଜ କରାଯାଉଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ବିରୋଧୀ ଦଳ ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍‌ ଆଦ୍‌ମୀ ପାର୍ଟିକୁ ସମାଲୋଚନା କରିଛି। ଜୈନଙ୍କୁ ଜେଲରେ ସ୍ୱତନ୍ତ୍ର ଚର୍ଚ୍ଚା କରାଯାଉଥିବା ଅଭିଯୋଗକୁ ଏହା ପ୍ରମାଣିତ କରିଛି। ଅନେକ ଭାଜପା ନେତା ଉକ୍ତ ଭିଡିଓ କ୍ଲିପ୍‌କୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଜୈନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ବଟି ଆଦାୟ ଏଜେଣ୍ଟ ଥିଲେ ବୋଲି ଭାଜପା ଅଭିଯୋଗ କରିବା ସହ ଉଭୟଙ୍କ ବିରୋଧରେ ଏତଲା ଦାଏର କରିଛି। ଆମ୍‌ ଆଦ୍‌ମୀ ପାର୍ଟି ‘ସ୍ପା ଓ ମସାଜ ପାର୍ଟି’ରେ ପରିଣତ ହୋଇଥିବା ଭାଜପା ମୁଖପାତ୍ର ଗୌରବ ଭାଟିଆ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି।


ସତ୍ୟେନ୍ଦ୍ର ଜୈନଙ୍କୁ ତିହାର ଜେଲରେ ମାଲିସ କରାଯାଉଛି।

### ଥାନାରେ ଏତଲା ଦେଲା ଭାଜପା

ଜେଲରେ ଭିଭିଆଇପି ସଂସ୍କୃତି ଗଣତନ୍ତ୍ର ପାଇଁ ବିପଜ୍ଜନକ ବୋଲି ସେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନକୁ ନେଇ ବିଚଳିତ ଭାଜପା ପାଇଁ ଭିଡିଓ ଏକ ଷ୍ଟଣ୍ଟ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି। ଜେଲରେ ଜୈନ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା କରାଯାଉଥିଲା ବୋଲି ଉପମୁଖ୍ୟମନ୍ତ୍ରୀ ସଫେଇ ଦେଇଛନ୍ତି। ମନ୍ତ୍ରୀଙ୍କୁ ଭିଆଇପି ଚର୍ଚ୍ଚା ଅଭିଯୋଗକୁ ନେଇ ତିହାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅଜିତ କୁମାରଙ୍କୁ ୫ ଦିନ ପୂର୍ବରୁ ନିଲମ୍ବନ କରାଯାଇଥିଲା।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୨୨,୪୫,୨୦୭ | ୬୬,୨୫,୨୮୫ | ୬୨,୧୯,୫୧,୯୮୬ |
| ଭାରତ | ୪,୪୬,୬୯,୫୨୨ | ୫,୩୦,୫୫୩ | ୪,୪୧,୩୦,୩୮୦ |
| ଓଡ଼ିଶା | ୧୩,୩୬,୩୮୨ | ୯୨୦୪(+୫୩) | ୧୩,୨୬,୦୩୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶ୍ରୀମନ୍ଦିର ଗର୍ଭଗୃହ, ମହାପ୍ରଭୁଙ୍କ ଫଟୋ ଭାଇରାଲ

**ପୁରୀ ଅଫିସ,୧୯।୧୧**

ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ପୁଣିଥରେ ଭାଇରାଲ ହୋଇଛି। କିନ୍ତୁ ଏଥର ଶ୍ରୀମନ୍ଦିର ପରିସରର କୌଣସି ସ୍ଥାନ ନୁହେଁ। ବରଂ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଫଟୋ ଭାଇରାଲ ହୋଇଛି। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ଘଟଣା ସମ୍ପର୍କରେ ଶ୍ରୀମନ୍ଦିରର ଯୁବ ସେବାୟତମାନଙ୍କ ପକ୍ଷରୁ ସିଂହଦ୍ୱାର ଥାନା, ଜିଲାପାଳ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅଭିଯୋଗ କରିବା ସହ ଫଟୋ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ରାଜ୍ୟର ଜଣେ ବ୍ୟକ୍ତି ଯାହାଙ୍କ ନାମ ଆକାଶ ଚୌଧୁରୀ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନସିଂହାସନାରୂଢ଼ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ ଭାଇରାଲ କରିଥିବା ଜଣାପଡିଛି। ଆକାଶ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ମହାପ୍ରଭୁଙ୍କ ବିଗ୍ରହରର ଫଟୋ ଓ ଭିଡିଓ ଅପ୍‌ଲୋଡ କରିବା ସହ ବଙ୍ଗାଳାରେ କିଛି ଲେଖିଛନ୍ତି। ତେବେ ତାଙ୍କ ଫେସବୁକ୍‌ରେ ଏପରି ମହାପ୍ରଭୁଙ୍କ ଫଟୋ ପୋଷ୍ଟ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ତେବେ ବାରମ୍ବାର ଶ୍ରୀମନ୍ଦିର ଭିତର ଏବଂ ରଥ ସମୟରେ ଗୁଣ୍ଡିଚା ମନ୍ଦିର ଭିତର ଫଟୋ ଭାଇରାଲ ହେବା ଓ ପୁଣି ସୋସିଆଲ ମିଡିଆରେ ଜଣେ ଭକ୍ତ ମହାପ୍ରଭୁଙ୍କ ବିଗ୍ରହକୁ ଭାଇରାଲ କରିବା ଘଟଣାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନ ଉଠିଛି। ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ପରିସରରେ ଦର୍ଶନ କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ମନ୍ଦିର ଆସୁଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ଯାଞ୍ଚ କରି ମନ୍ଦିରକୁ ଯିବାକୁ ଦିଆଯାଉଛି। ତେବେ ଏତେ ଯାଞ୍ଚ ସତ୍ତ୍ୱେ କିଭଳି କିଏ ମୋବାଇଲ ଫୋନ ନେଇ ମନ୍ଦିରକୁ ଯିବା ସହ ମହାପ୍ରଭୁଙ୍କ ଫଟୋ ଓ ଭିଡିଓ ଉଠାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯିବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମାତ୍ର ଏତେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କିପରି ମୋବାଇଲ ଫୋନ ମନ୍ଦିର ମଧ୍ୟକୁ ଗଲା ତାହା ତଦନ୍ତ ସାପେକ୍ଷ। ସେହିପରି ଶ୍ରୀମନ୍ଦିର ଭିତରେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଓ ସେବକମାନେ ମଧ୍ୟ ଉପସ୍ଥିତ ରହିଥାନ୍ତି। ତେବେ ସମସ୍ତଙ୍କ ନଜର ଆଢୁଆଳରେ କିପରି ଜଣେ ବ୍ୟକ୍ତି କିଛି ସମୟ ଠିଆ ହୋଇ ମୋବାଇଲ ଯୋଗେ ମହାପ୍ରଭୁଙ୍କ ଭିଡିଓ ଓ ଫଟୋ ଉଠାଇଲେ। ଅପରପକ୍ଷେ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ମଧ୍ୟ ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀରବତାକୁ ନେଇ ନାନା ସନ୍ଦେହ ଉଠୁଛି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ପୋଲିସ ଯଦି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଅନ୍ତା, ତେବେ ପୁଣି ଏପରି କାର୍ଯ୍ୟ ହୁଅନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ଏ ଘଟଣାକୁ ସେବକ ସଂଘ ଓ ଶ୍ରୀମନ୍ଦିର ଯୁବ ସେବାୟତଙ୍କ ପକ୍ଷରୁ ଶନିବାର ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏପରି ଘଟଣାର ତଦନ୍ତ କରିବାକୁ ଦାବି କରି ଜିଲାପାଳ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଭବାନୀ ଶଙ୍କର ଦାଶ ଓ ସମ୍ପାଦକ ଶିବ ଶଙ୍କର ସୁବୁଦ୍ଧିଙ୍କ ସହ ଯୁବ ସେବାୟତମାନେ ଉପସ୍ଥିତ ଥିଲେ।




**■ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**
**■ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠୁଛି ପ୍ରଶ୍ନ**

# ୨ ହଜାର ନୂଆ ଡାକ୍ତର ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ରାଜ୍ୟ ସରକାର ଆଉ ୨ ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିସହ ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦବୀ ସଂଖ୍ୟା ୧୦୭୧୯କୁ ବୃଦ୍ଧି ପାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ରାଜ୍ୟରେ ଓଡ଼ିଶା ମେଡିକାଲ ଓ ସ୍ୱାସ୍ଥ୍ୟ ସେବା କ୍ୟାଡ଼ରରେ ଆଉ ୨ହଜାର ଏଲଟିଆରଏମଓ (ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର) ଡାକ୍ତରୀ ପଦବୀ ଗ୍ରୁପ୍ - କ (ଜୁନିୟର ବ୍ରାଞ୍ଚ) ପାହ୍ୟାରେ ସୃଷ୍ଟି କରାଯାଇଥିବା ନେଇ ଶନିବାର ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଏହି ୨୦୦୦ ନୂଆ ଡାକ୍ତରୀ ପଦବୀ ମଧ୍ୟରୁ ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ ନିମନ୍ତେ ୫୦ଟି ଲେଖାଏ ଡାକ୍ତରୀ ପଦବୀ ଅର୍ଥାତ ମୋଟ ୧୫୦୦ ପଦବୀ ଉଦ୍ଦିଷ୍ଟ ରହିବ । ରାଉରକେଲା ସରକାରୀ ହସ୍ପିଟାଲ(ଆରଜିଏଚ) ପାଇଁ ୨୦ଟି ଡାକ୍ତରୀ ପଦବୀ ଏବଂ ୩୨ଟି ଉପଖଣ୍ଡ ହସ୍ପିଟାଲରେ ୧୫ଟି ଲେଖାଏ ଡାକ୍ତରୀ ପଦବୀ ଅର୍ଥାତ ମୋଟ ୪୮୦ଟି ଡାକ୍ତରୀ ପଦବୀ ସୃଷ୍ଟିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି । ୨୦୧୯ ଅଗଷ୍ଟ ମାସରେ ରାଜ୍ୟ ସରକାର ଅନୁରୂପ ଭାବେ ୨ହଜାର ଏଲଟିଆରଏମଓ ପଦବୀ ସୃଷ୍ଟି କରିଥିଲେ ।




# ରାଜ୍ୟରୁ ହଟିଲା କୋଭିଡ୍ କଟକଣା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): କୋଭିଡ୍ ସଂକ୍ରମଣ ହ୍ରାସ ପରେ ରାଜ୍ୟ ସରକାର ଶନିବାର ତତ୍କାଳ ପ୍ରଭାବରୁ 'ଓଡ଼ିଶା କୋଭିଡ୍-୧୯ ନିୟମାବଳୀ ୨୦୨୦'କୁ ଉଚ୍ଛେଦ କରିଛନ୍ତି । ରାଜ୍ୟରେ ଆଉ କୋଭିଡ୍ କଟକଣା କିମ୍ବା ନିୟମାବଳୀ ମାନିବାକୁ କେହି ବାଧ ନୁହନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତେବେ ସାଧାରଣ ଲୋକେ ଚାହିଁଲେ ସ୍ୱେଚ୍ଛାକୃତ ଭାବେ ନିୟମ ପାଳନ କରିପାରିବେ। କୋଭିଡ୍-୧୯ ନିୟମାବଳୀ ରାଜ୍ୟରେ ବଳବତ୍ତର ଥିବାବେଳେ ମାସ୍କ ପିନ୍ଧିବା, ସର୍ବସାଧାରଣରେ ଛେପ ପକାଇବା, ଭିଡ଼ ଜମାଇବା ଉପରେ କଟକଣା ରହିଥିଲା । ଏହି ନିୟମ ଭଙ୍ଗ କଲେ ଜରିମାନା ରୁଜୁ ହେଉଥିଲା । ତେବେ ରାଜ୍ୟ ସରକାର ଏହି କୋଭିଡ୍ -୧୯ ରେଗୁଲେଶନକୁ ଉଚ୍ଛେଦ କରିଛନ୍ତି ।






**ଆଜିର ମନ୍ତବ୍ୟ**

କୃଷି ଆଇନ ବିରୋଧୀ ଆନ୍ଦୋଳନରେ ଜୀବନ ଦେଇଥିବା ୭୩୩ ଚାଷୀଙ୍କ ପରିବାରକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ପ୍ରଧାନମନ୍ତ୍ରୀ ଚାଷୀ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଆଇନ ପ୍ରତ୍ୟାହାର କରିଥିଲେ ମଧ୍ୟ ତାଙ୍କ ଉଦ୍ଦେଶ୍ୟ ବଦଳିନାହିଁ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଢ଼େ ତରନ୍ତି ମୁଢ଼େ ତରନ୍ତି**
**ମଝି ମଝିଆ ବୁଡ଼ି ମରନ୍ତି।**

ବୁଦ୍ଧିମାନ ଏବଂ ମୂର୍ଖ ବ୍ୟକ୍ତି ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିପାରିଥାନ୍ତି। ମଝି ମଝିଆ ଯେହେତୁ ମୂର୍ଖ ବା ବୁଦ୍ଧ ନୁହନ୍ତି, ସେମାନେ ନିଜକୁ କୌଣସି ପରିସ୍ଥିତିରେ ଖାପ ଖୁଆଇ ପାରି ନ ଥାନ୍ତି। ଫଳସ୍ୱରୂପ ସେମାନେ ବେଶି ଦୂର ଅଗ୍ରଗତି କରିବାରେ ସକ୍ଷମ ହୋଇ ନ ଥାନ୍ତି। ମଧ୍ୟବିତ୍ତ ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାକ୍ୟକାଠି**
**ପୁରୁଷ ବଚନ ଗୁରୁ ପରିମାଣ**
**ସ୍ତିରୀଙ୍କ ବଚନ ବାଡ଼ି ତାଟି।**

ସାଧାରଣତଃ ପୁରୁଷଙ୍କ ବଚନ ଦୃଢ଼ ହୋଇଥାଏ। ସେହିପରି ସ୍ତ୍ରୀ ବା ମହିଳାଙ୍କ ବଚନ ଆବଦ୍ଧ କାନ୍ଥ ମଧ୍ୟରେ ସୀମିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ‘ଶିଶୁଙ୍କୁ ପ୍ରକୃତି ସହ ଯୋଡ଼ିରଖିବା ଶିକ୍ଷାବ୍ୟବସ୍ଥାର ଆଭିମୁଖ୍ୟ ହେଉ’



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରଦୀପ ପ୍ରଜ୍ୱଳନ କରି ‘ଏକାମ୍ର ବାଟିକା’ ସ୍କୁଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ଏକାମ୍ର ବାଟିକା ସ୍କୁଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ପ୍ରକୃତିଠୁ ଜୀବନ ଦୂରେଇ ଯିବା ହିଁ ଅନେକ ସମସ୍ୟାର କାରଣ। ଶିଶୁମାନଙ୍କୁ ପ୍ରକୃତି ସହ ଯୋଡ଼ି ରଖିବା ଶିକ୍ଷାବ୍ୟବସ୍ଥାର ପ୍ରମୁଖ ଆଭିମୁଖ୍ୟ ହେବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶନିବାର ଖାରବେଳନଗରଠାରେ ‘ଏକାମ୍ର ବାଟିକା’ ସ୍କୁଲ୍‌କୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ପ୍ରତ୍ୟେକ ଶିଶୁ ଅନନ୍ୟ। ତାଙ୍କୁ ନିଜଭଳି ହେବାକୁ ଦିଆଯାଉ। ସେମାନେ କାହାର ଅନୁକରଣ ନ କରନ୍ତୁ। ଶିଶୁଙ୍କ ଭିତରେ ଥିବା ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟର ପ୍ରକାଶ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ କରିବା ଉଚିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ଜରିଆରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି କହିଲେ, ଛୋଟ ସମୟରୁ ପିଲାଙ୍କୁ ତାଙ୍କ ହିସାବରେ ଉପଯୁକ୍ତ ପରିବେଶ ଆବଶ୍ୟକ ହୋଇଥାଏ। ସେମାନଙ୍କ ପସନ୍ଦ ଅନୁସାରେ ସେମାନେ ସବୁକିଛି କରିଥାନ୍ତି। ସେମାନଙ୍କୁ ଏକ ଉପଯୁକ୍ତ ପରିବେଶ ଦେବାରେ ଏହି ବିଦ୍ୟାଳୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ୟୋଗୀ ଶଶାଙ୍କ ବୀରା ଉପସ୍ଥିତ ରହି ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅଧ୍ୟକ୍ଷା ମେଘନା ସିଂହଦେଓ ସୂଚନା ଦେଇ କହିଲେ, ଏକ ନୂତନ ବିଶ୍ୱ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ଜରୁରୀ। ପ୍ରଗତିଶୀଳ ପାଠ୍ୟକ୍ରମ, ଛାତ୍ର କୈନ୍ଦ୍ରିକ ଭିତ୍ତିଭୂମି ଓ ଉନ୍ନତ ଶିକ୍ଷଣ ପଦ୍ଧତି ମାଧ୍ୟମରେ ଏକାମ୍ର ବାଟିକା ଉନ୍ନତ ଶିକ୍ଷାପ୍ରଦାନ କରିବ। ଉଦ୍‌ଘାଟନୀ ଅବସରରେ ‘ଏକ ନୂତନ ବିଶ୍ୱ ପାଇଁ ଶିକ୍ଷା: ଆପଣ କେଉଁଠାରେ ଓ କିପରି ଶିକ୍ଷାଲାଭ କରିବେ’ ଶୀର୍ଷକରେ ଏକ ଅଧିବେଶନ ଆୟୋଜନ ହୋଇଥିଲା। ଏଥିରେ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ‘ଧରିତ୍ରୀ’ ତଥା ‘ଓଡ଼ିଶା ପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ କହିଲେ, ଛୋଟ ସମୟରେ ପିଲାମାନେ ସ୍ୱତଃପ୍ରବୃତ୍ତ ସବୁକିଛି ଶିଖି ଯାଆନ୍ତି। ସେମାନଙ୍କୁ ତାଙ୍କ ହିସାବରେ ରହିବାକୁ ଦେବା ଉଚିତ। ସମାଜ ସହ କିଭଳି ବଢ଼ିବେ ତାହା କେବଳ ଶିଖାଇବା ସହ ସେମାନଙ୍କ ପାଇଁ ତାଙ୍କ ପସନ୍ଦ ମୁତାବକ ପରିବେଶ ସୃଷ୍ଟି କରିବା ଦରକାର ବୋଲି ଆଦ୍ୟାଶା କହିଛନ୍ତି। ବଲିଉଡ୍ ଅଭିନେତା ଚନ୍ଦ୍ରଚୂଡ଼ ସିଂହ କହିଲେ, ପିଲାମାନେ ନିଜ ଇଚ୍ଛାରେ ବଢ଼ିବା ଆବଶ୍ୟକ। ମୌଳିକ ଶିକ୍ଷାରେ ସେମାନଙ୍କୁ ସାହାଯ୍ୟ କରିବା ସହ କୌଣସି କଥାରେ ବାଧା ଦେବା ଠିକ୍ ନୁହେଁ ବୋଲି ସେ ମତପ୍ରକାଶ କରିଥିଲେ। ଡ. ଚିଦାତ୍ମିକା ଖଟୁଆ ବର୍ତ୍ତମାନ ସମୟରେ ପିଲାମାନେ ଆଖପାଖରେ ଘଟୁଥିବା ସବୁ ଘଟଣାକୁ ଦେଖି ପରିପ୍ରକାଶ କରିବାକୁ ଚେଷ୍ଟା କରିବା ସହ ତୃଣମୂଳ ସ୍ତରରେ କିଭଳି ଆଗକୁ ବଢ଼ିପାରିବେ ସେ ନେଇ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ବୀରା ଅଧିବେଶନକୁ ସଞ୍ଚାଳନ କରିଥିଲେ। ଉପସ୍ଥିତ ଅଭିଭାବକମାନେ ପ୍ୟାନେଲିଷ୍ଟଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ଲେ ଗ୍ରୁପ୍ ଏବଂ ନର୍ସରି ଶ୍ରେଣୀ ପାଇଁ ନାମଲେଖା ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦେବୀ, କଳିକେଶ ସିଂହ ଦେଓ, ‘ଧରିତ୍ରୀ’ ତଥା ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟିକ ଗଗନେନ୍ଦ୍ରନାଥ ଦାଶଙ୍କ ପରଲୋକ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଗଗନେନ୍ଦ୍ରନାଥ ଦାଶଙ୍କର ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ତାଙ୍କ ଝିଅଙ୍କ ଘରେ ରହି ଚିକିତ୍ସିତ ହେଉଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଗନେନ୍ଦ୍ର ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଗ୍ରାମରେ ୧୯୪୦ ନଭେମ୍ବର ୨୫ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମା’ଙ୍କ ନାମ ସୁଲୋଚନା ଦେବୀ ଓ ପିତାଙ୍କ ନାମ ବାଞ୍ଛାନିଧି ଦାଶ। ରେଭେନ୍‌ଶା କଲେଜରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସହ ସ୍ନାତକ ଓ ଶାନ୍ତିନିକେତନ ବିଶ୍ୱଭାରତୀରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରଫେସର ଭାବେ ଅବସର ନେଇଥିଲେ। ତାଙ୍କର ବୈପ୍ଳବିକ ଦୃଷ୍ଟିକୋଣ ଓ ମୁକ୍ତଚିନ୍ତାଧାରା ନିମନ୍ତେ ସେ ଓଡ଼ିଶାର ବୌଦ୍ଧିକ ଜଗତରେ ଆଲୋଡ଼ନ ସୃଷ୍ଟି କରିଯାଇଛନ୍ତି। ଏଥିସହ ଭାଷାବିଜ୍ଞାନରେ ଉଚ୍ଚତର ତାଲିମ ନେବା ସହ ଓଡ଼ିଆ ଭାଷାର ରୂପତତ୍ତ୍ୱ ଉପରେ ଗବେଷଣା କରିଥିଲେ। ବୈଜ୍ଞାନିକ ରୀତିରେ ରୂପଭିତ୍ତିକ ସଂରଚନାତ୍ମକ ଓଡ଼ିଆ ବ୍ୟାକରଣ ରଚନା କ୍ଷେତ୍ରରେ ସେ ଥିଲେ ଅନ୍ୟତମ ଅଗ୍ରସୂରୀ।



ଗଗନେନ୍ଦ୍ରନାଥ ଦାଶ

ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ଯୁଗସ୍ରଷ୍ଟା ସାରସ୍ୱତସାଧକ ଭାବେ ଜୀବନବ୍ୟାପୀ ସାହିତ୍ୟ ସର୍ଜନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୧ରେ ତାଙ୍କୁ ‘ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର’ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଅନେକ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଉଲ୍ଲେଖନୀୟ ସାହିତ୍ୟ ସମ୍ଭାର ମଧ୍ୟରେ କନ୍‌ଭରସେସନ୍ ଓରିଆ (୧୯୭୨), ଜନଶ୍ରୁତି କାଞ୍ଚିକାବେରୀ (୧୯୭୯), ଓରିଶା ଏ କ୍ଲାସିଫାଏଡ୍ ଆଣ୍ଡ୍ କମ୍ପ୍ରେହେନ୍‌ସିଭ୍ ବିବିଲିଓଗ୍ରାଫି (୧୯୮୧), ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା (୧୯୮୩), ଖଦ୍ୟୋତର ଦ୍ୟୁତି (୧୯୮୪), ନୀଳକଣ୍ଠ ସ୍ମାରକୀ-୩ (୧୯୮୬), ଶୈଳୀ ବିଜ୍ଞାନ (୧୯୮୯) ଆଦି ରହିଛି। ସ୍ୱର୍ଗତ ଦାଶଙ୍କ ଅବର୍ତ୍ତମାନରେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଉପଦେଷ୍ଟାମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଶେଷକୃତ୍ୟ ସମୟରେ ଝିଅ ପ୍ରତିଚୀ ଦାଶ, ପୁଅ ଡ. ତପନ ଦାଶ, ଜ୍ୱାଇଁ ଚକ୍ଷୁରୋଗ ବିଶେଷଜ୍ଞ ନବନୀତ ଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଇଞ୍ଜିନିୟରିଂ ନାମଲେଖା ଅବଧି ୫ ଦିନ ବଢ଼ିଲା

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଓଡ଼ିଶାର ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ୫ଦିନ ବୃଦ୍ଧି କରାଯାଇଛି। ଶନିବାର ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ୧୨,୫୩୬ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଗତବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କଠାରୁ ଚଳିତବର୍ଷ ୪ହଜାର ଅଧିକ ବିଦ୍ୟାର୍ଥୀ ନାମ ଲେଖାଇଥିଲେ ମଧ୍ୟ ୬୦.୩୭% ସ୍ଥାନ ଖାଲି ରହିଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ଛାତ୍ରୀଛାତ୍ରଙ୍କୁ ଏହି ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ଦେବା ପାଇଁ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସରକାରୀ ଇଞ୍ଜିନିୟରିଂ କଲେଜରେ ୮୦.୮୮% ଓ ଘରୋଇ ଇଞ୍ଜିନିୟରିଂ କଲେଜରେ ୩୩.୮୭% ସିଟ୍ ପୂରଣ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ସପ୍ତାହରେ ନାମଲେଖା ଫି’ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ଏବଂ ଏହା ଆସନ୍ତା ତିନୋଟି ଶିକ୍ଷାବର୍ଷ ନିମନ୍ତେ ଲାଗୁ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଘରର କୌଣସି ସମସ୍ୟା, ବନ୍ଧୁବାନ୍ଧବ କିମ୍ବା ସହକର୍ମୀଙ୍କ ଧାର କରଜକୁ କେନ୍ଦ୍ରକରି ମତାନୈକ୍ୟ ଘଟିପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି । ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**: ସ୍ୱାସ୍ଥ୍ୟ ସମସ୍ୟା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବାରୁ ଅଶାନ୍ତି ରହିବେ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ବାରମ୍ବାର ଚେଷ୍ଟା କରି ମଧ୍ୟ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। ମାନସିକ ଅସ୍ଥିରତା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କିଛି କରିପାରିବେ ନାହିଁ।

**ମିଥୁନ**: ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧାଜନିତ ମନ ଅସ୍ଥିର ରହିବ।

**କର୍କଟ**: ଆଜି କୌଣସି କାମ ମଧ୍ୟ ଶୃଙ୍ଖଳାର ସହ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ଉପରିସ୍ଥଙ୍କ ସହିତ ଯୁକ୍ତିତର୍କ ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଦୂର ସ୍ଥାନରୁ ସୁଖବର ପାଇବେ।

**ସିଂହ**: ତରବରିଆ ଯାତ୍ରାରୁ ଦୂରେଇ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, ଆଲୋଚନା, ସଭାସମିତି ତଥା ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି କରିବେ। ପ୍ରଶାସନ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ସାଧାରଣ ଆଶ୍ୱସ୍ତି ମିଳିବ।

**କନ୍ୟା**: ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ଖୁସି ହେବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ। ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**: ଭୋଗ ବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଦ୍ୱାରା ବାଧାବିଘ୍ନ ଘଟିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଅବଶ୍ୟ ଲାଭବାନ୍ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ରହିପାରନ୍ତି ।

**ବିଛା**: ଆଜି କାର୍ଯ୍ୟଦକ୍ଷତା ହେତୁ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ**: ପାରିବାରିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା ଶୁଭ ଖବରଟି ଆକସ୍ମିକ ଭାବରେ ପାଇ ଉଲ୍ଲସିତ ହେବେ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର**: ନିଜର ଶ୍ରମ ଓ ସମୟ ବିନିଯୋଗ କରି ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ।

**କୁମ୍ଭ**: ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**: ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କିନ୍ତୁ ଆର୍ଥିକ ସ୍ଥିତି, ଜମିଜମା କାରବାର, ନିର୍ମାଣାଧୀନ କାମ ପ୍ରଭୃତିରୁ ଶୁଭଫଳ ପାଇବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ନଭେମ୍ବର ୨୦ ତାରିଖ, ମାର୍ଗଶିର କୃଷ୍ଣପକ୍ଷର ସର୍ବସମ୍ମତ ଉତ୍ପନ୍ନା ଏକାଦଶୀ ରବିବାର, ରାଶି ନକ୍ଷତ୍ର- ହସ୍ତା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୪୫ ଗତେ ଘ.୦୮।୫୭ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୩୯ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପୃଥିବୀ ଓଜନ ୬...

ଲାଗି ନିଷ୍ପତ୍ତି ନିଆଯାଇଥିବା ରିଚାର୍ଡ କହିଛନ୍ତି। ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ବୈଜ୍ଞାନିକ ଓ ସରକାରୀ ପ୍ରତିନିଧି ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ୧୯୯୧ରେ ପ୍ରଥମ ଥର ଲାଗି ବୈଜ୍ଞାନିକମାନେ ବୃହତ୍ ଓଜନ ମାପ କରିବାର ସବୁଠାରୁ ବଡ଼ ଏକକ ଜେଟା ଓ ୟୋଟାର ଆବିଷ୍କାର କରିଥିଲେ। ବିଶାଳ ବସ୍ତୁକୁ ଓଜନ କରିବା ପାଇଁ ୟୋଟା ଏକକ ବ୍ୟବହାର କରାଯାଉଥିଲେ ହେଁ ଏହା ଠିକ୍ ତଥ୍ୟ ଦେବାରେ ଅସମର୍ଥ ଥିଲା। କ୍ୱାଣ୍ଟମ୍ ସାଇନ୍ସ ଓ ପାର୍ଟିକଲ ଫିଜିକ୍ସରେ ଏହାର ବ୍ୟବହାର ଏବେ ବି ଗ୍ରହଣଯୋଗ୍ୟ।

### ‘ଖୁସି’ରେ ଅନିୟମିତତା...

ଏହି ସଂସ୍ଥା ଅନ୍ୟାନ୍ୟ ଏଜେନ୍ସି ଏବଂ ମେଡିକାଲ କର୍ପୋରେଶନକୁ ଯୋଗାଇ ଦେଇଥିବା ଖଣ୍ଡ ପିଛା ପ୍ରଭେଦ ୭୯ ପଇସାରୁ ୫୨ ପଇସା ମଧ୍ୟରେ ରହିଥିଲା। ଏଥିଯୋଗୁ ରାଜକୋଷକୁ ୧୯.୩୯ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଉଲ୍ଲେଖ କରିଥିଲେ, ଯାହାକି ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ଏବେ ନାପ୍‌କିନ ଯୋଗାଣର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ଉଦାହରଣ ଭାବେ ଭଦ୍ରକ ଜିଲାକୁ ନିଆଯାଇପାରେ। ବଣ୍ଟନ ହୋଇପାରୁ ନ ଥିବାରୁ ଜିଲାର ପ୍ରତି ବ୍ଲକ ଷ୍ଟକ୍ ପଏଣ୍ଟରେ ଥିବା ଅନେକ ଲକ୍ଷ ନାପ୍‌କିନ ଆସନ୍ତା ଡିସେମ୍ବରରେ ଏକ୍ସପାଏରି ହୋଇଯିବ ବୋଲି ସୂଚନା ମିଳିଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୯ରେ ଆଗରପଡ଼ା, ବରପଦା, ଧାମନଗର, ତିହିଡ଼ି, ବାସୁଦେବପୁର, ଭଣ୍ଡାରିପୋଖରୀ ଏବଂ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ମୋଟ ୩୭ ଲକ୍ଷ ୩୭ ହଜାର ୯୪୩ ଖଣ୍ଡ ନାପ୍‌କିନ୍ ବଣ୍ଟନ କରାଯାଇଥିଲା। ଜିଲାରେ ମଧ୍ୟାହ୍ନଭୋଜନ ବଣ୍ଟନ କରୁଥିବା ଏଜେନ୍ସି ଏହି ନାପ୍‌କିନ ୨୦୧୯ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ବଣ୍ଟନ କରିଥିଲା। ବଣ୍ଟନ ବାବଦକୁ ପ୍ରତି ନାପ୍‌କିନ ପିଛା ୧୪ରୁ ୧୬ ପଇସା ଯୋଗାଣ ଖର୍ଚ୍ଚ ଥିବାବେଳେ ଉକ୍ତ ଏଜେନ୍ସି କିଲୋମିଟର ପିଛା ହିସାବ କରି ମୋଟ ୮୩ ଲକ୍ଷ ୭୪ ହଜାର ୮୩୮ ଟଙ୍କା ଦାବି କରିଥିଲା। ହେଲେ ୫ରୁ ୭ ଲକ୍ଷ ଟଙ୍କା ବଦଳରେ ଅତ୍ୟଧିକ ଅର୍ଥ ମଗାଯାଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଲ୍ ପ୍ରଦାନ କରାଯାଇ ନାହିଁ। ଏହାକୁ ନେଇ ସମ୍ପୃକ୍ତ ଏଜେନ୍ସି କୋର୍ଟରେ କେସ୍ କରିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି। ଗତ ସେପ୍ଟେମ୍ବର ୧୩ରେ ଜିଲାପାଳଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ବୈଠକରେ ଜିଲା ଶିକ୍ଷାଧିକାରୀଙ୍କୁ ନାପ୍‌କିନ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଥିବା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ସିଆର୍‌ସିସିଙ୍କ ମାଧ୍ୟମରେ ଶିକ୍ଷକମାନଙ୍କ ଦ୍ୱାରା ନାପ୍‌କିନ ବଣ୍ଟନ ଚାଲିଛି। କିନ୍ତୁ ପ୍ରତି ବ୍ଲକରେ ହୋଇଥିବା ଷ୍ଟକ୍ ପଏଣ୍ଟରୁ ସିଆର୍‌ସିସିଙ୍କ ମାଧ୍ୟମରେ କେତେକ ସ୍କୁଲରେ ନାପ୍‌କିନ ପହଞ୍ଚୁଥିବା ବେଳେ ଆଉ କେତେକ ସ୍କୁଲରେ ପହଞ୍ଚୁ ନ ଥିବା ଜଣାପଡ଼ିଛି। ଏଥିଯୋଗୁ ବହୁସଂଖ୍ୟାର ନାପ୍‌କିନ ଷ୍ଟକ୍ ରହିଥିବା ଜଣାପଡ଼ିଛି।

ଏ ନେଇ ଓଡ଼ିଶା ରାଜ୍ୟ ଔଷଧ ନିଗମର ଜଣେ ଅଧିକାରୀ କହିଛନ୍ତି, ରାଜ୍ୟରେ ୧୬ଲକ୍ଷ ୮୯ହଜାର ୩୬୬ ଛାତ୍ରୀଙ୍କୁ ପ୍ରତିବର୍ଷ ୩୬ କୋଟି ୪ ଲକ୍ଷ ୯୩ ହଜାର ୫୬ ଖଣ୍ଡ ନାପକିନ୍ ଦିଆଯାଉଛି। ମାସକୁ ୧୮ଟି ହିସାବରେ ତ୍ରୈମାସିକରେ ସେମାନଙ୍କୁ ୫୪ଟି ନ୍ୟାପକିନ୍ ଯୋଗାଣ କରାଯାଉଛି। ଖୁସି ନ୍ୟାପକିନ୍‌କୁ ନେଇ କୌଣସି ଅନିୟମିତତା ଅଭିଯୋଗ ଆସିନାହିଁ। ବରଂ ଛାତ୍ରୀଙ୍କ ସଂଖ୍ୟା ବଢ଼ିଥିବା ନେଇ କେତେ ଗୁଡ଼ିଏ ଫୋନ୍ ଆସିଥିଲା। ୨୦୨୨-୨୩ ବର୍ଷ ପାଇଁ ଆବଶ୍ୟକ ଛାତ୍ରୀଙ୍କ ସଂଖ୍ୟା ନେଇ ଆମେ ଶିକ୍ଷା ବିଭାଗକୁ ଚିଠି ଲେଖିଛୁ। ସେମାନେ ଛାତ୍ରୀଙ୍କ ସଂଖ୍ୟା ପଠାଇଲେ ଆମେ ଟେଣ୍ଡର ଡାକିବୁ। ନିଗମରୁ ଏହା ପ୍ରତି ଜିଲାର ଷ୍ଟୋରେଜ ପଏଣ୍ଟକୁ ଯାଉଛି। ସେଠୁ ସବୁ ସ୍କୁଲକୁ କିଭଳି ଦିଆଯାଉଛି ସେ ନେଇ ଆମକୁ କୌଣସି ସୂଚନା ନାହିଁ।

### ଖସିଯାଇଛି ‘ଖୁସି’

ଢେଙ୍କାନାଳ ଅଫିସ, ୧୯।୧୧(ରତନ ନାୟାର): ପରିଚାଳନାଗତ ବିଭ୍ରାଟ କାରଣରୁ ଢେଙ୍କାନାଳ ଜିଲାରେ ଖସିଯାଇଛି ରାଜ୍ୟ ସରକାରଙ୍କ ଦୂରଦର୍ଶୀ ଯୋଜନା ‘ଖୁସି’। ମାସିକ ଋତୁସ୍ରାବ ସମୟରେ ସୁରକ୍ଷିତ ରହିବା ପାଇଁ ପର୍ଯ୍ୟାପ୍ତ ପରିମାଣର ସାନିଟାରୀ ନାପ୍‌କିନ୍ ଯୋଗାଣ ହେଉଛି ସତ, କିନ୍ତୁ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳର ଛାତ୍ରୀଙ୍କ ନିକଟରେ ଏହା ପହଞ୍ଚି ପାରୁନାହିଁ। ମାତ୍ର ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍‌ଦେଲେ ଅନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏ ସଂକ୍ରାନ୍ତ ଠିକ୍ ରିପୋର୍ଟ ପ୍ରଦାନ କରୁ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ।

ଢେଙ୍କାନାଳ ସଦର ବ୍ଲକର ବେଲଟିକିରି, ହିନ୍ଦୋଳ ବ୍ଲକର ଖଜୁରିଆକଟା, କଙ୍କଡ଼ାହାଡ଼ ବ୍ଲକର ବୀରାଶାଳ, ଭୁବନ ବ୍ଲକର ମଠକରଗୋଳା, ପରଜଙ୍ଗ ବ୍ଲକର ପରଜଙ୍ଗ, ଗଁଦିଆ ବ୍ଲକର ଶ୍ରୀରାମଚନ୍ଦ୍ରପୁର, ଓଡ଼ାପଡ଼ା ବ୍ଲକର ଓଡ଼ାପଡ଼ା ଏବଂ କାମାକ୍ଷାନଗର ବ୍ଲକର ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଛାତ୍ରୀଙ୍କୁ ନାପ୍‌କିନ୍ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ୨୦୧୮-୧୯ରୁ ୨୦୨୨-୨୩ ବର୍ଷ ମଧ୍ୟରେ ମୋଟ୍ ୧ କୋଟି ୨୩ ଲକ୍ଷ ୩ ହଜାର ୮୯୮ ଖଣ୍ଡ ନାପ୍‌କିନ୍ ଯୋଗାଣ ହୋଇଛି। ସେଥିରୁ ୧ କୋଟି ୪୮ ହଜାର ୨୨୨ଟି ବଣ୍ଟନ କରାଯାଇଛି। ୨୨ ଲକ୍ଷ ୫୫ ହଜାର ୬୭୬ ଖଣ୍ଡ ନାପ୍‌କିନ୍‌ର ହିସାବ ମିଳୁନାହିଁ। ଏସବୁ ବଣ୍ଟନ ଅପେକ୍ଷାରେ ଅଛି ନା ନଷ୍ଟ ହୋଇଯାଇଛି କି ବାଟମାରଣା ହୋଇଛି, ତାହା ଅସ୍ପଷ୍ଟ ରହିଛି। ତେବେ ଆଦିବାସୀବହୁଳ ବୀରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ନାପକିନ୍ ବଣ୍ଟନର ଯେଉଁ ଚିତ୍ର ଆସିଛି, ତାହା ବିବ୍ରତ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ ଲକ୍ଷ ୪୬ ହଜାର ୩୦୪ଟି ନାପ୍‌କିନ୍ ଯୋଗାଣ କରାଯାଇଥିବାବେଳେ ବଣ୍ଟନ ହୋଇଛି ୭ ଲକ୍ଷ ୮୪ ହଜାର ୬୮୪। ତେଣୁ ଯେଉଁ ଲକ୍ଷ୍ୟ ନେଇ ‘ଖୁସି’ ଆରମ୍ଭ ହୋଇଥିଲା, ତାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାଟବଣା ହୋଇଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ସେହିପରି ସଦର ବ୍ଲକରୁ ମଧ୍ୟ ପ୍ୟାଡ୍ ବଣ୍ଟନର ଯେଉଁ ଚିତ୍ର ଆସିଛି ତାହା ଅତି ନୈରାଶ୍ୟଜନକ। ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ବ୍ଲକ, ଢେଙ୍କାନାଳ ପୌରାଞ୍ଚଳକୁ ନାପ୍‌କିନ୍ ବଣ୍ଟନ କରାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୮-୧୯ରୁ ୨୦୨୨-୨୩ ବର୍ଷ ମଧ୍ୟରେ ମୋଟ୍ ୧୯ ଲକ୍ଷ ୨୨ ହଜାର ୧୮୪ ଖଣ୍ଡ ନାପ୍‌କିନ୍ ଯୋଗାଣ କରାଯାଇଥିବା ସରକାରୀ ତଥ୍ୟ କହୁଛି। ତେବେ ବଣ୍ଟନ ହୋଇଛି ମାତ୍ର ୧୪ ଲକ୍ଷ ୪୧ ହଜାର ୬୩୮। ଜିଲାର ଅନ୍ୟତମ ଶିକ୍ଷାସମୃଦ୍ଧ ବ୍ଲକରେ ୪ ଲକ୍ଷ ୮୦ ହଜାର ୫୪୬ ଖଣ୍ଡ ନାପ୍‌କିନ୍ ବଣ୍ଟନ ହୋଇ ନ ପାରିବା ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ସଦର ବ୍ଲକ ରାଧାଦେଇପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବନବିହାରୀ ବାରିକ, ଗଁଦିଆ ବ୍ଲକ କରମୂଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବାରିକ କୁହନ୍ତି, କରୋନା ପାଇଁ ପ୍ରାୟ ୨ ବର୍ଷ ଧରି ପାଠପଢ଼ା ବନ୍ଦ ଥିଲା। ତଥାପି ଛାତ୍ରୀଙ୍କୁ ଠିକ୍ ଭାବେ ନାପ୍‌କିନ୍ ବଣ୍ଟନ କରାଯାଇଛି। ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ମଧ୍ୟରୁ କେତେଜଣ ଆସୁ ନ ଥିବାରୁ ସେମାନେ ପାଇନାହାନ୍ତି। ନାପ୍‌କିନ୍ ବ୍ୟବହାର ନେଇ ଶିକ୍ଷୟିତ୍ରୀମାନେ ସଚେତନତା ସୃଷ୍ଟି କରୁଛନ୍ତି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ ବିଭାଗ) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୁହନ୍ତି, ଜାନୁୟାରୀରୁ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଉପସ୍ଥାନ କମ୍ ଥିଲା। ୨ମାସ ହେଲା ଉପସ୍ଥାନ ଠିକ୍ ଅଛି। ଯେଉଁ ଛାତ୍ରୀମାନେ ନାପ୍‌କିନ୍ ପାଇ ନ ଥିଲେ ସେମାନଙ୍କୁ ଦିଆଯାଇଛି। କେତେକ ସ୍ଥଳେ ଘରକୁ ମଧ୍ୟ ପଠାଯାଇଛି। ଯୋଗାଣ ଏବଂ ବିତରଣ ସମ୍ପର୍କରେ ଠିକ୍ ରିପୋର୍ଟ ଦେଉ ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଲିଖିତ ଭାବେ ତାଗିଦା କରାଯାଇଛି।

### ସମ୍ବଲପୁରରେ ପ୍ରହସନ ପାଲଟିଛି

ସମ୍ବଲପୁର(ବ୍ୟୁରୋ), ୧୯।୧୧(ଶୁଭାଶିଷ ପାଢ଼ୀ)- ସରକାରଙ୍କ ଖୁସି ଯୋଜନା ସମ୍ବଲପୁର ଜିଲାରେ ପ୍ରହସନ ପାଲଟିଛି। ଜିଲାର ୫୬ ହଜାର ୩୦୦ଛାତ୍ରୀଙ୍କୁ ଏଥିରେ ସାମିଲ କରାଯାଇଥିବାବେଳେ କୋଭିଡ୍ ସମୟରେ ନାପ୍‌କିନ୍ ବଣ୍ଟନ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଚଳିତବର୍ଷ ଏପ୍ରିଲରୁ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଛାତ୍ରୀଙ୍କୁ ମାସିକ ୬ଦିନ ପାଇଁ ୧୮ଟି ପ୍ୟାଡ୍ ଦେବାର ନିୟମ ରହିଛି। ହେଲେ ତିନିମାସରେ ଥରେ କେଉଁଠି ୧୮ ତ ଆଉ କେଉଁଠି ୩୬ଟି ପ୍ୟାଡ୍ ବଣ୍ଟନ କରାଯାଉଛି। ପୁଣି ତିନିମାସ ବଦଳରେ ୫ରୁ ୬ମାସ ପର୍ଯ୍ୟନ୍ତ ବିଳମ୍ବରେ କମ୍ ପରିମାଣରେ ଦିଆଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କେତେକ ମେଡିକାଲରେ ଷ୍ଟକ୍ ନ ଥିବା ବେଳେ କିଛିଦିନ ହେଲା ଅଳ୍ପସଂଖ୍ୟକ ମେଡିକାଲରେ ଏହା ପହଞ୍ଚୁଥିବା ଜଣାପଡ଼ିଛି।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ଉପକୂଳ ଜୈବ ବିବିଧତା ସୁରକ୍ଷାରେ ସୌମ୍ୟ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

**ସୌମ୍ୟ ରଞ୍ଜନ ବିଶ୍ୱାଳ**



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପୁରୀ ଜିଲା ଅସ୍ତରଙ୍ଗର ସୌମ୍ୟ ରଞ୍ଜନ ବିଶ୍ୱାଳ। ୨୫ବର୍ଷୀୟ ସୌମ୍ୟ ପରିବେଶ ଏବଂ ଅଲିଭ୍ ରିଡ୍‌ଲେ (ସାମୁଦ୍ରିକ କଇଁଛ)ଙ୍କ ସୁରକ୍ଷା ଉପରେ କାର୍ଯ୍ୟ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ଅନୁଭବ କରି ଉପକୂଳ ଜୈବ ବିବିଧତା ସୁରକ୍ଷା ପାଇଁ ସୌମ୍ୟ ନିଜସ୍ୱ ଅଭିନବ ଉପାୟରେ କାମ କରୁଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ଲୁଣା ଜଙ୍ଗଲ ସୁରକ୍ଷା ଓ ନଦୀ ପ୍ରଦୂଷଣ ରୋକିବା ସମ୍ପର୍କିତ ସେ ବିବିଧ ପ୍ରୟାସ ହାତକୁ ନେଇଛନ୍ତି। ୧୦ବର୍ଷ ବୟସରୁ ପରିବେଶ ସୁରକ୍ଷା ପ୍ରତି ଚିନ୍ତା କରିଥିବା ସୌମ୍ୟ ସମୁଦ୍ର କୂଳରେ ପାଟ୍ରୋଲିଂ କରିବା ଏବଂ ଦେବୀ ନଦୀ କୂଳରେ ଥିବା ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦେବା ସ୍ଥାନ ଓ ବେଳାଭୂମି ସଫା କରିବାରେ ନିଜକୁ ସମର୍ପି ଦେଇଛନ୍ତି। ସମୁଦ୍ର କୂଳରେ ଗାଁ ହୋଇଥିବାରୁ ସେ ପିଲାଦିନରୁ ମୃତ କଇଁଛ ବେଳାଭୂମିକୁ ଭାସିଆସିବା ଏବଂ ପ୍ରଦୂଷଣ ହେଉଥିବା ଦେଖି ଆସିଛନ୍ତି। ତାହା ତାଙ୍କୁ ବିବ୍ରତ କରୁଥିବାରୁ ସେ ଅଲିଭ୍ ରିଡ୍‌ଲେ ଏବଂ ପରିବେଶ ସୁରକ୍ଷା ନିମନ୍ତେ କିଛି କରିବାକୁ ଆଗେଇ ଆସିଛନ୍ତି। ସେହିପରି ହେନ୍ତାଳ ବଣ କିପରି ସଂରକ୍ଷିତ ହୋଇ ରହିବ ସେଥିପାଇଁ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି। ସୌମ୍ୟଙ୍କ ମତରେ, ହେନ୍ତାଳ ବଣ ନଷ୍ଟ ହେବାର ବିଭିନ୍ନ କାରଣ ରହିଛି। କିନ୍ତୁ ଏହା ନଷ୍ଟ ହେବାର ପ୍ରମୁଖ କାରଣ ହୋଇଯାଇଛି ଲୁଣା ବନ୍ଧ। ଉପକୂଳ ଅବକ୍ଷୟ ରୋକିବା ଏବଂ ନଦୀବନ୍ଧ ସୁରକ୍ଷା ପାଇଁ ସରକାର ଲୁଣା ବନ୍ଧ କରୁଛନ୍ତି, ଯାହାକି ହେନ୍ତାଳ ବଣ ଉପରେ ପ୍ରଭାବ ପକାଉଛି। ତେଣୁ ଏ ଦିଗରେ ସରକାର ଗୁରୁତ୍ୱ ଦେଇ ଏହାକୁ ତୁରନ୍ତ ବନ୍ଦ କରିବା ଉଚିତ। ରାଜ୍ୟରେ ହେନ୍ତାଳ ବଣ ବଢ଼ିଛି ବୋଲି ରିପୋର୍ଟ କହୁଛି। କାରଣ ବୃକ୍ଷରୋପଣ ଅଧିକ ରହିଛି। ଏହା ସତ। କିନ୍ତୁ ତାହା ସୁରକ୍ଷା ଅଭାବରୁ ନଷ୍ଟ ହେବାରେ ଲାଗିଛି। ପ୍ରାକୃତିକ ଭାବେ ଯେଉଁଠି ଉଠୁଛି, ସେଠି ଗଛସବୁ ବଢ଼ିବାରେ ଲାଗୁଛି। କିନ୍ତୁ ଯେଉଁଠି ରୋପଣ କରାଯାଉଛି ସେହି ନୂଆ ଗଛଗୁଡ଼ିକ ନଷ୍ଟ ହେବାରେ ଲାଗୁଛି ବୋଲି ସୌମ୍ୟ କହିଛନ୍ତି। ସେ ୨୦୧୪ରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ନାମକ ଏକ ସଂସ୍ଥା କରି ଏହି କାର୍ଯ୍ୟକୁ ଆଗେଇ ନେଇଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ଗାଁକୁ ଯାଇ ଅଭିଯାନର ସଦସ୍ୟମାନେ ଲୋକଙ୍କୁ ସଚେତନ କରୁଛନ୍ତି। ଖାଲି ଦେବୀନଦୀ କୂଳରେ ନୁହେଁ, ଓଡ଼ିଶାର ସବୁ ଉପକୂଳବର୍ତ୍ତୀ ଗାଁକୁ ସେମାନେ ସଚେତନତା ଅଭିଯାନରେ ସାମିଲ କରିଛନ୍ତି। ବିଶେଷକରି ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷାକୁ ସେମାନେ ପ୍ରାଥମିକତା ଦେଉଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନଠାରୁ ଆରମ୍ଭ କରି ଛୁଆ ଫୁଟି ବାହାରି ପୁଣି ଫେରିଯିବା ପର୍ଯ୍ୟନ୍ତ ସେମାନେ ସମୁଦ୍ର କୂଳରେ ରାତ୍ରିଯାପନ କରୁଛନ୍ତି। ଏପରି କି ଶିକାରୀଙ୍କଠାରୁ ଅଣ୍ଡା ରକ୍ଷା କରିବା ପାଇଁ ରାତି ସାରା ପାଟ୍ରୋଲିଂ କରିଥାନ୍ତି। ଚଳିତବର୍ଷ ଜାତୀୟ ଯୁବ ଦିବସ ଅବସରରେ ଜାତିସଂଘ ଭାରତ ପକ୍ଷରୁ ରାଜଧାନୀ ନୂଆଦିଲ୍ଲୀରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତର ୬ ଜଣ ଯୁବ ଅଧିବକ୍ତାଙ୍କୁ ଜାତିସଂଘ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏହି ୬ ଜଣ ଯୁବ ଅଧିବକ୍ତାଙ୍କ ମଧ୍ୟରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଳବା ଗାଆଁର ସୌମ୍ୟ ରଞ୍ଜନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ୨୦୨୨ ଅଗଷ୍ଟ ୧୨ରୁ ଆରମ୍ଭ କରି ୨୦୨୪ ଅଗଷ୍ଟ ୧୨ ଯାଏ ୨ବର୍ଷ ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ଏ ପ୍ରକାର କାର୍ଯ୍ୟଧାରା ପାଇଁ ସୌମ୍ୟ ପୂର୍ବରୁ ଲିମ୍କା ବୁକ୍ ରେକର୍ଡ୍ସ, ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ସହ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ପାଖରୁ ପ୍ରଶଂସିତ ହେବା ସହିତ ତାଙ୍କ ନେତୃତ୍ୱରେ ଅନେକ କାର୍ଯ୍ୟ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସମେତ ଅନେକେ ପ୍ରଶଂସା କରିଛନ୍ତି।

# ୨୫ କି.ମି.ରେ ୨ ଟୋଲ୍ ପ୍ଲାଜା

- ଶ୍ରୀରାମପୁର ଟୋଲ୍ ପ୍ଲାଜା ସ୍ଥାନାନ୍ତର ହେଉନି
- ବଢୁଛି ଜନ ଅସନ୍ତୋଷ, ଶୀଘ୍ର ସ୍ଥାନାନ୍ତର ଦାବି

**ଚଣ୍ଡିଖୋଲ,୧୯।୧୧(ଡି.ଏନ୍.ଏ.)**



ଶ୍ରୀରାମପୁର ଟୋଲ୍ ପ୍ଲାଜା

ଜାତୀୟ ରାଜପଥରେ ଦୁଇଟି ଟୋଲ୍ ପ୍ଲାଜାର ବ୍ୟବଧାନ ୬୦ କିଲୋମିଟର ରହିବାର ନିୟମ ରହିଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ)ର ନିର୍ଦ୍ଦେଶନାମା ଅନୁଯାୟୀ ରାଜପଥ ଉପରେ ନିର୍ମାଣ କରାଯାଉଥିବା ଟୋଲ୍ ପ୍ଲାଜାଗୁଡ଼ିକ ଏହି ଦୂରତ୍ୱ ମାନିବାକୁ ବାଧ୍ୟ। ତେଣୁ ୧୬ନଂ. ଜାତୀୟ ରାଜପଥର ଯାଜପୁର ଜିଲା ପାଣିକୋଇଲିଠାରେ ହୋଇଥିବା ଟୋଲ୍ ପ୍ଲାଜାଠାରୁ କଟକ ଜିଲା ବନ୍ଦାଳୋ ଟୋଲ୍ ପ୍ଲାଜାର ଦୂରତା ୪୮ କିଲୋମିଟର ହୋଇଥିବାରୁ ଦୀର୍ଘ ଦାବି ପରେ ୮ଦିନ ତଳେ ଏହା ଯାଜପୁର-ଭଦ୍ରକ ସୀମାନ୍ତବର୍ତ୍ତୀ ନେଉଳାଛକକୁ ସ୍ଥାନାନ୍ତର ହୋଇଛି। ମାତ୍ର ବନ୍ଦାଳୋ ଟୋଲ୍ ପ୍ଲାଜାଠାରୁ ଯାଜପୁର ଜିଲା ୫୩ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟସ୍ଥ ଶ୍ରୀରାମପୁର ଟୋଲପ୍ଲାଜାର ଦୂରତା ମାତ୍ର ୨୫ କିଲୋମିଟର। ଏତେ କମ୍ ଦୂରତା ଭିତରେ ଦୁଇ ଦୁଇଟି ଟୋଲ୍ ପ୍ଲାଜା ଅତିକ୍ରମ କରୁଥିବା ଗାଡ଼ିମାଲିକଙ୍କୁ ମୋଟା ଅଙ୍କରେ ଟୋଲ ଫି ଦେବାକୁ ପଡୁଛି, ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହି ଟୋଲ ପ୍ଲାଜା ସ୍ଥାନନ୍ତର ହୋଇ ପାରିନାହିଁ। କଟକ ମଙ୍ଗୁଳିଠାରେ ହୋଇଥିବା ଟୋଲ ପ୍ଲାଜା ବନ୍ଦାଳୋ ନିକଟକୁ ଘୁଞ୍ଚିଆସିଥିବାବେଳେ ଶ୍ରୀରାମପୁର ଟୋଲ ପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ମଶାଖଣି ନିକଟରେ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ହେଲେ ଏପର୍ଯ୍ୟନ୍ତ ତାହା ସ୍ଥାନାନ୍ତର ହୋଇପାରିନାହିଁ। ଫଳରେ ଟ୍ରକ୍, ବସ୍ ଓ ଚାରିଚକିଆ ଯାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିନେଇ ପୂର୍ବରୁ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନ କରିଥିଲେ ମଧ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ଉପରେ ଗୁରୁତ୍ୱ ଦେଇନାହାନ୍ତି। କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଜନସାଧାରଣ ଦୈନିକ ଏହି ରାସ୍ତାଦେଇ କଟକ ଓ ଭୁବନେଶ୍ୱର ଯାତୟାତ କରିଥାନ୍ତି। ଫଳରେ ସେମାନଙ୍କୁ ଦୁଇଟି ଟୋଲ୍ ପ୍ଲାଜାର ମୋଟା ଅଙ୍କର ଫି ଦେବାକୁ ପଡ଼ିଥାଏ।

୨୦୧୬ ଜୁଲାଇରେ ରାଜ୍ୟ ପରିବହନ କମିଶନର ଚିଠିଲେଖି ଶ୍ରୀରାମପୁର ଟୋଲପ୍ଲାଜାକୁ ମଶାଖଣି ସ୍ଥାନାନ୍ତର କରିବା ପାଇଁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଏହି ଚିଠି ଉପରେ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଅନ୍ୟପକ୍ଷରେ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି, ରତ୍ନଗିରି, ଉଦୟଗିରି ସହିତ ଓଲାଶୁଣୀ ଏବଂ ଜାତୀୟ ଉଦ୍ୟାନ ଭିତରକନିକାକୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ଏହି ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଗଲାବେଳେ ଦୁଇଟି ଟୋଲ ପ୍ଲାଜା ଦେଇ ଯିବାକୁ ପଡ଼େ। ସେଥିପାଇଁ ଦୈନିକ କେବଳ ଟୋଲଫି ବାବଦରେ ୫ଶହରୁ ୬ଶହ ଟଙ୍କା ଆବଶ୍ୟକ ହୋଇଥାଏ। ଏବେ ଶୀତଋତୁ ଆଗମନ ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟୁଛି। ଏହି ପର୍ଯ୍ୟଟକମାନେ ଟୋଲ ପ୍ଲାଜା ଅତିକ୍ରମ କଲାବେଳେ ୨୫ କିଲୋମିଟର ଦୂରତା ମଧ୍ୟରେ ଦୁଇଟି ଟୋଲ ପ୍ଲାଜାର ପଇସା ଦେବାକୁ ପଡୁଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ତୁରନ୍ତ ଟୋଲ ପ୍ଲାଜା ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ ପ୍ରବନ୍ଧକ ରାମପ୍ରସାଦ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥଟି ୮ଲାଇନ ହେବାକୁ ଯାଉଛି। ଏହି କାର୍ଯ୍ୟ ସମୟରେ ଟୋଲ୍ ପ୍ଲାଜା ସ୍ଥାନାନ୍ତର ହେବ।

# ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୁଣି ରାଗିଂ

## ଆଣ୍ଟିରାଗିଂ ସେଲ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ

### ନିଜ ଉପରୁ ଦାୟିତ୍ୱ ହଟାଇ ଅଧ୍ୟକ୍ଷ ଚୁପ୍

**ବ୍ରହ୍ମପୁର ଅଫିସ,୧୯।୧୧**

ଗଞ୍ଜାମ ଜିଲା ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ପୁଣିଥରେ ଛାତ୍ରୀଙ୍କୁ ରାଗିଂ କରାଯିବା ଭଳି ଘଟଣା ଦୃଷ୍ଟିକୁ ଆସିଛି। ଜନୈକା ଛାତ୍ରୀଙ୍କୁ ଉକ୍ତ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଖରାପ ଇଙ୍ଗିତ ଓ ଟଣାଓଟରା କରିଥିବା ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କୁ କ୍ୟାମ୍ପସ ପରିସରରେ ଦୁର୍ବ୍ୟବହାର କରାଯାଉଥିଲେ ହେଁ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଥିଯୋଗୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତାଙ୍କ ପାଠପଢ଼ା ଯେପରି ବ୍ୟାହତ ନ ହେବ ସେଥି ନିମନ୍ତେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଛାତ୍ରୀ ଜଣକ ନିବେଦନ କରିଛନ୍ତି। ଏନେଇ ଅଧ୍ୟକ୍ଷ ରାଧାକାନ୍ତ ନାୟକଙ୍କୁ ପଚାରିବାରୁ, ଗତ ୬ ଦିନ ପୂର୍ବରୁ ଜଣେ ଛାତ୍ରୀ ମୌଖିକ ଭାବେ ତାଙ୍କ ସହ ରାଗିଂ ହେଉଥିବା ନେଇ ଅଭିଯୋଗ କରି ଶନିବାର ଲିଖିତ ଭାବେ ଜଣାଇଛନ୍ତି। ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଣ୍ଟିରାଗିଂ କମିଟିକୁ ଅଭିଯୋଗ ହସ୍ତାନ୍ତର କରିଥିବା ଅଧ୍ୟକ୍ଷ ନାୟକ କହିଛନ୍ତି।

ଅଧ୍ୟକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଦୀର୍ଘ ୨ ମାସ ମଧ୍ୟରେ ବାରମ୍ବାର ଦ୍ୱିତୀୟ ବର୍ଷ ଛାତ୍ରମାନେ କ୍ୟାମ୍ପସ୍ ପରିସରରେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏଥିରେ କେତେକ ଛାତ୍ରଙ୍କୁ ଚିହ୍ନଟ କରାଯାଇ ତାଙ୍କ ଅଭିଭାବକଙ୍କୁ ଡ଼କାଯାଇଥିବାବେଳେ କେତେଜଣ ଅଭିଭାବକ ଶିକ୍ଷାନୁଷ୍ଠାନକୁ ଆସି ନ ଥିଲେ। କେତେଜଣ ବିଶୃଙ୍ଖଳିତ ଛାତ୍ର ନିଜ ଅଭିଭାବକଙ୍କ ସହ ମଧ ଏଭଳି ଆଚରଣ କରୁଥିବା ଦେଖାଯାଇଥିଲା। ସେହିପରି ୬ ଦିନ ପୂର୍ବେ ମଧ ଶିକ୍ଷାନୁଷ୍ଠାନ ପରିସରରେ କେତେଜଣ ଛାତ୍ର ବାଣ ଫୁଟାଇବା ସହ ନୂତନ ଭାବେ ନିଯୁକ୍ତ ହୋଇଥିବା ଅତିଥି ଅଧାପିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଥମେ ଟାଉନ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ବିଶୃଙ୍ଖଳିତ ଆଚରଣ କରୁଥିବା ଛାତ୍ରଙ୍କୁ ଚେତାବନୀ ଦେବା, ସେମାନଙ୍କ ଅଭିଭାବକଙ୍କୁ ନୋଟିସ କରି ଆଲୋଚନା କରିବା ସତ୍ତ୍ୱେ ଯଦି ଏଥିରେ ପରିବର୍ତ୍ତନ ନ ହୁଏ, ତେବେ ସେମାନଙ୍କୁ ଟିସି ଦେଇ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ କରିବା ନିମନ୍ତେ କୁହାଯାଇଥିଲା, ଯାହାକୁ ଅଧ୍ୟକ୍ଷ ଆଣ୍ଟିରାଗିଂ କମିଟିକୁ ପଠାଇ ଦେଇଥିଲେ। ଆଜି ପର୍ଯ୍ୟନ୍ତ ଉକ୍ତ କମିଟି ସମ୍ପୃକ୍ତ ବିଶୃଙ୍ଖଳିତ ଛାତ୍ରଙ୍କ ବିରୋଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଆଣ୍ଟିରାଗିଂ କମିଟିର କାର୍ଯ୍ୟାନୁଷ୍ଠାନକୁ ନେଇ ଅଙ୍ଗୁଳି ଉଠିଛି। ଏଠାକୁ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶଯେ, ପୂର୍ବରୁ ସହରର ଅନ୍ୟଏକ ପୁରାତନ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ସହ ରାଗିଂ କରାଯାଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୧୨ଜଣ ବିଦ୍ୟାର୍ଥୀଙ୍କୁ ବାଧ୍ୟତାମୂଳକ ଟିସି ଦେଇ ଶିକ୍ଷାନୁଷ୍ଠାନରୁ ବିତାଡ଼ିତ କରାଯାଇଥିଲା।

# ଓଡ଼ିଶା ପାଇଁ ହେଉ ଏକକ ରେଳ ଜୋନ

## ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ଓଡ଼ିଶାର ସବୁ ରେଳପଥକୁ ଗୋଟିଏ ଜୋନ ଅଧୀନକୁ ଆଣିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ୨୦୦୩ରେ କେନ୍ଦ୍ର ସରକାର ରାଜ୍ୟ ପାଇଁ ସ୍ୱତନ୍ତ୍ର ପୂର୍ବତଟ ରେଳ ଜୋନ ଗଠନ କରିଥିଲେ। ଏବେ କିନ୍ତୁ ବିଶାଖାପାଟଣାରେ ଦକ୍ଷିଣତଟ ରେଳ ଜୋନ ଗଠନ କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା ପୂର୍ବତଟ ରେଳପଥ ପ୍ରଭାବିତ ହେବ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖି ଓଡ଼ିଶା ପାଇଁ ଏକକ ରେଳ ଜୋନ ଗଠନ କରିବାକୁ ଦାବି କରିଛନ୍ତି। ଓଡ଼ିଶା ମଧ୍ୟଦେଇ ଯାଇଥିବା ସବୁ ରେଳପଥକୁ ପୂର୍ବତଟ ଅଧୀନକୁ ଆଣିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଏଥିପାଇଁ ରାଉରକେଲା, ଯାଜପୁର କିମ୍ବା ଯାଜପୁର-କେନ୍ଦୁଝର ରୋଡ୍ ଓ ରାୟଗଡ଼ାଠାରେ ତିନୋଟି ନୂଆ ରେଳ ଡିଭିଜନ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଦକ୍ଷିଣ-ପୂର୍ବ ରେଳପଥ ଅଧୀନରେ ଥିବା ଝାରସୁଗୁଡ଼ା-ବର୍ସୁଆଁ-କିରିବୁରୁ ରେଳପଥ, ରାଉରକେଲା-ନୂଆଗାଁ ଓ ଦକ୍ଷିଣ-ପୂର୍ବ-କେନ୍ଦ୍ରୀୟ ରେଳ ଡିଭିଜନ ଅଧୀନରେ ଥିବା ଝାରସୁଗୁଡ଼ା-ହିମଗିରି ରେଳପଥକୁ ପ୍ରସ୍ତାବିତ ରାଉରକେଲା ରେଳ ଡିଭିଜନ ସହ ସାମିଲ କରାଯାଉ। ସେହିଭଳି ଯାଜପୁର କିମ୍ବା ଯାଜପୁର-କେନ୍ଦୁଝର ରୋଡ୍ ଡିଭିଜନରେ ବାଂଶପାଣି, ରୂପସା-ବାଙ୍ଗିରିପୋଷି ଓ ଭଦ୍ରକ-ଲକ୍ଷ୍ମଣନାଥ ରୋଡ୍ ରେଳପଥକୁ ନୂଆ ଡିଭିଜନ ଅଧୀନକୁ ଅଣାଯାଉ। ରାୟଗଡ଼ାରେ ପୂର୍ବତଟ ରେଳ ଜୋନ ଅଧୀନରେ ଏକ ନୂଆ ଡିଭିଜନ ଗଠନ କରାଯାଉ। ଏହି ଡିଭିଜନରେ ନୂଆପଡ଼ା-ଗୁଣପୁର, ରାୟଗଡ଼ା-ଟିଟିଲାଗଡ଼-ରାୟପୁର, କୋରାପୁଟ-ରାୟଗଡ଼ା, କୋରାପୁଟ-ଜୟପୁର-ଜଗଦଲପୁର-କିରାଣ୍ଡୁଲ ଏବଂ ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରେଳପଥକୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରେ ପ୍ରସ୍ତାବିତ ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ଦନ୍ତା ଆକ୍ରମଣରେ ମହିଳାଙ୍କ ଗୋଡ଼ ଦୁଇଖଣ୍ଡ

**ସାତମାଇଲ, ୧୯।୧୧(ଡି.ଏନ୍.ଏ.)**



ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା।

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡରେ ହାତୀ-ମଣିଷ ସଂଘର୍ଷରେ ଲାଗୁନାହିଁ ଅଙ୍କୁଶ। ଶୌଚ ହେବାକୁ ଯାଇଥିବାବେଳେ ହିଂସ୍ର ଦନ୍ତା କଚାଡ଼ି ଦେବାରୁ ନୂଆବଗ ପଞ୍ଚାୟତ ସରାସିଂହ ଗ୍ରାମର ଚନ୍ଦ୍ରଶେଖର ଦେହୁରୀଙ୍କ ଝିଅ ଜାହାଜ ଦେହୁରୀ (୫୧)ଙ୍କ ଡାହାଣ ଗୋଡ଼ ଦୁଇଖଣ୍ଡ ହୋଇଯାଇଛି। ବାମଗୋଡ଼ ମଧ ଭାଙ୍ଗିଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଞ୍ଚଳରେ ହାତୀ ଆତଙ୍କ ଥମୁନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଛି। ଏହାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା।

ଜାହାଜ ଦୀର୍ଘଦିନ ହେଲା ତାଙ୍କ ବାପଘରେ ରହୁଛନ୍ତି। ଶନିବାର ସକାଳେ ସେ ଘର ନିକଟ ପଡ଼ିଆକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ଦନ୍ତାହାତୀଟି ତାଙ୍କୁ ଦଳିଦେବା ସହ ଶୁଣ୍ଢରେ ଟେକିନେଇ ଫିଙ୍ଗି ଦେଇଥିଲା। ସ୍ଥାନୀୟ ବାସିନ୍ଦା ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତା ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ଗ୍ରାମବାସୀ ହିନ୍ଦୋଳ-ଗୁଡିଆକାଟେଣୀର ପାଞ୍ଚମାଇଲ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀଙ୍କ କହିବା କଥା, ହିନ୍ଦୋଳ ବନାଞ୍ଚଳରେ ବହୁ ସଂଖ୍ୟାରେ ହାତୀ ଚଳପ୍ରଚଳ କରୁଛନ୍ତି। ସେମାନଙ୍କ ଉପଦ୍ରବରେ ବ୍ୟାପକ ଧନଜୀବନ ହାନି ହେବାରେ ଲାଗିଛି। ଚାଷ କ୍ଷତିଗ୍ରସ୍ତ ହେଉଛି। ଏ ଦିଗରେ ବନ ବିଭାଗ କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏହାର ପ୍ରତିକାର ନ ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଘଟଣାସ୍ଥଳରେ ତହସିଲଦାର ସୁଶାନ୍ତ ମିଶ୍ର, ଥାନାଧିକାରିଣୀ ଚାରୁଲତା ବେହେରା, ବନ କର୍ମଚାରୀ ପହଞ୍ଚି ବୁଝାଶୁଝା କରିଥିଲେ। ବନ ବିଭାଗ ଏବଂ ପ୍ରଶାସନ ପକ୍ଷରୁ ମହିଳାଙ୍କ ଚିକିତ୍ସା ଲାଗି ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା।

# ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ସଚିବ ନିଯୁକ୍ତି

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

କେନ୍ଦ୍ର ସରକାର ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୟନ ଶିଳ୍ପ ମନ୍ତ୍ରଣାଳୟର ଉନ୍ନୟନ କମିଶନର(ହସ୍ତତନ୍ତ) ଥିବା ବରିଷ୍ଠ ଆଇଏଏସ୍ ଅଫିସର ସଞ୍ଜୟ ରାସ୍ତୋଗୀଙ୍କୁ ରସାୟନ ଓ ସାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ପରିଚାଳନା ନିର୍ଦ୍ଦେଶକ ଥିବା ପ୍ରମୋଦ ମେହେର୍ଦ୍ଦାଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜାତୀୟ ନିଯୁକ୍ତି ସଂସ୍ଥାର ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ମଧ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

# ମଦ କାରବାରକୁ ନେଇ ଉତ୍ତେଜନା

**ନୂଆପଡ଼ା ଅଫିସ,୧୯।୧୧**

ନୂଆପଡ଼ା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତରେ କିଛି ଅସାମାଜିକ ବ୍ୟକ୍ତି ଜବରଦସ୍ତି ବିଶୃଙ୍ଖଳା ସୃଷ୍ଟି କରିବା ସହ ବେଆଇନ ମଦ କାରବାର କରୁଛନ୍ତି। ସ୍ଥାନୀୟ ସରପଞ୍ଚ ସରୋଜ ଅଗ୍ରୱାଲ ବିରୋଧ କରିବାରୁ ଉତ୍ତେଜନା ଦେଖାଯାଇଥିଲା। ଉକ୍ତ ବ୍ୟକ୍ତିମାନେ ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେ ଜଣେ ମହିଳା ହୋଇଥିବାରୁ ଜବରଦସ୍ତି ତାଙ୍କ ଲୁଗାପଟାକୁ ଟଣାଓଟରା କରି ଉଲଗ୍ନ କରିବାକୁ ଚେଷ୍ଟା କରୁଥିଲେ । ଏନେଇ ସରପଞ୍ଚ ଅଗ୍ରୱାଲ ଲିଖିତ ଭାବରେ ନୂଆପଡା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସରପଞ୍ଚଙ୍କ ଅଭିଯୋଗ ମୁତାବକ ଭାଲେଶ୍ୱର ଗ୍ରାମର ଗୋବିନ୍ଦ ପଟେଲ, ପୁରୁଷୋତମ ମାଝି, ନନ୍ଦଲାଲା ନାଏକ, ଅଶୋକ ମାଝି, ଗୋବିନ୍ଦ ନାୟକ, ଥାନେଶ୍ୱର ଦାସ, ଅରୁଣ କୁମାର ଚନ୍ଦ୍ରକାର ପ୍ରମୁଖ ଭାଲେଶ୍ୱର ଗ୍ରାମରେ ବେଆଇନ ମଦ କାରବାର ଚଳାଇ ଆସୁଥିଲେ । ୧୮ ତାରିଖ ପ୍ରାୟ ୧୧ ଟା ସମୟରେ ସରପଞ୍ଚ ଅଗ୍ରୱାଲ ମଦ ବିକ୍ରି ହେଉଥିବା ଜାଣି ବେଲଟୁକୁରି ଥାନାକୁ ଫୋନ ଯୋଗେ ଜଣାଇଥିଲେ । ହେଲେ ବେଲଟୁକୁରି ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସରପଂଚ ନିଜେ ମଦ କାରବାର ସ୍ଥାନରେ ପହଞ୍ଚିଥିଲେ। ତେବେ ସରପଞ୍ଚଙ୍କୁ ଦେଖି ମଦ ବିକ୍ରି କରୁଥିବା ଲୋକମାନେ ୧୦୦୦ଟି ଦେଶି ମଦ ପାଉଚ ଛାଡି ଚାଲି ଯାଇଥିଲେ। ସରପଂଚ ଏନେଇ ବେଲଟୁକୁରି ଥାନାକୁ ଜଣାଇବା ପରେ ମଧ୍ୟ ଥାନାରୁ କେହି ଆସିଲେ ନାହିଁ। ଫଳରେ ସରପଞ୍ଚ କିଛି ଲୋକଙ୍କ ସହାୟତାରେ ଉକ୍ତ ମଦ ପାଉଚ ଗୁଡିକୁ ପଞ୍ଚାୟତ କାର୍ଯ୍ୟାଳୟକୁ ନେଇ ଆସି ପୋଲିସ ଆସିବା ପର୍ଯ୍ୟନ୍ତ ଜଗି ରହିଲେ। ତେବେ କିଛି ସମୟ ପରେ ଉକ୍ତ ବ୍ୟକ୍ତିମାନେ ପଂଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କୁ ଟଣା ଓଟରା କରିଥିଲେ। ଏପରିକି ସରୋଜଙ୍କ ଶାଢୀକୁ ଭିଡି ତାଙ୍କୁ ଉଲଗ୍ନ କରିବାକୁ ଚେଷ୍ଟା କରିବା ସହ ତାଙ୍କ ତଂଟି ଚିପି ଦେଉଥିଲେ ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି । ଠିକଣା ସମୟରେ ସରପଂଚଙ୍କ ପୁଅ ଓ ସ୍ୱାମୀ ଘଟଣା ସ୍ଥଳରେ ପହଂଚି ତାଙ୍କୁ ଛଡାଇ ଥିଲେ ଓ ସପରିବାର ଘର ଭିତରକୁ ଯାଇ କବାଟ ବନ୍ଦ କରି ଦେଇଥିଲେ। ସେଥିରେ ମଧ୍ୟ ସେମାନେ ଶାନ୍ତ ନ ହୋଇ ଘର ଉପରକୁ ଢେଲା ପଥର ମାଡ କରିଥିଲେ। ଢେଲା ପଥର ମାରି ସରପଞ୍ଚଙ୍କ ଗାଡିକୁ ମଧ୍ୟ ନଷ୍ଟ କରିଛନ୍ତି । ପରେ ରାତ୍ରିରେ ପୋଲିସ ପହଞ୍ଚିବାରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣାରେ ଭୟଭିତ ହୋଇ ସରପଞ୍ଚଙ୍କ ପରିବାର ନିଜ ଭାଲେଶ୍ୱର ପଞ୍ଚାୟତହେତର ଆମୋଦି ଗାଁ ନିଜ ଘର ଛାଡି ଖରିଆର ରୋଡ ସ୍ଥିତ ଘରକୁ ପଳାଇ ଆସିଛନ୍ତି । ଏବେ ମଧ୍ୟ ଉକ୍ତ ବ୍ୟକ୍ତିମାନେ ଗ୍ରାମବାସୀଙ୍କୁ ମଦ ପିଆଇ ଲୋଭ ଦେଖାଇ ଭୟଭିତ କରାଇ ସରପଞ୍ଚ ଓ ତାଙ୍କ ସହେଯାଗୀ ମାନଙ୍କୁ ଏକ ଘରକିଆ କରିବା ପାଇଁ ପ୍ରର୍ବତାଉଛନ୍ତି । ତେବେ ସରପଞ୍ଚ ନୂଆପଡା ଆସି ଏସପି ଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ତେବେ ଏନେଇ ଏସପିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ଇସ୍ତଫା ଦେଲେ କୁଳପତି

**ବାରିପଦା ଅଫିସ,୧୯।୧୧**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଶନିବାର ଇସ୍ତଫା ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଚିଠି ନଂ. ୯୦୨୭/୧୯ ନଭେମ୍ବର ୨୦୨୨ରେ ରାଜ୍ୟପାଳଙ୍କୁ ଅବଗତ କରିଛନ୍ତି। ୧୫ଦିନ ପୂର୍ବେ ପ୍ରଫେସର ବସା କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବାରୁ ତାଙ୍କୁ କୁଳପତି ପଦରୁ ଇସ୍ତଫା ଦେବାକୁ ପଡ଼ିଛି।

# ୨ ଆଇଏଏସ୍ ଅଫିସରଙ୍କୁ ହକି ବିଶ୍ୱକପ୍ ଉତ୍ସବ ଦାୟିତ୍ୱ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ପୁରୁଷ ହକି ବିଶ୍ୱକପ୍ ଉତ୍ସବ କଟକ ବାରବାଟୀ ଷ୍ଟାଡିୟମ ସମେତ ୫ଟି ମ୍ୟୁନିସିପାଲ କର୍ପୋରେଶନରେ ପାଳନ କରାଯିବ। କଟକ ଓ ଭୁବନେଶ୍ୱର ମହାନଗର ନିଗମରେ ମଧ ଉତ୍ସବ ପାଳନ କରାଯିବ। ରାଜ୍ୟ ସରକାର ଏହି ୨ ସହର ପାଇଁ ଦୁଇଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଶ୍ରମ କମିଶନର ଥିବା ଆର. ତିରୁମାଳା ନାୟକଙ୍କୁ ଭୁବନେଶ୍ୱର ସହର ଉତ୍ସବର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ କଟକ ମହାନଗର ନିଗମ କମିଶନର ନିଖିଲ ପୱନ କୁମାରଙ୍କୁ କଟକର ହକି ଉତ୍ସବ ପାଳନ ସମାରୋହର ଦାୟିତ୍ୱ ଦିଆଯାଇଛି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2022-15, ତା: 16.11.2022

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନ ଏବଂ ବଲାଙ୍ଗୀର ଷ୍ଟେସନ ର ପ୍ଲାଟଫର୍ମ- 4 ଏବଂ 5 ଠାରେ PA ସିଷ୍ଟମ ଏବଂ କୋଚ ଇଣ୍ଡିକେଶନ ବୋର୍ଡ଼ ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 59,19,598/-, EMD (ଟଙ୍କାରେ) : 1,18,400/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.12.2022ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-721/N/22-23

ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା

# ପ୍ରିଣ୍ଟ୍ ମିଡିଆର ସ୍ଥିତି



ଆକାର ପଟେଲ

ଭାରତରେ ୨୦୨୧ରେ ପ୍ରିଣ୍ଟ୍ ମିଡିଆ ଆଡ୍‌ଭର୍ଟାଇଜିଂ (ଛାପା ଗଣମାଧ୍ୟମ ପାଇଥିବା ବିଜ୍ଞାପନ ଅର୍ଥ) ୧୬,୦୦୦ କୋଟି ଟଙ୍କା ବୃଦ୍ଧି ପାଇଥିଲା ବୋଲି ଚଳିତ ବର୍ଷ ପ୍ରାରମ୍ଭରେ ଏକ ଖବରକାଗଜ ପ୍ରକାଶ କରିଥିଲା। ୨୦୨୦ରେ ଏହା ଥିଲା ୧୨,୦୦୦ କୋଟି ଟଙ୍କା। ଚଳିତ ବର୍ଷ ଏହା ୧୮,୦୦୦ କୋଟି ଟଙ୍କା ହେବ ବୋଲି ରିପୋର୍ଟରେ କୁହାଯାଇଥିଲା। ଉକ୍ତ ରିପୋର୍ଟ ଦର୍ଶାଇଥିଲା ଯେ,ଖବରକାଗଜ ଓ ପତ୍ରିକାଗୁଡ଼ିକ ମୋଟ ବିଜ୍ଞାପନ ମାର୍କେଟର ୨୦% ଅଂଶଧନ ପାଉଛନ୍ତି ଓ ଏହା ବୈଶ୍ୱିକ ଶେୟାରଠାରୁ ୫% ଅଧିକ ଥିଲା। ଏସବୁ ଭଲ ଖବର, କିନ୍ତୁ ପ୍ରିଣ୍ଟ୍ ମିଡିଆ ବା ଛାପାଗଣମାଧ୍ୟମ ୨୦୧୯ରେ ଯେମିତି ବିଜ୍ଞାପନ ପାଇଥିଲା ୨୦୨୨ରେ ତା'ଠାରୁ ବହୁ ଅଧିକ ବିଜ୍ଞାପନ ପାଇବ ବୋଲି ଉକ୍ତ ରିପୋର୍ଟ ଦର୍ଶାଇ ନ ଥିଲା। ୨୦୦୫ରେ ଖବରକାଗଜ ଓ ପତ୍ରିକାଗୁଡ଼ିକ ସମସ୍ତ ବିଜ୍ଞାପନର ୫୩% ପାଇଥିଲେ। ହେଲେ ୨୦୨୨ରେ ଡିଜିଟାଲ ୪୫% ଓ ଟେଲିଭିଜନ ୪୦% ବିଜ୍ଞାପନ ପାଇବେ ଏବଂ ବଳକାକୁ ଛାପା, ରେଡିଓ ଓ ଅନ୍ୟ ଗଣମାଧ୍ୟମ ପାଇବେ, ଯାହା ଏମାନଙ୍କ ପାଇଁ ଅଧିକ ନୁହେଁ। ଅବଶ୍ୟ ଏମାନେ ଭାରତରେ କମ୍ ବିଜ୍ଞାପନ ପାଇବା କିଛି ନୂଆ କଥା ନୁହେଁ। ଆମେରିକାରେ ବି ବିଗତ ୫ ବର୍ଷରେ ଛାପା ଗଣମାଧ୍ୟମର ବିଜ୍ଞାପନ ମାର୍କେଟ ଅଧା ହୋଇଯାଇଛି। ଏହା ଭାରତଠାରୁ ବଡ଼ ମାର୍କେଟ ହୋଇଥିଲେ ମଧ୍ୟ ମୋଟ ବିଜ୍ଞାପନ ମାର୍କେଟ ୨୦୧୭ରେ ଯାହା ଥିଲା ସେଥିରୁ ୨୦ ବିଲିୟନ ଡଲାର(୧୬୦,୦୦୦ କୋଟି ଟଙ୍କା) ହ୍ରାସ ପାଇ ଚଳିତ ବର୍ଷ ଅଧାରେ ପହଞ୍ଚିଛି। ବାସ୍ତବରେ ଛାପିବା ଏବଂ ଛାପାକାଗଜ ମୂଲ୍ୟ ଏବେ ବୃଦ୍ଧି ପାଇଛି ଓ ଖବରକାଗଜ ମୂଲ୍ୟର ଏହା ଏକ ସିଂହଭାଗ ବହନ କରେ। ବିଶେଷକରି ଭାରତରେ ପାଠକମାନେ କାଗଜ ମୂଲ୍ୟର ପ୍ରାୟ ଏକ ପଞ୍ଚମାଂଶ ଦେଉଥିବାବେଳେ ଏଥିପାଇଁ ୮୦% ବିଜ୍ଞାପନଦାତା ଦେଇଥାନ୍ତି। ତେବେ ଏଥିପାଇଁ କ'ଣ କରାଯିବା ଉଚିତ ଓ କିଭଳି ବିଜ୍ଞାପନ ଆସିବ ? ଏହାର ସରଳ ଉତ୍ତର ହେଉଛି, ଯଦି ଭାରତର ଅର୍ଥ ବ୍ୟବସ୍ଥାରେ ଆଗାମୀ କିଛି ବର୍ଷରେ ମଜଭୁତ ଅଭିବୃଦ୍ଧି ପ୍ରକାଶ ପାଏ ତେବେ ଏବେଠୁ ଖବରକାଗଜ ଏବଂ ପତ୍ରିକାଗୁଡ଼ିକର ସ୍ଥିତିକୁ ଭଲ କଲେ ଖାଉଟି ଉତ୍ପାଦ ଏବଂ ସେବାଗୁଡ଼ିକର ବିଜ୍ଞାପନ ଲୋକେ ଅଧିକ ପଠାଇବାକୁ ଚାହିଁବେ। ଯଦି ଅଭିବୃଦ୍ଧି ଦୁର୍ବଳ ରହିବ, ତେବେ ବିଜ୍ଞାପନ ଅର୍ଥ ଛାପାଗଣମାଧ୍ୟମକୁ ଆସିବ ନାହିଁ ଏବଂ ପୂର୍ବରୁ ରହି ଆସିଥିବା ଦୀର୍ଘ ମିଆଦୀ ହ୍ରାସ ସେମିତି ଜାରି ରହିବ। ବାସ୍ତବରେ ଏହା ଏକ ଚିନ୍ତାଜନକ ବିଷୟ।

ସାମ୍ବାଦିକତାର ପ୍ରକ୍ରିୟାକୁ ଯେଉଁମାନେ ବୁଝିଛନ୍ତି ସେମାନେ ଜାଣନ୍ତି ଯେ, ଛାପା ଗଣମାଧ୍ୟମରେ ସବୁଠୁ ବେଶି ରିପୋର୍ଟର ବା ଖବରଦାତା ଅଛନ୍ତି। ଏଠାରେ ଦୃଷ୍ଟାନ୍ତ ଦିଆଯାଇପାରେ ଯେ, ମୋ କାର୍ଯ୍ୟ ଶେଷ ହୋଇଥିଲା ଏକ ଗୁଜରାଟୀ ଖବରକାଗଜରେ ଓ ଯେଉଁଠି ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ସହରଗୁଡ଼ିକରେ ୩୦୦ ରିପୋର୍ଟର କାର୍ଯ୍ୟ କରୁଥିଲେ। ସେମାନେ ନିୟମିତ ଭାବେ ଦୁର୍ନୀତି, ଶିକ୍ଷା ଏବଂ ଅପରାଧ ଆଦି ଘଟଣା ଉପରେ ଅଭିଯାନ ଚଳାଇଥିଲେ। କିନ୍ତୁ ଟେଲିଭିଜନ ଚ୍ୟାନେଲଗୁଡ଼ିକର ଛାପା ଗଣମାଧ୍ୟମରେ ଥିବା ରିର୍ପୋଟର ସଂଖ୍ୟା ଆବଶ୍ୟକ କରନ୍ତି ନାହିଁ କିମ୍ବା ଛାପା ଗଣମାଧ୍ୟମ ଯେଭଳି ରିପୋର୍ଟିଂ କରୁଛି ସେଭଳି କରିବା ଜରୁରୀ ମନେକରନ୍ତି ନାହିଁ। ଏବେ ଟିଭି ଚ୍ୟାନେଲଗୁଡ଼ିକର ସିଦ୍ଧାନ୍ତ ହେଉଛି ଡିବେଟ ବା ବିତର୍କ। ଏଥିରେ ବାହାରର ବିଶେଷଜ୍ଞ ଓ ରାଜନୈତିକ ନେତାଙ୍କ ସମେତ ଅନ୍ୟ ଅତିଥିମାନେ କଣ୍ଟେଣ୍ଟ ଯୋଗାଇ ଦିଅନ୍ତି। ଏହା ସତ୍ୟ ଯେ, କିଛି ଉତ୍ତମ ୱେବ୍‌ସାଇଟ ଏ କ୍ଷେତ୍ରରେ ଆଗକୁ ଆସିଛନ୍ତି। ସେମାନେ ଏଭଳି ସାମ୍ବାଦିକତା କରୁଛନ୍ତି ଯାହା ପୂର୍ବରୁ କେବେ ବି ହୋଇ ନ ଥିଲା। କିନ୍ତୁ ସେମାନଙ୍କ ଢାଞ୍ଚା ଖବରକାଗଜ ଭଳି ଗଢାଯାଇନାହିଁ କିମ୍ବା ଖବରକାଗଜର ରିପୋର୍ଟରମାନଙ୍କ ସଂଖ୍ୟା ସେମାନଙ୍କର ନାହିଁ। ଭାରତରେ (କିମ୍ବା ପ୍ରକୃତପକ୍ଷେ ଦକ୍ଷିଣ ଏସିଆରେ) ଯଦି ସାମ୍ବାଦିକଙ୍କ ସଂଖ୍ୟା ଗଣନା କରାଯାଏ ତେବେ ଛାପା ଗଣମାଧ୍ୟମରେ ଅଧିକ ରିପୋର୍ଟର ହିଁ ବାହାରିବେ।

ସାମ୍ପ୍ରତିକ ସମୟରେ ବିଜ୍ଞାପନ ସହ ଗଣମାଧ୍ୟମରେ ନିଯୁକ୍ତି ବି ହ୍ରାସ ପାଇଚାଲିଛି। ସେଣ୍ଟର ଫର୍ ମନିଟରିଂ ଦି ଇଣ୍ଡିଆନ୍ ଇକୋନୋମିର ତଥ୍ୟ ସମ୍ବଳିତ ରିପାର୍ଟ ଦର୍ଶାଇଥିଲା ଯେ, ଭାରତରେ ଗଣମାଧ୍ୟମ ଓ ପ୍ରକାଶନ ସଂସ୍ଥାଗୁଡ଼ିକରେ ନିଯୁକ୍ତ ଲୋକଙ୍କ ସଂଖ୍ୟା ୨୦୧୬ ସେପ୍ଟେମ୍ବରରେ ମୋଟ ୧୦ ଲକ୍ଷରୁ ସାମାନ୍ୟ ଅଧିକ ଥିଲା। ଅଗଷ୍ଟ ୨୦୨୧ ସୁଦ୍ଧା ଏହି ସଂଖ୍ୟା ୨.୩ ଲକ୍ଷ ରହିଥିଲା। ଏହି ସମୟ ମଧ୍ୟରେ ଗଣମାଧ୍ୟମ କ୍ଷେତ୍ରରେ ଯେଭଳି ନିଯୁକ୍ତି ହ୍ରାସ ପାଇଥିଲା ସେହିଭଳି ମାନୁଫାକ୍‌ଚରିଂରେ ମଧ୍ୟ ଚାକିରି ଅଧା ହ୍ରାସ ଘଟିଥିଲା। ତେବେ ଗଣମାଧ୍ୟମରେ କାର୍ଯ୍ୟରତ ଲୋକଙ୍କ ପାଇଁ ଏହା ସେମିତି କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ, କାରଣ ସେମାନେ ସହକର୍ମୀମାନଙ୍କୁ ଚାକରିରୁ ଯିବା ଏବଂ ଖବରକାଗଜ ଛପା ବନ୍ଦ ହେବା ଦେଖିଛନ୍ତି। ବଡ଼ ପ୍ରଶ୍ନ ହେଉଛି, ଆମ ଗଣତନ୍ତ୍ରରେ ଏଭଳି ନିଯୁକ୍ତି ହ୍ରାସର ମାନେ କ'ଣ। ସରକାରଙ୍କ ଉପରେ ତଥ୍ୟ ଆଧାରିତ ସୂଚନାର ସବୁଠୁ ବଡ଼ ଉତ୍ସ ହେଉଛି ପ୍ରିଣ୍ଟ ରିପୋର୍ଟିଂ। ଅନ୍ୟ କୌଣସି ମାଧ୍ୟମ ଏହାର ସ୍ଥାନ ନେଇପାରିବ ନାହିଁ। ଏପରି କି ଅନ୍ୟ ଗଣମାଧ୍ୟମଗୁଡ଼ିକ ଚାହିଁଥିଲେ ବି ଏହା ହୋଇପାରି ନାହିଁ। ଟିଭି ଏବଂ ଡିଜିଟାଲ ମିଡିଆର ଉତ୍‌ଥାନ ଛାପା ଗଣମାଧ୍ୟମର ସ୍ଥାନ ନେବ ନାହିଁ କି କେବେ ବି ନେଇପାରିବ ନାହିଁ। ଖବରକାଗଜଗୁଡ଼ିକ ସମସ୍ତଙ୍କ ଭଲ ପାଇଁ ଏବଂ ଏହା ସମାଜକୁ ସେବା ଯୋଗାଇଆସୁଛି। ଯେତେବେଳେ ସରକାରଙ୍କ ପ୍ରଦର୍ଶନ ଏବଂ ସରକାରୀ ସଂସ୍ଥାଗୁଡ଼ିକର ସ୍ଥିତି ସମ୍ପର୍କିତ ମୌଳିକ ତଥ୍ୟ ହ୍ରାସ ପାଇ ଶେଷ ହୋଇଯାଉଛି ସେତେବେଳେ ଏକ ଗଣତନ୍ତ୍ରରେ କ'ଣ ବା ହୋଇପାରିବ ? ସ୍କୁଲ, ହସ୍ପିଟାଲ, ଥାନା ଏବଂ ସରକାରୀ ଦପ୍ତରରେ ଯାହା ଘଟୁଛି ତାହାକୁ ଯଦି ଦେଶର ନାଗରିକମାନେ ନ ଜାଣିବେ, ତେବେ ଏହି ସମୟରେ ସେମାନେ କେମିତି ବ୍ୟବସ୍ଥାର ତ୍ରୁଟିକୁ ସମାଲୋଚନା କରିବେ ବା ଦୋଷ ଦେବେ। ପ୍ରଥମେ ଟିଭି ଓ ଏବେ ଡିଜିଟାଲ ମିଡିଆ ପାଇଁ ପ୍ରିଣ୍ଟ୍ ମିଡିଆ ଯେଭଳି ଶୀଘ୍ର ତା' ସ୍ଥିତି ହରାଉଛି ତାହାକୁ ଯଦି ନିରୀକ୍ଷଣ କରିବା ତେବେ ଏହିସବୁ ପ୍ରଶ୍ନ ଉପରେ ଆମକୁ ବିଚାର କରିବାକୁ ପଡ଼ିବ।

Email:aakar.patel@gmail.com

# ଆକର୍ଷଣର କେନ୍ଦ୍ର ଭାରତ



ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଫରାସୀ ଲେଖକ ରୋମା ରୌଁଲା ଭାରତ ସମ୍ପର୍କରେ ଲେଖିଥିଲେ ''ଯଦି ମାନବ ସମାଜର ସବୁ ସ୍ୱପ୍ନକୁ ସାକାର କରିବାକୁ ପୃଥିବୀର ଏକମାତ୍ର ସ୍ଥାନକୁ ବଛାଯାଏ ତେବେ ସେ ସ୍ଥାନଟି ହେବ ଭାରତବର୍ଷ।'' ବୋଧହୁଏ ସେଥିପାଇଁ ନିଜ ନିଜର ସ୍ୱପ୍ନକୁ ସାକାର କରିବାପାଇଁ ବିଦେଶରୁ ବହୁ ବିଦ୍ୱାନ ଓ ପରିବ୍ରାଜକ ଭାରତ ଆସିଛନ୍ତି। ପଞ୍ଚମ ଶତାବ୍ଦୀରେ ଚାଇନା ପରିବ୍ରାଜକ ଫାହିଆନ (୩୩୭-୪୨୨) ଭାରତ ଆସି ୧୪ ବର୍ଷକାଳ ପରିଭ୍ରମଣ କଲେ ଓ ଭାରତର ଶାସ୍ତ୍ରୀୟ ପରମ୍ପରା ଅଧ୍ୟୟନ କଲେ। ଫେରିଗଲାବେଳେ ନେଇଯାଇଥିଲେ ଶହ ଶହ ଗ୍ରନ୍ଥ, ବୁଦ୍ଧଙ୍କର ସ୍ମାରକ ଓ ସ୍ମୃତି ଚିହ୍ନ, କେଶ ଓ ଦାନ୍ତ ଭଳି ଦେହାବଶେଷ। ତାଙ୍କ ସାଙ୍ଗରେ ଆସିଥିଲେ ଆଉ ଜଣେ ସନ୍ନ୍ୟାସୀ ତାଓଝେଙ୍ଗ। ସେ ଭାରତପ୍ରତି ଏତେ ଆକର୍ଷିତ ହୋଇଥିଲେ ଯେ ସେ ଫାହିଆନ୍‌ଙ୍କ ସହ ଆଉ ଚାଇନା ଫେରିବାକୁ ଚାହିଁ ନ ଥିଲେ। ସପ୍ତମ ଶତାବ୍ଦୀରେ ଆସିଥିଲେ ହୁଏନ୍‌ସାଂ। ସେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ପାଞ୍ଚବର୍ଷ ଅଧ୍ୟୟନ କରି ଭାରତରେ ଅତିବାହିତ କରିଥିଲେ ୧୬ ବର୍ଷ। ସେ ଲେଖିଛନ୍ତି ''ଏଠାରେ ଥିବା ଜିଜ୍ଞାସୁମାନଙ୍କର ସଂଖ୍ୟା କେତେ ହଜାର। ସେମାନେ ଧୀମାନ୍ ତଥା ବିଚକ୍ଷଣ। ସେମାନଙ୍କ ମଧ୍ୟରୁ ଅନେକଙ୍କ ସୁନାମ ଦୂରଦୂରାନ୍ତରେ ବିଦିତ। ସେମାନଙ୍କ ଆଚରଣ ନିର୍ମଳ ଓ ନିଷ୍କଳଙ୍କ।'' ଭାରତରେ ଧର୍ମଗ୍ରନ୍ଥଗୁଡ଼ିକୁ ମାଣ୍ଡାରିନ୍ ଭାଷାରେ ଅନୁବାଦ କରି ସେ ନିଜ ଦେଶକୁ ନେଇ ଯାଉଥିଲେ। ସେ ୬୫୭ଟି ବିରଳ ଗ୍ରନ୍ଥକୁ ଘୋଡ଼ା ପିଠିରେ ଲଦି ନିଜ ଦେଶକୁ ନେବାବେଳେ ଏକ ପାର୍ବତ୍ୟ ନଦୀରେ ବହିତକ ବୁଡ଼ିଯାଇଥିଲା। ବହୁ କଷ୍ଟରେ ସେଥିରୁ ପ୍ରାୟ ଅଧା ବହି ଉଦ୍ଧାର କରି ସେ ଚାଇନା ନେଇ ଯାଇଥିଲେ। ନିଜ ଦେଶକୁ ଫେରିବାବେଳେ ନାଳନ୍ଦାର ପଣ୍ଡିତମାନେ ତାଙ୍କୁ ପଚାରିଲେ, ''ଆପଣ କାହିଁକି ଏତେ ବିପଦସଙ୍କୁଳ ରାସ୍ତା ଅତିକ୍ରମ କରି ଫେରିବେ ?'' ହୁଏନ୍‌ସାଂ ଉତ୍ତର ଦେଇଥିଲେ ''ଭାରତ ଏକ ଜ୍ଞାନ ଓ ଗୁରୁଙ୍କ ଦେଶ। ମୁଁ ଫେରି ଚାଇନାରେ ଏପରି ଏକ ନୂଆ ଭାରତ ସୃଷ୍ଟି କରିବାକୁ ଚାହେଁ। ବୁଦ୍ଧଙ୍କ ବାର୍ତ୍ତା ମୋ ଦେଶର ପ୍ରତିକୋଣରେ ପହଞ୍ଚାଇବାକୁ ଚାହେଁ। ଫାହିଆନ୍ ଓ ହୁଏନ୍‌ସାଂଙ୍କ ଭଳି ଚାଇନାର ବହୁ ପରିବ୍ରାଜକ ଭାରତ ଆସିଛନ୍ତି। ଇଜିଙ୍ଗ୍ ନାମରେ ଜଣେ ବୌଦ୍ଧ ସନ୍ନ୍ୟାସୀ ଭାରତ ଆସି ୨୪ବର୍ଷ ରହିଛନ୍ତି। ସେ ଲେଖିଛନ୍ତି ଜୁଆନ୍‌ଝାଓ ନାମକ ଜଣେ ପରିବ୍ରାଜକ ଭାରତରୁ ଫେରିବାପରେ ରାଜା ଗାଓଜଙ୍ଗ ତାଙ୍କୁ ପୁଣିଥରେ ଭାରତକୁ ଯାଇ ଆୟୁର୍ବର୍ଦ୍ଧକ ଔଷଧ ଆଣିବାକୁ ପଠାଇଥିଲେ। ଜୁଆନ୍‌ଝାଓ ରାଜାଙ୍କ ଆଦେଶ ମାନି ଭାରତକୁ ପ୍ରତ୍ୟାବର୍ତ୍ତନ କଲେ। ମାତ୍ର ନିଜ ଦେଶକୁ ଫେରିବା ବାଟରେ ତାଙ୍କରେ ମୃତ୍ୟୁ ହେଲା।



ଅଷ୍ଟାଦଶ ଶତାବ୍ଦୀରେ ଇଂରେଜ ପ୍ରାଚ୍ୟ ବିଶାରଦ ୱିଲିୟମ ଜୋନ୍‌ସ (୧୭୪୬-୧୭୯୪) ଭାରତକୁ ବୁଝିବା ପାଇଁ କଲିକତା ଓ କାଶୀରେ ରହି ସଂସ୍କୃତ ଭାଷା ପଣ୍ଡିତମାନଙ୍କଠାରୁ ଶିଖିଲେ। ଲୁଙ୍ଗି ହେଲେ, ଧୋତି ପିନ୍ଧିଲେ ଓ ଶାକାହାରୀ ହେଲେ। ପ୍ରାଚ୍ୟ ସଂସ୍କୃତି ଭାଷା ଓ ସଭ୍ୟତା ଅଧ୍ୟୟନ ପାଇଁ ପ୍ରତିଷ୍ଠା କଲେ ଏସିଆଟିକ୍ ସୋସାଇଟି। ଫେରିଯାଇ ୟୁରୋପୀୟମାନଙ୍କୁ କହିଲେ, ଭାରତ ଏକ ଦେଶ ନୁହେଁ ଦର୍ଶନ ଓ ସଂସ୍କୃତ ଭାଷା ସବୁ ୟୁରୋପୀୟ ଭାଷାର ଜନନୀ। ଆମେରିକୀୟ ଐତିହାସିକ ଉଇଲ ଡୁରାଣ୍ଟ (୧୮୫୫-୧୯୮୧) ମଧ୍ୟ କହିଛନ୍ତି ''ଭାରତ ହେଉଛି ମାନବ ଜାତିର ଜନ୍ମସ୍ଥାନ ଓ ସଂସ୍କୃତ ହେଉଛି ସବୁ ୟୁରୋପୀୟ ଭାଷାର ଜନନୀ। ଭାରତ ହେଉଛି ଆମ ଦର୍ଶନର, ଗଣିତର, ଖ୍ରୀଷ୍ଟଧର୍ମରେ ଥିବା ଅନେକ ଆଦର୍ଶର, ସ୍ୱାୟତ୍ତଶାସନ ଓ ଗଣତନ୍ତ୍ରର ମା'। ଅନେକ ଦୃଷ୍ଟିରୁ ଭାରତ ଆମ ସମସ୍ତଙ୍କର ମା'।'' ବିଶିଷ୍ଟ ବ୍ରିଟିଶ ସାମ୍ବାଦିକ ମାର୍କ ଟଲି ବିବିସି ମୁଖ୍ୟ ହୋଇ ଭାରତ ଆସିଥିଲେ। ସେ ଭାରତ ପ୍ରତି ଏତେ ଆକର୍ଷିତ ହେଲେ ଯେ ଆଉ ଇଂଲଣ୍ଡ ନ ଫେରି ଭାରତୀୟ ନାଗରିକତ୍ୱ ଗ୍ରହଣ କରିନେଲେ ଓ କହିଲେ ଭାରତରେ ରହିବା ଅର୍ଥ ସାରା ପୃଥିବୀରେ ରହିବା ସଙ୍ଗେ ସମାନ। ବିଶିଷ୍ଟ ଇଂରେଜ ଜୀବବିଜ୍ଞାନୀ ଜେବି. ଏସ୍ ହେଲଡେନ୍ ଭାରତରେ ନାଗରିକତ୍ୱ ଗ୍ରହଣ କରି ହିନ୍ଦୁଧର୍ମ ଅଧ୍ୟୟନ କଲେ ଓ ଶାକାହାରୀ ହେଲେ। ସେ କହୁଥିଲେ ଯେ ଏକ ମୁକ୍ତ ବିଶ୍ୱ କେବଳ ଭାରତୀୟ ବିଚାର ଢାଞ୍ଚାରେ ଗଢ଼ିହେବ। ଆମେରିକାର ବିଶିଷ୍ଟ ଚିନ୍ତାନାୟକ ମାର୍କଟ୍ୱାଇନ୍ ଭାରତକୁ ମାନବ ସଭ୍ୟତାର ଅନ୍ତୁଡ଼ିଶାଳ କହିବା ସଙ୍ଗେ ସଙ୍ଗେ ମାନବ ଭାଷାର ଜନ୍ମସ୍ଥାନ, ଇତିହାସର ମା, କିମ୍ବଦନ୍ତୀର ମାତାମହ, ପରମ୍ପରାର ଗୋସେଇମା' ଓ ବିଶ୍ୱର ବହୁମୂଲ୍ୟବାନ ଜିନିଷର କୋଷାଗାର କହିଲେ।

ଜର୍ମାନୀର ବୋପାର୍ଡରେ ଜନ୍ମିତ (୧୯୪୮) ମାର୍ଟିନ କେମ୍ପସେନ୍ ଭିଆନାରେ ଜର୍ମାନ ଭାଷା ଓ ସାହିତ୍ୟ ଅଧ୍ୟୟନ କଲାପରେ ପ୍ୟାରିସ୍‌ରେ ଫରାସୀ ଭାଷା ଶିଖିଲେ ଓ ଭାରତ ଆସି କଲିକତାର ରାମକୃଷ୍ଣ ମିଶନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲ୍‌ଚରରେ ଜର୍ମାନ ଭାଷାର ଶିକ୍ଷକ ଭାବେ ଯୋଗ ଦେଲେ। ରାମକୃଷ୍ଣ ପରମହଂସଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଭାରତରେ ରହିଗଲେ ଓ ଫାନ୍‌ସିସ୍ ଅଫ୍ ଆସିସି (୧୧-୧୨ ଶତାବ୍ଦୀ) ଓ ରାମକୃଷ୍ଣଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରି ବିଶ୍ୱଭାରତୀରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କଲେ। ସେ ଲେଖିଥିଲେ ''ଜନ୍ମ ସୂତ୍ରରେ ମୁଁ କ୍ୟାଥୋଲିକ୍ ଖ୍ରୀଷ୍ଟିଆନ୍, ବର୍ତ୍ତମାନ ମଧ୍ୟ ତାହା। ମାତ୍ର ମୋର ପରିଚୟକୁ ନେଇ ଆଶ୍ରମରେ କେହି କେବେ କୌଣସି ପ୍ରଶ୍ନ ଉଠାଇ ନାହାନ୍ତି ବରଂ ମୋତେ ଯଥେଷ୍ଟ ସମ୍ମାନ ଦେଇଛନ୍ତି। ମୋର ଖ୍ରୀଷ୍ଟିଆନ ଧର୍ମବିଶ୍ୱାସ ହେତୁ ମୋତେ କୌଣସି ଉତ୍ସବ ବା ଧର୍ମୀୟ ଅନୁଷ୍ଠାନରେ ଯୋଗଦେବା ପାଇଁ କେହି କେବେ ନିଷେଧ କରିନାହାନ୍ତି।'' ସେ ବଙ୍ଗଳା ଶିଖି ଶ୍ରୀରାମକୃଷ୍ଣ କଥାମୃତ ଓ ସ୍ୱାମୀ ବିବେକାନନ୍ଦଙ୍କ ସମସ୍ତ କୃତି ପଢ଼ିବା ପରେ ତାକୁ ଜର୍ମାନ ଭାଷାରେ ଅନୁବାଦ କଲେ। ଏବେ କେମ୍ପସେନ୍ ଶାନ୍ତି ନିକେତନ ନିକଟରେ ଥିବା ଏକ ସାନ୍ତାଳୀ ଗାଁ ଗୋସାଲଡ଼ଙ୍ଗାକୁ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରି ତା'ର ବିକାଶ କରୁଛନ୍ତି। ଗାଁର ପିଲାମାନଙ୍କ ଶିକ୍ଷା ପାଇଁ ସେଠାରେ ସେ ଏକ ସାନ୍ତାଳୀ ସ୍କୁଲ ପ୍ରତିଷ୍ଠା କରିଛନ୍ତି। ପ୍ରତ୍ୟେକ ଦିନ ସେ ରହୁଥିବା ପୂର୍ବପଲ୍ଲୀରୁ ଏହି ଗାଁକୁ ସାଇକେଲ୍‌ରେ ଯିବା ଆସିବା କରନ୍ତି।

ସୁଦୂର ଅତୀତରୁ ଆଜି ପର୍ଯ୍ୟନ୍ତ କେତେ ବିଦ୍ୱାନ ବିଭିନ୍ନ ଦେଶରୁ ଆସି ଭାରତ ପ୍ରତି ଆକର୍ଷିତ ହୋଇଛନ୍ତି ଓ ଏଠାରେ ରହିଯାଇଛନ୍ତି। ଏହି ମାଟି ଟାଣି ଆଣିଛି ଶ୍ରୀମା'ଙ୍କୁ ଓ ଭଗିନୀ ନିବେଦିତାଙ୍କୁ। ସମସ୍ତେ ଏଠି ପରସ୍ପର ସହ ବାନ୍ଧି ହୋଇ ରହିଛନ୍ତି। ଏହା ହେଉଛି ଭାରତ ଭୂମିର ରହସ୍ୟ। ଏଣୁ କିଛିବର୍ଷ ପୂର୍ବେ ଭାରତରେ ଥିବା ଆମେରିକୀୟ ରାଷ୍ଟ୍ରଦୂତ ରବର୍ଟ ବ୍ଲାକଉଇଲ୍ ବିଦାୟ ନେବା ପୂର୍ବରୁ କହିଥିଲେ ''ଏ ବିଚିତ୍ର ଦେଶ କେମିତି ଏତେ ଦିନ ହେଲା ଏକାଠି ଅଛି ବୁଝିପାରିଲି ନାହିଁ। ଭାରତକୁ ବୁଝିବାକୁ ହେଲେ ମୋତେ ଏଠି ଦଶଥର ଜନ୍ମ ନେବାକୁ ପଡ଼ିବ।'' ଭାରତର ଏହି ରହସ୍ୟପୂର୍ଣ୍ଣ ବ୍ୟବସ୍ଥାକୁ ଦେଖି ସ୍ତମ୍ଭକାର ଭଗବାନ ପ୍ରକାଶ ଭାରତକୁ 'ଗିନାଏ ସାଲାଡ୍' କହିଥିଲେ। ଜଳନ୍ତା ଚୁଲିରେ ବସିଥିବା ହାଣ୍ଡିରେ ସବୁଦ୍ରବ୍ୟ ତରଳ ହୋଇ ଯାଏ ବୋଲି ତାକୁ କୁହାଯାଏ ମେଲ୍‌ଟିଂ ପଟ୍। ମାତ୍ର ସାଲାଡ୍ ଗିନାରେ ସବୁ ଫଳ ଓ ପରିବା ନିଜ ପରିଚୟ ନ ହଜାଇ ଏକାଠି ରହନ୍ତି। ଏହା ହେଉଛି ଭାରତମାଟିର ବୈଶିଷ୍ଟ୍ୟ। ତେଣୁ ବିଦେଶୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର।

ମୋ: ୯୪୩୭୩୨୯୨୬୩

# ବଜ୍ରକାପ୍ତା ବଞ୍ଚି ରହୁ



ବିମଳ ପ୍ରସନ୍ନ ଦାସ

ବିଡ଼ମ୍ବନା ଯେ ବିଲୁପ୍ତପ୍ରାୟ ବିରଳ ବନ୍ୟପ୍ରାଣୀ ବଜ୍ରକାପ୍ତାର ସ୍ଥିତି ଓ ସୁରକ୍ଷା ପାଇଁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ତଥ୍ୟ ଅନୁସାରେ ୨୦୧୮ ଅଗଷ୍ଟରୁ ୨୦୨୨ ଜୁନ୍ ମଧ୍ୟରେ ୧୮ ଜିଲାରେ ୪୫ଟି ଚଢ଼ାଉ ଘଟଣାରେ ୪୬ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେଥିମଧ୍ୟରୁ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୫ ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି, ସେହିପରି କୋରାପୁଟ ଓ କନ୍ଧମାଳରୁ ୪ ଲେଖାଏ, ବରଗଡ଼, କଟକ ଓ ବୌଦ୍ଧରୁ ୩ ଲେଖାଏ ଏବଂ ମାଲକାନଗିରି, ରାୟଗଡ଼ା, ଖୋର୍ଦ୍ଧା ଓ ସୋନପୁରରୁ ୨ ଲେଖାଏ, ସୁନ୍ଦରଗଡ, ବାଲେଶ୍ୱର, ବରଗଡ, ଢେଙ୍କାନାଳ, ଅନୁଗୋଳ, ଗଜପତି, ଦେବଗଡ଼, ନୂଆପଡ଼ା ଜିଲାରୁ ଗୋଟିଏ କରି ବଜ୍ରକାପ୍ତା ଉଦ୍ଧାର ହୋଇଛି। ଅର୍ଥାତ୍ ୨୦୧୮ ଅଗଷ୍ଟରୁ ୨୦୨୨ ଅଗଷ୍ଟ ମଧ୍ୟରେ ମୋଟ ୨୬ଟି ଚଢ଼ାଉ ଘଟଣାରେ ମୋଟ ୨୭ଟି ବଜ୍ରକାପ୍ତା ଉଦ୍ଧାର କରାଯାଇଛି। କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ମାତ୍ର ୮ ମାସ ମଧ୍ୟରେ ୧୮ ଟି ଚଢ଼ାଉ ଘଟଣାରେ ୧୯ ବଜ୍ରକାପ୍ତା ଉଦ୍ଧାର ହୋଇଛନ୍ତି। ସେହିପରି ୨୦୧୬ ସେପ୍ଟେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ୨୦ଟି ଘଟଣାରେ ମୋଟ ୫୪ କେଜି ବଜ୍ରକାପ୍ତା କାତି ଜବତ ହୋଇଥିବାବେଳେକେବଳ ଗତ ୮ ମାସ ଭିତରେ ପ୍ରାୟ ୨୮ କେଜିରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ଏହି ତଥ୍ୟ ସ୍ପଷ୍ଟ କରେ ଯେ ଆମ ରାଜ୍ୟରେ ବଜ୍ରକାପ୍ତା ଶିକାର ଜୋରଦାର ଚାଲିଛି। ଗତବର୍ଷ ବ୍ରହ୍ମପୁର ଡିଭିଜନ ଦିଗପହଣ୍ଡି ଅନ୍ତର୍ଗତ 'ନକାମୁଡିଆ'ଠାରେ ସର୍ବାଧିକ ୬.୯ କେଜି କାତି ଜବତ ହୋଇଥିଲା, ତେବେ ବିଗତ ୭ ବର୍ଷ ମଧ୍ୟରେ ଗୋଟିଏ ଘଟଣାରେ ସବୁଠାରୁ ଅଧିକ କାତି ଜବତ କରି ରେକର୍ଡ ବଜାୟ ରଖିଛି। ଢେଙ୍କାନାଳ ବନଖଣ୍ଡର କପିଳାସରେ ୨୪ ଜୁଲାଇ, ୨୦୨୧ରେ ଏଠାରୁ ଏକାଥରକେ ସବୁଠାରୁ ଅଧିକ ୧୪.୨କେଜି ବଜ୍ରକାପ୍ତା କାତି ଜବତ କରାଯାଇଥିଲା। ସେହିପରି ୨୦୨୧ ନଭେମ୍ବରରେ କରଞ୍ଜିଆ ବାଇପାସ୍‌ରେ ସ୍ଥାନୀୟ ପୋଲିସ ଓ କରଞ୍ଜିଆ ରେଞ୍ଜ କର୍ମଚାରୀ ଚଢ଼ାଉ କରି ୧୫ କେଜି କାତି ଜବତ କରିଥିଲେ। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି କ୍ଷେତ୍ରରେ ଏହା ହେଉଛି ନୂଆ ରେକର୍ଡ।

ବିଶେଷଜ୍ଞମାନଙ୍କ ମତରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଓଡ଼ିଶା ପ୍ରାଥମିକ କେନ୍ଦ୍ର ପାଲଟିଛି। ରାଜ୍ୟରେ ଏହାର ମାର୍କେଟ ନ ଥିଲେ ମଧ୍ୟ ବଜ୍ରକାପ୍ତା ଓ ତା'ର କାତିକୁ ସଂଗ୍ରହ କରାଯାଇ ବେଆଇନ ଭାବରେ ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ସୀମାଦେଇ ବିଦେଶ ପଠାଯାଇଥାଏ। ବିଶେଷତଃ ଅଧିକାଂଶ ଚୋରାଚାଲାଣ



ବାଂଲାଦେଶ ଓ ମ୍ୟାନମାର ଆଦି ଦେଶ ଦେଇ ଚାଇନା, ଭିଏଟନାମ, ତାଇୱାନ ପରି ଦେଶକୁ କରାଯାଇଥାଏ। ଏଠାରେ ବଜ୍ରକାପ୍ତା ମାଂସ ଅତ୍ୟନ୍ତ ସୁସ୍ୱାଦୁ ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ।

ସେହିପରି ବଜ୍ରକାପ୍ତା କାତିର ସିଂହଭାଗ ଏସବୁ ଦେଶକୁ ଯାଏ। ବଜ୍ରକାପ୍ତାର ମାଂସ ଓ କାତିରୁ ମଧ୍ୟ ଔଷଧ ତିଆରି ହୁଏ। ବଜ୍ରକାପ୍ତା କାତିରେ ପ୍ରସ୍ତୁତ ଜୋତାର ଚାହିଦା ଆମେରିକା ଓ ମେକ୍ସିକୋରେ ଅଧିକ। ବଜ୍ରକାପ୍ତା କାତିରୁ ଜୋତା, ବେଲ୍‌ଟ, ହାତଘଣ୍ଟା ବ୍ୟାଣ୍ଡ ଓ ଭ୍ୟାନିଟି ବ୍ୟାଗ୍ ପ୍ରସ୍ତୁତ ହୋଇ ବହୁ ଚଢ଼ା ଦରରେ ବିକ୍ରି ହୁଏ। ଏ ସକଳ ସାମଗ୍ରିର ବଜାର ଯୁକ୍ତରାଷ୍ଟ୍ର ଆମେରିକା ବୋଲି ୱାର୍ଲଡ ୱାଇଲ୍ଡଲାଇଫ୍ ଫଣ୍ଡ ତଥ୍ୟରୁ ସ୍ପଷ୍ଟ। ବଜ୍ରକାପ୍ତା କାତିରୁ ଜ୍ୟାକେଟ ତିଆରି ହୋଇ ବହୁ ଉଚ୍ଚ ଦରରେ ବିକ୍ରି ହେବାର ନଜିର ରହିଛି। ଅନୁରୂପ ଭାବରେ ବଜ୍ରକାପ୍ତା କାତିରେ ନିର୍ମିତ ମୁଦି ହାତରେ ପିନ୍ଧିଲେ ରୋଗ ଉପଶମ ହୁଏ ବୋଲି ଭାରତ ସମେତ ଅନ୍ୟ ଦେଶରେ ବିଶ୍ୱାସ ରହିଛି, କିନ୍ତୁ ଓଡ଼ିଶାରେ ଏହା କାଁ ଭାଁ ବା କ୍ୱଚିତ ଦେଖାଯାଏ। ଏବେ ଭାରତରେ ଏହିସବୁ ସାମଗ୍ରୀର ଆମଦାନୀ ଓ କାରବାର ଉପରେ ନିଷିଦ୍ଧ, ଘୋଷଣା କରାଯାଇଛି।

ଦୁଃଖଦ ବିଷୟ ଯେ ଏ ସମ୍ପର୍କରେ ତଦନ୍ତ ଓ ମାମଲା ପରିଚାଳନା ଅତ୍ୟନ୍ତ ଦୁର୍ବଳ, ଯଦିଓ ୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ବଜ୍ରକାପ୍ତା ସଂରକ୍ଷଣ ଏକ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ, ଏ ପର୍ଯ୍ୟନ୍ତ ଜଣେ ହେଲେ ଶିକାରୀ, ଚାଲାଣକାରୀ ଓ ବେପାରୀଙ୍କୁ ଦଣ୍ଡବିଧାନ ହୋଇପାରିଲା ନାହିଁ। ଆଗରୁ କେବଳ ବନ ବିଭାଗ ବନ୍ୟପ୍ରାଣୀ ମାମଲା ରୁଜୁ କରି କୋର୍ଟକୁ ପଠାଉଥିବାବେଳେ ଏବେ ଏସ୍‌ଟିଏଫ୍ ଓ କ୍ରାଇମ୍‌ବ୍ରାଞ୍ଚ ଗଠନ ହେବା ପରେ କେବଳ ବଜ୍ରକାପ୍ତା ବା କାତି ଧରି ବନ ବିଭାଗକୁ ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ଏମାନେ ନିଜେ ମାମଲା ରୁଜୁ କରୁନାହାନ୍ତି। ବନ ବିଭାଗ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରି ପାରୁନାହିଁ। ଫଳରେ ଶିକାରୀ ଓ ଚାଲାଣକାରୀଙ୍କୁ ଖୋଲା ସୁଯୋଗ ମିଳୁଛି। ବଢ଼ୁଛି ଶିକାର ଓ ଚୋରାଚାଲାଣ।

ସାରା ପୃଥିବୀରେ ଶିକାର ଓ ଚୋରାଚାଲାଣ ହେଉଥିବା ସବୁଠାରୁ ନିରୀହ ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଏହି ପ୍ରାଣୀ ଆଜି ବିଲୁପ୍ତପ୍ରାୟ ହେବାକୁ ବସିଲାଣି। ଆମ ରାଜ୍ୟରେ ବଜ୍ରକାପ୍ତା ଶିକାର ଜୋରସୋର ତଥା ଅବାଧରେ ଚାଲିଛି। ଇତିମଧ୍ୟରେ ଯଦିଓ ଅନେକ ବେପାରି ଓ ଚୋରା ଚାଲାଣକାରୀ ଗିରଫ ହୋଇଛନ୍ତି ତଥାପି ଏ ଦିଗରେ ଚୋରା କାରବାର ଥମିବାର ନାଁ ନେଉନାହିଁ।

ବଜ୍ରକାପ୍ତା ଆମ 'ଇକୋସିଷ୍ଟମ୍'ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ନ ହେଲେ ଏହି ବିରଳ ବନ୍ୟପ୍ରାଣୀ ଅଚିରେ ହୁଏତ ଲୋପପାଇବ ଓ ଆମ ପରପିଢ଼ି ପିଲାମାନେ କେବଳ ତା'ର ଛବି ଦେଖି ଜାଣିବେ ଯେ ଏପରି ଏକ ବିରଳ ବନ୍ୟପ୍ରାଣୀ ଥିଲା। ସରକାର ଓ ଜନସାଧାରଣ ଏ ଦିଗରେ ସଚେତନ ହେବା ଆଜିର ଜରୁରୀ ଆହ୍ୱାନ, ବଜ୍ରକାପ୍ତା ବଞ୍ଚି ରହୁ - ଏତିକି ଆମ ହୃଦୟକୁ ସ୍ପନ୍ଦିତ କରୁ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ସାମ୍ପ୍ରତି ମୋବାଇଲ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ତେବେ ଏହାର ଅତ୍ୟଧିକ ବ୍ୟବହାର ଯୋଗୁ ପାରିବାରିକ ଜୀବନରେ ଝଡ଼ ସୃଷ୍ଟିହୋଇ ସ୍ୱାମୀ ଓ ସ୍ତ୍ରୀଙ୍କ ଝଗଡ଼ା ଶେଷରେ ପୋଲିସ ଷ୍ଟେଶନରେ ପହଞ୍ଚିଛି। ଏଭଳି ଏକ ଘଟଣା ଉତ୍ତରପ୍ରଦେଶର କୁଶାନଗରରେ ଘଟିଛି। ନେବୁଆ ନୌରଙ୍ଗିଆ ଅଞ୍ଚଳରେ ସ୍ତ୍ରୀ ମୋବାଇଲରେ ସବୁବେଳେ ବ୍ୟସ୍ତ ରହି ଘରକାମ ଓ ପୁଅର ପାଠପଢ଼ାକୁ ଅଣଦେଖା କରୁଥିଲେ। ଶେଷରେ ସ୍ୱାମୀଙ୍କର ସହିବା ସୀମା ଟପିଯାଇଥିଲା। ସେ ସ୍ତ୍ରୀଙ୍କଠାରୁ ମୋବାଇଲ ଛଡ଼ାଇ ଆଣିଥିଲେ। ଫଳରେ କ୍ରୋଧ ବଶତଃ ସ୍ତ୍ରୀ ରାତିରେ ପୁଅକୁ ନେଇ ଘରୁ ବାହାରି ଯାଇଥିଲେ। ସ୍ୱାମୀ ସେମାନଙ୍କୁ ଖୋଜିବା ପାଇଁ ବାହାରିଥିଲେ। ରାସ୍ତାରେ ସ୍ତ୍ରୀଙ୍କ ସହିତ ତାଙ୍କର ଦେଖାହେବା ପରେ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଶେଷରେ ସେମାନେ ପୋଲିସ ଷ୍ଟେଶନରେ ପହଞ୍ଚିଥିଲେ। ସ୍ତ୍ରୀ ମୋବାଇଲ ନ ମିଳିଲେ ଘରକୁ ଫେରିବେ ନାହିଁ ବୋଲି କହିଥିଲେ। ପୋଲିସ ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ସେମାନେ ନୂଆ ଭାବେ ଜୀବନ ଆରମ୍ଭ କରିବେ ବୋଲି ଥାନାରେ ଶପଥ ନେଇ ଘରକୁ ଫେରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୭

- ଆଲଜେରିଆର ନୋରସାଦା ନିକଟ ରାଜପଥ ଉପରେ ଉଗ୍ରପନ୍ଥୀମାନେ ରାସ୍ତା ଉପରେ କାଠଗଡ଼ ପକାଇ ଗାଡ଼ି ମଧ୍ୟରୁ ୧୧ଜଣ ଯାତ୍ରୀଙ୍କୁ ଭିଡ଼ିଆଣି ଗଳାକାଟି ହତ୍ୟା କରିଛନ୍ତି।
- ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ନେଇ ଭାରତ-ରୁଷିଆ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବମ୍ବେ ହକି ଆସୋସିଏସନ ସଭାପତି ପଦରୁ ବାପ୍‌ଟିଷ୍ଟ ଡି'ସୌଜାଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 9 | | 2 | |
| | | | | | | 7 | | |
| 3 | | | | | | 6 | | |
| 4 | | | | | | | | |
| | 6 | 8 | | | 7 | | 4 | |
| | | | 3 | 5 | | | | |
| | | 2 | | | 8 | 4 | 1 | 7 |
| | | | | | | 3 | 9 | |
| | | 9 | 5 | 7 | | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 6 | 4 | 1 | 8 | 7 | 5 |
| 7 | 4 | 5 | 2 | 3 | 8 | 6 | 1 | 9 |
| 8 | 6 | 1 | 9 | 7 | 5 | 4 | 3 | 2 |
| 4 | 3 | 7 | 5 | 8 | 2 | 9 | 6 | 1 |
| 1 | 8 | 2 | 3 | 9 | 6 | 7 | 5 | 4 |
| 9 | 5 | 6 | 7 | 1 | 4 | 3 | 2 | 8 |
| 6 | 1 | 3 | 4 | 5 | 9 | 2 | 8 | 7 |
| 2 | 9 | 8 | 1 | 6 | 7 | 5 | 4 | 3 |
| 5 | 7 | 4 | 8 | 2 | 3 | 1 | 9 | 6 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡବିଧି ଆଇନରେ ପରିବର୍ତ୍ତନ ହେଉ

ମହାଶୟ,

ଆଜିକାଲି ବଜାରକୁ ଗଲେ କ'ଣ କିଣିବୁ, କ'ଣ ଖାଇବୁ ବୋଲି ମନରେ ପ୍ରଶ୍ନ ଉଠେ। ଦୈନିକ ଗଣମାଧ୍ୟମରୁ ମାଳମାଳ ଅସାଧୁ କଳାବେପାରୀ ନିର୍ଭୟରେ ବୁଲୁଛନ୍ତି। ଏମାନେ ନିଜର ଅର୍ଥଲାଳସା ମେଣ୍ଟାଇବା ପାଇଁ ମଣିଷ ସମାଜକୁ ଧ୍ୱଂସ କରିବା ପାଇଁ ତତ୍ପର। ଆମ ଦଣ୍ଡବିଧିରେ କେଉଁଠି ନା କେଉଁଠି ଛିଦ୍ର ରହିଛି। ଅନ୍ୟାୟ ଅର୍ଜିତ ଧନରୁ କିଛି କିଛି ବ୍ୟୟ କରି ଖସିଯାଇ ପୁନଃ ନୂତନ ରୂପରେ ଦେଖାଯାଉଛନ୍ତି। ଏଥିରେ ଶୁଣାଯାଏ, କିଛି ଅସାଧୁ ରାଜନେତା, ସରକାରୀ ଅଧିକାରୀ ଓ କର୍ମଚାରୀ ମଧ୍ୟ ସେମାନଙ୍କ ପୃଷ୍ଠପୋଷକ ସାଜି ସାହାଯ୍ୟ କରୁଛନ୍ତି। ଏହି ଦୁର୍ନୀତି, କଳାବଜାରରେ ଲିପ୍ତ ବ୍ୟକ୍ତିମାନେ ପରୋକ୍ଷରେ ନରହତ୍ୟାକାରୀ। ଏମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଗଢ଼ାଯାଇ ସମୂଳେ ନାଶ କରାଯିବା ଉଚିତ। ଆଇନରେ ପରିବର୍ତ୍ତନ ଅଣାଯାଇ ଏହାକୁ ଠିକ ଭାବେ ପାଳନ କରାନଗଲେ ମିଠା ଦୋକାନରୁ ମାଛି ଉଡ଼େଇଲା ପରି ପୋଲିସ ଅସାଧୁ କଳାବେପାରୀଙ୍କୁ ଧରୁଥିବେ ଓ ସେମାନେ ଉଡ଼ିଯାଇ ପୁଣି ମିଠା ଉପରେ ବସୁଥିବେ, ଏଇପରି ଚାଲିଥିବ।

- ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଉର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?

(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୋମେଶ୍
ପରିବାରବର୍ଗ


ମୌସୁମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପଦ୍ମପୁର ଉପନିର୍ବାଚନ

# ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍, ୧୯।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଭୋଟ ଗ୍ରହଣ ହେବ। ନିର୍ବାଚନକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବାକୁ ପୋଲିସ, ପ୍ରଶାସନ ପକ୍ଷରୁ


ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପି।

ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଶନିବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇ କହିଥିଲେ, ନିର୍ବାଚନ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ, ପୋଲିସ ପର୍ଯ୍ୟବେକ୍ଷକ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସବୁ ବ୍ୟବସ୍ଥା ତଦାରଖ କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୩୧୯ ବୁଥ୍ ଥିବାବେଳେ ସେଥିରୁ ୧୫୨ ସମ୍ବେଦନଶୀଳ ଏବଂ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ସେହି ବୁଥ୍ ପାଇଁ ଭିଡ଼ିଓଗ୍ରାଫି, ୱେବ୍ କାଷ୍ଟିଙ୍ଗ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମାଇକ୍ରୋ ଅବଜର୍ଭର ନିଯୁକ୍ତି ସହିତ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଥିବା ଜିଲାପାଳ ବାନାର୍ଜୀ ସୂଚନା ଦେଇଛନ୍ତି।

ସେହିପରି ଏସ୍‌ପି ସ୍ମିତ୍ ପି. ପରମାର୍ ସୂଚନା ଦେଇଥିଲେ, ସୁରକ୍ଷା ବ୍ୟବସ୍ଥା ପାଇଁ ସବୁଦିଗ ଉପରେ ନଜର ରଖାଯାଇଛି। ଏଥିପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ଇଲେକ୍ସନ ସେଲ୍ ଖୋଲାଯାଇଛି। ବର୍ତ୍ତମାନ ୬ ଫ୍ଲାଇଂ ସ୍କ୍ୱାଡ୍, ୪ ଭିଡ଼ିଓ ସର୍ଭେଲାନ୍ସ ଟିମ୍, ୩ ଷ୍ଟାଟିକ୍ ସର୍ଭେଲେନ୍ସ ଟିମ୍ କାର୍ଯ୍ୟ କରୁଥିବାବେଳେ ୧୦ଟି ସ୍ଥାନରେ ଚେକ୍‌ପୋଷ୍ଟ ସ୍ଥାପନ କରାଯାଇଛି। ଟଙ୍କା, ନିଶା, ଅସ୍ତ୍ରଶସ୍ତ୍ର ଏବଂ ଅସାମାଜିକ କାର୍ଯ୍ୟ ପ୍ରତି ନଜର ରଖାଯାଇଥିବା ଏସ୍‌ପି କହିଛନ୍ତି। ଆଗକୁ ଆହୁରି ୧୨ଟି ସ୍ଥାନରେ ଚେକ୍ ପୋଷ୍ଟ କରାଯିବାର ପ୍ରସ୍ତାବ ରହିଥିବାବେଳେ ବର୍ତ୍ତମାନ ୪ ପ୍ଲାଟୁନ ସିଆର୍‌ପିଏଫ୍, ୧ପ୍ଲାଟୁନ ଏସ୍‌ଓଜି, ୧ପ୍ଲାଟୁନ ଡିଭିଏଫ୍ ଟିମ୍ ରହିଛନ୍ତି। ଆଗକୁ ଆହୁରି ୫ ପ୍ଲାଟୁନ ସିପିଏଫ୍ ଯବାନ ଆସିବାର ରହିଛି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ବାଇକ୍, ୪ଚକିଆ ଗାଡ଼ି ଯାଞ୍ଚ ସହ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହାସହିତ ନିର୍ବାଚନ ସମ୍ପର୍କିତ କିଛି ଆପରାଧିକ କାର୍ଯ୍ୟ ସମ୍ପର୍କରେ ଖବର ପାଇଲେ କଣ୍ଟ୍ରୋଲ ରୁମ୍‌କୁ ୦୬୬୪୬ ୨୩୦୦୫୦, ୦୬୬୪୬ ୨୩୪୪୮୨ କିମ୍ବା ୯୪୩୮୯୧୬୭୧୪ ନମ୍ବରରେ ସୂଚନା ଦେବାକୁ ଏସ୍‌ପି ନିବେଦନ କରିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
for Booking Contact 0674-2580385, 8637280816, 7894447167, 9338226625

## ନ୍ୟାଶନାଲ ଫାଇନାନ୍ସ

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ –
9807641532



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବିଜେଡି, ଭାଜପା, କଂଗ୍ରେସର ଷ୍ଟାର ପ୍ରଚାରକ

# ପ୍ରତି ଦଳରୁ ୪୦

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ନିଜ ପ୍ରାର୍ଥୀ ସପକ୍ଷରେ ଭୋଟ ଆଣିବାକୁ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଶନିବାର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରାଯାଇଛି।

ବିଜେଡି ପକ୍ଷରୁ ଜାରି ଷ୍ଟାର ପ୍ରଚାରକ ତାଲିକାରେ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ନିରଞ୍ଜନ ପୂଜାରୀ, ପ୍ରତାପ କେଶରୀ ଦେବ, ରାଜେନ୍ଦ୍ର ଢୋଲକିଆ, ନବକିଶୋର ଦାସ, ସମୀର ରଞ୍ଜନ ଦାଶ, ରୋହିତ ପୂଜାରୀ, ଟୁକୁନି ସାହୁ ଓ ରୀତା ସାହୁ ରହିଛନ୍ତି। ସେହିପରି ଏମ୍‌ପି ରମେଶ ଚନ୍ଦ୍ର ମାଝି,ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅରୁଣ ସାହୁ, ସୁଶାନ୍ତ ସିଂ, ଶାରଦା ନାୟକ, ପ୍ରଶାନ୍ତ ମୁଦୁଲି, ମନୋହର ରନ୍ଧାରୀ, ଦେବେଶ ଆଚାର୍ଯ୍ୟ, ସୁଧୀର କୁମାର ସାମଲ, ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ବିକ୍ରମ ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ଚନ୍ଦ୍ରସାରଥି ବେହେରା, ବ୍ରଜ କିଶୋର ପ୍ରଧାନ ଓ ଅଳକା ମହାନ୍ତି ରହିଛନ୍ତି। ସେହିପରି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପୁଷ୍ପେନ୍ଦ୍ର ସିଂଦେଓ, ରବୀନ୍ଦ୍ର ଜେନା, କଳିକେଶ ନାରାୟଣ ସିଂଦେଓ, ବିଭୂତି ବଳବନ୍ତରାୟ, ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଦୀପ ମାଝି, ଆକାଶ ଦାସ ନାୟକ, ଶ୍ରୀମୟୀ ମିଶ୍ର, ଅରିନ୍ଦମ ରାୟ ଓ ସତ୍ୟବ୍ରତ ତ୍ରିପାଠୀଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ଦିଆଯାଇଛି।

ଧାମନଗର ଉପନିର୍ବାଚନ ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସମେତ ଦଳର ଯୁବ ସଭାପତି ବ୍ୟୋମକେଶ ରାୟ, ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଯୁବବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ମହାସଚିବ ଏଲିନା ଦାସ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଆଦିଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ମିଳିନାହିଁ। ସେମାନଙ୍କୁ ପଦ୍ମପୁର ଉପନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ନିର୍ଦ୍ଦେଶରେ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ଓ ପ୍ରଣବ ବଳବନ୍ତରାୟ ଏବେ ପଦ୍ମପୁରରେ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦଳ ପାଇଁ ପଦ୍ମପୁର ଉପନିର୍ବାଚନ ଜିତିବା ସବୁଠୁ ବଡ଼ ସମ୍ମାନର ପ୍ରଶ୍ନ ଥିବାରୁ ସାଙ୍ଗଠନିକ ସମ୍ପାଦକ ସେଠାରେ ରହି ନିର୍ବାଚନ ପରିଚାଳନା କରୁଥିବା ଜଣାପଡ଼ିଛି।

ସେହିପରି ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପା ମଧ୍ୟ ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି। ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ ୪ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଅର୍ଜୁନ ମୁଣ୍ଡା ଓ ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ଦଳର ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଦଳର ପ୍ରଭାରୀ ସୁନୀଲ ବଂଶଲ, ଡି. ପୁରନ୍ଦେଶ୍ୱରୀ, ବିଜୟପାଲ ସିଂ ତୋମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆଦିବାସୀ ନେତା ଗିରିଧର ଗମାଙ୍ଗ ପ୍ରଚାର ମଇଦାନକୁ ଓହ୍ଲାଇବା ସମ୍ଭାବନା ରହିଛି। ଦଳ ପକ୍ଷରୁ ଜାରି କରାଯାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଜୁଏଲ ଓରାମ, ସୁରେଶ ପୂଜାରୀ, ଅପରାଜିତା ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ନୀତିଶ ଗଙ୍ଗଦେବ, ସଙ୍ଗୀତା ସିଂଦେଓଙ୍କ ସମେତ ବିଧାୟକ ନାଉରୀ ନାଏକ, ମୋହନ ଚରଣ ମାଝି, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ଭବାନୀଶଙ୍କର ଭୋଇ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ନବନିର୍ବାଚିତ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ବରିଷ୍ଠ ନେତା ମନମୋହନ ସାମଲ, କେଭି ସିଂଦେଓ, ସମ୍ବିତ ପାତ୍ର, ଚୁନିଲାଲ ସାହୁ, ସୁରମା ପାଢୀ, ରବିନାରାୟଣ ନାଏକ, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ପ୍ରସାଦ ମହାପାତ୍ର, ରଞ୍ଜନ କୁମାର ପଟେଲ, ବିଭୁପ୍ରସାଦ ତରାଇ ଓ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଦଳର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରାଯାଇଛି।

ସେହିପରି ଚଳିତ ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ତାଲିକା ଅଖିଳ ଭାରତ କଂଗ୍ରେସ କମିଟିଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ତାଲିକାରେ ଓଡ଼ିଶା ପ୍ରଭାରୀ ଏମ୍‌ପି ଡ. ଏ ଚେଲ୍ଲାକୁମାର, ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଚିରଞ୍ଜୀବୀ ବିଶ୍ୱାଳ, ଭକ୍ତଚରଣ ଦାସ, ଶରତ ରାଉତ, ସପ୍ତଗିରି ଉଲ୍ଲାକା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗୋ, ସିଏସ ରାଜନ ଏକ୍କା, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, କିଶୋର ଚନ୍ଦ୍ର ପଟେଲ,ସୁରେନ୍ଦ୍ର ସିଂ ଭୋଇ,ଦେବାଶିଷ ପଟ୍ଟନାୟକ, ସଞ୍ଜୟ ଭୋଇ,ଯଜ୍ଞେଶ୍ୱର ବାବୁ, ପ୍ରକାଶ ଚନ୍ଦ୍ର ଦେବତା,ଅମିୟ ପଟ୍ଟନାୟକ, ଭୁଜବଳ ମାଝି , ବାଙ୍କନିଧି ବେହେରା, ହମିଦ ହୁସେନ, ସ୍ମୃତି ରଞ୍ଜନ ଲେଙ୍କା ଓ ୟାସିର ନୱାଜ ପ୍ରମୁଖ ରହିଛନ୍ତି।

## ପ୍ରଚାରରେ ଆସିଥିବା ନେତାଙ୍କୁ ଜଣାଇଲେ ଗାଁ ସମସ୍ୟା

**ପାଇକମାଳ, ୧୯।୧୧ (ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ରସମୁଣ୍ଡା ଗ୍ରାମକୁ ଏଯାଏ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇରହିଛି। ରସମୁଣ୍ଡା ଗାଁରେ ସ୍କୁଲ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢା ଅସୁବିଧା ଦେଖାଯାଉଛି। ଗାଁ ପୋଖରୀରେ ପାଚେରି, ପାହାଚ ସହ ପଙ୍କୋଦ୍ଧାର, ମିଲ୍‌ପଡାରେ ନଳକୂଅ ଖନନ, ଜଙ୍ଗଲକୁ ତାର ବାଡ ବ୍ୟବସ୍ଥା, ଗାଁ ରାସ୍ତା ସମ୍ପୂର୍ଣ୍ଣ, ମାଝୀପାଲିରୁ ରସମୁଣ୍ଡାକୁ ପାନୀୟଜଳ ଯୋଗାଣ ସମସ୍ୟା ରହିଛି। ଏହି ସମସ୍ୟାଗୁଡିକର ସମାଧାନ ପାଇଁ ଶୁକ୍ରବାର ରାତିରେ ରସମୁଣ୍ଡା ଗ୍ରାମକୁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସପକ୍ଷରେ ପ୍ରଚାର କରିବାକୁ ଆସିଥିବା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଗ୍ରାମବାସୀ ଦାବି ଜଣାଇଥିଲେ। ବୈଠକରେ ଭିଷ୍ମଦେବ ବରିହା, ତରଣୀ ମଲ୍ଲିକ, କେଶବ ବାଗ, କୃଷ୍ଣା ଶବର, ମାୟାଧର ବରିହାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ନିର୍ବାଚନମଣ୍ଡଳୀରେ ଥିବା କୌଣସି ସରକାରୀ ଅଧିକାରୀ କିମ୍ବା ସରକାରୀ ଚାକିରି କରୁଥିବା ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା ପାଇଁ ବାରଣ କରାଯାଇଛି। ଆଗାମୀ ପଦ୍ମପୁର ଉପନିର୍ବାଚନ ପରିଚାଳନା ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ସମସ୍ତ 'କାର୍ଯ୍ୟରତ କିମ୍ବା ବାସିନ୍ଦା' ସରକାରୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱରୁ ବାଦ୍ ଦେବାକୁ ଭାଜପା ଦାବି କରିଛି। ସେହିପରି ମତଦାନ ସମୟରେ ମୋବାଇଲ ଫୋନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଉ। ଏଥିସହ ଆଗାମୀ ପଦ୍ମପୁର ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବା ଦାବିରେ ଶନିବାର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛନ୍ତି।

ସରକାରୀ କର୍ମଚାରୀଙ୍କୁ ଶାସକ ଦଳର କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ପ୍ରବର୍ତ୍ତାଇବା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହି କାରଣରୁ ଅବାଧ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ପରିଚାଳନା ଉପରେ ବାରମ୍ବାର ପ୍ରଶ୍ନ ଉଠୁଛି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ଭୋଟ ହାତେଇବା ପାଇଁ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ହୀନ ରାଜନୀତି କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି। ଉପନିର୍ବାଚନ ହାରିବା ଭୟରେ ବିଜେଡି ବ୍ୟସ୍ତ ହୋଇ ପ୍ରଶାସନ କଳ, ବଳ ବ୍ୟବହାର କରିବା ଆରମ୍ଭ କରିଦେଇଛି। ଶାସକ ବିଜେଡିର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏବଂ ସ୍ଥାନୀୟ ଜିଲାପାଳଙ୍କ ସହାୟତାରେ ପଞ୍ଚାୟତିରାଜ, ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି, ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଶାସକ ବିଜୁ ଜନତା ଦଳ ସପକ୍ଷରେ ଭୋଟ କରାଇବା କାର୍ଯ୍ୟ କରୁଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗ ତୁରନ୍ତ ହସ୍ତକ୍ଷେପ କରି ଏହି ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ଭାଜପା ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ ଏବଂ ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949


MATRIMONIAL

BRIDE WANTED

Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M- 9777665912. D-1966

Handsome Khandayat boy, M.Tech/ MBA, Infosys Engineer. "SUHAG".9938199964, 9090486408. D-2018

Brahmin Boy, 1991, 5'11", B.Tech (NIT) serving Bangalore "SUNASANSAR". 9937512659, 8249969649. D-2044

GROOM WANTED

Doctor Groom require for Brahmin lady Doctor, age-27, working in Public Sector in Bhubaneswar. Contact direct No.- 9778312631. D-2046

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE

SALE

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1866

6000sqft. converted plot sale at Khandagiri backside of Amri Hospital, sqft.-3000/-, 9776866520. D-74156

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452. D-73996

Luxurious 4BHK Duplex near Balianta Bazar. Land-1400 Construction- 2200– 85Lakh. 9938219397, 9861022055. D-2034

ଭୁବନେଶ୍ୱରର ନଖରା, ପତିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

କଟକ-ଭୁବନେଶ୍ୱର Twincityର Middle pointରେ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରି। 8249422604. D-74150

Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

GA Freehold 3750sft. west facing 2.30 Cr. immediate for sale. Contact: 9861040268. D-71663

FOR RENT

Residential house 2rooms, Toilet, Kitchen, Marble flooring, opposite Hotel Precidency Nayapalli, 7077754377. D-74154

3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73896

Healthcare

Relax, Refresh your body, Mind at Saikrupa Spa with best therapies. 8984068077. D-2048

Full body massage by smart/expert therapist @999 only. 9078484455. D-73660

Newly open full body massage ladies and gents. 8327740003, 8093860513. D-73999

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

BUSINESS

Jaydeep Mitra Tax Consultant provides services like GST, EPF, ESI, I.TAX - maintenance & assessment work. M- 9875315823 website - www. jaydeepmitra. D-2045

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଧରିତ୍ରୀ Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନୋକ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

16th Death Anniversary

LATE PRAVIN PATTANAIK (BUBUL)
DOB: 25.11.1986
DOD: 20.11.2006
Time flies fast.
Life goes on at its own pace,
But some memories can
Never be erased
From the mind,
You will always remain
in our thoughts.
In reverence & remembrance Pravin Memorial Trust
Malipada, Bhubaneswar
D-2040

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଂଶୀଧର ମହାରଣା
ପୂର୍ବତନ ପୋଲିସ ଇନ୍ସପେକ୍ଟର
ଜନ୍ମ: ୨୦।୦୬।୧୯୫୮
ଦେହତ୍ୟାଗ: ୧୬।୧୧।୨୦୨୨
ତାଙ୍କର ପୁତ୍ର ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମହାରଣା ଓ ତାଙ୍କ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ପ୍ରଦାନ କରିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ।
ଧ-୨୦୪୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ କୃଷ୍ଣଚନ୍ଦ୍ର ଦାସ
ଆବିର୍ଭାବ: ୧୫.୦୩.୧୯୫୦
ତିରୋଧାନ: ୦୧.୧୨.୨୦୨୧
ଜି.ଏ.-୨୯୦, ଗଣପତି ଆପାର୍ଟମେଣ୍ଟ, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।"
ଶୋକସନ୍ତପ୍ତ:
ହତଭାଗ୍ୟା ପତ୍ନୀ ଗୀତାଞ୍ଜଳି, କନ୍ୟା ସ୍ମିତା, ସଙ୍ଗୀତା, ଜ୍ୱାଇଁ ସନ୍ଦୀପ ମିଶ୍ର, ନାତୁଣି ପିଉ, ପୁତ୍ର ସନ୍ଦୀପ ଦାସ ଏବଂ ଆତ୍ମୀୟସ୍ୱଜନବୃନ୍ଦ
ଧ-୨୦୪୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୦ ନଭେମ୍ବର, ୨୦୨୨ Sambalpur, Sunday, November 20/2022


କାତାରର ସର୍ବାଧିକ ୮୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଲୁସେଲ ଆଇକନିକ ଷ୍ଟାଡିୟମ।

# କାତାର ପ୍ରସ୍ତୁତ

ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ବିଶ୍ୱକପ ପାଇଁ କାତାର ପ୍ରସ୍ତୁତ। ବିଶ୍ୱର ଶ୍ରେଷ୍ଠ ୩୨ଟି ଦଳକୁ ନେଇ ହେବ ୬୪ ମ୍ୟାଚ। ଅଲ୍ ବାୟଟ ଷ୍ଟାଡିୟମରେ ରବିବାର ଆରମ୍ଭ ହେବ ଫୁଟବଲ ମହାକୁମ୍ଭ। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାରକୁ ଭେଟିବ ଇକ୍ୱେଡର। ଡିସେମ୍ବର ୧୮ରେ ଲୁସେଲ ଆଇକନିକ୍ ଷ୍ଟାଡିୟମରେ ହେବ ମେଗା ଫାଇନାଲ।

FIFA WORLD CUP Qatar2022

## ଫିଫା ବିଶ୍ୱକପ ଭେନ୍ୟୁ

| ଷ୍ଟାଡିୟମ | ସହର | ମ୍ୟାଚ | ଦର୍ଶକ କ୍ଷମତା |
|---|---|---|---|
| ଲୁସେଲ ଆଇକନିକ ଷ୍ଟାଡିୟମ | ଲୁସେଲ | ୧୦ | ୮୦,୦୦୦ |
| ଅଲ୍ ବାୟଟ ଷ୍ଟାଡିୟମ | ଅଲ୍ ଖୋର୍ | ୯ | ୬୦,୦୦୦ |
| ଅଲ୍ ଜାନୋଉବ ଷ୍ଟାଡିୟମ | ଅଲ୍ ୱାକ୍ରା | ୭ | ୪୦,୦୦୦ |
| ଅହମଦ ବିନ୍ ଅଲୀ ଷ୍ଟାଡିୟମ | ଅଲ୍ ରାୟାନ | ୭ | ୪୦,୦୦୦ |
| ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ | ଅଲ୍ ରାୟାନ | ୮ | ୪୦,୦୦୦ |
| ଏଜୁକେଶନ ସିଟି ଷ୍ଟାଡିୟମ | ଅଲ୍ ରାୟାନ | ୮ | ୪୦,୦୦୦ |
| ଷ୍ଟାଡିୟମ ୯୭୪ | ଦୋହା | ୭ | ୪୦,୦୦୦ |
| ଅଲ୍ ଥୁମାମା ଷ୍ଟାଡିୟମ | ଦୋହା | ୮ | ୪୦,୦୦୦ |

# ଯୁବ ଖେଳାଳିଙ୍କ ଉପରେ ନଜର

## ଫିଫା ବିଶ୍ୱକପ୍ ୨୦୨୨

**କାତାର,୧୯।୧୧:** ପୁରୁଷ ଫୁଟ୍‌ବଲ ବିଶ୍ୱକପ୍ ମହାକୁମ୍ଭ କାତାରରେ ରବିବାର ଆରମ୍ଭ ହେଉଛି। ପ୍ରଥମ ଥର ପାଇଁ ମଧ୍ୟପ୍ରାଚ୍ୟରେ ଏହି ଟୁର୍ନାମେଣ୍ଟ ହେଉଥିବା ବେଳେ ଦ୍ୱିତୀୟ ଥର ପାଇଁ ଏହା ଏସିଆ ମହାଦେଶକୁ ଫେରୁଛି। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପରି ଅନେକ ସୁପରଷ୍ଟାର ଖେଳାଳିଙ୍କ ଏହା ସମ୍ଭବତଃ ଅନ୍ତିମ ବିଶ୍ୱକପ୍ ହୋଇପାରେ। ଏହା ସହିତ ଅନେକ ପ୍ରତିଭାବାନ ଯୁବ ଖେଳାଳି ଚଳିତ ବିଶ୍ୱକପ୍‌ରେ ନିଜର ଯାତ୍ରା ଆରମ୍ଭ ମଧ୍ୟ କରିଛନ୍ତି। କାତାର ୨୦୨୨ ପୂର୍ବରୁ ଏହି ଯୁବ ଖେଳାଳିଙ୍କ ଉପରେ ଆସନ୍ତୁ ନଜର ପକାଇବା।

**ପେଡ୍ରି:** ପେଡ୍ରୋ ଗୋଞ୍ଜାଲେଜ ଲୋପେଜ ବା ପେଡ୍ରି ବାର୍ସେଲୋନା ପାଇଁ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ଭାବେ ଖେଳନ୍ତି। ମାତ୍ର ୧୯ ବର୍ଷୀୟ ଏହି ଖେଳାଳିଙ୍କୁ ଆନ୍ଦ୍ରେ ଇନିଏଷ୍ଟାଙ୍କ ସହିତ କିଛି ଫ୍ୟାନ ତୁଳନା କରିଥାନ୍ତି। ବିଶ୍ୱ ଫୁଟ୍‌ବଲର ଅନ୍ୟତମ ଦକ୍ଷ ଫୁଟ୍‌ବଲର ଭାବେ ମଧ୍ୟ ତାଙ୍କୁ ଗଣାଯାଏ। ଏତେ କମ୍ ବୟସରେ ମଧ୍ୟ ସେ ୧୦୦ରୁ ଅଧିକ ଲା ଲିଗା ମ୍ୟାଚ ଖେଳି ସାରିଛନ୍ତି। ମାତ୍ର ୧୮ ବର୍ଷ ୬ ମାସ ୧୮ ଦିନରେ ସେ ସ୍ପେନ୍ ପକ୍ଷରୁ ସର୍ବକନିଷ୍ଠ ଖେଳାଳି ଭାବରେ ୟୁରୋ କପ୍ ଖେଳିବାର ଗୌରବ ହାସଲ କରିବା ସହିତ ମିଗୁଏଲ ଟେଣ୍ଡିଲୋଙ୍କ ରେକର୍ଡ ଭାଙ୍ଗିଥିଲେ। ଏହା ସହିତ ୨୦୨୧ରେ ତାଙ୍କୁ କୋପା ସମ୍ମାନ ପ୍ରଦାନ କରାଯାଇଥିଲା। ଦୂରଦୃଷ୍ଟି, ବଲ୍ ପାସ୍ କରିବାର କ୍ଷିପ୍ରତା ଏବଂ ଦକ୍ଷତା ତାଙ୍କୁ କାତାର ବିଶ୍ୱକପ୍‌ରେ ସ୍ପେନର ସବୁଠାରୁ ଆକର୍ଷଣୀୟ ଯୁବ ଖେଳାଳି ବନାଇ ଦେଇଛି।


ପେଡ୍ରୋ ଗୋଞ୍ଜାଲେଜ

**ଭିନ୍ସିଅସ୍ ଜୁନିୟର:** ମାତ୍ର ୧୭ ବର୍ଷ ବୟସରେ ୨୦୧୭ ମସିହାରେ ୪୬ ମିଲିୟନ୍ ଡଲାରରେ ଭିନ୍ସିଅସ୍ ଜୁନିୟରଙ୍କୁ କିଣିଥିଲ। ରିୟଲ ମାଡ୍ରିଡ୍। ସେ ସମୟରୁ ହିଁ ବ୍ରାଜିଲର ଏହି ଯୁବ ୱିଙ୍ଗର ସମଗ୍ର ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ର ରହିଥିଲେ। ମାଡ୍ରିଡ ପକ୍ଷରୁ ସେ ୧୨୦ରୁ ଅଧିକ ମ୍ୟାଚ ଖେଳିଥିବା ବେଳେ ୧୦ ଗୋଲ୍ ସ୍କୋର କରିଛନ୍ତି। ଏହା ସହିତ ଚଳିତ ସିଜନରେ ୧୯ମ୍ୟାଚ ଖେଳି ୫ଗୋଲରେ ଆସିଷ୍ଟ ମଧ୍ୟ କରିଛନ୍ତି। ମୁଖ୍ୟତଃ ଲେଫ୍ଟ ସାଇଡ୍‌ରେ ଖେଳୁଥିବା ଭିନ୍ସିଅସ୍ ଜୁନିୟର ନିଜର ବିଜୁଳି ପରି ବେଗ ଓ ଡିଫେଣ୍ଡରଙ୍କୁ ପରାସ୍ତ କରିବାର ଦକ୍ଷତା ପାଇଁ ପ୍ରସିଦ୍ଧ। ୨୦୨୧-୨୨ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ଗୋଲ ସ୍କୋର କରିବା ସହିତ ରିୟଲ ମାଡ୍ରିଡ ଇତିହାସରେ ନାମ ଲିପିବଦ୍ଧ କରିଛନ୍ତି। ବ୍ରାଜିଲ ସିନିୟର ଦଳ ପାଇଁ ସେ ୧୬ମ୍ୟାଚ ଖେଳି ଗୋଟିଏ ଗୋଲ ସ୍କୋର କରିଛନ୍ତି।

**ନୁନୋ ମେଣ୍ଡେସ:** ପ୍ରତିଭାବାନ ଯୁବ ଖେଳାଳିଙ୍କ ତାଲିକାରେ ପର୍ତ୍ତୁଗାଲର ନୁନୋ ମେଣ୍ଡେସ ଅନ୍ୟତମ। ୨୦ ବର୍ଷୀୟ ଏହି ଖେଳାଳି ଜଣଙ୍କ ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି) ପାଇଁ ଲେଫ୍ଟ ବ୍ୟାକ୍ ଭାବରେ ଖେଳିଥାନ୍ତି। ଡିଫେଣ୍ଡ କରିବା ପାଇଁ ସାମ୍ନାରେ ଅଧିକ ବା କମ୍ ଖେଳାଳି ରହିଲେ ବି ଏହା ନୁନୋଙ୍କ ଖେଳକୁ ପ୍ରଭାବିତ କରି ନ ଥାଏ। ଫ୍ଲାଙ୍କରେ ତାଙ୍କ ପ୍ରଦର୍ଶନ ପର୍ତ୍ତୁଗାଲ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ। ପୂର୍ବରୁ ୟୁରୋ ୨୦୨୨ରେ ମଧ୍ୟ ସେ ପର୍ତ୍ତୁଗାଲ ଦଳର ସଦସ୍ୟ ରହିଥିଲେ। ତାଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିବା ବେଳେ ପର୍ତ୍ତୁଗାଲ ପ୍ରିକ୍ୱାର୍ଟରରୁ ବିଦାୟ ନେଇଥିଲା। ତେବେ ପିଏସ୍‌ଜି ତାଙ୍କୁ ୩୮ ମିଲିୟନ୍ ଡଲାରରେ ୪ ବର୍ଷ ପାଇଁ କିଣିଥିଲା।

**ଜୁଡ୍ ବେଲିଂହାମ୍:** ଇଂଲଣ୍ଡ ପାଇଁ ଚଳିତ କାତାର ବିଶ୍ୱକପ୍‌ରେ ସବୁଠାରୁ ଆକର୍ଷଣୀୟ ଖେଳାଳି ରହିବେ ଜୁଡ୍ ବେଲିଂହାମ୍। ବୋରୁସିଆ ଡର୍ଟମୁଣ୍ଡ ପାଇଁ ଖେଳୁଥିବା ଏହି ମିଡ୍‌ଫିଲ୍ଡର ଜଣଙ୍କ ମାତ୍ର ୧୭ ବର୍ଷ ବୟସରେ ହିଁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ବର୍ମିଂହାମ ସିଟିରେ ଜଣେ ଯୁବ ଖେଳାଳି ଭାବରେ ରହିଥିବା ବେଲିଂହାମ୍ ଏତେ ପ୍ରଭାବଶାଳୀ ରହିଥିଲେ କି ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ଏରିକ୍ କାଣ୍ଟୋନା, ବ୍ରାୟାନ୍ ରବସନ୍ ଓ ସାର୍ ଆଲେକ୍ସ ଫର୍ଗୁସନ୍ ତାଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବା ପାଇଁ ଆସିଥିଲେ। ମାତ୍ର ଜୁଡ୍ ଶେଷରେ ୧୭ ବର୍ଷ ୧୧୩ ଦିନରେ ବୋରୁସିଆ ଡର୍ଟମୁଣ୍ଡକୁ ବାଛିଥିଲେ। ସର୍ବକନିଷ୍ଠ ଇଂଲିଶ ଖେଳାଳି ଭାବେ ସେ ଚାମ୍ପିୟନ୍ସ ଲିଗ୍‌ରେ ପ୍ରତିନିଧିତ୍ୱ କରି ଫିଲ ଫୋଡେନଙ୍କ ରେକର୍ଡ ଭାଙ୍ଗିଥିଲେ। ଦୁଇ ଦୁଇ ଥର ସେ କୋପା ଆୱାର୍ଡ ପାଇଁ ମନୋନୀତ ହୋଇ ରନର୍ସ ଅପ୍ ରହିଛନ୍ତି। ୨୦୨୧ରେ ପେଡ୍ରି ଓ ୨୦୨୨ରେ ଗାଭି ଏହି ପୁରସ୍କାର ହାସଲ କରିଥିଲେ। ଜୁଡ ବେଲିଂହାମ୍ ଇଂଲଣ୍ଡ ପାଇଁ ୧୭ଟି ମ୍ୟାଚ ଖେଳିଛନ୍ତି।

**ଏଡୁଆର୍ଡୋ କାମଭିଙ୍ଗା:** ପଲ୍ ପୋଗବା ଏବଂ ଏନ୍ ଗୋଲୋ କାଣ୍ଟେ ଆହତ ହୋଇ ବାଦ୍ ପଡିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସର ମିଡ୍‌ଫିଲ୍ଡ ଭାର କାନ୍ଧରେ ଉଠାଇଛନ୍ତି ଏଡୁଆର୍ଡୋ କାମଭିଙ୍ଗା। ସାଥୀ ରିୟଲ ମାଡ୍ରିଡ ଖେଳାଳି ଅଉରେଲିନ୍ ଟୋଉଆମେନିଙ୍କ ସହିତ ସେ ମିଡ୍‌ଫିଲ୍ଡର ଦାୟିତ୍ୱ ନେବେ। ୨୦ ବର୍ଷୀୟ କାମଭିଙ୍ଗା ଚଳିତ ବର୍ଷ ଲସ୍ ବ୍ଲାଙ୍କୋସ୍ ଦଳ ପାଇଁ ନିୟମିତ ଖେଳି ଆସିଛନ୍ତି। ଏହା ସହିତ ଫ୍ରାନ୍ସ ଦଳର ଡେନ୍‌ମାର୍କ ବିପକ୍ଷ ଅନ୍ତିମ ୟୁଏଫା ମ୍ୟାଚରେ ତାଙ୍କୁ ଚୟନ କରିଥିଲେ ଡିଡିଏର ଡେସଚାମ୍ପ।

**ଜମାଲ ମୁସିଆଲା:** ବିଭିନ୍ନ ବୟସ ବର୍ଗରେ ଇଂଲଣ୍ଡର ପ୍ରତିନିଧିତ୍ୱ କରିବା ପରେ ଗତବର୍ଷ ଜମାଲ ଜର୍ମାନୀ ପାଇଁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହି ୧୯ ବର୍ଷୀୟ ଖେଳାଳି ଜଣଙ୍କ ଜାତୀୟ ଦଳ ପାଇଁ ଏତେଟା ଉଲ୍ଲେଖନୀୟ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ନିଜ କ୍ଲବ ବାୟେର୍ନ ମ୍ୟୁନିକ୍ ପାଇଁ କିନ୍ତୁ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛନ୍ତି। ପୂର୍ବବର୍ଷ ଅପେକ୍ଷା ନିଜର ଗୋଲସଂଖ୍ୟାକୁ ଅତିକ୍ରମ କରିବା ସହିତ ରବର୍ଟ ଲିୱାଣ୍ଡୋସ୍କିଙ୍କ ଅଭାବ ଅନୁଭୂତ ହେବାକୁ ଦେଇନାହାନ୍ତି। ଜର୍ମାନୀ ୨୦୧୮ ନିରାଶାକୁ ପଛରେ ପକାଇବାକୁ ପ୍ରୟାସ କରୁଥିବା ବେଳେ ଫରୱାର୍ଡ ଖେଳାଳି ଜମାଲ୍ ଏହାର ମୁଖ୍ୟ ଅସ୍ତ୍ର ରହିବେ।

**ଗାଭି:** ପାବଲୋ ଗାଭି ସ୍ପେନର ଅନ୍ୟତମ ବିଶ୍ୱସ୍ତରୀୟ ମିଡ୍‌ଫିଲ୍ଡର ଅଟନ୍ତି। ୨୦୨୨ ବିଶ୍ୱକପ୍‌ର ଅନ୍ୟତମ ଆକର୍ଷଣୀୟ ଯୁବ ଖେଳାଳି ଅଟନ୍ତି ଗାଭି। ୨୦୨୧ରେ ବାର୍ସେଲୋନା ତାଙ୍କୁ ସାଇନ୍ କରିବା ପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ୨୦୨୨ କୋପା ଟ୍ରଫି ହାସଲ କରିଥିବା ଗାଭିଙ୍କ ଜଙ୍ଘ ସନ୍ଧିରେ ଆଘାତ ଲାଗିଥିଲେ ହେଁ ସେ ବିଶ୍ୱକପ୍ ପୂର୍ବରୁ ଫିଟ ହେବା ନେଇ ଆଶା କରାଯାଉଛି।

**ଆଲଫୋନ୍ସୋ ଡେଭିସ୍:** ବାୟେର୍ନ ମ୍ୟୁନିକ ପକ୍ଷରୁ ଲେଫ୍ଟବ୍ୟାକ୍ ଭାବରେ ଖେଳୁଥିବା ଡେଭିସ୍ କାତାର ୨୦୨୨ରେ କାନାଡା ଦଳର ମୁଖ୍ୟ ଖେଳାଳି ରହିବେ। ୨୨ ବର୍ଷୀୟ ଡେଭିସ୍ ନିଜ ଆକ୍ରମଣାତ୍ମକ ଶୈଳୀ ଓ ଗତି ପାଇଁ ପ୍ରସିଦ୍ଧ। ଜାତୀୟ ଦଳ ପାଇଁ ତାଙ୍କ ରେକର୍ଡ ମଧ୍ୟ ବେଶ୍ ପ୍ରଭାବୀ। ୩୪ ପଦାର୍ପଣରୁ ସେ ୧୨ ଗୋଲ ସ୍କୋର କରିଥିବା ବେଳେ ଚଳିତ ବିଶ୍ୱକପ୍‌ରେ ମଧ୍ୟ ତାଙ୍କ ଉପରେ କାନାଡା ଅଧିକ ନିର୍ଭରଶୀଳ ରହିବ। ୧୯୮୬ ପରଠାରୁ କାନାଡା ପ୍ରଥମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଡେଭିସଙ୍କ ଉପରେ ଦଳ ଅଧିକ ନିର୍ଭରଶୀଳ ରହିବ।

**ଜିଓଭାନି ରେୟନା:** ବୋରୁସିଆ ଡର୍ଟମୁଣ୍ଡ ପକ୍ଷରୁ ଫରୱାର୍ଡ ଭାବରେ ଖେଳୁଥିବା ଜିଓଭାନି ରେୟନାଙ୍କ ରକ୍ତରେ ହିଁ ଫୁଟବଲ ରହିଛି। ପିତା କ୍ଲାଉଡିଓ ରେୟନା ଆମେରିକୀୟ ଫୁଟବଲ ଦଳର ଅଧିନାୟକ ରହିଥିବା ବେଳେ ମା’ ଡାନିଏଲ ଏଗାନ ରେୟନା ମଧ୍ୟ ଆମେରିକାର ପ୍ରତିନିଧିତ୍ୱ କରିଛନ୍ତି। ମାତ୍ର ୧୭ ବର୍ଷ ୬୬ ଦିନରେ ବୁନ୍ଦେସଲିଗା ପଦାର୍ପଣ କରିବା ସହିତ ବର୍ତ୍ତମାନ ଆମେରିକାର ଅଧିନାୟକ ଥିବା କ୍ରିଷ୍ଟିଆନ୍ ପୁଲିସିକ୍‌ଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୨୧-୨୨ ସିଜନରେ ଆହତ ସମସ୍ୟା ମଧ୍ୟରେ ଗତି କରିବା ପରେ ପ୍ରଥମ ଆମେରିକୀୟ ଭାବରେ ଦୁଇଟି ଚାମ୍ପିୟନ୍ସ ଲିଗ୍ ଗୋଲ କରିବାର ଇତିହାସ ମଧ୍ୟ ରଚିଥିଲେ।

**ଜୁରିଏନ୍ ଟିମ୍ବର:** ନେଦରଲାଣ୍ଡ୍ସ ବିଶ୍ୱ ଫୁଟବଲରେ ନିଜର ସ୍ଥିତି ଜାହିର କରୁଥିବା ବେଳେ ଏହି ଦଳରେ ଏକାଧିକ ଯୁବ ଡିଫେଣ୍ଡର ରହିଛନ୍ତି। ମାଥିଜସ ଡେ ଲିଟ୍ ଓ ଡେଞ୍ଜେଲ ଡମଫ୍ରାଇସଙ୍କ ପରି ଖେଳାଳିଙ୍କ ସହିତ ଆଜାକ୍ସ ଆମଷ୍ଟାରଡମର ଖେଳାଳି ଜୁରିଏନ୍ ଟିମ୍ବର ମଧ୍ୟ ଏହି ଦଳର ସଦସ୍ୟ ରହିଛନ୍ତି। ଡିଫେଣ୍ଡର ଭାବରେ ଫ୍ଲାଙ୍କରେ ଟିମ୍ବରଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର। ୨୦୨୧ ମେ’ରେ ଆଜାକ୍ସ ପାଇଁ ପ୍ରଥମ ଗୋଲ ସ୍କୋର କରିବା ସହିତ ୟୁରୋ ୨୦୨୧ରେ ନେଦରଲାଣ୍ଡ୍ସ ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ହାସଲ କରିଥିଲେ। ଏହି ୨୧ ବର୍ଷୀୟ ଖେଳାଳି ଜଣଙ୍କ ମେନ ଇନ୍ ଅରେଞ୍ଜ ପାଇଁ ଟ୍ରମ୍ପ କାର୍ଡ ହେବା ନେଇ ଆଶା କରାଯାଉଛି।

# ଆକର୍ଷଣର କେନ୍ଦ୍ରରେ ବିଟିଏସ୍‌ର ଜଙ୍ଗକୁକ୍

## ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ



**କାତାର,୧୯।୧୧:** କାତାରରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଫୁଟବଲ ବିଶ୍ୱକପକୁ ନେଇ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ପୂର୍ବରୁ ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ନଭେମ୍ବର ୨୧ ତାରିଖରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଦୁଇଟି ମ୍ୟାଚ ପରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା କାରଣରୁ ଉଦ୍‌ଘାଟନୀ ଉତ୍ସବ ଓ ଉଦ୍‌ଘାଟନୀ ମ୍ୟାଚକୁ ଗୋଟିଏ ଦିନ ଆଗକୁ ଘୁଞ୍ଚାଇ ଦିଆଯାଇଥିଲା। ଆୟୋଜକ କାତାର ଏବଂ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଭାରତୀୟ ସମୟ ରାତି ୯.୩୦ରେ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଏହାର ଦୁଇ ଘଣ୍ଟା ପୂର୍ବରୁ ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହେବ। ଦୋହାରୁ ୪୦ କିମି ଉତ୍ତରରେ ଅବସ୍ଥିତ ଅଲ ଖୋରର ଅଲ୍ ବାୟଟ୍ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏହି ଷ୍ଟାଡିୟମରେ ଏକ ସମୟରେ ୬୦ ହଜାର ଦର୍ଶକ ମ୍ୟାଚ ଉପଭୋଗ କରିପାରିବେ। ଦକ୍ଷିଣ କୋରିଆର ୭ଜଣିଆ ବୟ ବ୍ୟାଣ୍ଡ ବିଟିଏସ୍‌ର ଅନ୍ୟତମ ସଦସ୍ୟ କିମ୍ ଜଙ୍ଗକୁକ୍ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବେ। ବିଟିଏସ୍ ପକ୍ଷରୁ ଏହାକୁ ସ୍ପଷ୍ଟ କରାଯାଇଛି। ଶାକିରା ଏବଂ ଡୁଆ ଲିପାଙ୍କ ପରି ତାରକାଙ୍କ ନାମ ଲିଷ୍ଟରେ ଥିଲେ ହେଁ ଉଭୟ ଅନ୍ତିମ ମୁହୂର୍ତ୍ତରେ ଓହରି ଯାଇଥିଲେ। ମାନବାଧିକାର ଉଲ୍ଲଂଘନ ଓ ଏଲବିଟିକ୍ୟୁ ସମୁଦାୟ ପ୍ରତି ଅସମାନତାର ଅଭିଯୋଗ କରି ଉଭୟ ଓହରି ଯାଇଛନ୍ତି। ଶାକିରା ପୂର୍ବରୁ ୨୦୧୦ ବିଶ୍ୱକପର ଅଫିସିଆଲ ଥିମ୍ ସଙ୍ଗ ମଧ୍ୟ ଲେଖିଥିଲେ ଓ ଗାଇଥିଲେ। ରିପୋର୍ଟ ଅନୁସାର ଚଳିତ ବର୍ଷ ପ୍ରଦର୍ଶନ ପାଇଁ ତାଙ୍କୁ ୧ ମିଲିୟନ୍ ଡଲାର ଅଫର କରାଯାଇଥିଲେ ହେଁ ଶାକିରା ଶେଷ ମୁହୂର୍ତ୍ତରେ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେହିପରି ବର୍ମିଂହାମ ୨୦୨୨ରେ ପ୍ରଦର୍ଶନ କରିଥିବା ବ୍ରିଟିଶ ଗାୟିକା ଡୁଆ ଲିପା ମଧ୍ୟ ସମାନ ଅଭିଯୋଗ କରି ଓହରି ଯାଇଛନ୍ତି। ସେହିପରି ଅନ୍ୟତମ ଗାୟକ ରଡ୍ ଷ୍ଟିୱାର୍ଟ ମଧ୍ୟ ଆୟୋଜକଙ୍କ ୧ ମିଲିୟନ୍ ଡଲାର ପୁରସ୍କାର ରାଶିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ବ୍ୟାଣ୍ଡ ବ୍ଲାକ ଆଇଡ୍ ପିସ୍, ରବି ୱିଲିୟମ୍ସ ଓ ନୋରା ଫତେହୀ ଏହି ଇଭେଣ୍ଟରେ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ୱିଲିୟମ୍ସ ପୂର୍ବରୁ ୨୦୧୮ ଉଦ୍‌ଘାଟନୀ ଉତ୍ସବରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଇକ୍ୱେଡର ରାଷ୍ଟ୍ରପତି ଗୁଲେର୍ମୋ ଲାଶୋ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ନାହିଁ। ଇକ୍ୱେଡରରେ ଅଶାନ୍ତି କାରଣରୁ ସେ ଯୋଗ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

### ନୃତ୍ୟ ପରିବେଷଣ କରିବେ ନୋରା



କାତାରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବେ ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀ। ଜଣେ ଆଇଟମ୍ ଡ୍ୟାନ୍ସର ଭାବରେ ନୋରା ପ୍ରସିଦ୍ଧି ହାସଲ କରିଛନ୍ତି। ବିଭିନ୍ନ ଭାରତୀୟ ଭାଷାରେ ୨୫ରୁ ଅଧିକ ଫିଲ୍ମରେ ଅଭିନୟ କରିଥିବା ନୋରା ମରକ୍କୋର ନାଗରିକ।୨୦୨୨ ବିଶ୍ୱକପ ପାଇଁ ଫିଫାର ଅଫିସିଆଲ ସିଙ୍ଗଲ ଲାଇଟ୍ ଦ ୱାର୍ଲ୍ଡରେ ସେ ନୃତ୍ୟ ପ୍ରଦର୍ଶନ କରିବେ। ଏହା ସହିତ ଉଦ୍‌ଘାଟନୀ ଉତ୍ସବ ପାଇଁ ସେ ରେଡ୍ ୱାନ୍,ମାନାଲ, ବଲକିସ୍ ଓ ରହମା ରେଡଙ୍କ ସହିତ କୋଲାବରେସନ କରିବେ ବୋଲି ଜଣାପଡିଛି।

### ଉଦ୍‌ଘାଟନୀ ସମାରୋହ ସମୟ ଓ ପ୍ରସାରଣ

**ଆରମ୍ଭ ସମୟ:**
ସନ୍ଧ୍ୟା ୭.୩୦(ଭାରତୀୟ ସମୟ)
ଅଲ ବାୟଟ୍ ଷ୍ଟାଡିୟମ
**ପ୍ରସାରଣ:**
ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମା


ଫିଫା ବିଶ୍ୱକପ ପାଇଁ କାତାରରେ ପହଞ୍ଚିଥିବା ଘାନା ଦଳ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୨୦/୨୦୨୨ (୮+୮=୧୬ ପୃଷ୍ଠା) | Samabalpur, Sunday, November 20/2022 | Page 16 | ପୃଷ୍ଠା-୧



### ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୦୮

୦୨

### ବାଜପେୟୀଙ୍କ ବାୟୋପିକ୍‌ରେ ପଙ୍କଜ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବାୟୋପିକ୍‌ରେ ବଲିଉଡ୍ ଅଭିନେତା ପଙ୍କଜ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ।



# ନିର୍ବାଚନୀ ଚିହ୍ନ ଦଳୀୟ ସମ୍ପତ୍ତି ନୁହେଁ: ହାଇକୋର୍ଟ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ନିର୍ବାଚନୀ ଚିହ୍ନକୁ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜସ୍ୱ ସମ୍ପତ୍ତି ବିବେଚନା କରିପାରିବେ ନାହିଁ। ଦଳ ଯଦି ନୈରାଶ୍ୟଜନକ ପ୍ରଦର୍ଶନ କରେ ତେବେ ନିର୍ବାଚନୀ ଚିହ୍ନ ବ୍ୟବହାର ଅଧିକାର ହରାଇପାରେ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀକୁ 'ଜଳନ୍ତା ମଶାଲ' ନିର୍ବାଚନୀ ଚିହ୍ନ ମିଳିବା ପରେ ସମତା ପାର୍ଟି ଏହା ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଜଣିକିଆ ଖଣ୍ଡପୀଠ ଉକ୍ତ ଆବେଦନକୁ ଖାରଜ କରିଦେବା ପରେ ସମତା ପାର୍ଟି ଏହାକୁ ଚ୍ୟାଲେଞ୍ଜ କରିଥିଲା। ଜଳନ୍ତା ମଶାଲ ଚିହ୍ନ ସମତା ପାର୍ଟିର ଏବଂ ଏହି ଦଳ ପୂର୍ବରୁ ଉକ୍ତ ଚିହ୍ନରେ ନିର୍ବାଚନ ଲଢ଼ିଥିବା ଯୁକ୍ତି ବାଢ଼ିଥିଲା। ସୁବ୍ରମଣ୍ୟମ ସ୍ୱାମୀ ବନାମ ଭାରତର ନିର୍ବାଚନ କମିଶନ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଉଦାହରଣ ଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ ଦଳର ପିଟିଶନକୁ ଖାରଜ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଦଳୀୟ ଚିହ୍ନ ବାସ୍ତବ ଜିନିଷ କିମ୍ବା ସମ୍ପତ୍ତି ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦଳକୁ ନିର୍ବାଚନୀ ଚିହ୍ନ ବ୍ୟବହାର ଅଧିକାର ହରାଇବାକୁ ପଡ଼ିପାରେ ବୋଲି ଇଲେକ୍ସନ ସିମ୍ବଲସ୍ (ରିଜର୍ଭେଶନ ଆଣ୍ଡ ଆଲଟମେଣ୍ଟ) ଅର୍ଡର, ୧୯୬୮ରେ ସ୍ପଷ୍ଟ ହୋଇଥିବା ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି।

# ଗ୍ରୀଷ୍ମଲହର ୩୩ ଦିନକୁ ବଢ଼ିପାରେ

## ଭାରତରେ ବହୁଗୁଣିତ ହେବ ଭୀଷଣ ପାଗ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ଭାରତର ପାଣିପାଗକୁ ଗୁରୁତର ପ୍ରଭାବିତ କରିବ। ଏହାର ପ୍ରଭାବରେ ବନ୍ୟା, ବାତ୍ୟା ଭଳି ଭୀଷଣ ପାଗ ବହୁଗୁଣିତ ହେବ ବୋଲି ଗାନ୍ଧୀନଗର ଆଇଆଇଟିର ଗବେଷକମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଗବେଷକ ଟିମ୍ ୧୯୫୧ରୁ ୨୦୨୦ ଅବଧି ମଧ୍ୟରେ ଭାରତର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନୁଭୂତ ହୋଇଥିବା ଭୀଷଣ ପାଗଗୁଡ଼ିକୁ ଅଧ୍ୟୟନ କରିଥିଲେ।

ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ସାଙ୍ଗକୁ ଗ୍ରୀଷ୍ମ ପରବର୍ତ୍ତୀ ବର୍ଷାଦିନେ ପ୍ରବଳ ବର୍ଷା ବାରମ୍ବାର ଦେଖାଦେଉଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ସେମାନେ କହିଛନ୍ତି। ଚଳିତ ବର୍ଷ ପାକିସ୍ତାନରେ ଅତ୍ୟଧିକ ଗ୍ରୀଷ୍ମଲହର ଏବଂ ବନ୍ୟା ଅନୁକ୍ରମିକ ଭୀଷଣ ପାଗର ଉଦାହରଣ, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିଭଳି ପାଗ ଭାରତର କୃଷି ଉତ୍ପାଦନ, ସାଧାରଣ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଉପରେ ଗୁରୁତର ପ୍ରଭାବ ପକାଇଥିବା ଗବେଷକମାନେ କହିଛନ୍ତି। ଉତ୍ତପ୍ତ ଜଳବାୟୁ ଏବଂ ଏଲ୍-ନିନୋ-ଦକ୍ଷିଣୀ ଅସ୍କିଲେଶନ (ଇଏନ୍ଏସ୍‌ଓ)ରେ ପରିବର୍ତ୍ତନ ଯୋଗୁ ଆଗାମୀ ଦିନରେ ଭୀଷଣ ପାଗ ଅତ୍ୟଧିକ ବଢ଼ିବ ବୋଲି ଶୁକ୍ରବାର ଓ୍ୱାନ୍ ଆର୍ଥ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି। ଇଏନ୍ଏସ୍‌ଓ ହେଉଛି କେନ୍ଦ୍ରୀୟ ଓ ପୂର୍ବ ଟ୍ରପିକାଲ ପ୍ରଶାନ୍ତ ମହାସାଗର ଜଳରାଶିର ତାପମାତ୍ରାରେ

☞ପୃଷ୍ଠା-୫

# ଆଜିଠାରୁ ଫିଫା ବିଶ୍ୱକପ୍

## କାତାର-ଇକ୍ୱେଡର ଉଦ୍‌ଘାଟନୀ ମ୍ୟାଚ୍

**ଦୋହା, ୧୯।୧୧**



ଅଲ୍‌ବାୟତ ଷ୍ଟାଡିୟମ

କାତାର ପ୍ରସ୍ତୁତ। ଏଠାରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ଫିଫା ବିଶ୍ୱକପ୍‌ର ୨୨ତମ ସଂସ୍କରଣ। ଆରବ ଜଗତରେ ଏହା ହେବ ସର୍ବପ୍ରଥମ ଫୁଟବଲ ମହାକୁମ୍ଭ। ଅନେକ ଚ୍ୟାଲେଞ୍ଜ ଥିଲେ ହେଁ ଏହାକୁ ସଫଳତାର ସହ ମୁକାବିଲା କରି କାତାର ସ୍ମରଣୀୟ ବିଶ୍ୱକପ୍ ଭେଟିଦେବା ପାଇଁ ପ୍ରସ୍ତୁତ। ଆୟୋଜକ ଦେଶଭାବେ କାତାର ଉଦ୍‌ଘାଟନୀ ମ୍ୟାଚରେ ଇକ୍ୱେଡରକୁ ଭେଟିବ। ଗ୍ରୁପ୍ 'ଏ'ର ଏହି ମ୍ୟାଚଟି ୬୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଅଲ୍‌ବାୟତ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୯ଟା ୩୦ରେ ଆରମ୍ଭ ହେବ। କାତାର ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଖେଳିବାକୁ ଯାଉଛି। ତେଣୁ ଏହି ଦଳକୁ କଡ଼ା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଅନ୍ୟ ୨ ଦଳ ହେଲେ ସେନେଗାଲ ଓ ୩ ଥର ରନରଅପ୍ ନେଦରଲାଣ୍ଡ୍ସ। ଗ୍ରୁପ୍ 'ବି'ରେ ୧୯୬୬ ଚାମ୍ପିୟନ ଇଂଲଣ୍ଡ, ଇରାନ୍, ଆମେରିକା, ଓ୍ୱେଲ୍ସ, ଗ୍ରୁପ୍ 'ସି'ରେ ୨ ଥର ଚାମ୍ପିୟନ ଆର୍ଜେଣ୍ଟିନା, ସୌଦୀ ଆରବ, ମେକ୍ସିକୋ, ପୋଲାଣ୍ଡ, ଗ୍ରୁପ୍ 'ଡି'ରେ ୨ ଥର ଟାଇଟଲ ବିଜୟୀ ଫ୍ରାନ୍ସ, ଅଷ୍ଟ୍ରେଲିଆ, ଡେନ୍‌ମାର୍କ, ଟ୍ୟୁନିସିଆ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ଇ'ରେ ୪ ଥର ଲେଖାଏ ଚାମ୍ପିୟନ ଓ ରନରଅପ୍ ଜର୍ମାନୀ, ୨୦୧୦ ଚାମ୍ପିୟନ ସ୍ପେନ୍, କୋଷ୍ଟାରିକା, ଜାପାନ, ଗ୍ରୁପ୍ 'ଏଫ୍'ରେ ବେଲଜିୟମ, କାନାଡ଼ା, ମରକ୍କୋ, କ୍ରୋଏସିଆ, ଗ୍ରୁପ୍ 'ଜି'ରେ ସର୍ବାଧିକ ସଫଳ ଦଳ ୫ ଥର ଚାମ୍ପିୟନ ବ୍ରାଜିଲ, ସର୍ବିଆ, ସୁଇଜରଲାଣ୍ଡ, କାମେରୁନ ଏବଂ ଗ୍ରୁପ୍ 'ଏଚ୍'ରେ ୨ ଥର ଟାଇଟଲ ବିଜେତା ଉରୁଗୁଏ, ପର୍ତ୍ତୁଗାଲ, ଘାନା, ଦକ୍ଷିଣ କୋରିଆ ରହିଛନ୍ତି। ପ୍ରଥମ ମ୍ୟାଚ ପୂର୍ବରୁ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ଭାରତୀୟ ସମୟ ରାତି ୭ଟାରେ ଅନୁଷ୍ଠିତ ହେବ।

ଉଦ୍‌ଘାଟନୀ ମ୍ୟାଚ କାତାର ପାଇଁ ଅନେକ ଗୁରୁତ୍ୱ ରଖୁଛି। ଇକ୍ୱେଡରର ବିଶ୍ୱ ର୍‍ୟାଙ୍କିଙ୍ଗ୍ ୪୪ ଥିବାବେଳେ କାତାର ୫୦ତମ ସ୍ଥାନରେ ରହିଛି। ଗ୍ରୁପ୍‌ର ଅନ୍ୟ ୨ଟି ଦଳ ସେନେଗାଲ (୧୮) ଓ ନେଦରଲାଣ୍ଡ୍ସ (୮) ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିବାରୁ ଇକ୍ୱେଡରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଚାହିଁବ କାତାର। କାରଣ ବିଶ୍ୱକପ ଫୁଟବଲ ଇତିହାସରେ ଆୟୋଜକ ଦେଶଭାବେ କେବଳ ଦକ୍ଷିଣ ଆଫ୍ରିକା ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲା।

☞ପୃଷ୍ଠା-୫






**ଏକ୍ସପେରିଆନର ନୂତନ ସେବା**

ନୂଆଦିଲ୍ଲୀ:ଦେଶର ପ୍ରମୁଖ ଡାଟା ବିଶ୍ଳେଷଣ ତଥା କ୍ରେଡିଟ୍ ଇନ୍‌ଫର୍ମେଶନ କମ୍ପାନୀ ଏକ୍ସପେରିଆନ ଇଣ୍ଡିଆ ପକ୍ଷରୁ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତୀୟ ଗ୍ରାହକଙ୍କୁ ସେମାନଙ୍କ କ୍ରେଡିଟ୍ ସ୍କୋର ହ୍ୱାଟ୍ସଆପ୍‌ରେ ଯାଞ୍ଚ କରିବାକୁ ମାଗଣାରେ କମ୍ପାନୀ ସୁଯୋଗ ପ୍ରଦାନ କରୁଛି। ଏପରିକି ଭାରତରେ କୌଣସି କ୍ରେଡିଟ୍ ବ୍ୟୁରୋ ପକ୍ଷରୁ ଏଭଳି ଏକ ସେବା ଯୋଗାଣ କ୍ଷେତ୍ରରେ ଏହା ପ୍ରଥମ। ଫଳରେ ଗ୍ରାହକମାନେ ଏଣିକି ସେମାନଙ୍କର ଏକ୍ସପେରିଆନ କ୍ରେଡିଟ୍ ରିପୋର୍ଟ ନିୟମିତ ଭାବେ ଯାଞ୍ଚ କରିପାରିବେ ଏବଂ ସେମାନଙ୍କ କ୍ରେଡିଟ୍ ପୋର୍ଟଫୋଲିଓ ସହଜରେ ନିରୀକ୍ଷା କରିପାରିବେ।

# ଇସ୍ପାତ ଉପରୁ ହଟିଲା ରପ୍ତାନି ଶୁଳ୍କ

ନୂଆଦିଲ୍ଲୀ,୧୯।୧୧



ଗତ ୬ମାସ ତଳେ କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଲୁହା ପଥରର ପରିମାଣ (ଲୌହ ମାତ୍ରା) ଉପରେ ରପ୍ତାନୀ ଶୁଳ୍କ ଲାଗୁ କରିବାକୁ ଏକ ବିସ୍ତୃତ ଯୋଜନା କରିଥିଲେ। ହେଲେ ଏହି କ୍ଷେତ୍ରରେ କାର୍ଯ୍ୟକରୁଥିବା ଉଭୟ ସରକାରୀ ଓ ଘରୋଇ ସଂସ୍ଥା ଏବଂ ବିଶେଷଜ୍ଞ ମାନେ ଏହାକୁ ବିରୋଧ କରିବା ସହ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଶିଳ୍ପ ସଂସ୍ଥାର ଅନୁରୋଧ କ୍ରମେ କେନ୍ଦ୍ର ସରକାର ଇସ୍ପାତ ଉପରୁ ରପ୍ତାନୀ ଶୁଳ୍କର ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏପରିକି ଚଳିତ ବର୍ଷ ମେ ୨୨ ପୂର୍ବରୁ ପ୍ରଚଳିତ ସ୍ଥିତାବସ୍ଥାର ପୁନଃ ଲାଗୁ କରିଛନ୍ତି। ଏପରିକି ୫୮%ରୁ କମ୍ ଲୌହ ମାତ୍ରା ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ, ଲୁହା ପଥର ପେଲେଟ ଏବଂ ପିଗ୍ ଆଇରନ୍ ସମେତ ନିର୍ଦ୍ଦିଷ୍ଟ ଇସ୍ପାତ ଉତ୍ପାଦରେ ଲାଗୁଥିବା ଶୁଳ୍କକୁ ପ୍ରତ୍ୟାହାର କରି ନେଇଛନ୍ତି। ସେହିପରି ଆନ୍ଥ୍ରାସାଇଟ୍, ପିସିଆଇ, କୋଇଲା, କୋକିଂ କୋଇଲା, କୋକ୍ ଏବଂ ସେମି କୋକ୍ ଏବଂ ଫେରୋ ନିକେଲ୍ ଉପରୁ ଆମଦାନୀ ଶୁଳ୍କ ରିହାତି ମଧ୍ୟ ପ୍ରତ୍ୟାହାର କରାଯାଇଛି ବୋଲି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆଜିଠାରୁ (୨୦୨୨ ନଭେମ୍ବର ୧୯) ୫୮%ରୁ କମ୍ ଏଫ୍‌ଇ ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ ଉପରେ କୌଣସି ରପ୍ତାନି ଶୁଳ୍କ ଲାଗୁ ହେବ ନାହିଁ ଏବଂ ୫୮%ରୁ ଅଧିକ ଏଫ୍‌ଇ ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ ଉପରେ ୩୦%ରୁ କମ୍ ରପ୍ତାନି ଶୁଳ୍କ ଲାଗୁ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଲୁହାପଥରର ପେଲେଟ୍ ରପ୍ତାନି ଉପରେ କୌଣସି ରପ୍ତାନି ଶୁଳ୍କ ଲାଗୁ ହେବ ନାହିଁ ଓ ଆନ୍ଥ୍ରାସାଇଟ୍, ପିସିଆଇ, କୋକିଂ କୋଇଲା ଏବଂ ଫେରୋ ନିକେଲ୍ ଉପରେ ୨.୫% ଆମଦାନୀ ଶୁଳ୍କ ଲାଗୁ ହେବ। ଅପରପକ୍ଷରେ କୋକ୍ ଏବଂ ସେମି କୋକ୍ ଉପରେ ୫% ଆମଦାନୀ ଶୁଳ୍କ ଲାଗୁ ହେବ। ତେବେ ୨୦୨୨ ମେରେ ଇସ୍ପାତ ମୂଲ୍ୟରେ ଉଚ୍ଚ ଓ କ୍ରମାଗତ ବୃଦ୍ଧି ଘଟିଥିଲା। ଏହା ପରେ ଇସ୍ପାତ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ କିମ୍ବା ମଧ୍ୟବର୍ତ୍ତୀ ସାମଗ୍ରୀର ଉପଲବ୍ଧତା ବୃଦ୍ଧି କରିବା ପାଇଁ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଅନେକ ଶୁଳ୍କ ସମ୍ବନ୍ଧିତ ପଦକ୍ଷେପ ନେଇଥିଲେ। ଏପରିକି ୫୮%ରୁ ଅଧିକ ଏଫ୍‌ଇ ଥିବା ଲୁହା ପଥର ଉପରେ ରପ୍ତାନି ଶୁଳ୍କ ୩୦%ରୁ ୫୦% ବିଜ୍ଞାପନ ଭାଲୋରେମକୁ ବୃଦ୍ଧି କରାଯାଇଥିଲା ଏବଂ ଏହା ୨୨ ମେ ୨୦୨୨ରୁ ଲାଗୁ ହୋଇଥିଲା। ଲୁହା ପଥର ଉପରେ ୫୮%ର ରପ୍ତାନି ଶୁଳ୍କ ଲାଗୁ କରାଯାଇଥିଲା ଏବଂ ଲୁହା ପଥର ପେଲେଟ ଉପରେ ୪୫% ରପ୍ତାନି ଶୁଳ୍କ ଲାଗୁ ମଧ୍ୟ କରାଯାଇଥିଲା।

## ପିରାମଲ-ନାଭି ସହଯୋଗିତା

ନୂଆଦିଲ୍ଲୀ,୧୯।୧୧

ଦେଶର ପ୍ରମୁଖ ପ୍ରଯୁକ୍ତିଭିତ୍ତିକ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ନାଭି ଗ୍ରୁପ୍ ପକ୍ଷରୁ କୋ-ଲେଣ୍ଡିଂ ପାଇଁ ପିରାମଲ୍ କ୍ୟାପିଟାଲ୍ ଆଣ୍ଡ ହାଉସିଂ ଫାଇନାନ୍ସ ଲିମିଟେଡ୍ ସହ ଏକ ସହଯୋଗିତା ସ୍ଥାପନ କରାଯାଇଛି। ଏହା ଜରିଆରେ ସାରା ଭାରତର ଗ୍ରାହକମାନଙ୍କୁ 'ଡିଜିଟାଲ ବ୍ୟକ୍ତିଗତ ଋଣ' ପ୍ରଦାନ କରାଯିବ। ବିଶେଷକରି ଏହା ଅଧୀନରେ ଋଣଗ୍ରହୀତାମାନେ ନାଭି ଆପ୍ ଜରିଆରେ ୭୨ମାସ ପର୍ଯ୍ୟନ୍ତ ଅବଧିର ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ବ୍ୟକ୍ତିଗତ ଋଣ ସୁବିଧା ପାଇପାରିବେ। ଏହି ସେବାକୁ ଆହୁରି ସହଜ କରିବା ପାଇଁ ନାଭି ଗ୍ରୁପ୍ ପକ୍ଷରୁ ସର୍ବନିମ୍ନ କାଗଜପତ୍ର ଏବଂ ଋଣ ପରିଶୋଧ ପଦ୍ଧତିରେ ନମନୀୟତା ଭଳି ସୁବିଧା ସହ ପ୍ରବେଶ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଡିଜିଟାଲକରଣ କରାଯାଇଛି। ସେହିଭଳି ପିରାମଲ୍ ଫାଇନାନ୍ସର ସାରା ଦେଶର ୧୧,୦୦୦ରୁ ଅଧିକ ପିନ୍‌କୋଡ୍‌ରେ ଉପଲବ୍ଧ ଥିବା ଉପସ୍ଥିତି ନାଭିର ଋଣ ପ୍ରଦାନ ଦକ୍ଷତାକୁ ଆଗକୁ ବଢ଼ାଇବ।

# ଆଇସିପିଏର ନୂତନ ଉତ୍ପାଦ




ନୂଆଦିଲ୍ଲୀ ,୧୯।୧୧

ଦେଶର ପ୍ରମୁଖ ଫାର୍ମା କମ୍ପାନୀ 'ଆଇସିପିଏ ହେଲ୍‌ଥ ପ୍ରଡକ୍ଟସ ଲିମିଟେଡ୍ (ଆଇସିପିଏ)ର ନୂତନ ଉତ୍ପାଦ 'ହେକ୍ସିମେଟ୍ରୋ'ର ସର୍ବଭାରତୀୟ ସ୍ତରରେ ଉନ୍ମୋଚିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ସୋସାଇଟି ଅଫ୍ ପେରିଓଡୋଣ୍ଟୋଲୋଜି (ଆଇଏସ୍‌ପି)ର ବାର୍ଷିକ ସମ୍ମିଳନୀ ଅବସରରେ କମ୍ପାନୀର ଉକ୍ତ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଏପରିକି ଭୁବନେଶ୍ୱରଠାରେ ଆଇଏସ୍‌ପି ଦ୍ୱାରା ଏକ ୩ ଦିନିଆ ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ସାରା ଦେଶରୁ ବହୁ ସଂଖ୍ୟାରେ ପିରିଓଡୋଣ୍ଟିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଆଇସିପିଏର ନିର୍ଦ୍ଦେଶକ ଆଭା ଦମାନୀ କହିଛନ୍ତି, ପିରିଓଡୋଣ୍ଟିଷ୍ଟ ଏବଂ ଇମ୍ପ୍ଲାଣ୍ଟୋଲୋଜିଷ୍ଟମାନଙ୍କ ପାଇଁ ଆଇଏସ୍‌ପି ନ୍ୟାଶନାଲ କନ୍‌ଫରେନ୍‌ସ ହେଉଛି ସବୁଠାରୁ ବଡ଼ ଇଭେଣ୍ଟ ଏବଂ ଏଠାରେ ହେକ୍ସିମେଟ୍ରୋର ଶୁଭାରମ୍ଭ ଏକ ବିଶେଷ ଉଦ୍ଦେଶ୍ୟରେ କରାଯାଇଛି। ସେହିଭଳି ଏ ପର୍ଯ୍ୟନ୍ତ ମାଉଥ୍ ଅଲ୍‌ସର ପାଇଁ ଆମର ତିନୋଟି ଟପିକାଲ୍ ଉତ୍ପାଦ ହେକ୍ସିଜେଲ୍, ମୁକୋପେନ୍ ଏବଂ ଗ୍ରିଓ ପ୍ଲାଷ୍ଟ ରହିଛି। ବିଶେଷକରି ହେକ୍ସିମେଟ୍ରୋର ପରିଚୟ ବର୍ତ୍ତମାନ ଆମର ଆଣ୍ଟି-ଅଲସେରାଣ୍ଟ ପରିସରକୁ ଆହୁରି ବ୍ୟାପକ କରିବ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପିରିଓଡୋଣ୍ଟିଷ୍ଟମାନେ ପିରିଓଡୋଣ୍ଟାଲ ଏବଂ ପେରି-ଇମ୍ପ୍ଲାଣ୍ଟ ରୋଗର ନିରାକରଣ, ନିଦାନ ଏବଂ ଚିକିତ୍ସା କରିଥାନ୍ତି। ଏକ ପ୍ରେସ୍‌କ୍ରିପ୍‌ସନଭିତ୍ତିକ ଉତ୍ପାଦ, ହେକ୍ସିମେଟ୍ରୋ ଦେଶର ସ୍ଥାନୀୟ ଔଷଧ ଦୋକାନ ଏବଂ ଫାର୍ମାସୀଗୁଡ଼ିକରେ ଉପଲବ୍ଧ ହେବ।

## ପଦ୍ମିନୀ କେୟାରରେ ପ୍ରଶିକ୍ଷିତ ହେଲେ ମାଲେସିଆର ଡାକ୍ତର



କଟକ,୧୯।୧୧

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'ପଦ୍ମିନୀ କେୟାର ହସ୍ପିଟାଲ' ପକ୍ଷରୁ ନିକଟରେ ଏକ ଅନ୍ତଃରାଷ୍ଟ୍ରୀୟ ଏଣ୍ଡୋସ୍କୋପିକ୍ ସ୍ପାଇନ୍ ଟ୍ରେନିଂ ଆଣ୍ଡ ଫେଲୋଶିପ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମାଲେସିଆର ୟୁବ ନ୍ୟୁରୋ ସର୍ଜନ ଡା. ଆରୁନ୍ ତାନ୍‌ଚିନ୍ ପଦ୍ମିନୀ କେୟାର ହସ୍ପିଟାଲରେ ୟୁନିଲାଟେରାଲ ବାଇପୋର୍ଟାଲ ଏଣ୍ଡୋସ୍କୋପି-ଲେଜର ସ୍ପାଇନ୍ ସର୍ଜରି (ମେରୁଦଣ୍ଡ ଯନ୍ତ୍ରଣାଜନିତ ଅସ୍ତ୍ରୋପଚାର) ରେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଅପରପକ୍ଷରେ ମେଡିକାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା.ଆରୁନ୍‌ଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ଡା.ଆତ୍ମାରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଶିକ୍ଷଣ ବ୍ୟବସ୍ଥା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

# ୩୦ରୁ ୩ୟ ଏମ୍‌ଆଇଓ ମହାକୁମ୍ଭ

ଭୁବନେଶ୍ୱର,୧୯।୧୧



ଚଳିତ ମାସ ୩୦ରୁ ୩ୟ ମେକ୍ ଇନ୍ ଓଡ଼ିଶା (ଏମ୍‌ଆଇଓ) କନ୍‌କ୍ଲେଭ ସ୍ଥାନୀୟ ଜନତା ମଇଦାନଠାରେ ହେବାକୁ ଯାଉଛି। ଏପରିକି ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏମ୍‌ଆଇଓ କନ୍‌କ୍ଲେଭକୁ ସଫଳତାର ସହ ପରିଚାଳନା କରିବାକୁ ରାଜ୍ୟ ଶିଳ୍ପ ବିଭାଗ, ଫିକି, ଇପିକଲ ସହ ପିଡବ୍ଲ୍ୟୁସି, ଲାନିୟାର୍ଡସ୍ ଏବଂ ଜେନେସିସ୍ ଭଳି ଜଣାଶୁଣା ସଂସ୍ଥାଙ୍କ ସହଯୋଗରେ ଏହି ବୃହତ୍ ଶିଳ୍ପ ମହାକୁମ୍ଭର ଆୟୋଜନ କରାଯାଉଛି। ଏହି ୫ଦିନିଆ କନ୍‌କ୍ଲେଭରେ ଦେଶବିଦେଶରୁ ବିଭିନ୍ନ ବର୍ଗର ଶିଳ୍ପପତିମାନେ ଯୋଗଦେଇ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ରହିଥିବା ପୁଞ୍ଜିନିବେଶ ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ। ଶିଳ୍ପ ବିଭାଗ ପକ୍ଷରୁ ନିକଟରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏପରିକି ଅନୁଷ୍ଠିତ ହେବାକୁ ଥିବା ଏମ୍‌ଆଇଓର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଠିକ୍ ଭାବେ ପ୍ରଚାର ପ୍ରସାର କରାଇବା ନିମନ୍ତେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଆଲୋଚନା ମଧ୍ୟ ହୋଇଥିଲା। ଉକ୍ତ ସମ୍ମିଳନୀରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଇଡ୍‌କୋର ଅଧ୍ୟକ୍ଷ ହେମନ୍ତ କୁମାର ଶର୍ମା ଯୋଗଦେଇ ଏମ୍‌ଆଇଓ କନ୍‌କ୍ଲେଭ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ଉକ୍ତ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କନ୍‌କ୍ଲେଭ ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ କରାଯିବା ସହ ତା'ର ସଫଳ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ଉକ୍ତ ବୈଠକରେ ଯୋଗଦେଇଥିଲେ।

## ୨୧ରେ 'ହଲ୍ ଅଫ୍ ଫେମ୍'ର ୨ୟ ସଂସ୍କରଣ

ଭୁବନେଶ୍ୱର,୧୯।୧୧

ଚଳିତ ବର୍ଷ ନଭେମ୍ବର ୨୧ରେ 'ହଲ୍ ଅଫ୍ ଫେମ୍'ର ୨ୟ ସଂସ୍କରଣ ହେବାକୁ ଯାଉଛି। ବିଶେଷକରି ଓଡ଼ିଶାରେ ଔଦ୍ୟୋଗିକ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଟିଆଇଇ ଭୁବନେଶ୍ୱର ଓ ଷ୍ଟାର୍ଟ-ଅପ୍ ଓଡ଼ିଶାର ଏକ ମିଳିତ ପ୍ରୟାସ 'ହଲ୍ ଅଫ୍ ଫେମ୍ ୨.୦ର ଆୟୋଜନ କରାଯାଉଛି। ଏପରିକି ଷ୍ଟାର୍ଟଅପ୍‌ଗୁଡ଼ିକୁ ସେଗୁଡିକର ଉତ୍ପାଦ ଓ ସେବା ପ୍ରଦର୍ଶନ ନିମନ୍ତେ ଏକ ବୃହତ୍ ମଞ୍ଚ ମିଳିଥାଏ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡ଼ିଶାର ଏକଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ, ଟିଆଇଇ ଭୁବନେଶ୍ୱରର ସଭାପତି ଦେବାଶିଷ ପଟ୍ଟନାୟକ ଏବଂ ଟିଆଇଇ ଭୁବନେଶ୍ୱରର ଉପସଭାପତି ସୁନୀଲ ତନେଜା ପ୍ରମୁଖ ଅତିଥିଭାବେ ଯୋଗଦେବେ। ସେହିପରି ଏସ୍‌ଟିପିଆଇ ଭୁବନେଶ୍ୱରର ଡାଇରେକ୍ଟର ମାନସ ପଣ୍ଡା ଏବଂ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ହେଡ୍-ସିଏସ୍‌ଆର୍ ଆଣ୍ଡ କର୍ପୋରେଟ ଆଫେୟାର୍ସ ପ୍ରଶାନ୍ତ ବିଶ୍ୱାଳ ଉଦ୍‌ଯାପନୀ ଅଧିବେଶନରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଷ୍ଟାର୍ଟଅପ୍‌କୁ ନେଇ ନିଜର ଔଦ୍ୟୋଗିକ ଯାତ୍ରା ଅନୁଭୂତି ସମ୍ପର୍କରେ ମଧ୍ୟ ଅଭିଭାଷଣ ପ୍ରଦାନ କରିବେ।

**ଫୁର୍‌ସତ୍**

# ୧୪୦ ବର୍ଷ ପରେ ମିଳିଲା ଫେଜାଣ୍ଟ ପାରାର ସନ୍ଧାନ

ପୋର୍ଟ ମୋର୍ସବି

**ବିଶ୍ୱର ୨୦ ବିଲୁପ୍ତ ପକ୍ଷୀଙ୍କ ସୂଚୀରେ ଥିଲା ନାଁ**



ଜୀବଜଗତରେ ଅନେକ ପଶୁ ଓ ପକ୍ଷୀ ଅଛନ୍ତି ଯେଉଁମାନେ ସହଜରେ ଦେଖା ଦିଅନ୍ତି ନାହିଁ। ସେମାନେ ଜନବସତିଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଜଙ୍ଗଲ କ୍ଷୟ ମୁଖ୍ୟ କାରଣ ପାଲଟିଛି, ଯାହାଫଳରେ ଗୋପନରେ ରହିବାକୁ ପସନ୍ଦ କରୁଥିବା ଜୀବ ଖାଦ୍ୟ ଅନ୍ୱେଷଣ ପାଇଁ ବାହାରକୁ ଆସୁଛନ୍ତି। ନିକଟରେ ବୈଜ୍ଞାନିକମାନେ ପାପୁଆ ନ୍ୟୁଗିନିଆରେ ବ୍ଲାକ୍ ନାପ୍ଡ ଫେଜାଣ୍ଟ ପାରାକୁ ଦେଖିଛନ୍ତି। ଶତାଧିକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୁକୁଡ଼ା ଆକାରର ଏହି ଦୁର୍ଲଭ ପକ୍ଷୀର କୌଣସି ଖବର ନ ଥିଲା। ଫଳରେ ଏହାକୁ ବିଶ୍ୱର ୨୦ ବିଲୁପ୍ତ ପକ୍ଷୀଙ୍କ ସୂଚୀରେ ସାମିଲ କରାଯାଇଥିଲା। କିନ୍ତୁ ପାପୁଆ ନ୍ୟୁଗିନିଆର କିଲକେରାନ୍ ପର୍ବତରେ ଫେଜାଣ୍ଟ ପାରା ଦେଖାଯାଇଛି। ୧୮୮୨ରେ ପ୍ରଥମ ଥର ଏହାକୁ ଦେଖାଯାଇଥିବା ଲଷ୍ଟ ବାର୍ଡ ପ୍ରୋଗ୍ରାମର ନିର୍ଦ୍ଦେଶକ ଜନ୍ ମିଟରମେଇର କହିଛନ୍ତି। ଫେଜାଣ୍ଟ ପାରା ସମ୍ବନ୍ଧରେ ତଥ୍ୟ ଖୋଜିବା ପାଇଁ ଏକ ବିଶେଷଜ୍ଞ ଟିମ୍ କ୍ୟାମେରା ଜରିଆରେ ଏହି ବିରଳ ପକ୍ଷୀର ଚିହ୍ନଟ କରିଥିଲେ। ଦଳ ଲୁକ୍କାୟିତ ଭାବେ ରହୁଥିବା ୧୫୦ ପକ୍ଷୀଙ୍କ ଚିହ୍ନଟ କରିଛନ୍ତି। ପାପୁଆ ନ୍ୟୁଗିନିଆ ନିକଟରେ ଥିବା ଫେରଗୁସୋନ୍ ଆଇଲାଣ୍ଡରେ ଫେଜାଣ୍ଟ ପାରାର ସନ୍ଧାନ ପାଇଁ ୨୦୧୯ରେ ବିଶେଷଜ୍ଞଙ୍କ ଏକ ଟିମ୍ ପ୍ରୟାସ କରିଥିଲେ। କିନ୍ତୁ ସେମାନଙ୍କୁ ସଫଳତା ମିଳି ନ ଥିଲା।

# ବାଜପେୟୀଙ୍କ ବାୟୋପିକ୍‌ରେ ପଙ୍କଜ

ମୁମ୍ବାଇ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବାୟୋପିକ 'ମେଁ ରହୁଁ ୟା ନା ରହୁଁ ୟେ ଦେଶ ରେହନା ଚାହିୟେ-ଅଟଳ'ରେ ଅଭିନେତା ପଙ୍କଜ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏକାଧିକ ଥର ଜାତୀୟ ପୁରସ୍କାର ହାସଲ କରିଥିବା ରବି ଯାଦବଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରଟିର କାହାଣୀ ଲେଖିଛନ୍ତି ଉତ୍କର୍ଷ ନାଇଥାନି। ପଙ୍କଜ କହିଛନ୍ତି, 'ଏଭଳି ମହାନ ରାଜନେତାଙ୍କୁ ପରଦାରେ ଚିତ୍ରଣ କରିବା ଗୌରବର ବିଷୟ। ସେ କେବଳ ଜଣେ ରାଜନେତା ନୁହଁନ୍ତି, ସେ ଜଣେ ଉତ୍ତମ ଲେଖକ ଏବଂ ପ୍ରଖ୍ୟାତ କବି । ତାଙ୍କ ପାଦର ଜୋତା ହେବା ମୋ ଭଳି ଜଣେ ଅଭିନେତାଙ୍କ ପାଇଁ ସୌଭାଗ୍ୟ ଠାରୁ କମ୍ ନୁହେଁ ବୋଲି ପଙ୍କଜ କହିଛନ୍ତି। ଏହି ଚଳଚ୍ଚିତ୍ରଟି ବାଜପାୟୀଙ୍କ ରାଜନୈତିକ ଯାତ୍ରା ଉପରେ ଆଧାରିତ।



## ଚଟାଣ ତଳୁ ବାହାରିଲା ୧୩୫ ବର୍ଷର ଚିଠି

ନୂଆଦିଲ୍ଲୀ: ଏଲିଧ୍ ସିମ୍ପ୍‌ଥନ୍ ନାମକ ଜଣେ ମହିଳା ତାଙ୍କ ଘରର ଚଟାଣ ସଫା କରୁଥିଲେ। ସେତେବେଳେ ତାଙ୍କୁ ଏକ ବୋତଲ ମିଳିଥିଲା, ଯାହା କି ୧୩୫ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ସେହି ବୋତଲକୁ ସେମାନେ ବହୁ ସାବଧାନର ସହ ଚଟାଣ ମଧ୍ୟରୁ ବାହାର କରିଥିଲେ। ତା' ଭିତରେ ଏକ ଚିଠି ଥିଲା। ସେଥିରେ କିଛି ମେଜେସ୍ ଲେଖାଥିବା ସହ ୧୮୮୭ ଅକ୍ଟୋବର ୬ ତାରିଖ ଲେଖାଥିଲା। ସେହି ଲେଖାକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେହି ଚିଠି ଏଲିଜାବେଥ୍‌ଙ୍କ ସମୟର ବୋଲି ଜଣାପଡ଼ିଛି। ସେଥିରେ ତାଙ୍କ ପୂର୍ବ ପୁରୁଷର କେହି ଜଣେ ଏହି ଚିଠି ଲେଖିଥିବା ଜଣାପଡ଼ିଛି।




# ବିବାହ ଉତ୍ସବକୁ ସେନା ନିମନ୍ତ୍ରିତ




ଥିରୁଭାନନ୍ତପୁରମ୍: ବିବାହ ସମସ୍ତଙ୍କ ଜୀବନରେ ବହୁତ ଖାସ ମୁହୂର୍ତ୍ତ ହୋଇଥାଏ। ଏଥିସହ ବିବାହକୁ ସ୍ମରଣୀୟ କରିବାକୁ ମଧ୍ୟ ସମସ୍ତେ ଚାହିଁଥାନ୍ତି। ତେବେ ଏପରି ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ବିବାହ କରିବାକୁ ଯାଉଥିବା ଦମ୍ପତି ସମସ୍ତ ଭାରତୀୟ ଆର୍ମିଙ୍କୁ ତାଙ୍କ ବିବାହ ପାଇଁ ନିମନ୍ତ୍ରଣ କରିଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନଭେମ୍ବର ୧୦ରେ ବିବାହ କରିଥିବା କେରଳର ଦମ୍ପତି ରାହୁଲ ଏବଂ କାର୍ତ୍ତିକା ସମସ୍ତ ଭାରତୀୟ ଆର୍ମିଙ୍କୁ ନିମନ୍ତ୍ରଣ ପଠାଇଥିବା ଜଣାପଡ଼ିଛି। ସେ ଚିଠିରେ ଲେଖିଛନ୍ତି, ' ଆମେ ଦୁହେଁ ନଭେମ୍ବର ୧୦ରେ ବିବାହ କରିବାକୁ ଯାଉଛୁ। ଆପଣମାନେ ଆମକୁ ଏବଂ ଦେଶକୁ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷା କରୁଛନ୍ତି, ଫଳରେ ଆମେ ଘରେ ଆରାମରେ ଶୋଇପାରୁଛୁ। ବାହାରେ ବୁଲି ପାରୁଛୁ। ସେଥିପାଇଁ ଆପଣଙ୍କ ପାଖରେ ଆମେ ଚିର ଋଣୀ। ଆମେ ଦୁହେଁ ବହୁତ ଖୁସି ଅଛୁ। ଆମର ଏହି ଖୁସିର ମୁହୂର୍ତ୍ତରେ ଆପଣଙ୍କୁ ଆମନ୍ତ୍ରିତ କରି ଆଶୀର୍ବାଦ କାମନା କରୁଛୁ।' ଭାରତୀୟ ସେନା ଏହାର ଉତ୍ତର ଦେବାକୁ ଯାଇ ଲେଖିଛନ୍ତି, 'ବେଷ୍ଟ ୱିସେସ୍। ବିବାହ ନିମନ୍ତ୍ରଣ ପାଇଁ ଦୁହିଁଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ତୁମ ବିବାହ ଜୀବନ ପାଇଁ ଶୁଭକାମନା।' ଏଥିସହ ଅନେକ ଲୋକ ମଧ୍ୟ ଲଗାତାର ଏଥିରେ କମେଣ୍ଟ କରୁଥିବା ଦେଖିବାକୁ ମିଳୁଛି।

## ଶିଶୁଙ୍କ ବିକାଶରେ ବିଶ୍ୱର ବିକାଶ

**ବିଶ୍ୱ ଶିଶୁ ଦିବସ**

କୁହାଯାଏ, ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଶିଶୁଙ୍କ ବିକାଶରେ ଦେଶ ତଥା ସମଗ୍ର ବିଶ୍ୱର ବିକାଶ ସମ୍ଭବ ହୋଇପାରିଥାଏ। ଶିଶୁଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ତଥା ସେମାନଙ୍କର ଅଧିକାରକୁ ସୁରକ୍ଷା ରଖିବା ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୨୦ରେ ବିଶ୍ୱ ଶିଶୁ ଦିବସ ପାଳନ କରାଯାଇଥାଏ। ଶିଶୁଙ୍କ ପାଇଁ ଏଭଳି ଏକ ଦିବସ ପାଳନର ଆରମ୍ଭ ୧୯୫୪ ନଭେମ୍ବର ୨୦ରେ ହୋଇଥିଲା। ସମଗ୍ର ବିଶ୍ୱର ଶିଶୁଙ୍କ କଲ୍ୟାଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଏହି ଦିବସର ଉଦ୍ଦେଶ୍ୟ। ନଭେମ୍ବର ୧୯୫୯ ନଭେମ୍ବର ୨୦ରେ ମିଳିତ ଜାତିସଂଘର ସାଧାରଣ ସଭା ଶିଶୁଙ୍କ ଅଧିକାର ସମ୍ପର୍କରେ ଘୋଷଣା କରିଥିଲେ। ୧୯୮୯ରେ ଏହାକୁ ଜାତିସଂଘ ପକ୍ଷରୁ ଅନୁମୋଦନ କରାଯାଇଥିଲା। ୧୯୯୦ ମସିହାଠାରୁ ମିଳିତ ଜାତିସଂଘ ନଭେମ୍ବର ୨୦କୁ ଶିଶୁ ଅଧିକାର ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ରାଉରକେଲା ଅଫିସ,୧୯।୧୧:** ପ୍ଲାଣ୍ଟସାଇଟ୍ ପୋଲିସ ଥାନା ଅଧୀନ ଗୋପବନ୍ଧୁପାଲି ଅଞ୍ଚଳରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜକିଶୋର ମୁଖୀ(୩୨)। ପୋଲିସ ଏ ନେଇ ଏକ ମାମଲା (ନଂ.୪୬୨।୨୨) ରୁଜୁ କରି ତାଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଗୋପବନ୍ଧୁପାଲି ବସ୍ତିର ରାଜକିଶୋର ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ଉକ୍ତ ଅଞ୍ଚଳର ସରୋଜ ବାରବରିହାଙ୍କୁ ଗୋପବନ୍ଧୁପାଲି ଛକ ରାସ୍ତାରେ ଅଟକାଇ କିଛି ଟଙ୍କା ମାଗିଥିଲେ। ସରୋଜ ଟଙ୍କା ଦେବାକୁ ମନା କରିବାରୁ ରାଜକିଶୋର ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସରୋଜ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ବଡ଼ଭାଇଙ୍କୁ ଆକ୍ରମଣ, ସାନଭାଇ ଗିରଫ

**ରାଉରକେଲା ଅଫିସ,୧୯।୧୧:** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗାନ୍ଧୀରୋଡ ଅଞ୍ଚଳରେ ବଡଭାଇଙ୍କୁ ଆକ୍ରମଣ ଅଭିଯୋଗରେ ସାନଭାଇ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସତୀଶ ଅଗ୍ରୱାଲ। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୪୫୯।୨୨) ରୁଜୁ କରିଛି। ସୂଚନା ଅନୁସାରେ, ଗୁରୁଦ୍ୱାରା ରୋଡ ଅଞ୍ଚଳରେ ରମେଶ ଅଗ୍ରୱାଲ ଓ ତାଙ୍କ ସାନଭାଇ ସତୀଶ ଅଗ୍ରୱାଲ ରୁହନ୍ତି। ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ କୌଣସି କଥାକୁ ରମେଶ ଓ ସତୀଶଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ଏଥିରେ ସତୀଶ ରାଗିଯାଇ ରମେଶଙ୍କୁ ମାରଣାଅସ୍ତ୍ରରେ ଆକ୍ରମଣ କରିଥିଲେ। ରମେଶ ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି।

# ନିଆଁ ଲଗାଇ ସ୍ତ୍ରୀଙ୍କୁ ପୋଡ଼ି ମାରିବା ଉଦ୍ୟମ

**ଝାରସୁଗୁଡ଼ା ଅଫିସ,୧୯।୧୧**

ଲଖନପୁର ବ୍ଲକର ପଲସଦା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ଜୀବନ୍ତ ପୋଡ଼ି ମାରିବା ଉଦ୍ୟମ ଅଭିଯୋଗରେ ରେଙ୍ଗାଲି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗ୍ରାମର ଲଳିତ ସୋନା (୫୨)। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟା ସାଢେ ୭ଟାରେ ଲଳିତଙ୍କ ସହ କୌଣସି କାରଣରୁ ସ୍ତ୍ରୀ ସୁଲୋଚନାଙ୍କ କଳହ ଲାଗିଥିଲା। ଏଥିରେ ଲଳିତ ଉତ୍ତ୍ୟକ୍ତ ହୋଇ ସୁଲୋଚନାଙ୍କୁ ମାରପିଟ କରିଥିଲେ। ସୁଲୋଚନା ଭୟଭୀତ ଅବସ୍ଥାରେ ଏକ କୋଠରୀରେ ଲୁଚି ପ୍ରାଣ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ହେଲେ ଲଳିତ ଘରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସୁଲୋଚନାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡି ଯାଇଥିଲା। ଗ୍ରାମବାସୀ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରେଙ୍ଗାଲି ଥାନାଧିକାରୀ କେ. ସାମରିଆ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଜିଲା ଆଶା, ଆଶାସାଥୀ ସାମ୍ମୁଖ୍ୟ ଗଠିତ



ଆଶାକର୍ମୀ ସଂଘ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୧୯।୧୧**

ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶା ଓ ଆଶାସାଥୀମାନଙ୍କୁ ନେଇ ଏକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶାସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀମାନଙ୍କୁ ସରକାରଙ୍କ ସର୍ବନିମ୍ନ ମଜୁରି ପ୍ରଦାନ, ଆଶାକର୍ମୀମାନଙ୍କୁ ରୋଟେସନ ବେସିସ୍‌ରେ କାର୍ଯ୍ୟଦେବା ସହ ଆଶାସାଥୀମାନଙ୍କୁ ପୂର୍ବଭଳି କାର୍ଯ୍ୟ ଓ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ ଦାବି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ଆଶାସାଥୀ ସାମ୍ମୁଖ୍ୟ ଗଠିତ ହୋଇଥିଲା। ଏଥିରେ ପୃଷ୍ଠପୋଷକ ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ମନୋନିତ କରାଯାଇଥିଲା। ଉପଦେଷ୍ଟା ଭାବେ ଆନନ୍ଦ ଚନ୍ଦ୍ର ମହାନ୍ତି, ବୈଦ୍ୟନାଥ ଦାସ, ସଭାପତି ଭାବେ ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ଦାସ, ଜ୍ୟୋତି ଏକ୍କା, କାର୍ଯ୍ୟକାରୀ ସଭାପତି ବାବୁଲା ଦାସ, ସାଧାରଣ ସମ୍ପାଦିକା ଝରଣା ମହାରଣା, କୋଷାଧ୍ୟକ୍ଷା ବାସନ୍ତୀ ନାୟକ, ଯୁଗ୍ମ କୋଷାଧ୍ୟକ୍ଷା ପ୍ରକାଶ ସାବତ, କାର୍ଯ୍ୟକାରୀ ସଦସ୍ୟା ଦୁର୍ଗୀ ଓରାମ, ଲଳିତା ତିର୍କୀ, ମିଡିଆ ସଂଯୋଜକ ଭାବେ ସନ୍ଧ୍ୟା ସାଙ୍କୁ ମନୋନିତ କରାଯାଇଥିଲା। ଶେଷରେ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରତାରଣା: ଯୁବକ ଗିରଫ

**ରାଉରକେଲା ଅଫିସ,୧୯।୧୧**

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଲୋକ କୁମାର ଦାସ। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୪।୨୨) ରୁଜୁ କରିଛି। ସୂଚନା ଅନୁସାରେ, ବାସନ୍ତୀ କଲୋନି ଏଫ୍‌ଏଲ ବ୍ଲକର ଆଲୋକ ଗତ ୬ ମାସ ତଳେ ଉକ୍ତ କଲୋନିର ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫଶାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଉକ୍ତ ଘଟଣାକୁ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

### ୪ ଗୁଣବତ୍ତା ମଣ୍ଡଳୀ ଦଳଙ୍କୁ ସ୍ୱର୍ଣ୍ଣ ପୁରସ୍କାର

**ରାଉରକେଲା ଅଫିସ,୧୯।୧୧**

ରାଉରକେଲା ଇସ୍ପାତ କାରଖାନାର ୪ଟି ଗୁଣବତ୍ତା ମଣ୍ଡଳୀ ଦଳକୁ ଜାକର୍ତ୍ତାରେ ଆୟୋଜିତ ୪୭ତମ ଅନ୍ତର୍ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀ (ଆଇସିକ୍ୟୁସିସି)ରେ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଷ୍ଟିଲ ମେଲ୍‌ଟିଂ ସପ୍-୧ ବିଭାଗର ସମାଧାନ କ୍ୱାଲିଟି ସର୍କଲ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କାରଖାନାରେ ପ୍ରଥମ ଦଳ ରୂପେ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲା। ଏହାପରେ ଅନ୍ୟ ୩ଟି ଦଳ ଅନ୍‌ଲାଇନ ଆଭାସୀ ମାଧ୍ୟମରେ ନିଜ ନିଜ ବର୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପୁରସ୍କାର ବିଜୟୀ ହୋଇ କାରଖାନା ପାଇଁ ଗୌରବ ଆଣିଥିଲେ। ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳ ସେଲ୍ ଦଳମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ତଥା ଅନ୍ତର୍ଜାତୀୟ ମଞ୍ଚରେ କମ୍ପାନୀ ପାଇଁ ସୁନାମ ଅର୍ଜନ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ଆରଏସ୍‌ପିର ଡିଆଇସି ଅତନୁ ଭୌମିକ ଏହି ଦଳଗୁଡିକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଅମ୍ଲାନ ଓମ୍‌କାର


@ ଜ୍ଞାନରଞ୍ଜନ


@ ମୃତ୍ୟୁଞ୍ଜୟ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## ସଂକ୍ଷେପରେ

### ଆର୍‌ଏସ୍‌ପି ପକ୍ଷରୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ

**ରାଉରକେଲା ଅଫିସ,୧୯।୧୧:** ଆରଏସ୍‌ପିର ଏସ୍‌ଏମ୍‌ଏସ୍-୨ ବିଭାଗର କର୍ମଚାରୀ କୁଶଳ ତନ୍ତୀ ଗତ କିଛିଦିନ ହେବ କର୍କଟ ରୋଗରେ ପୀଡିତ ହୋଇ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ଆଇଜିଏଚ୍ ଆଇସିୟୁରେ ଦେହାନ୍ତ ହୋଇଥିଲା। ଏହି ଖବର ପାଇବା ପରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆରଏସ୍‌ପି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତାଙ୍କ ପରିବାର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଦୃଢ଼ ଦାବି କରିଥିଲେ। ଆରଏସ୍‌ପି ପରିଚାଳନା କର୍ତ୍ତୃପକ୍ଷ ଉକ୍ତ ଦାବିକୁ ସମ୍ମାନ ଜଣାଇ ମୃତକଙ୍କ ଜଣେ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିଛନ୍ତି।

### ଡିସେମ୍ବର ୧୫ରୁ କସ୍ତୁରୀର ସାଂସ୍କୃତିକ ମହୋତ୍ସବ

**ରାଉରକେଲା ଅଫିସ,୧୯।୧୧:** ସେକ୍ଟର-୧୯ ସ୍ଥିତ ସିଭିକସେଣ୍ଟର ଠାରେ କସ୍ତୁରୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ମହୋତ୍ସବ-୨୦୨୨ ଡିସେମ୍ବର-୧୫ରୁ ୧୭ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଭା ଲାଲା ବିରେନ ପ୍ରସାଦ ରାୟ ଓ ଅଶୋକ କୁମାର କରଙ୍କୁ କସ୍ତୁରୀ ସମ୍ମାନରେ ସମ୍ମାନିତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ 'ମଣିଷ ଖୋଜୁଛି ମଣିଷ' ସ୍ମରଣିକା ଉନ୍ମୋଚିତ କରାଯିବ। ଏହାସହ ସତ କହିବାକୁ କିଆଁ ଡରିବିରେ ୩ ଜଣ ଭିନ୍ନ ଚରିତ୍ର ମଞ୍ଚରେ ଅନ୍ତର୍ନିହିତ ସତ୍ୟ ଉପସ୍ଥାପନା କରିବେ। ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରାୟ ୧୫ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ମୋ ଆଖିରେ କେତେ କଥା ପରିବେଷଣ କରାଯିବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଓ ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଭାଷାଭାଷୀର ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣ କରାଯିବ ବୋଲି କସ୍ତୁରୀ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଧେଶ୍ୟାମ ମହାନ୍ତି ସୂଚନା ଦେଇଛନ୍ତି।

### ସମସ୍ତ ନିଖୋଜଙ୍କୁ ଉଦ୍ଧାର କଲା ପୋଲିସ

**ଦେବଗଡ଼, ୧୯।୧୧(ଡି.ଏନ.ଏ ):** ଦେବଗଡ ଜିଲାର ନିଖୋଜ ଥିବା ୨୨୩ ଜଣଙ୍କୁ ୩ ମାସ ମଧ୍ୟରେ ଉଦ୍ଧାର କରିବାରେ ପୋଲିସ ସଫଳତା ହାସଲ କରିଥିବା ସୂଚନା ମିଳିଛି। ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା



ସମ୍ମିଳନୀରେ ଏସପି ପ୍ରମୋଦ କୁମାର ରଥ ଏହା ସୂଚନା ଦେଇଛନ୍ତି। ନିଖୋଜ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପୋଲିସର ଏକ ଗୁରୁଦାୟିତ୍ୱ ହୋଇଥିବାରୁ ଏକ ସ୍ୱତନ୍ତ୍ର ଡ୍ରାଇଭ କରି ଜିଲା ପୋଲିସ ନିଖୋଜମାନଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛନ୍ତି। ଉଦ୍ଧାର ହୋଇଥିବା ନିଖୋଜଙ୍କ ମଧ୍ୟରେ ୧୯ ନାବାଳିକା, ୪ ନାବାଳକ, ୩୮ ଜଣ ପୁରୁଷ ଏବଂ ୧୬୨ ମହିଳା ରହିଥିବା ଜଣାପଡିଛି। ଜିଲା ତଥା ଜିଲା ବାହାରୁ ଏବଂ ଆଉ କିଛି ରାଜ୍ୟ ବାହାରୁ ଯଥା ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଚେନ୍ନାଇ, ଝାରଖଣ୍ଡ ଓ ଛତିଶଗଡ ଅଞ୍ଚଳରୁ ଉଦ୍ଧାର କରିଥିବା ଜଣାପଡିଛି। ଏଥିସହ ବର୍ତ୍ତମାନ ଜିଲାରେ ଜଣେ ହେଲେ ନାବାଳିକା ଝିଅ ନିଖୋଜ ନ ଥିବା ଏସପି ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସ ଉଦ୍ଧାର କରିଥିବା ସମସ୍ତ ନାବାଳିକା ଝିଅମାନଙ୍କୁ ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ଅଭିଭାବକମାନଙ୍କୁ ହସ୍ତାନ୍ତର କରାଯାଇଛି। ପିଲାମାନଙ୍କୁ ସଚେତନ କରିବା ସହ ବିବାହ ବୟସ ପୂର୍ବରୁ ସେମାନେ ଏପରି କିଛି ପଦକ୍ଷେପ ନ ନିଅନ୍ତୁ ଯଦ୍ୱାରା ସେମାନେ ଆଇନ ଜାଲରେ ଛନ୍ଦି ନ ହେବେ ସେଥିପାଇଁ ଜିଲା ପୋଲିସ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ସାଇକ୍ଲିଂ ଚାମ୍ପିୟନଶିପ ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୯।୧୧(ଡି.ଏନ.ଏ.)**




ସାଇକ୍ଲିଂ ଚାମ୍ପିୟନଶିପରେ ପ୍ରତିଯୋଗୀ।

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଏବଂ ଓଡିଶା ସାଇକ୍ଲିଂ ସଂଘର ମିଳିତ ଆନୁକୂଲ୍ୟରେ ୩୯ତମ ରାଜ୍ୟସ୍ତରୀୟ ସାଇକ୍ଲିଂ ଚାମ୍ପିୟନଶିପ ଶନିବାର ସୁନ୍ଦରଗଡଠାରେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସେବତୀ ବାହାଲ ଷ୍ଟାଡିୟମରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସାଇକ୍ଲିଂ ଚାମ୍ପିୟନଶିପର ଉଦଘାଟନୀ ଉତ୍ସବରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡିଶା ସାଇକ୍ଲିଂ ସଂଘର ସଭାପତି ମିନତୀ ମହାପାତ୍ର, ଉପସଭାପତି ସୁଶୀଲ କୁମାର ଦାସ, ନୃସିଂହଚରଣ ସାହୁ, ଯୁଗ୍ମ ସମ୍ପାଦକ ଦିଲୀପ ନାଟିଆ, କେନ୍ଦ୍ରୀୟ ସଭ୍ୟ ମନୋରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଅଧ୍ୟକ୍ଷତା କରିଥିଲେ। କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ସ୍ୱାଗତ ଅଭିଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ନୁଆ ବସଷ୍ଟାଣ୍ଡଠାରୁ ଏହି ସାଇକ୍ଲିଂ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଖେଳାଳିମାନେ ପୋତାଜଳଙ୍ଗା ପର୍ଯ୍ୟନ୍ତ ଯାଇଥିଲେ। ପ୍ରଥମ ଦିବସରେ ୧୪ବର୍ଷରୁ କମ, ୧୬ବର୍ଷରୁ କମ,୧୮ ବର୍ଷରୁ କମ ଓ ୨୩ ବର୍ଷରୁ କମ ବୟସ ବର୍ଗର ଉଭୟ ମହିଳା ଓ ପୁରୁଷଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ୧୪ ବର୍ଷରୁ କମ ବାଳକ ବର୍ଗରେ ଭୁବନେଶ୍ୱର କିଟର ଡି.ବେହେରା-ପ୍ରଥମ, ସୁନ୍ଦରଗଡର କ୍ରିଷ୍ଣା କୁଶଳ-ଦ୍ୱିତୀୟ, ଭୁବନେଶ୍ୱର କିଟର ଉମ୍ବରୁଧର ମାଝି ତୃତୀୟ ହୋଇଛନ୍ତି। ବାଳିକା ବିଭାଗରେ ପି.ଜାନୀ-ପ୍ରଥମ, ମୟୂରୀ ପିଙ୍ଗଳ-ଦ୍ୱିତୀୟ, ଭାରତୀ ଜାନୀ-ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୬ ବର୍ଷରୁ କମ ବାଳକ ବିଭାଗରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଶାଶ୍ୱତ ପାତ୍ର

**ପ୍ରଥମ ଦିବସରେ ଭୁବନେଶ୍ୱର କିଟ୍‌ସର ବାଜିମାତ**

ପ୍ରଥମ, କିଟର ସୁବେଶ ହାଁସଦା ଦ୍ୱିତୀୟ, ସୁନ୍ଦରଗଡ଼ର ହିତେଶ ଗୌଡ-ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକା ବିଭାଗରେ କିଟର ବନିତା କିସାନ-ପ୍ରଥମ, ଆନନ୍ଦିନୀ ପ୍ରଧାନ-ଦ୍ୱିତୀୟ, ମନିକା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୮ ବର୍ଷରୁ କମ ବାଳକ ବିଭାଗରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଚିନ୍ମୟ ଜେନି-ପ୍ରଥମ, ସୁନ୍ଦରଗଡର ଲୁକେଶ ଚୌଧୁରୀ-ଦ୍ୱିତୀୟ ଓ ଆୟୁଷ ପୃଷ୍ଟି-ତୃତୀୟ ଭାବେ ସ୍ଥାନ ହାସଲ କରିଛନ୍ତି। ବାଳିକା ବିଭାଗରେ କିଟ୍ସର ମଧୁସ୍ମିତା ବଡେକ-ପ୍ରଥମ, ଧାନୀ ହାଁସଦା-ଦ୍ୱିତୀୟ ଓ ମୁସକାନ କିସାନ-ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶେଷରେ ୨୩ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ମଧ କିଟର ରୋହିତ ହେମ୍ବ୍ରମ ପ୍ରଥମ, କୃପାସିନ୍ଧୁ ବ୍ରେଖଣ୍ଡା-ଦ୍ୱିତୀୟ, ଲକ୍ଷଣ ହାଁସଦା ତୃତୀୟ ହୋଇଛନ୍ତି। ବାଳିକା ବିଭାଗରେ ମଧ କିଟସର ମୀନତି ସିଂହ ପ୍ରଥମ, ଲିଲି ମାଝୀ ଦ୍ୱିତୀୟ ଓ ପ୍ରିୟଙ୍କା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଥମ ଦିବସରେ ଭୁବନେଶ୍ୱରର ଖେଳାଳିମାନେ ସତରଟି ପଦକ ହାସଲ କରିଛନ୍ତି।

## ଟ୍ରକ୍ ପଛରେ ପିଟିଲା ପିକ୍‌ଅପ୍ ଭ୍ୟାନ୍
### ଜଣେ ମୃତ, ଜଣେ ଗୁରୁତର

**ଲହୁଣୀପଡା:୧୯।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ନମ୍ବର ଜାତୀୟ ରାଜପଥ ବିରଡୋଳା ସାପ୍ତାହିକ ହାଟ ପଡିଆ ନିକଟରେ ଶନିବାର ସକାଳେ ଏକ ବିଲାତି ବୋଝେଇ ପିକଅପ ଭ୍ୟାନ ଛିଡା ହୋଇଥିବା ଟ୍ରକ ପଛରେ ପିଟିହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଓଡ଼ି ୧୪ ଏଏ - ୧୪୮୧ ପିକଅପ ରାଉରକେଲା ପଟରୁ ବିଲାତି ବୋଝେଇ କରି ଖୁଂଟଗାଁ ଶନିବାର ସାପ୍ତାହିକ ବଜାରକୁ ଆସୁଥିଲା। ୧୪୩ ନଂ ଜାତୀୟ ରାଜପଥର ବିରଡୋଳା ବଜାର ନିକଟରେ ଭାରସାମ୍ୟ ହରାଇ ଛିଡା ହୋଇଥିବା ଏକ ଟ୍ରକ ପଛରେ ବାଡେଇ ହୋଇ ଯାଇଥିଲା। ଫଳରେ ପିକଅପ ଭ୍ୟାନରେ ବସିଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲାକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ସେଠାରେ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଚାନ୍ଦିପୋଷ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଛିଡା ହୋଇଥିବା ଟ୍ରକଟି ଦୁର୍ଘଟଣା ଘଟିଲା ପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପିକଅପ ଭ୍ୟାନର ଚାଳକ ଜଣକ ହେଲେ ଲହୁଣୀପଡା ଥାନା ଅନ୍ତର୍ଗତ ଜୁନିଆନି ଗ୍ରାମର ରୋଶନ ଅଲି (୪୯) ଓ ମୃତ ହୋଇଥିବା ଲୋକ ଉକ୍ତ ଗାଡ଼ିର ଖଲାସି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଗାଡ଼ିକୁ ଜବତ କରିଛି।

## କାର୍ ଭିତରୁ ୨ଲକ୍ଷ ଟଙ୍କା ଲୁଟ୍

**ସୁନ୍ଦରଗଡ଼,୧୯।୧୧(ଡି.ଏନ.ଏ.)**

ସ୍ଥାନୀୟ ଏକ୍ସିସ ବ୍ୟାଙ୍କ ସମ୍ମୁଖରୁ ଶନିବାର ଦ୍ୱିପ୍ରହରରେ ଏକ କାର ଭିତରୁ ୨ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ଟାଉନଥାନାରେ ରିପୋର୍ଟ ହୋଇଛି। ପୋଲିସ ସୂଚନା ମୁତାବକ ଭଶ୍ମା ଥାନା ଅନ୍ତର୍ଗତ ମସନିକାନୀ ଗ୍ରାମର ଇଟା ବ୍ୟବସାୟୀ ସୌରଭ ପଟେଲ ଶନିବାର ପ୍ରାୟ ଗୋଟାଏ ବେଳେ ସୁନ୍ଦରଗଡ ଏକ୍ସିସ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ କାର ଆଗପାଖ ବକ୍ସ ଭିତରେ ରଖିଥିଲେ। କାରକୁ ହସପିଟାଲ ପାଖରେ ପାର୍କକରିବା ମୋବାଇଲ ଫୋନରେ ରିଚାର୍ଜ କରିବାକୁ ରାସ୍ତା ଅପରପାର୍ଶ୍ୱକୁ ଯାଇ ଫେରିଲାବେଳକୁ ଦୁଇଜଣ ଅଜଣା ଦୁର୍ବୃତ୍ତ କାର କବାଟର ଲକ ଭାଙ୍ଗି ଆଖି ପିଛୁଳାକେ ଟଙ୍କା ଧରି ଚମ୍ପଟ ମାରିଥିଲେ। ପଟେଲ ଏ ସମ୍ପର୍କରେ ଟାଉନଥାନାରେ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦେବଗଡ଼ ଓକିଲ ସଂଘର ଅସନ୍ତୋଷ

**ଦେବଗଡ଼, ୧୯।୧୧(ଡି.ଏନ.ଏ )**




ବିଭିନ୍ନ ପ୍ରସଙ୍ଗରେ ବିଭିନ୍ନ ସମୟରେ ଆଇନଜୀବୀ ମାନେ ଅନେକ ଆନ୍ଦୋଳନରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅଂଶଗ୍ରହଣ କରିଥାନ୍ତି। ମାତ୍ର ଏହାକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟ କଟକଣା ଲଗାଇଥିବାରୁ ଆଇନଜୀବୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଦେବଗଡ଼ ଜିଲା ଓକିଲ ସଂଘର ସଦସ୍ୟା ସଦସ୍ୟମାନେ ମଧ ଅସନ୍ତୋଷ ବ୍ୟକ୍ତ କରିବା ସହ ଆବଶ୍ୟକ ସ୍ଥଳେ ଲାଇସେନ୍ସ ଫେରାଇବାକୁ ଚେତାବନୀ ଦେଇଛନ୍ତି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁଁ ଅଦାଲତଗୁଡ଼ିକରେ ବିଚାର ବ୍ୟବସ୍ଥା ଅଚଳ ହୋଇ ପଡୁଥିବା ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଆନ୍ଦୋଳନରତ ଓକିଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାସହ ଆବଶ୍ୟକ ସ୍ଥଳେ ଲାଇସେନ୍ସ ରଦ କରାଯିବ ବୋଲି କହିଛନ୍ତି। ସୁପ୍ରିମ କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ବିଭିନ୍ନ ଓକିଲ ସଂଘକୁ ଓଡ଼ିଶା ବାର୍ କାଉନସିଲ ନୋଟିସ ଜାରି କରି ଆନ୍ଦୋଳନରତ ଆଇନଜୀବୀମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ପାଇଁ ଚେତାବନୀ ଦେଇଛି । ଏହାକୁ ଦେବଗଡ଼ ଜିଲା ଓକିଲ ସଂଘ ତୀବ୍ର ବିରୋଧ କରିବା ସହ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିବା ସହ ଲାଇସେନ୍ସ ଫେରାଇବାକୁ ଚେତାବନୀ ଦିଆଯାଇଛି। ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଉପରୋକ୍ତ ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି ଦର୍ଶାଯିବା ସହ ଏହା ଆଇନଜୀବୀ ମାନଙ୍କର ମୌଳିକ ଅଧିକାର କ୍ଷୁର୍ଣ୍ଣ କରିଥିବା ଅଭିଯୋଗ କରାଯାଇଛି। ଏଥିସହ ଆସନ୍ତା ୨୩ ତାରିଖରେ ଜିଲାର ସମସ୍ତ ବିଚାରବିଭାଗୀୟ ଅଦାଲତକୁ ବନ୍ଦ କରିବା ସହ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ତରଣୀ କାନ୍ତ ଦାଶ , ଉପ ସଭାପତି ସୁଶାନ୍ତ କୁମାର ବିଶ୍ୱାଳ, ସହସମ୍ପାଦକ କ୍ଷେତ୍ରବାସୀ ମେହେର , ବରିଷ୍ଠ ଓକିଲ ଦିଲୀପ କୁମାର ଗୁରୁ, ମନୋଜ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

## ରାଜା ସାର ବାସୁଦେବ ସୁଢଳଦେବଙ୍କୁ ଶ୍ରଦ୍ଧାଞ୍ଜଳି

**ଦେବଗଡ଼,୧୯।୧୧(ଡି.ଏନ.ଏ)**

ଓଡିଶାର ବିକ୍ରମାଦିତ୍ୟ ଭାବେ ପରିଚିତ ବାମଣ୍ଡା ରାଜ୍ୟର ରାଜା ସାର ବାସୁଦେବ ସୁଢଳଦେବ କେସିଆଇଇଙ୍କ ତିରୋଧାନ ଦିବସ ଅବସରରେ ଦେବଗଡ ସହରର ଯୁବଗୋଷ୍ଠୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶନିବାର ସନ୍ଧ୍ୟାରେ ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ବବଲୁ ନାୟକ, ପ୍ରିତମ ବେହେରା,ଜଗନ୍ନାଥ ବେହେରା, ଆନନ୍ଦ ବହେରା, ରଶ୍ମିତା ଦେଓ , ମୃଣାଳ ଶର୍ମା ଓ ବିଶାଳ ମୁଖ୍ୟ ପ୍ରମୁଖ ସ୍ଥାନୀୟ ରାଜବାଟି ସ୍ଥିତ ରାଜା ସାର ବାସୁଦେବ ସୁଢଳ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ରାଜା ସାର ସୁଢଳଦେବଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କର ଜୀବନୀ ଏବଂ ଓଡିଶା ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

**OFFICE OF THE COLLECTOR AND DISTRICT MAGISTRATE, KEONJHAR**
**No.785/Niz, Date:17.11.2022**
**SHORT TENDER CALL NOTICE**

**No.F-349:** Collector, Keonjhar invites sealed proposal from all interested bidder/s for "Selection of Agency for providing Comprehensive Facility Management Services" for Circuit House, Keonjhar.
The details can be downloaded from the official website www.kendujhar.nic.in. The last date and time of the submission of bid is upto 5.00 P.M. of 11.01.2023.

**Sd./- Additional District Magistrate, Keonjhar**
**OIPR-24046/11/0006/2223**

# ଦେଶ ପ୍ରତି ଇନ୍ଦିରାଙ୍କ ଅବଦାନ ଅତୁଳନୀୟ: କଂଗ୍ରେସ

**ରାଉରକେଲା ଅଫିସ,୧୯।୧୧**



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ ଶନିବାର ପାଳିତ ହୋଇଛି। ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀ ପ୍ଲାଣ୍ଟସାଇଟ୍ ଛକରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସକାଳ ସାଢେ ୧୦ଟା ସମୟରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଦେଶ ପ୍ରତି ଇନ୍ଦିରାଜୀଙ୍କ ଅବଦାନ ଅତୁଳନୀୟ ବୋଲି କର୍ମୀମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ପ୍ରଭାତ ମହାପାତ୍ର, ସବୀର ହୁସେନ, ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ତୁଳସୀ ନାଗ, ରଶ୍ମିରଞ୍ଜନ ପାଢୀ, ଲତା ନାୟକ, ନିରୂପମା ବଳିୟାର ସିଂହ, ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA E-mail:serw_kpd@yahoo.com
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
No.Tender Online RCK -33/22, Letter No.-2894, Date:17.11.22
No.O-1287:
**e-Procurement NOTICE**

1. Name of the Work : Periodical Renewal to 5 year completed (Post DLP) PMGSY Roads for the year 2022-23.
2. Class of contractor :
a) Estimated cost more than Rs.20.00 Crore. : Super Class (of Odisha PWD) & relevant class of other licensing authorities.
b) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
c) Estimated cost more than Rs. 1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
d) Estimated cost more than Rs. 20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-8 of the TCN
4. Detail Projects : As per TCN
5. Other details

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-33/22 | 24.11.2022 at 11.00 A.M. | 08.12.2022 to 05.00 P.M. | 07.12.2022 upto 02.00 P.M. | 09.12.2022 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.
**Sd./- Chief Construction Engineer, Rural Works Circle, Kendrapara-Jajpur**
**OIPR-25129/11/0038/2223**

# ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରିଆମାଳ, ୧୯।୧୧ ( ଡି.ଏନ୍.ଏ.)**



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଦେବଗଡ ଜିଲା ରିଆମାଳ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ସ୍ଥାନୀୟ ରିଆମାଳ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଟଙ୍କଧର ସାହୁଙ୍କ ଅଧକ୍ଷତା ଏବଂ ଦଶରଥ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଆମାଳ ଥାନାଧିକାରୀ ଲଳିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ, କୋଅପେରେଟିଭ ବ୍ୟାଙ୍କ ମ୍ୟାନେଜର ସିନୁରାଜ ପ୍ରଧାନ ଏବଂ ବିଦ୍ୟାଳୟର ସଂପାଦକ ଧିରେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଆମାଳ ସରପଞ୍ଚ ବୀଣାପାଣୀ ନାୟକ, ସମ୍ମାନିତ ଅତିଥି ଭାବେ ମଳେହିପଡା ସମିତିସଭ୍ୟ ମୁନସୁନ କୁମାର ସାହୁ, ରିଆମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ସନ୍ଧ୍ୟାରାଣୀ ପାତ୍ର ଏବଂ ରିଆମାଳ ଦୁର୍ଗାପୂଜା କମିଟିର ସମ୍ପାଦକ ଗାନ୍ଧିଚରଣ ନାୟକ ଯୋଗଦେଇ କ୍ରୀଡାକୁ ସମାପନ କରିଥିଲେ। ଉତ୍ସବରେ ଗୁରୁଜୀ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅତିଥି ପରିଚୟ ଟଙ୍କଧର ଗୁରୁଜୀ ଏବଂ ଧନ୍ୟବାଦ ଅର୍ପଣ ଦଶରଥ ଗୁରୁଜୀ ଦେଇଥିଲେ। ନିମ୍ନ, ଶିଶୁ, ବାଲ ଏବଂ କିଶୋର ବର୍ଗ ବିଭାଗୀକରଣ କରାଯାଇ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ ଭାବେ ଶିଶୁ ବର୍ଗର ଆଲଫା ପ୍ରଧାନ ୪ର୍ଥ ଶ୍ରେଣୀ, ବାଲ ବର୍ଗର ଶୋଭିତ କୁମାର ପ୍ରଧାନ ୮ମ, ଶୃତିଲେଖା ପ୍ରଧାନ ୬ଷ୍ଠ, କିଶୋର ବର୍ଗରେ ସୁବ୍ରତ ଭଏଁଷା ୯ମ, ରୀତାମୟୀ ପ୍ରଧାନ ୧୦ମ ପୁରସ୍କୃତ ହୋଇଥିଲେ । ବାର୍ଷିକ କ୍ରୀଡା ଉତ୍ସବରେ ପ୍ରତାପ ଗୁରୁଜୀ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Chief Engineer & Basin Manager,Tel Basin, Bhawanipatna-766001**
E-Mail-ID-cetelbasinbhp@gmail.com / Phone No. 06670-230209
**NOTICE INVITING TENDER**
e - Procurement Notice No. CE&BM, TEL - 08/2022-23
PERCENTAGE RATE e-TENDER

**No.A-734:**1.The Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM,** in electronic tendering system for the construction works detailed in the table below.
**Table - 1: Details of critical Dates, Details of Works, Bid Security.**

| Sl. No. | Bid ID No. | Name of Work | Approx.Value of work (Rs.in Lakhs) (Excluding GST) | Period of Completion | Class of Contractor | Bid Security/ EMD in Rs. | Cost of BID Document (in Rs.) (ON-Line) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL- (BID) 06/2022-23 | Construction of F.P.E. on Tel right from Tentulikhunti to Athgaon RD 00 m to 15000 m. | Rs.22.12 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |
| 2 | CETEL- (BID) 07/2022-23 | Construction of F.P.E. on Ong left from Diversion weir at Guchhepali to Agalpur RD 00 m to 11500 m | Rs.21.34 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |

(Two Nos. of Work only)

| | |
|---|---|
| Tender documents available on website. | Can be downloaded from Website (http: / /www.tendersodisha.gov.in) |
| Bid documents available Date and Time. | 22.11.2022 at 11.00 Hrs |
| Bid clarification start date & closing date. | 22.11.2022 to 06.12.2022 during office hours |
| On Line Bid submission closing date and time. | 08.12.2022 at 17.00 Hrs |
| Date, Time and Venue of opening of bid online. | 09.12.2022 at 11.00 Hrs Office of the Chief Engineer, Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date / Time of Opening of Financial Bid | To be intimated after evaluation of Technical Bid. |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.
**Sd./-Chief Engineer & Basin Manager, Tel Basin, Bhawanipatna**
**OIPR-32317/11/0012/2223**

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ସେବା ଆୟୋଜିତ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ରାଶନପୁର ଗ୍ରାମ, ପୂର୍ବାହ୍ନ ୯ଟା ।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘ ସମ୍ବଲପୁର ଜୋନର ବାର୍ଷିକ ସମ୍ମିଳନୀ, ଅଇଁଠାପାଲି ନିକଟ ଯାନ୍ତ୍ରିକ ଭବନ ପରିସର, ମଧ୍ୟାହ୍ନ ୧୨ଟା ।
- ଦିଲୀପ ଚାନ୍ଦ ସ୍ମାରକୀ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ପୁରସ୍କାର ବିତରଣୀ ଉତ୍ସବ, ଫାଟକ ଦୁର୍ଗାମଣ୍ଡପ ପଡ଼ିଆ, ରାତ୍ର ସାଢ଼େ ୭ଟା ।
- ସମ୍ବଲପୁର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ବିର୍ସା ମଇଦାନ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ଡିକି ଭାଙ୍ଗି ଅଢ଼େଇଲକ୍ଷ ଟଙ୍କା ଲୁଟ୍

**କୁଚିଣ୍ଡା,୧୯।୧୧(ଡି.ଏନ.ଏ.):** କୁଚିଣ୍ଡାରେ ଶନିବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଥିବା କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଛି। ମହୁଲପାଲି ଥାନା ଟାଙ୍ଗରପାଲି ଗ୍ରାମର ବିପିନ ବିହାରୀ ନାୟକ ପୂର୍ବାହ୍ନରେ କୁଚିଣ୍ଡା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରୁ ଏହି ଟଙ୍କା ବାହାର କରି ନିଜ ବାଇକ୍ ଡିକିରେ ରଖିଥିଲେ। ପରେ ସେ ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିର ନିକଟରେ ଥିବା ଶୁଶିଲ ମେଡିସିନ ଦୋକାନ ଆଗରେ ଗାଡି ରଖି ଔଷଧ କିଣିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ପଛା କରୁଥିବା ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିବା ନାଏକ କୁଚିଣ୍ଡା ଥାନାରେ ରିପୋର୍ଟ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯୁଯୁମୁରା ବ୍ଲକ ପାଚିକା ସଂଘ ବୈଠକ

**ପଡିଆବାହାଲ,୧୯।୧୧(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଫୁଲଝରଣଠାରେ ଶନିବାର ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତର ମଧ୍ୟାହ୍ନଭୋଜନ ପାଚକ ପାଚିକା ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିକାଶ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଳାସିନୀ ପାତ୍ର ସଭାପତିତ୍ୱ କରିଥିଲେ। ଉପସଭାପତି ଭୂମିସୁତା ମେହେର, ସମ୍ପାଦିକା ସୁସ୍ମିତା ବାଗ, ସଂଗଠିକା ଜ୍ୟୋତିର୍ମୟୀ ପାଣିଗ୍ରାହୀ, ସହସମ୍ପାଦିକା ସନ୍ତୋଷିନୀ ପଧାନ ମଞ୍ଚାସୀନ ଥିଲେ। ଗତ ମାସରେ ପାଚକ, ପାଚିକା ବିଭିନ୍ନ ସମସ୍ୟା ଦର୍ଶାଇ ଏବିଇଓଙ୍କ ଜରିଆରେ ଦାବିପତ୍ର ଦେଇଥିଲେ। ହେଲେ ପଦକ୍ଷେପ ନିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରି ଆଗାମୀ ଦିନରେ ଭୁବନେଶ୍ୱର ଯାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ମାସିକ ଦରମା ବୃଦ୍ଧି ସହ ନିୟମିତ ପ୍ରଦାନ, ଅବସର ସମୟ ୬୦ ରୁ ୬୨ ବର୍ଷକୁ ବଢ଼ାଇବା, ବର୍ଷକୁ ଦୁଇହଳ ୟୁନିଫର୍ମ ପ୍ରଦାନ ଆଦି ଅନ୍ୟତମ।

### ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

**ରେଙ୍ଗାଲି,୧୯।୧୧(ଡି.ଏନ.ଏ.):** ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ କିନାଲୋଇ ଗ୍ରାମର ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଜଗନ୍ନାଥ ୟୁଥ୍ କ୍ଲବର ମିଳିତ ସହାୟତାରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀ ଶହୀଦ ହୋଇ ତାଙ୍କର ପ୍ରତ୍ୟେକ ରକ୍ତବିନ୍ଦୁ ଦେଶର ଏକତା ପାଇଁ ଆହ୍ୱାନ କରୁଛି ବୋଲି ମତ ପ୍ରକାଶ କରିଥିଲେ। ଜନ୍ମେଜୟ କାଲୋ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୀବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମରେ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସଭାରେ ନେହେରୁ ଯୁବକେନ୍ଦ୍ରରସ୍ୱେଚ୍ଛାସେବୀ ଅଜିତ ପ୍ରଧାନ ସଭାପତିତ୍ୱ କରିଥିଲେ। ଶେଷରେ ସାମାଜିକ କର୍ମୀ ଦିପା ବେହେରା ଧନ୍ୟବାଦ ଦେଇଥିଲେ।

### ଏନ୍ଏସ୍‌ସିବି କଲେଜରେ ଆଲୋଚନାଚକ୍ର

**ସମ୍ବଲପୁର,୧୯।୧୧(ବ୍ୟୁରୋ):** ଯୋଗାଯୋଗ ଦକ୍ଷତା ଓ ଆତ୍ମବିଶ୍ୱାସ ଶୀର୍ଷକ ଆଲୋଚନା ଚକ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସିକତା ପଣ୍ଡା ଅଧକ୍ଷତା କରିଥିଲେ। ପୁରାତନ ଛାତ୍ର ସଂଘ ସଦସ୍ୟ ତଥା ଏଲ୍ଆଣ୍ଡ୍‌ଟି କମ୍ପାନୀର ଭିଏଲ୍ ପ୍ରୋଜେକ୍ଟ ଅର୍ଥ ଓ ପ୍ରଶାସନିକ ମୁଖ୍ୟ ପ୍ରଦୀପ କୁମାର ଦାଶ ଯୋଗଦେଇ ଜ୍ଞାନ ଅର୍ଜନ ସାଙ୍ଗକୁ ତାକୁ ବ୍ୟବହାରିକ କ୍ଷେତ୍ରରେ କିଭଳି ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ଛତୁଆ ମାନ: ପ୍ରଶାସନ ରିପୋର୍ଟକୁ ଅପେକ୍ଷା

## ହିତାଧିକାରୀଙ୍କ ବୟାନ ରେକର୍ଡ ଦାବି

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବା ନେଇ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଥିଲା। ସମିତି ସଭ୍ୟ ଜୟନ୍ତ ପ୍ରଧାନ ଅଭିଯୋଗ ଆଣିଥିବାବେଳେ ଅନ୍ୟ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଏହାକୁ ସମର୍ଥନ କରି ମାନ ଯାଞ୍ଚ କରି ଯୋଗାଣ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଡିଓ ନୀଳାମ୍ବର ପ୍ରଧାନ ମଧ୍ୟ ଛତୁଆ ଓ ଚିନାବାଦାମ ଲଡୁର ମାନ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରେ ଅଭିଯୋଗକାରୀଙ୍କ ପାଖକୁ ଯାଇ ବୟାନ ରେକର୍ଡ କରାଯାଇନାହିଁ। ଏହାସହ ବୈଠକରେ ପ୍ରଦର୍ଶନ କରାଯାଇଥିବା ଛତୁଆ ଓ ଲଡୁର ମାନ ପରୀକ୍ଷା ପାଇଁ ପଠାଯାଇ ନ ଥିବା ଜଣାପଡ଼ିଛି। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ଅନନ୍ୟା ଦାସ ଉଦ୍‌ବେଗ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଯୁଯୁମୁରା ବ୍ଲକରେ ଛତୁଆ ଯାଞ୍ଚ ପାଇଁ ଗଠନ କରାଯାଇଥିବା କମିଟି ପ୍ରାଥମିକ ତଦନ୍ତ ରିପୋର୍ଟ ସିଡିପିଓ ସବିତା ନାୟକଙ୍କୁ ପ୍ରଦାନ କରିଛି। ସିଡିପିଓ ନାୟକ କହିଛନ୍ତି, ଏହି ଘଟଣା ଆମକୁ ବ୍ୟଥିତ କରିଛି। ଯାଞ୍ଚ କମିଟି ଦେଇଥିବା ପ୍ରାଥମିକ ରିପୋର୍ଟକୁ ଜିଲା ପ୍ରଶାସନ ପାଖକୁ ପଠାଇ ଦିଆଯାଇଛି। ସମିତି ବୈଠକରେ ଯେଉଁ ହିତାଧିକାରୀଙ୍କ ଛତୁଆ ପ୍ରଦର୍ଶନ କରାଯାଇଥିଲା ଉକ୍ତ ମହିଳାଙ୍କ ବୟାନ ରେକର୍ଡ କରାଯିବ। ଏହାସହ ଛତୁଆର ମାନ ପରୀକ୍ଷା ପାଇଁ ପଠାଯିବ ବୋଲି କହିଥିଲେ। ପୂର୍ବରୁ ବିବାଦିୟ ହୋଇଥିବା ଯୋଗାଣକାରୀ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ତାଙ୍କୁ ଦିଆଯାଇଥିବା ଛତୁଆର ମାନ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଉ ବୋଲି ହିତାଧିକାରୀମାନେ କହିଛନ୍ତି ।



ଛତୁଆ ପ୍ୟାକେଟ।

### ହିତାଧିକାରୀ କୁହନ୍ତି...


"ପ୍ରତି ମାସରେ ନିମ୍ନମାନର ଛତୁଆ ଦିଆଯାଉଛି। ଏଥିରୁ ଦୁର୍ଗନ୍ଧ ବାହାରିବା ସହ ଫିମ୍ପି ମାରିଥାଏ। ଖାଇବା ଅନୁପଯୋଗୀ ମନେକରି ଫିଙ୍ଗି ଦେଇଥାଉ। ଏହାକୁ ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ କେହି ଶୁଣୁନାହାନ୍ତି।

— କୁମୁଦିନୀ ବାଗ, ଅଇଁଲାଝରନ


"ପ୍ରତି ମାସରେ ଛତୁଆ ଦିଆଯାଉଛି ସତ, ହେଲେ ପ୍ୟାକେଟ ଖୋଲିଲେ ନିମ୍ନମାନର ବାହାରୁଛି। ବୟୋଜ୍ୟେଷ୍ଠ ମହିଳା ଏହାକୁ ଖାଇଲେ ରୋଗ ହୋଇଯିବ। ତେବେ ପିଲାଙ୍କୁ କିଭଳି ଦେବୁ। ସରକାର ଦେଉଛନ୍ତି ବୋଲି ରଖୁଛୁ। ହେଲେ ଶେଷରେ ବଦଳକୁ ଖାଇବାକୁ ଦେଇଦେଉଛୁ।

—ଲକ୍ଷ୍ମୀପ୍ରିୟା ଦିଗଜାସା, ବାଗଦଫା


"ଖାଇବା ଅନୁପଯୋଗୀ ଏହି ଛତୁଆକୁ ଗୋଖାଦ୍ୟ ଭାବେ ବ୍ୟବହାର ପାଇଁ ଦେଇଦେଉଛୁ। ପ୍ରତିମାସରେ ଛତୁଆ ଓ ଲଡୁ ନିମ୍ନମାନର ଦିଆଯାଉଛି। ପିଲାଙ୍କ ପୁଷ୍ଟିକର ଖାଦ୍ୟ ବୋଲି ସରକାର ଦେଉଛନ୍ତି। ହେଲେ ଏହି ଖାଦ୍ୟ ଖାଇଲେ ପିଲାମାନେ ଅପପୁଷ୍ଟିର ଶିକାର ହେବା ନିଶ୍ଚିତ। ତେଣୁ ଛତୁଆର ମାନ ଯାଞ୍ଚ କରି ଯୋଗାଣକାରୀ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

—ସଞ୍ଜୁ ଛୁରିଆ, ଅଇଁଲାଝରନ


"ନିମ୍ନମାନର ଛତୁଆକୁ ନେଇ ପୂର୍ବରୁ ଅଭିଯୋଗ କରାଯାଇଥିଲା। ହେଲେ ପରମାସରେ ମଧ୍ୟ ସମାନ ପ୍ରକାର ଛତୁଆ ଆସିଥିଲା। ଲଡୁରେ ମଧ୍ୟ ଫିମ୍ପି ମାଡ଼ିଯାଇଛି। ପ୍ୟାକେଟିଂ ତାରିଖକୁ ହାତରେ ଲେଖାଯାଉଛି। ଫଳରେ ପୁଣି ରିସାଇକ୍ଲିଂ କରି ହିତାଧିକାରୀଙ୍କୁ ଦିଆଯାଉଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

—ସସ୍ମିତା ମିର୍ଦ୍ଧା, କେଶାପାଲି

## ଆଜିଠାରୁ ସମ୍ବଲପୁର ମହୋତ୍ସବ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ମହୋତ୍ସବ ରବିବାରଠାରୁ ଆରମ୍ଭ ହେବ। ରାଜ୍ୟର କୋଣ ଅନୁକୋଣ ସହିତ ରାଜ୍ୟ ବାହାରୁ କଳାକାର ଙ୍କ ସମାଗମ ହେବ। ଏଥିରେ ବିଶେଷକରି ଆଞ୍ଚଳିକ ଲୋକକଳାକୁ ଅଗ୍ରାଧିକାର ଦିଆଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସମ୍ବଲପୁର ସାଂସ୍କୃତିକ ପରିଷଦ ସଦସ୍ୟମାନେ ସୂଚନା ଦେଇଛନ୍ତି। ୧୦ଦିନ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତ୍ୟହ ବିଭିନ୍ନ ବର୍ଗଙ୍କ ପାଇଁ ନାଚ, ଗୀତ, ର୍ୟାମ୍ପ ଶୋ, ଚିତ୍ରକଳା ପ୍ରଦର୍ଶନୀ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ପ୍ରମୁଖ ଲୋକକଳା ଦଳକୁ ଏଥିରେ ସାମିଲ କରାଯାଇଛି। ଅନୁଷ୍ଠାନର ସଂଯୋଜକ ସପନ ମିଶ୍ରଙ୍କ ସମେତ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଗୋଲକ ବିହାରୀ ମିଶ୍ର, ଭକ୍ତ ପ୍ରସାଦ ନନ୍ଦ, ବନ୍ଦନା ପଣ୍ଡା, ଦୁର୍ଗା ଦାସ, ଶିଶିର କର, ସଦାନନ୍ଦ ପଣ୍ଡା ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

## ଅଭିଜ୍ଞ ବ୍ୟକ୍ତିଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଉ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବ ସାରା ଓଡିଶା ପାଇଁ ଏକ ପ୍ରେରଣାଦାୟୀ ମହୋତ୍ସବ। ୧୯୯୭ରେ ତତ୍କାଳୀନ ଜିଲାପାଳ ନରେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଆରମ୍ଭ ହୋଇଥିଲା। ଏହି ମହୋତ୍ସବ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିବାରେ ନେତୃତ୍ୱ ନେଇଆସିଛି। ଐତିହ୍ୟ ଓ ଗୌରବକୁ ଦୃଷ୍ଟିରେ ରଖି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ମୁଖ୍ୟ ସଂଯୋଜକ ଭାବେ ଚୟନ କରାଯାଉ ବୋଲି କଳାକାର ବବଲୁ ବାଗ, ତ୍ରିଲୋଚନ ତ୍ରିପାଠୀ ଓ କମଳଲୋଚନ ପଣ୍ଡା ଜିଲା ପ୍ରଶାସନ ପାଖରେ ଦାବି କରିଛନ୍ତି। ସେମାନେ କହିଛନ୍ତି, ବରିଷ୍ଠ ଓ ଅଭିଜ୍ଞ କଳା ସଂଗଠକ ସଂଯୋଜକ ଦାୟିତ୍ୱରେ ରହି ଶୃଙ୍ଖଳିତ ଭାବେ ଲୋକ ମହୋତ୍ସବ ଆୟୋଜନ କରିଆସିଛନ୍ତି। ଓଡ଼ିଶା ପ୍ରଦେଶର ଏହି ଲୋକ ମହୋତ୍ସବକୁ ଆହୁରି ଆକର୍ଷଣୀୟ ଓ ଲୋକପ୍ରିୟ କରିବା ପାଇଁ ଜଣେ ଅଭିଜ୍ଞ କଳା ସଂଗଠକଙ୍କୁ ମୁଖ୍ୟ ସଂଯୋଜକ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ରହିଛି।

## କଳା ଉତ୍ସବରେ ଡିଏଭି ଛାତ୍ରଙ୍କ ବାଜିମାତ୍

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ବୁର୍ଲା ଡିଏଭି ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ନିଶାନ୍ତ ତ୍ରିପାଠୀ ରାଜ୍ୟସ୍ତରୀୟ କଳା ଉତ୍ସବରେ ଏକକ ଅଭିନୟ (ଡ୍ରାମା) ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିବା ସହିତ ଜାତୀୟସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଜିଲା ଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ବ୍ଲକ, ଜିଲା ଓ ଜୋନସ୍ତରୀୟ କଳାଉତ୍ସବରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା ରଶ୍ମି ମିଶ୍ର ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ତୀବ୍ର ହେବ ଚାଷୀ ଆନ୍ଦୋଳନ

**ଜମନକିରା,୧୯।୧୧(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ କୃଷକ ସଂଗଠନ ପକ୍ଷରୁ ଜମନକିରା ବ୍ଲକ ଫାଶିମାଳଠାରେ ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ ସଭାପତି ବିରେନ୍ଦ୍ର ଚୌଧୁରୀଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା, ବାମରା ଓ ଜମନକିରା ଅଞ୍ଚଳର ଚାଷୀ ନେତା ଯୋଗଦେଇ ଆନ୍ଦୋଳନ ତୀବ୍ର କରିବାକୁ ଆଲୋଚନା କରିଥିଲେ। ୨୦୨୧ ବର୍ଷରେ କୁଚିଣ୍ଡା ଉପଖଣ୍ଡରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ କୃଷକ ସଂଗଠନ ବୀମା ରାଶି ପାଇଁ ୯ମାସ ହେବ ଲଢେଇ କରିଆସୁଛନ୍ତି। ହେଲେ ବୀମା କମ୍ପାନୀ ଓ ପ୍ରଶାସନ ଚାଷୀଙ୍କୁ ଅବହେଳା କରିଚାଲିଛି। ଏହା ବିରୋଧରେ ଆସନ୍ତା ମଙ୍ଗଳବାର କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ କିଶୋର ନାଏକଙ୍କ କୁଶପୁତ୍ତଳିକା ଦାହ କରିବା ପାଇଁ କର୍ମକର୍ତ୍ତା ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଚାଷୀ ନେତା ଦିଲୀପ ପଟେଲ, ଶ୍ରୀକାନ୍ତ ପଟେଲ, ସୁନିଲ ମୁଦୁଲି, ମନୋଜ ମାଝି, ସଦାନନ୍ଦ ପଟେଲ, ସୁଶାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା କୃଷକ ସଂଗଠନ କର୍ମକର୍ତ୍ତା।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ପୁରୁଣା ଖେଳାଳି ସଂଘ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଦିଲୀପ ଚାନ୍ଦ କବାଡ଼ି ଟୁର୍ନାମେଣ୍ଟ ସମ୍ବଲପୁର ଫାଟକସ୍ଥିତ ଦୁର୍ଗା ମଣ୍ଡପ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ କୁଞ୍ଜେଲପଡ଼ା ୱାଇବିଏ ବନାମ ହାଉସିଂ ବୋର୍ଡ ଦଳ ମଧ୍ୟରେ ହୋଇଥିଲା। ହାଉସିଂ ବୋର୍ଡ ଦଳ ୫୩–୪୧ ପଏଣ୍ଟରେ ବିଜୟୀ ହୋଇଥିଲା। ପ୍ରଥମ ଦିନରେ ୧୧ ଦଳ ମଧ୍ୟରେ ୧୦ଟି ମ୍ୟାଚ ଶେଷ ହୋଇଛି। ସଂଘ ସଭାପତି ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ କୁମାର ରଥ, ଜିଲା କ୍ରୀଡ଼ ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସମ୍ମାନିତ ଅତିଥି ଥିଲେ। ରେଫରି ଉମାପତି ତ୍ରିପାଠୀ, ରାଜେସ ସେଠ, ବିଜୁ ସେଠଙ୍କ ତତ୍ତ୍ୱାବଧାନରେ ମ୍ୟାଚ ହୋଇଥିଲା। ପ୍ରମୋଦ ସାହୁ, ଭଜନ ତରିଆ, କାର୍ତ୍ତିକ ବାରିକ, ଦିଲୀପ ସାହୁ, ରାମଦାସ ପଣ୍ଡା, ପିଙ୍କି ଓରାମ, ସନ୍ତୋଷିନୀ ଭୂୟାଁ ମ୍ୟାଚଗୁଡ଼ିକ ପରିଚାଳନା କରିଥିଲେ। ୭ ଜିଲାର କବାଡ଼ି ଦଳ ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି।


ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଖେଳାଳି, ଅତିଥି ଓ କର୍ମକର୍ତ୍ତା ।

# ସ୍ୱତନ୍ତ୍ର ରାଜ୍ୟ ଦାବି, ନଭେମ୍ବର ୨୩ରେ ସମ୍ବଲପୁର ବନ୍ଦ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ନାଗରିକ କମିଟି ପକ୍ଷରୁ ନଭେମ୍ବର ୨୩ ତାରିଖରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ସ୍ୱତନ୍ତ୍ର ରାଜ୍ୟ ସହ ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ଏହି ବନ୍ଦ ପାଳନ କରାଯିବ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ ଜନସାଧାରଣ ତଥା ଓକିଲମାନେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ରାଜ୍ୟ ସରକାର ପ୍ରସ୍ତାବ ଦେବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ କମିଟି ୨୩ରେ ୧୨ ଘଣ୍ଟିଆ ସମ୍ବଲପୁର ବନ୍ଦ ଡାକରା ଦେଇଛି। କମିଟିର ଆବାହକ ଅରବିନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏକତରଫା ଭାବରେ ମନ୍ତବ୍ୟ ପ୍ରଦାନ କରିଥିବା ଦର୍ଶାଇ କମିଟି କ୍ଷୋଭ ପ୍ରକାଶ କରିବା ସହିତ ଜନସାଧାରଣ ଓକିଲଙ୍କ ସହିତ ରହିଥିବା କୁହାଯାଇଛି। ବିକାଶମୂଳକ ଯୋଜନା ହାତକୁ ନ ନେଇ ରାଜ୍ୟ ସରକାର ପ୍ରଥମେ ପାଣି ମିଟର ଲଗାଇବା ପାଇଁ ଉଦ୍ୟମ କରିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମନ୍ତବ୍ୟ ଦେଇ କମିଟି ଏହାକୁ ଲଗାଇ ନ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛି। ବୈଠକରେ ବ୍ୟବସାୟୀ ସଂଘ ସହିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର, ଅଫିସ, କଚେରି, ଗାଡି ଚଳାଚଳକୁ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ତେବେ ଅତ୍ୟାବଶ୍ୟକ ସେବାସଂସ୍ଥା ଓ ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁବନ୍ଦଠାରୁ ଦୂରରେ ରଖାଯାଇଛି।

## ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଯାପିତ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ଭାଲୁପାଲି ଛକସ୍ଥିତ ଦିବ୍ୟନୟନ ଯୋଗ ଓ ନେଚରପାଥି ସେଣ୍ଟରଠାରେ ଚାଲିଥିବା ୭ ଦିନିଆ ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ ପଟେଲ ମୁଖ୍ୟଅତିଥି, ପ୍ରଫେସର ସୁଦର୍ଶନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଦିବ୍ୟନୟନ କେନ୍ଦ୍ରର ଡା. ଜୟଦେବ ମେହେର ଉପସ୍ଥିତ ଥିଲେ।

# ହକି ଷ୍ଟାଡିୟମକୁ ମଧୁ ଗଡ଼ତିଆଙ୍କ ନାମରେ କରାଯାଉ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ଯୁଯୁମୁରା ହକି ଏକାଡେମୀକୁ ସ୍ଥାନୀୟ ଭୂମିପୁତ୍ର ଶହୀଦ ମଧୁ ଗଡତିଆଙ୍କ ନାମରେ ନାମିତ କରିବାକୁ ଅଞ୍ଚଳର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଦାବି କରିଛନ୍ତି। ଯୁଯୁମୁରା ବୀର ସୁରେନ୍ଦ୍ର ସାଏ କଲେଜରେ ଶନିବାର ଶହୀଦ ମଧୁ ଗଡତିଆ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶୌର୍ଯ୍ୟ ଦିବସରେ ଯୋଗଦେଇ ଜନପ୍ରତିନିଧି ଏହି ଦାବି ଉଠାଇଛନ୍ତି। ୧୮୫୭ ମସିହା ଆଜି ଦିବସରେ ମଧୁ ଗଡତିଆଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ଡା. ଥୋମାସ ମୁରଙ୍କୁ ଯୁଯୁମୁରାରେ ହତ୍ୟା କରିଥିଲେ, ଯାହା ବ୍ରିଟିଶ ଶିବିରରେ ଆଲୋଡନ ସୃଷ୍ଟି କରିଥିଲା। ତାଙ୍କ ସହଯାତ୍ରୀ ହେନସନ ଅଳ୍ପକେ ରକ୍ଷା ପାଇଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ଲାଇବ୍ରେରିକୁ ମଧୁ ଗଡତିଆଙ୍କ ନାମରେ ନାମିତ କରିବାକୁ ପରାମର୍ଶ ଦେଇଥିଲେ। ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଐତିହାସିକ ଦୀପକ କୁମାର ପଣ୍ଡା କହିଲେ, ମଧୁ ଗଡତିଆ ରେଢାଖୋଲ–ସମ୍ବଲପୁର ରାସ୍ତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖି ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ହୋଇଥିବା ସମ୍ବଲପୁର ସଂଗ୍ରାମର ସଫଳତାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ବୀର ସୁରେନ୍ଦ୍ର ସାଏ କଲେଜର ଅଧ୍ୟକ୍ଷ ମନୋଜ ହୋତା, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ମେଘପାଳ ସରପଞ୍ଚ ମମତା ପ୍ରଧାନ, କଂସର ସରପଞ୍ଚ ଦିବାକର ବେହେରା, ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ମଧୁ ଗଡତିଆଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜିତ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ପାହାଡ଼ିପଡ଼ା ଉଚ୍ଛେଦକୁ ବସ୍ତିବାସିନ୍ଦାଙ୍କ ବିରୋଧ

## ପୋଲିସ ସହ ମୁହାଁମୁହିଁ, ଉତ୍ତେଜନା

**ଝାରସୁଗୁଡ଼ା ଅଫିସ,୧୯।୧୧**

କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଦିନବନ୍ଧୁ ପିଙ୍ଗୁଆଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ଫୋର୍ସ ବସ୍ତି ଉଚ୍ଛେଦ ପାଇଁ ଝାରସୁଗୁଡା ପାହାଡିପଡାରେ ପହଞ୍ଚିଥିଲେ। ପ୍ରଥମେ କୋର୍ଟ ଅମିନଙ୍କ ଜରିଆରେ ଜମି ଚିହ୍ନଟ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏହାକୁ ବସ୍ତି ବାସିନ୍ଦା କଡା ବିରୋଧ କରିଥିଲେ। ଫଳରେ ପୋଲିସ୍ ପ୍ରଶାସନ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଉତ୍ତେଜନା ଦେଖାଦେଇଥିଲା।

ବସ୍ତି ବାସିନ୍ଦାଙ୍କ ତରଫରୁ ଆଇନଜୀବୀ ସତ୍ୟନାରାୟଣ ବହିଦାର କହିଥିଲେ, ଜିଲା ଜଜ୍‌ଙ୍କ କୋର୍ଟରେ ଗତ ୧୭ତାରିଖରେ ଶୁଣାଣି ରହିଥିବାବେଳେ ଏହା ଆସନ୍ତା ୨୨ତାରିଖକୁ ଘୁଞ୍ଚିଛି। ଶୁଣାଣି ନ ହେବା ପର୍ଯ୍ୟନ୍ତ ଉଚ୍ଛେଦ କରା ନ ଯାଉ ବୋଲି ଉପସ୍ଥିତ ମାଜିଷ୍ଟ୍ରେଟ୍‌କୁ ସେ ଅନୁରୋଧ କରିଥିଲେ। ଫଳରେ ବସ୍ତି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଥିବାବେଳେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବସ୍ତି ବାସିନ୍ଦା କହିଛନ୍ତି, ଏହି ଜମିରେ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ସପରିବାର ବସବାସ କରିଆସୁଛୁ। ଏହାକୁ ଚଞ୍ଚକତା କରି ଜଣେ ବ୍ୟକ୍ତି ତାଙ୍କ ନାମରେ ଲିଜ୍ ସୂତ୍ରରେ ନେଇ ପରେ ପଟ୍ଟା କରିଛନ୍ତି। ଯାହା ହେଲେ ମଧ୍ୟ ଜମି ଛାଡିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବସ୍ତି ନିକଟରେ ଥିବା ପିଏଚ୍‌ଡି କାର୍ଯ୍ୟାଳୟକୁ ଉଚ୍ଛେଦ କରିଦିଆଯାଇଛି। ପିଏଚ୍‌ଡି କାର୍ଯ୍ୟାଳୟ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ରହିଥିଲା। ଆଇନଜୀବୀ ବହିଦାର କହିଛନ୍ତି, ଏହା ଗ୍ରାମ୍ୟ ଜଙ୍ଗଲ ଜମି ରହିଥିବାବେଳେ ଜଣେ ବ୍ୟକ୍ତି ନିଜ ନାମରେ ମାଲିକାନା ସ୍ୱତ୍ୱ କରାଇନେଇଛନ୍ତି। ଏହା ପୂର୍ବରୁ ଏହି ଜଙ୍ଗଲ ଜମିରେ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ଲୋକେ ବସ୍ତିକରି ରହିଆସୁଛନ୍ତି। ଏବେ ସେମାନଙ୍କୁ ଉଚ୍ଛେଦ କରିବାପାଇଁ ପ୍ରୟାସ ଆରମ୍ଭ ହୋଇଛି। ବସ୍ତି ବାସିନ୍ଦା ହାଇକୋର୍ଟ ଯାଇଥିବାବେଳେ ତଳକୋର୍ଟରେ ପିଟିସନ କରିବାପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେମାନେ ଜିଲା କୋର୍ଟରେ ପିଟିସନ ଦାୟର କରିଥିବାବେଳେ ଏହାର ଶୁଣାଣି ଆସନ୍ତା ୨୨ତାରିଖରେ ହେବ। ତା'ପୂର୍ବରୁ ବସ୍ତି ଉଚ୍ଛେଦ ନ କରିବା ପାଇଁ ଆଇନଜୀବୀ ବହିଦାର ଶନିବାର ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଏ ନେଇ ଝାରସୁଗୁଡା ତହସିଲଦାର ବସନ୍ତ ହାତୀ କହିଛନ୍ତି, ବସ୍ତି ୩ଏକର ୨୫ଡେସିମିଲ୍ ଜମି ନିମିଶ ଥାପାଙ୍କ ନାମରେ ରହିଛି। ଏହି ଜମିରେ ବସ୍ତି, ପିଏଚ୍‌ଡି କାର୍ଯ୍ୟାଳୟ, ସ୍କୁଲ୍ ଆଦି ଗଢିଉଠିଛି। ଏହାକୁ ନିଜ ଦଖଲକୁ ନେବା ପାଇଁ ସମ୍ପୃକ୍ତ ଜମି ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହାର ବିଚାରକରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଜମି ଦଖଲ ଦେବା ପାଇଁ ଜିଲାକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆଗକୁ ଜାରିରହିବ ବୋଲି ସେ କହିଛନ୍ତି।


ବସ୍ତି ଉଚ୍ଛେଦକୁ ବିରୋଧକରି ବସ୍ତି ବାସିନ୍ଦା ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ୧୭ ବର୍ଷରୁ କମ୍ ଫିଫା ମହିଳା ୱାର୍ଲ୍ଡ କପ୍–୨୦୨୨ର ବିଜେତା ଦେଶ...... ?
୨– ଭାରତର ପ୍ରଥମ ଭାସମାନ ଆର୍ଥିକ ସାକ୍ଷରତା କ୍ୟାମ୍ପ୍ ........... ଦ୍ୱାରା ପରିଚାଳନା କରାଯାଇଛି ?
୩– .................. ରାଜ୍ୟ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ ବ୍ୟକ୍ତିଙ୍କୁ ରାଜ୍ୟୋତ୍ସବ ଆୱାର୍ଡ ଦିଆଯାଇଛି ?
୪– ଇଣ୍ଟରନ୍ୟାଶନାଲ୍ ଓପନ୍ ଆକ୍ସେସ୍ ୱିକ୍ – ୨୦୨୨ର ମୋଟୋ ............... ?
୫– ଆମ ଦେଶ .................. ଦେଶ ସହିତ ମିଶି ଇକୋନୋମିକ୍ କୋଅପରେଶନ୍ ଆଣ୍ଡ ଟ୍ରେଡ୍ ଏଗ୍ରିମେଣ୍ଟ ସାଇନ୍ କରିଛି ?

## ଗତ ଥରର ଉତ୍ତର

୧ ନଭେମ୍ବର ୧୯
୨ ଗୃହ ମନ୍ତ୍ରଣାଳୟ
୩ ହସ୍ତୁରାସ
୪ ସତ୍ୟରୂପ ସିଦ୍ଧାନ୍ତ
୫ ଆନ୍ନା ବୁର୍ନସ୍

## ଉତ୍ତରଦାତା


କିଶୋର ପାଣି


କେ. ସୁନୀଲ କୁମାର ରାଓ
ଛତ୍ରପୁର


ସ୍ମୃତିରେଖା ପରିଡ଼ା
ବାଲେଶ୍ୱର

## ଟପ୍ ୧୦

### ସର୍ବାଧିକ କାର୍ ନିର୍ମାଣକାରୀ କମ୍ପାନୀ




୧...... ଟୟୋଟା ମୋଟର୍ସ କର୍ପୋରେଶନ୍
୨...... ଭକ୍ସୱାଗେନ୍ ଏଜି
୩...... ଡେମ୍ଲର୍ ଏଜି
୪...... ଫୋର୍ଡ ମୋଟର୍ସ
୫...... ହୋଣ୍ଡା ମୋଟର୍ସ କୋ. ଲିମିଟେଡ୍
୬...... ବାୟେରିଶ୍ଚେ ମୋଟୋରେନ୍ ୱେର୍କେ ଏଜି
୭...... ଜେନେରାଲ୍ ମୋଟର୍ସ କୋ.
୮...... ଫିଆଟ୍ କ୍ରିସ୍‌ଲର୍ ଅଟୋମୋବାଇଲ୍ସ ଏନ୍‌ଭି
୯...... ହ୍ୟୁଣ୍ଡାଇ ମୋଟର୍ସ କୋ.
୧୦...... ନିଶାନ୍ ମୋଟର ମୋ. ଲିମିଟେଡ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ନାହିଁ ନିଜସ୍ୱ ମୁଦ୍ରା

**ପ୍ରତ୍ୟେକ ଦେଶର ଏକ ନିଜସ୍ୱ ମୁଦ୍ରା ରହିଥାଏ। ଯେପରି ଭାରତର ଟଙ୍କା ବା ରୁପି, ଆମେରିକାର ଡଲାର, ଇଂଲଣ୍ଡର ୟୁରୋ ଇତ୍ୟାଦି ହେଲେ ଆପଣ ଜାଣନ୍ତିକି, ପୃଥିବୀରେ ଏମିତି କେତେକ ଦେଶ ରହିଛି, ଯାହାର ନିଜସ୍ୱ ମୁଦ୍ରା ନାହିଁ। ଜାଣିବା ସେଭଳି କେତେକ ଦେଶ ସମ୍ପର୍କରେ...**




**ଜିମ୍ବାୱେ:** ଦକ୍ଷିଣ ଆଫ୍ରିକୀୟ ଦେଶ ଜିମ୍ବାୱେରେ ୨୦୦୯ ମସିହାରେ ଗଭୀର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅଧିକ ଋଣ ଯୋଗୁ ଏହି ଦେଶର ସମସ୍ତ ମୁଦ୍ରା ଶେଷ ହୋଇଗଲା। ସେବେଠୁ ଏଠାରେ ଅନ୍ୟ ଦେଶର ମୁଦ୍ରା ଯଥା– ରେଣ୍ଡ, ପାଉଣ୍ଡ, ରୁପିଜ୍, ଡଲାର, ୟେନ୍, ୟୁରୋ ଆଦିର ପ୍ରଚଳନ ହେଉଛି।

**ଇକ୍ୱେଡର୍:** ଦକ୍ଷିଣ ଆମେରିକୀୟ ଦେଶ ଇକ୍ୱେଡର ଅର୍ଥନୈତିକ ବ୍ୟବସ୍ଥା ମୁଖ୍ୟତଃ ତେଲ ଉତ୍ପାଦନ ଉପରେ ନିର୍ଭର କରିଥାଏ। ହେଲେ ୨୦୦୦ ମସିହାରେ ଏଠାରେ ଖୁବ୍ କମ୍ ତେଲ ଉତ୍ପାଦନ ହେବା ଯୋଗୁ ଆର୍ଥିକ ସଂକଟ ଦେଖାଦେଇଥିଲା। ଫଳସ୍ୱରୂପ ଅନ୍ୟ ଦେଶରୁ ଧାର ଆଣିବାରେ ଧୀରେ ଧୀରେ ଦେଶର ମୁଦ୍ରା ସମାପ୍ତ ହୋଇଗଲା। ସେବେଠାରୁ ଏଠାରେ ଆମେରିକୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।




**ନାଉରୁ:** ଏହା ହେଉଛି ପୃଥିବୀର ସବୁଠୁ ଛୋଟ ଦ୍ୱୀପରାଷ୍ଟ୍ର। ଏହାର କ୍ଷେତ୍ରଫଳ ମାତ୍ର ୮.୧ ବର୍ଗ ମାଇଲ ହୋଇଥିବା ବେଳେ ଜନସଂଖ୍ୟା ୧୦ ହଜାର। ଏହି ଦେଶରେ ନା ରହିଛି ନିଜସ୍ୱ ରାଜଧାନୀ ନା ସେନାବାହିନୀ। ଏମିତିକି ଏହି ଦେଶର ନିଜସ୍ୱ ମୁଦ୍ରା ବି ନାହିଁ। ପ୍ରଥମେ ଏହି ଦେଶ ଜର୍ମାନୀ ଅଧୀନରେ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରେଲିଆ ଏବଂ ଅନ୍ୟ ସହଯୋଗୀ ଦେଶ ଏହାକୁ ସ୍ୱାଧୀନ କରିଥିଲେ। ସେବେଠୁ ଏଠାରେ ଅଷ୍ଟ୍ରେଲୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।

**ପାନାମା:** ମଧ୍ୟ ଆମେରିକୀୟ ଦେଶ ପାନାମାକୁ ୧୯୦୩ ମସିହାରେ ଆମେରିକା କଲମ୍ବିଆ ସଂଘଠାରୁ ସ୍ୱତନ୍ତ୍ର ହେବାରେ ସାହାଯ୍ୟ କରିଥିଲା। ସେବେଠୁ ଏଠାକାର ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ମୁଦ୍ରା ଡଲାର ଉପରେ ନିର୍ଭରଶୀଳ।

**ଶୀତ ସକାଳର ଥଣ୍ଡା, କୁହୁଡ଼ି। ତୀର୍ଯ୍ୟକ୍ ସୂର୍ଯ୍ୟ କିରଣରେ ଝଲସୁଥିବା ଘାସ ଆଉ ପତ୍ରରେ କାକରବିନ୍ଦୁ ଭାରି ମନୋରମ! ଶୀତବସ୍ତ୍ର ପିନ୍ଧି ଏହି ପାଗର ମଜାନେବାକୁ ବି ଅନେକଙ୍କଠାରେ କ୍ରେଜ୍ କହିଲେ ନ ସରେ। ହେଲେ କେବେ ଏହି କୁହୁଡ଼ି ଗାଡିମୋଟର ଚଳାଚଳରେ ବାଧା ସୃଷ୍ଟି କରେ ତ ପୁଣି କେବେ ଏହା ପାଲଟେ ଦୁର୍ଘଟଣାର କାରଣ ...**





# କୁହୁଡ଼ି ଓ ଦୁର୍ଘଟଣା



ବର୍ତ୍ତମାନ ବୃଦ୍ଧି ପାଉଥିବା ଗାଡ଼ିମୋଟର, କଳ କାରଖାନା ସଂଖ୍ୟା ସାଙ୍ଗକୁ ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଏବଂ ଏହାର ତାପମାତ୍ରା ମଧ୍ୟ ଅହେତୁକ ଭାବେ ବଢୁଛି। ଫଳରେ ବାୟୁମଣ୍ଡଳରେ ସାଧାରଣଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଳୀୟବାଷ୍ପ ରହୁଛି, ଯାହାକି ଶୀତଦିନେ ଥଣ୍ଡା ହେବା ଦ୍ୱାରା ଘନୀଭୂତ ହେବା ସହ ଛୋଟ ଛୋଟ ଜଳକଣାରେ ପରିଣତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠ ନିକଟରେ ଭାସି ବୁଲୁଛି। ବାୟୁପ୍ରଦୂଷଣ ହେତୁ ଧୂଆଁମିଶା ଘନକୁହୁଡ଼ି ବା ସ୍ମଗ ସୃଷ୍ଟି ହେଉଛି । ଏହି ଘନ କୁହୁଡ଼ି ଯୋଗୁ ଆଲୋକ ସଂକେତରେ ଚଳାଚଳ କରୁଥିବା ବିମାନ ଓ ରେଳଗାଡ଼ିରେ ବିଳମ୍ବ ଘଟୁଛି। କେବଳ ଏତିକି ନୁହେଁ, ଅଧିକ ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଭଲଭାବେ ଦେଖାଯାଉ ନ ଥିବାରୁ ଗାଡ଼ିମୋଟର ଦୁର୍ଘଟଣା ବୃଦ୍ଧିପାଉଛି।

କୁହୁଡ଼ି ସମୟରେ ଯାନବାହନ ଚଳାଚଳକୁ ସୁରକ୍ଷିତ କରିବା ଲାଗି କେତୋଟି ବିଷୟ ପ୍ରତି ସଜାଗ ହେବା ନିହାତି ଜରୁରୀ। ଜାଣିରଖନ୍ତୁ ସେ ସମ୍ପର୍କରେ...

– ଅଧିକ କୁହୁଡ଼ିରେ ସକାଳ ସମୟରେ ବି ସୂର୍ଯ୍ୟକିରଣ ଢାଙ୍କି ହୋଇ ରାସ୍ତାଘାଟ ଅନ୍ଧାରିଆ ଲାଗିଥାଏ। ତେଣୁ ଗାଡ଼ି ଚଳାଇବା ସମୟରେ ଅଧିକ କୁହୁଡ଼ି ସ୍ଥାନରେ କୁହୁଡ଼ିଜନିତ ଦୁର୍ଘଟଣା ହ୍ରାସ କରିବା ଲାଗି ବର୍ତ୍ତମାନ ଗାଡ଼ିଗୁଡିକରେ ଦିଆଯାଉଥିବା ସ୍ପେଶାଲ ଫଗ୍ ଲାଇଟ୍ (ହଳଦିଆ ଆଲୁଅ) ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।

– ସକାଳ ଏବଂ ସନ୍ଧ୍ୟା ସମୟରେ ବାହାରକୁ ଯାଉଥିଲେ କୁହୁଡ଼ି ପ୍ରତି ସତର୍କ ରୁହନ୍ତୁ। ଗାଡ଼ି ଚଳାଇବା ବେଳେ ସ୍ପିଡ୍ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ। ଅନ୍ୟ ଗାଡ଼ିଗୁଡିକଠାରୁ ଆବଶ୍ୟକ ଦୂରତା ରକ୍ଷା କରନ୍ତୁ। ବିଶେଷକରି ଟର୍ନିଂ ବା ବୁଲାଣି ସ୍ଥାନରେ ଗାଡ଼ି ଧୀରେ ଚଳାନ୍ତୁ ଏବଂ ଲମ୍ବା ହର୍ନ ଦିଅନ୍ତୁ। କାରଣ ଏଭଳି ସ୍ଥାନରେ ସାମାନ୍ୟ ଅସତର୍କତା ଯୋଗୁ ଦୁର୍ଘଟଣା ହେବାର ଆଶଙ୍କା ବେଶୀ।



– କୁହୁଡ଼ିରେ ରାସ୍ତା ଉପରେ ଚାଲୁଥିବା ପଶୁ ବିଶେଷକରି ଧଳା ବାଛୁରୀ, ଗାଈ, କୁକୁର ଆଦି ସହଜରେ ଦେଖାଯାଇ ନ ଥା'ନ୍ତି। ଏଣୁ ଦୁର୍ଘଟଣାର ଆଶଙ୍କା ବଢ଼ିଥାଏ। ତେଣୁ ଗାଡ଼ିର ସ୍ପିଡ୍ ନିୟନ୍ତ୍ରଣରେ ରଖିବା ନିତାନ୍ତ ଆବଶ୍ୟକ।

– କୁହୁଡ଼ିରେ ଦୁଇଚକିଆ ଗାଡ଼ିରେ ଯାତାୟାତ କରିବା ବେଳେ ବାରମ୍ବାର ହେଲ୍‌ମେଟ୍ ଗ୍ଲାସ୍‌ରେ କୁହୁଡ଼ି ଲାଗି ଅସ୍ପଷ୍ଟ ହୋଇଯାଏ। ତେଣୁ ଦେଖିବାରେ କଷ୍ଟ ହୋଇଥାଏ ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିପାଇଥାଏ। ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ସହ ମଝିରେ ମଝିରେ ଏହାକୁ କଟନ୍ କପଡ଼ାରେ ପୋଛନ୍ତୁ। ସେହିପରି କାର୍ ବ୍ୟବହାର କରୁଥିଲେ କୁହୁଡ଼ି ସମୟରେ ଡିଫ୍ରଷ୍ଟର ବ୍ୟବହାର କରନ୍ତୁ। କାରଣ କୁହୁଡ଼ି ଗାଡ଼ିର ୱିଣ୍ଡସିଲ୍ଡରେ ଜମା ହେବା ଦ୍ୱାରା ଦେଖାଯିବା କଷ୍ଟ ହୋଇଥାଏ। ଆବଶ୍ୟକ ସ୍ଥଳେ ୱାଇପର ମଧ୍ୟ ବ୍ୟବହାର କରନ୍ତୁ।

– କୁହୁଡ଼ିରେ ଗାଡ଼ି ଚଳାଉଥିବା ସମୟରେ ମୋବାଇଲ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ଏପରିକି ଇୟରଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ମଧ୍ୟ ବିପଜ୍ଜନକ। ଏହାଦ୍ୱାରା ନା କେବଳ ଆପଣ ଅନ୍ୟମନସ୍କ ହେବା କିମ୍ବା ପଛ ଗାଡ଼ିଗୁଡିକର ହର୍ନ ନ ଶୁଣି ପାରିବା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି ବରଂ କୁହୁଡ଼ି ସଂସ୍ପର୍ଶରେ ଆସି ମୋବାଇଲ୍ ଖରାପ ହେବାର ମଧ୍ୟ ଆଶଙ୍କା ରହିଛି।

# ଶୀତଦିନେ ଆଲର୍ଜି ସମସ୍ୟା

**ଶୀତଦିନେ ଥଣ୍ଡାଜନିତ ଆଲର୍ଜି ସମସ୍ୟା ପ୍ରାୟ ୭୦% ବଢ଼ିଯାଏ। ଏହାଦ୍ୱାରା ନାକ ବନ୍ଦ ହୋଇଯିବା, ମୁଣ୍ଡବିନ୍ଧା, ମାଇଗ୍ରେନ ହେବା, ତ୍ୱଚା କୁଣ୍ଡାଇ ହେବା ଓ ଆଖିରୁ ଲୁହ ବୋହିବା ଇତ୍ୟାଦି ସମସ୍ୟା ଉପୁଜିଥାଏ। ତେବେ କେବଳ ବାହାର ଥଣ୍ଡା ପରିବେଶ ପାଇଁ ନୁହେଁ, ଘରେ ମଧ୍ୟ କେତୋଟି କାରଣ ଯୋଗୁ ଏହିସବୁ ଲକ୍ଷଣ ଦେଖାଯାଏ। ଜାଣିବା ସେ ସମ୍ପର୍କରେ...**

- ଗୃହପାଳିତ କୁକୁର, ବିଲେଇ କିମ୍ବା ଅନ୍ୟ ପଶୁପକ୍ଷୀଙ୍କ ଲୋମ ଦ୍ୱାରା ଆଲର୍ଜି ହୋଇଥାଏ।
- ଘରେ ଥିବା ଆସବାବପତ୍ର ଝାଡୁଥିବା ସମୟରେ କାର୍ପେଟ, ୱିଣ୍ଡୋ କିମ୍ବା ଥାକରୁ ଧୂଳି ଉଡି ଆଲର୍ଜି ହୋଇଥାଏ।
- ଆମିଷ କିମ୍ବା ଅନ୍ୟ କୌଣସି ଖାଦ୍ୟ ପଦାର୍ଥ ଦ୍ୱାରା ଶରୀରରେ ଆଲର୍ଜି ହୋଇଥାଏ।
- ବିଷାକ୍ତ କୀଟ କାମୁଡ଼ିଲେ କିମ୍ବା ଫିମ୍ପି ଏବଂ ଶିଉଳି ଦ୍ୱାରା ଆଲର୍ଜି ହୋଇଥାଏ।
- କେତେକ ମେଡିସିନ୍ ଗ୍ରହଣ କରିବା ଦ୍ୱାରା ମଧ୍ୟ ଆଲର୍ଜି ହୋଇଥାଏ।
- ଲାଟେକ୍ସ ସାମଗ୍ରୀ ଯଥା ବେଲୁନ୍, ରବର, ଗ୍ଲୋଭ୍ସ କିମ୍ବା ପୋଷାକରେ ଥିବା ଇଲାଷ୍ଟିକ ଦ୍ୱାରା ମଧ୍ୟ ଏହି ସମସ୍ୟା ଉପୁଜିଥାଏ।
- ମେଟାଲ୍ ସାମଗ୍ରୀ ବିଶେଷକରି ନିକେଲ୍, କୋବାଲଟ୍ ଏବଂ କ୍ରୋମେଟ୍ ବ୍ୟବହାର କରିବା ଦ୍ୱାରା ଆଲର୍ଜି ହୋଇଥାଏ।

**ପ୍ରତିକାର:**

- ଫୁଲ ଦ୍ୱାରା ଆଲର୍ଜି ହେଉଥିଲେ ଫୁଲଗଛଠାରୁ ଦୂରେଇ ରୁହନ୍ତୁ। ଘରେ ଲାଗିଥିବା ଶିଉଳି କିମ୍ବା କୌଣସି ଜିନିଷରେ ଫିମ୍ପି ଲାଗିଥିଲେ ତାହାକୁ ଯଥାଶୀଘ୍ର ସଫା କରିଦିଅନ୍ତୁ। ସଫା କରିବା ସମୟରେ ତାହା ଯେପରି ନାକ, ପାଟି ଓ ଆଖି ସଂସ୍ପର୍ଶରେ ନ ଆସେ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯଦି କୁକୁର, ବିଲେଇ କିମ୍ବା କୌଣସି ପଶୁପକ୍ଷୀଙ୍କୁ ପାଳୁଛନ୍ତି, ତେବେ ଆଲର୍ଜି ସମସ୍ୟା ଥିଲେ ସେମାନଙ୍କୁ କୋଳେଇ ଧରନ୍ତୁନି କିମ୍ବା ସେମାନଙ୍କ ପାଖରେ ଶୁଅନ୍ତୁନି। ସେମାନଙ୍କୁ ଧରିବା ପରେ ସାଙ୍ଗେ ସାଙ୍ଗେ ହାତକୁ ସାନିଟାଇଜ୍ କରିଦିଅନ୍ତୁ।
- ଶୁଖିଲା କପଡ଼ାରେ ଧୂଳି ସଫା କଲେ ଅଧିକ ଉଡ଼ିଥାଏ ଏବଂ ନାକ, କାନରେ ପଶିଥାଏ। ତେଣୁ ଝାଡ଼ିବା ଲାଗି ଓଦା କପଡ଼ା ବ୍ୟବହାର କରନ୍ତୁ।
- ସାଇନସ ସଂକ୍ରମଣ କିମ୍ବା କାନରେ ସଂକ୍ରମଣ ଲାଗି ରହୁଥିଲେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଗରମ ପାଣି ବ୍ୟବହାର କରି ନିତ୍ୟ ବ୍ୟବହାର୍ଯ୍ୟ କପଡ଼ାକୁ ସଫା କରନ୍ତୁ।
- ନିୟମିତ ମାସ୍କ ବ୍ୟବହାର କରନ୍ତୁ।
- ରାତିରେ କ୍ଷୀର ସହ ହଳଦୀ ମିଶାଇ ପିଅନ୍ତୁ, ଯଦ୍ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୦ ନଭେମ୍ବର, ୨୦୨୨ Sambalpur, Sunday, November 20/2022

# ଜୁନିୟର ମହିଳା ସନ୍ତରଣ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଶନିବାର ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ସିରିଜ ରାଉଣ୍ଡ-୨(ଜୋନ-୪) ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଡେପୁଟି ଡାଇରେକ୍ଟର ଟି.ଏନ.ସାହୁ ଏବଂ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର, ସମ୍ପାଦକ ଗୋଲାପମଣି ମହନ୍ତ ଏବଂ କୋଷାଧ୍ୟକ୍ଷ ବିଜୟ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଆଦି ୫ଟି ରାଜ୍ୟର ୬୪ ମହିଳା ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ମୋଟ ୧୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି।



ପ୍ରଥମ ଦିବସରେ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ମନେପଡ଼ିବେ ମାରାଡୋନା

ରେଫରିଙ୍କ ହ୍ୱିସିଲ ବାଜିବ। ପଡ଼ିଆରେ ଖେଳାଳିମାନଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହେବ। ସମର୍ଥକମାନେ ଗ୍ୟାଲେରିରେ ନାଚିବେ। ଏସବୁ ଦେଖିବାକୁ ମିଳିବ କାତାରରେ। କିନ୍ତୁ ଜଣେ ଅନୁପସ୍ଥିତ ରହିବେ। ଲୋକେ ତାଙ୍କୁ 'ଗଡ୍ ଅଫ୍ ଫୁଟ୍‌ବଲ' କହୁଥିବା ବେଳେ ଅନ୍ୟ କେତେକ ତାଙ୍କୁ 'କିଙ୍ଗ୍' ବୋଲି କହିଥାନ୍ତି। ସେ ଯାହା ହେଉ ନା କାହିଁକି ରବିବାର ଆରମ୍ଭ ହେବାକୁଥିବା ଫୁଟ୍‌ବଲ ବିଶ୍ୱକପ୍‌ରେ ଡିଏଗୋ ମାରାଡୋନାଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ, ଯିଏକି ଖେଳ ପାଇଁ ସବୁକିଛି ଦେଇଛନ୍ତି। ଆମେ ଏଥର ତାଙ୍କୁ ମିସ୍ କରିବା। ବେଳେ ବେଳେ ମୁଁ ଭାବେ ସେ ଏବେ ମଧ୍ୟ ଜୀବିତ ଅଛନ୍ତି। ମାରାଡୋନା ବିଶ୍ୱକପ୍ କେବେ ମିସ୍ କରନ୍ତି ନାହିଁ। ଦର୍ଶକଙ୍କ ମହଲରେ ସେ ତାଙ୍କ ଆର୍ଜେଣ୍ଟିନା ଦଳକୁ ଉତ୍ସାହିତ କରିଥାନ୍ତି। ସେ ସବୁବେଳେ ମନେପଡ଼ିବେ। ନଭେମ୍ବର ୨୫ରେ ତାଙ୍କର ମୃତ୍ୟୁ ବାର୍ଷିକୀ ପଡୁଛି ତାହା ପୁଣି ବିଶ୍ୱକପ୍ ଚାଲିଥିବା ବେଳେ। ଲୋକେ ତାଙ୍କ ପ୍ରତି କ୍ରମାଗତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଆସୁଛନ୍ତି। ଆହୁରି ଅନେକ କିଛି ଦେଖିବାକୁ ମିଳିବ। ମେକ୍ସିକୋର ଫେଡେରାଲ ଡିଷ୍ଟ୍ରିକ୍ଟରେ ପହଞ୍ଚିବା ପରେ ମାରାଡୋନାଙ୍କୁ ନେଇ ମୋର ସୁନ୍ଦର ସ୍ମୃତି ରହିଛି। ଆମେ ସେତେବେଳେ କ୍ଲବ ଆମେରିକାରେ ଟ୍ରେନିଂ ନେଉଥିଲୁ। ସେ ଆମକୁ ଖୁବ୍ ଉତ୍ସାହିତ କରୁଥିଲେ, ସତେଯେମିତି ସେ ଆମର ଲିଡର। ମୋ ଜୀବନରେ ସେ ଜଣେ ଅନନ୍ୟ ଚରିତ୍ର ଥିଲେ। ବିଶ୍ୱକପ୍ ସମୟର ଗୋଟିଏ କଥା ମୋର ମନେପଡୁଛି। ଆମେ ୪ରୁ ୫ଜଣ ଖେଳାଳି ତାଙ୍କ ସହିତ ଏକାଠି ଭୋଜନ କରିଥିଲୁ। ମାରାଡୋନା ସେତେବେଳେ ଆମକୁ କହିଥିଲେ, ପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳାଳି ତାଙ୍କୁ ରୋକିବାକୁ ଚେଷ୍ଟା କରିଥାନ୍ତି। ତାଙ୍କୁ କିକ୍ ମଧ୍ୟ କରିଥାନ୍ତି। କିନ୍ତୁ ବଲ୍ ଯେତେବେଳେ ତାଙ୍କ ନିୟନ୍ତ୍ରଣକୁ ଚାଲି ଆସେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳି ତାଙ୍କୁ ରୋକିବାରେ ସମର୍ଥ ହୋଇ ନ ଥାନ୍ତି। ତାଙ୍କର ଏହି ବାର୍ତ୍ତା ଆମକୁ ପ୍ରେରଣା ଦେଇଥିଲା। ଯାହାଫଳରେ ସେହି ବିଶ୍ୱକପ୍‌ରେ ଆମେ ଶତ ପ୍ରତିଶତ ପ୍ରଦର୍ଶନ କରିପାରିଥିଲୁ। ୬୦ବର୍ଷ ବୟସରେ ସେ ଆମକୁ ଛାଡ଼ି ଚାଲିଯାଇଛନ୍ତି। ଏହା ଏକ ଧକ୍କା ଥିଲା, ଯାହାକି ଦେଶକୁ ଏକପ୍ରକାର ପଙ୍ଗୁ କରିଦେଇଥିଲା। ୧୯୮୬ରୁ ୨୦୨୨ ଅର୍ଥାତ୍ ମେକ୍ସିକୋରୁ କାତାର ପର୍ଯ୍ୟନ୍ତ ପ୍ରଥମ ଥର ଶୀତ ଋତୁରେ ବିଶ୍ୱକପ୍ ଅନୁଷ୍ଠିତ ହେଉଛି, ତାହା ପୁଣି ସିନ୍ଥେଟିକ୍ ଘାସ ଓ ବହୁ କଟକଣା ମଧ୍ୟରେ। ୧୯୮୬ ବିଶ୍ୱକପ୍ ଗୌରବ ଫେରାଇ ଆଣିବା ଦାୟିତ୍ୱ ବର୍ତ୍ତମାନ ଲିଓନେଲ ମେସିଙ୍କ ଉପରେ। ଜଣେ ଆର୍ଜେଣ୍ଟାଇନ୍ ହିସାବରେ ମୁଁ ମେସି ଓ ତାଙ୍କ ଦଳକୁ ସମର୍ଥନ କରିବି। ମାତ୍ର ଜଣେ ପୂର୍ବତନ ଖେଳାଳି ହିସାବରେ 'ଫୁଟ୍‌ବଲ'କୁ ସମର୍ଥନ କରିବି। ଏହି ବିଶ୍ୱକପ୍‌ରେ ଆମେ ଫୁଟ୍‌ବଲ ଖେଳକୁ ଭଲ ରୂପେ ଉପଭୋଗ କରିବୁ ବୋଲି ମୋର ଆଶା। **(ଟିଭୋକସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ)।**



ଜର୍ଜ ବୁରୁଚାଗା



ଡିଏଗୋ ମାରାଡୋନା

# ରବିନାଙ୍କ ସମେତ ୩ ବକ୍ସର କ୍ୱାର୍ଟରରେ

**ନୂଆଦିଲ୍ଲୀ, ୧୯।୧୧ (ପି.ଟି.):** ଏସିଆନ ୟୁଥ୍ ଚାମ୍ପିୟନ ରବିନା (୬୩କେଜି)ଙ୍କ ସମେତ ଭାରତ ୩ ବକ୍ସର ସ୍ପେନର ଲା ନୁସିଆଠାରେ ଚାଲିଥିବା ଆଇବିଏ ୟୁଥ୍ ପୁରୁଷ ଓ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିନା ରାଉଣ୍ଡ ଅଫ୍ -୧୬ରେ ହଙ୍ଗେରୀର ଭାର୍ଗା ଫ୍ରାନ୍‌ସିସ୍କା ରୋଜିଙ୍କୁ ହରାଇ ଦେଇଛନ୍ତି। ଲଢ଼େଇର ଉଭୟ ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡରେ ରବିନା ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ପଞ୍ଚ ପରେ ପଞ୍ଚ ମାରି ଚାଲିଥିଲେ। ରେଫରି ମୁକାବିଲାକୁ ରୋକିବା ଲାଗି ବାଧ ହୋଇଥିଲେ। ଅନ୍ୟ ମହିଳା ବକ୍ସର କୁଞ୍ଜରାଣୀ ଦେବୀ ଥୋଙ୍ଗମ (୬୦କେଜି) ମଧ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେ ଏକ ଏକତରଫା ମୁକାବିଲାରେ ସ୍ପେନର ହୋର୍ଟେ ମାର୍ଟିନେଜ୍ ମାରିଆଙ୍କୁ ୫-୦ରେ ପରାସ୍ତ କରିଥିଲେ। ପୁରୁଷଙ୍କ ମଧ୍ୟରେ ବକ୍ସର ମୋହିତ (୮୬କେଜି) କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

# ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦ ଆଜି

**ମାଉଣ୍ଟ ମଙ୍ଗାନୁଇ, ୧୯।୧୧**

**ବର୍ଷା ଆଶଙ୍କା**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଏଠାରେ ରବିବାର ଖେଳାଯିବ। ବର୍ଷା ଯୋଗୁ ୱେଲିଂଟନରେ ଦୁଇ ଟି୨୦ ବିଶ୍ୱକପ୍ ଲୁଜିଂ ସେମିଫାଇନାଲିଷ୍ଟ ମଧ୍ୟରେ ପ୍ରଥମ ଦିନିକିଆ ଖେଳାଯାଇ ପାରିନାହିଁ। ଏଠାରେ ମଧ ବର୍ଷାର ଆଶଙ୍କା ରହିଥିବା ସ୍ଥାନୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ନୂଆ ରୂପ ନେଇଥିବା ଭାରତୀୟ କ୍ରିକେଟ ଦଳ ପ୍ରଦର୍ଶନ ଉପରେ ଖେଳପ୍ରେମୀମାନଙ୍କ ନଜର ରହିବ। ପାଣ୍ଡ୍ୟା ପୂର୍ବରୁ ଭାରତୀୟ ଦଳର ୩ ଥର କାମଚଳା ଭାବେ ଅଧିନାୟକତ୍ୱ କରିସାରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇଟି ମ୍ୟାଚରେ ସେ ଦଳର ନେତୃତ୍ୱ ନେଇଛନ୍ତି। ନ୍ୟୁଜିଲାଣ୍ଡ ଭଳି ଦଳ ବିପକ୍ଷରେ ପାଣ୍ଡ୍ୟାଙ୍କ ଦୃଷ୍ଟିଭଙ୍ଗୀ କ'ଣ ତାଙ୍କ ଅଧୀନରେ ଖେଳାଳିମାନଙ୍କ ପ୍ରଦର୍ଶନ କିପରି ରହୁଛି ଏବଂ ଖେଳ ସମୟରେ ସେ ଚାପକୁ କିଭଳି ଭାବେ ସମ୍ଭାଳୁଛନ୍ତି ତାହାକୁ ଅପେକ୍ଷା କରାଯାଇଛି। ନ୍ୟୁଜିଲାଣ୍ଡ ଶିବିରରେ ଦଳର ଅଧିନାୟକ କେନ୍ ୱିଲିୟମସନଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଅଷ୍ଟ୍ରେଲିଆରେ ନିକଟରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ଆଶାନୁରୂପ ନ ଥିଲା। ଏଠାରେ ଯଦି ଫର୍ମକୁ ଫେରନ୍ତି ତେବେ ଦଳର ଅନ୍ୟ ଖେଳାଳିମାନେ ଉତ୍ସାହିତ ହେବ। ଏହି ସିରିଜ ପାଇଁ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇଥିବାରୁ ରିଷଭ ପନ୍ତ ଖେଳିବା ନିଶ୍ଚିତ। ତେବେ ତାଙ୍କୁ ଟପ୍ ଅର୍ଡରରେ ବ୍ୟାଟିଂ କରିବାକୁ ଦିଆଯାଉଛି କି ନା ତାହା ଲକ୍ଷ୍ୟ କରିବା କଥା। ରବିଚନ୍ଦ୍ରନ ଅଶ୍ୱିନଙ୍କ ଅନୁପସ୍ଥିତିରେ ଗତ ଟି୨୦ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚରେ ଖେଳିବା ସୁଯୋଗ ପାଇ ନ ଥିବା ଯୁଜବେନ୍ଦ୍ର ଚହଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବ ବୋଲି ଆଶା କରାଯାଏ। ମାର୍ଟିନ ଗୁପ୍‌ଟିଲ ଦଳରୁ ବାହାର ହୋଇଯାଇଥିବାରୁ ଟପ୍ ଅର୍ଡରରେ ପ୍ରଭାବୀ ବ୍ୟାଟର ଫିନ୍ ଆଲେନଙ୍କୁ ସୁଯୋଗ ମିଳିପାରେ।

# ଏକାମ୍ର କପ ସେମିରେ ସିଡ଼ିଏ ଲାୟନ୍ସ

**ପୁରୁଣା ଭୁବନେଶ୍ୱର, ୧୯।୧୧(ଡି.ଏନଏ.)**

ସ୍ଥାନୀୟ କେଶୁରା କ୍ରିକେଟ ପଡ଼ିଆରେ ଚାଲିଥିବା ଏକାମ୍ର କପ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ କଟକର ସିଡ଼ିଏ ଲାୟନ୍ସ ପ୍ରତିପକ୍ଷ ୱିଣ୍ଡ ୨୦୦୦କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲ ସିଡ଼ିଏ ଲାୟନ୍ସ ବନାମ ୱିଣ୍ଡ ୨୦୦୦ ମଧ୍ୟରେ ହୋଇଥିଲା। ଟସ୍ ଜିତି ଲାୟନ୍ସ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱିଣ୍ଡ ୨୦୦୦ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ରନ କରିଥିଲା। ଜବାବରେ ଲାୟନ୍ସ ୬ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୦୭ରନ ସଂଗ୍ରହ କରିଥିଲା। ଅର୍ଜିତା ନନ୍ଦ ପ୍ରଧାନ, ରମେଶ ଦାସ, ଆର୍ତ୍ତ ପ୍ରଧାନ, ତପନ ଭୋଳ ମ୍ୟାଚ ପରିଚାଳନା କରିଥିଲେ। କୃତାର୍ଥ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ବିୟର ବିନା ବଞ୍ଚିପାରିବେ ଦର୍ଶକ: ଇନ୍‌ଫାଣ୍ଟିନୋ

**ଦୋହା, ୧୯।୧୧(ପି.ଟି.):** କାତାରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପର ଷ୍ଟାଡିୟମ ଗୁଡିକରେ ବିୟର ବିକ୍ରି ଓ ପାନ କରିବା ଉପରେ କଟକଣାକୁ ନେଇ ମୁହଁ ଖୋଲିଛନ୍ତି ଫିଫା ସଭାପତି ଜିଆନ୍ନି ଇନ୍‌ଫାଣ୍ଟିନୋ। ବିଶ୍ୱକପ ଦର୍ଶକ ବିନା ବିୟରରେ ବଞ୍ଚି ପାରିବେ, ମ୍ୟାଚ ସମୟରେ ବିୟର ପିଇବା ପ୍ରାଥମିକତା ନୁହେଁ ବୋଲି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ବିଶ୍ୱକପ୍ ଆୟୋଜନ ଅଧିକାର ହାସଲ ସମୟରେ କାତାର ଏହି ଚୁକ୍ତିକୁ ସ୍ୱୀକାର କରିଥିଲା। ମାତ୍ର ପାରମ୍ପରିକ ଭାବରେ ମୁସଲିମ ବହୁଳ ରାଷ୍ଟ୍ର ହୋଇଥିବା କାରଣରୁ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡିଥିଲା। ଦୋହାରେ ଅତ୍ୟଧିକ ଦର୍ଶକଙ୍କ ଆଗମନ କାରଣରୁ ବିୟର ବିକ୍ରି ଓ ପାନ କରିବା ଉପରେ କଟକଣା ଲାଗୁ କରା ଯାଇଥିବା କହିଛନ୍ତି ଇନଫାଣ୍ଟିନୋ। ଫିଫା ପକ୍ଷରୁ ଅନ୍ତିମ ମୁହୂର୍ତ୍ତ ଯାଏ ପ୍ରୟାସ କରାଯାଇଥିଲା ମାତ୍ର କାତାର ଅଫିସିଆଲଙ୍କ ଅସହଯୋଗ କାରଣରୁ ବିୟର ବିକ୍ରି ସମ୍ଭବ ହୋଇନଥିଲା। ତେବେ ମ୍ୟାଚ ଦିନର ସନ୍ଧ୍ୟାରେ ଦର୍ଶକଙ୍କୁ ଏକ ସ୍ୱତନ୍ତ୍ର ପାର୍ଟିରେ ବିୟର ପିଇବାକୁ ମିଳିବ।






ନ୍ୟୁଜିଲାଣ୍ଡର ମାଉଣ୍ଟ ମଙ୍ଗାନୁଇରେ ଭାରତୀୟ କ୍ରିକେଟ ଦଳ।

**ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ**

# ମୟୂରଭଞ୍ଜ-କୋରାପୁଟ ଫାଇନାଲ

**ଭୁବନେଶ୍ୱର, ୧୯।୧୧ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଟାଉନ୍ କ୍ଲବ ପଡ଼ିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ପୁରୁଷ ଦୃଷ୍ଟିବାଧିତ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଶନିବାର ୩ଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ସେମିଫାଇନାଲ କୋରାପୁଟ ଓ ଭଦ୍ରକ ମଧ୍ୟରେ ହୋଇଥିଲା। ଭଦ୍ରକ ଟସ୍ ଜିତି ବୋଲିଂ ନିଷ୍ପତି ନେଇଥିଲା। କୋରାପୁଟ ପ୍ରଥମେ ବ୍ୟାଟିଂ କରି ଭଦ୍ରକ ପାଇଁ ୧୫ ଓଭରରେ ୨୧୭ ରନ୍‌ର ଏକ ବିଶାଳ ଟାର୍ଗେଟ୍ ରଖିଥିଲା। ଜବାବରେ ଭଦ୍ରକ ଟିମ୍ ୧୩.୩ ଓଭରରେ ମାତ୍ର ୧୩୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ସେମି ଫାଇନାଲଟି ମାରାଙ୍ଗବୁରୁ ମୟୁରଭଞ୍ଜ ଏବଂ ରେଭେନ୍ସା ମଧ୍ୟରେ ଯାଇଥିଲା। ରେଭେନ୍ସା ୧୫ ଓଭରରେ ୧୬୯ ରନ୍ କରିଥିବା ବେଳେ ମାରଙ୍ଗବୁରୁ ମୟୁରଭଞ୍ଜ ୧୪.୪ ଓଭରରେ ୩ ଉଇକେଟ୍ ବିନିମୟରେ ୧୭୦ ରନ୍ କରି ୭ ଉଇକେଟ୍‌ରେ ବିଜୟ ଲାଭ କରିଥିଲା।



24x7 Helpline: 77106 44444 | www.sachisaheli.in | Available at all medical & general stores
Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

# ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ସିରିଜ ବିଜୟୀ

**ସିଡ୍‌ନୀ, ୧୯।୧୧(ଏପି):** ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୭୨ ରନରେ ଜିତିନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଷ୍ଟିଭ୍ ସ୍ମିଥଙ୍କ ୯୪ ରନ ଏବଂ ମିଚେଲ ଷ୍ଟାର୍କଙ୍କ ୪ ଉଇକେଟ ସଫଳତା ଯୋଗୁ ଅଷ୍ଟ୍ରେଲିଆ ମ୍ୟାଚରେ ସହଜ ବିଜୟ ହାସଲ କରିଛି। ଶନିବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ସ୍ମିଥ୍ ତାଙ୍କ ଇନିଂସରେ ୧୧୪ ବଲ୍‌ର ସମ୍ମୁଖୀନ ହୋଇଥିବା ବେଳେ ୫ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ନସ ଲାବୁସେନ୍ ୫୮ ଓ ମିଚେଲ ମାର୍ଶ ୫୦ ରନ କରିଥିଲେ। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୨୮୦ ରନ କରିଥିଲା। ଜବାବରେ ଭ୍ରମଣକାରୀ ଇଂଲଣ୍ଡ ୩୮.୫ ଓଭରରେ ୨୦୮ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡ ଇନିଂସର ପ୍ରଥମ ଓଭରରେ ଷ୍ଟାର୍କ ୨ଉଇକେଟ ପତନ ଘଟାଇ ଭ୍ରମଣକାରୀ ଦଳକୁ ଶକ୍ତ ଧକ୍କ ଦେଇଥିଲେ। ତେବେ ଜେମ୍ସ ଭିନ୍‌ସି (୬୦) ଓ ସାମ୍ ବିଲିଙ୍ଗ୍ସ (୭୧)ଙ୍କ ଦୃଢ ବ୍ୟାଟିଂ ସହାୟତାରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ଆଡାମ ଜାମ୍ପା (୪/୪୫) ଓ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଷ୍ଟାର୍କ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ସୁଯୋଗ ଦେଇ ନ ଥିଲେ।

# କିଟ୍‌ରେ ୧୯, ୨୧ ବର୍ଷରୁ କମ୍ ଭାରତୀୟ ଭଲିବଲ କ୍ୟାମ୍ପ




ଭିଏଫ୍‌ଆଇର କାର୍ଯ୍ୟକାରିଣୀ କାଉନ୍‌ସିଲ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୯।୧୧ (କ୍ରୀଡ଼ା ପ୍ରତିନିଧି):** ଜମ୍ମୁଠାରେ ୪୮ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର କାର୍ଯ୍ୟକାରିଣୀ କାଉନ୍‌ସିଲ ବୈଠକ ଜମ୍ମୁରେ ଅନୁଷ୍ଠିତ ହୋଇଯାଇଛି। ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୫ତମ ୟୁଥ୍ ନ୍ୟାଶନାଲ, ୭୧ତମ ଜାତୀୟ ସିନିୟର ଭଲିବଲ ଏବଂ ୩୬ତମ ଫେଡେରେଶନ କପ୍ ଆୟୋଜନ ପାଇଁ ସ୍ଥାନ ନିର୍ଦ୍ଧାରିତ ହୋଇଛି। ଆଗକୁ ବିଶ୍ୱ ୧୯ ଏବଂ ୨୧ ବର୍ଷରୁ କମ୍ ବାଳକ ଭଲିବଲ ଚାମ୍ପିୟନଶିପ୍ ଆସୁଥିବାରୁ ଭାରତୀୟ ଦଳର କ୍ୟାମ୍ପ କିଟ୍ ପରିସରରେ କରାଯିବାକୁ ନିଷ୍ପତ୍ତି ହୋଇଛି। କୋଭିଡ-୧୯ ସମୟରେ ଅନ୍ୟ ସବୁଆଡ଼େ ଅଚଳାବସ୍ଥା ଦେଖା ଦେଇଥିବାବେଳେ କିଟ୍‌ରେ ଜାତୀୟ ଚାମ୍ପିୟନଶିପ୍ ଏବଂ ଭାରତୀୟ ଦଳର କ୍ୟାମ୍ପ ସଫଳତାର ସହ ସମ୍ପନ୍ନ ହୋଇଥିଲା। ନିକଟ ଅତୀତରେ ଭାରତୀୟ ଭଲିବଲ ଦଳର ପ୍ରଦର୍ଶନରେ ଅଚ୍ୟୁତ ଖୁସି ଜାହିର କରିଛନ୍ତି। ଭାରତରେ ତୃଣମୂଳ ସ୍ତରରୁ ଭଲିବଲର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେ ଭିଏଫ୍‌ଆଇର ସଭାପତି ଦାୟିତ୍ୱ ନେବାପରେ ୧ ବର୍ଷ ମଧ୍ୟରେ ୪ଟି ଦଳ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭିଏଫ୍‌ଆଇ ମହାସଚିବ ଅନିଲ ଚୌଧାରୀ, କାର୍ଯ୍ୟକାରୀ ଉପସଭାପତି ରାଜକୁମାର, ଅଧ୍ୟକ୍ଷ ତଥା ଉପସଭାପତି ଏସ. ବାସୁଦେବନ, କୋଷାଧ୍ୟକ୍ଷ ସୁନୀଲ କୁମାର ତିୱାରୀ, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଏବଂ ଅନ୍ୟ ରାଜ୍ୟ ଭଲିବଲ ଆସୋସିଏଶନ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ର ବାଳିକାରେ ରାଜସ୍ଥାନ ଓ ବାଳକରେ ହରିୟାଣା ଚାମ୍ପିୟନ ହୋଇଥିଲା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ନିଖିଳ ଭାରତ ସମବାୟ ସପ୍ତାହ ପାଳିତ**

ଖଡ଼ିଆଳ,(ଡି.ଏନ୍.ଏ.): ଖଡ଼ିଆଳ ବ୍ଲକ ଡୁଆଝର ପ୍ରାଥମିକ କୃଷକ ସମବାୟ ସମିତିରେ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସଭାପତି ଯୁବରାଜ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଖିଳ ଭାରତ ସମବାୟ ସପ୍ତାହରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅଧାରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଏଆର୍‌ସିଏସ ଉମାଶଙ୍କର ଦାସ, ବିସିସି ବ୍ୟାଙ୍କ ମ୍ୟାନେଜର ସୁମିତ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଓ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ସରପଞ୍ଚ ଓ ସମିତି ସଦସ୍ୟ, ମିଶନ ଶକ୍ତିର ମହିଳା, ଚାଷୀ ଯୋଗ ଦେଇଥିଲେ।

# ସାମାଜିକ ସଚେତନତାର ଶ୍ରେଷ୍ଠ ମାଧ୍ୟମ ନାଟକ

**ନଟରାଜ କଳା ପରିଷଦ ରଜତ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା**

- ମଞ୍ଚସ୍ଥ ହେଲା ବହୁଚର୍ଚ୍ଚିତ ନାଟକ ଘା, ଯଯାତି
- ଦେବରାଜ ସାହୁ, ଅଶୋକ ବହିଦାରଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୧୯।୧୧**



ସୁଲେଖକ ଦେବରାଜ ସାହୁଙ୍କୁ ଜିଲାପାଳ ଚଞ୍ଚଳ ରାଣା ସମ୍ବର୍ଦ୍ଧିତ କରୁଛନ୍ତି।

ଅଗ୍ରଣୀ ନାଟ୍ୟାନୁଷ୍ଠାନ ନଟରାଜ କଳା ପରିଷଦର ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା ସଭା ପରିଷଦ ସଭାପତି ହରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଚଞ୍ଚଳ ରାଣା ସାମାଜିକ ସଚେତନତା ସୃଷ୍ଟି ଦିଗରେ ନାଟକ ଶ୍ରେଷ୍ଠତମ ମାଧ୍ୟମ ବୋଲି କହିଥିଲେ। ପୁରୁଣା ଯୁଗରୁ ଆଧୁନିକ ଯୁଗ ସବୁ ସମୟରେ ନାଟକ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ସାମାଜିକ ସଚେତନତା ଓ ସଂସ୍କାର ଦିଗରେ ଗୁରୁଦାୟିତ୍ୱ ନିର୍ବାହ କରିଆସୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ମନରଞ୍ଜନ ଯୋଷୀ ଯୋଗଦେଇ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସଭାରେ ଲେଖକ ଦେବରାଜ ସାହୁ ଓ ନାଟ୍ୟ ନିର୍ଦ୍ଦେଶକ ଅଶୋକ ବହିଦାରଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ଅଧ୍ୟକ୍ଷ ଡ. ଶ୍ରୀକର ମିଶ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରହଲ୍ଲାଦ ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଚର୍ଚ୍ଚିତ ନାଟକ ଘା ମଞ୍ଚସ୍ଥ ହୋଇଥିଲା। ଜଣେ ଅନ୍ଧ, ଜଣେ ଛୋଟା ଓ ଜଣେ ମୂକ ମହିଳା ଭିକାରୀଙ୍କୁ ନେଇ ଗତିଶୀଳ ନାଟକ ଘା ମଣିଷ ମନର ନିର୍ଭେଜାଲ ପ୍ରେମ, ନିଷ୍ଠୁର ପାଶବିକତା, ଈର୍ଷା, ଛଳନା, ଲୁଣ୍ଠନ ଏବଂ ତ୍ୟାଗକୁ ପ୍ରଦର୍ଶିତ କରିଥିଲା।

ନାଟ୍ୟକାର ଅଶୋକ ବହିଦାରଙ୍କ ଲିଖିତ ତଥା ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶିତ ନାଟକ ଘା'ରେ ରାମ ପ୍ରସାଦ ଦାଶ, ଲଳିତ ପୂଜାରୀ ଏବଂ ମିଲି ବାରିକ ଚମତ୍କାର ଅଭିନୟ କରି ଦର୍ଶକଙ୍କୁ ମାନବିକତାର ବାର୍ତ୍ତା ଦେଇଥିଲେ। ଅନ୍ଧ ଭିକାରୀକୁ ଭଲ ପାଇ ବସିଥିବା ମୂକ ଭିକାରୁଣୀଙ୍କ ପ୍ରତି ଈର୍ଷାନ୍ୱିତ ଏବଂ ଅସହିଷ୍ଣୁ ଛୋଟା ଭିକାରିର ପାଶବିକ ଅତ୍ୟାଚାର ପରେ ଗଭୀର ଘା ବା କ୍ଷତର ଅପମାନଜନକ ଲୋକଲଜ୍ଜାରୁ ମୁକ୍ତି ଦେବାକୁ ଯାଇ ଅନ୍ଧ ଭିକାରି ସିନ୍ଦୁର ଲେପି ଦେଇ ସ୍ତ୍ରୀର ମର୍ଯ୍ୟାଦା ଦେବା ଦୃଶ୍ୟ ଦର୍ଶକଙ୍କୁ ଭାବୋଚ୍ଛ୍ୱାସରେ ଭରି ଦେଇଥିଲା। ଲୋକଙ୍କ କରତାଳିରେ ଉଚ୍ଛୁଳି ଉଠିଥିଲା କୋଶଳ କଳାମଣ୍ଡଳର ପୁରୁଣା ମଞ୍ଚ। ଏହାପରେ ପୌରାଣିକ ନାଟକ ଯଯାତି ମଞ୍ଚସ୍ଥ ହୋଇଥିଲା। ମହାଭାରତର ବନ ପର୍ବର ଯଯାତି ଉପଖ୍ୟାନ ଉପରେ ଆଧାରିତ ନାଟକ ଯଯାତି ଦର୍ଶକଙ୍କୁ ପୌରାଣିକ ଯୁଗର ଅନୁଭବ ଭିତରକୁ ନେଇ ଯାଇଥିଲା। କାମ, କ୍ରୋଧ, ମୋହ ଭିତରେ ବନ୍ଧା ମଣିଷର କାହାଣି ହି ନାଟକରେ ଗତିଶୀଳ। ଯଯାତିଙ୍କ ମନ ଭିତରେ ଉଚ୍ଛୁଳି ଉଠୁଥିବା ବିଭିନ୍ନ ଅବବୋଧକୁ ନାଟକରେ ପ୍ରଦର୍ଶିତ କରି ସାଧାରଣ ମଣିଷର ଜୀବନକୁ ପ୍ରତିବିମ୍ବିତ କରାଯାଇଥିଲା। ଅତ୍ୟଧିକ ଲୋଭ ପାଇଁ ସଂସାରର ସମସ୍ତ ଧନ ସମ୍ପତ୍ତି, ସୁନ୍ଦରୀ ମଧ ଯଥେଷ୍ଟ ହୋଇପାରେନାହିଁ । ଏହି ସବୁ ମାୟା ମଣିଷକୁ ଭୋଗ ଦେବା ଅପେକ୍ଷା ମଣିଷକୁ କିଭଳି ତଳିତଳାନ୍ତ କରିପକାଏ ଏହାହିଁ ନାଟକର ମୂଳ ଆବେଦନ। ଦେବରାଜ ସାହୁଙ୍କ ଲିଖିତ ନାଟକକୁ ପ୍ରଶାନ୍ତ ଖମାରୀ ନିର୍ଦ୍ଦେଶନା ଦେଇଥିଲେ। ଏହି ନାଟକରେ ଧୀରାଜ ବେଜ୍, ମଧୁସୂଦନ ନାୟକ, ଅର୍ଜନ ମୁଗୁରୀ, ସଞ୍ଜୀବ ନାଏକ, ଶ୍ରୀରାଧା, ରାସେଶ୍ୱରୀ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ରବି, ଉତ୍ତମ, ବଳରାମ, କିଶୋର ମଞ୍ଚସଜ୍ଜା କରିଥିଲେ। ସଂଗ୍ରାମ ନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଶନିବାର ପୂର୍ବାହ୍ନରେ ପରିଷଦ ପକ୍ଷରୁ ରଜତ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡିର ପ୍ରଦୀପ ଡି. ମାଝି ଏବଂ ପଦ୍ମପୁରର ଅଶୋକ କୁମାର ବହିଦାର ମଞ୍ଚ ନାଟକର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକରେ ଆଲୋଚନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ଦାଶ, ଦତ୍ତାନନ୍ଦ ପଣ୍ଡା, ବୀରେନ୍ଦ୍ର ବନଛୋର ଓ ଭକ୍ତ ନାଏକ ସମୀକ୍ଷା କରିଥିଲେ। ଅଧ୍ୟାପକ ଶମ୍ଭୁ ପ୍ରସାଦ ଦାସ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ପରିଷଦ ଅଧ୍ୟକ୍ଷ ଡ ମିଶ୍ର ଆଲୋଚନାଚକ୍ରକୁ ଉଦ୍ଘାଟନ କରିଥିଲେ। ରଜତ ଜୟନ୍ତୀ ସମାରୋହକୁ ବିଶିଷ୍ଟ ସମାଜସେବୀ ଲଳିତ କୁମାର ନାୟକଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି।

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୯।୧୧**

ଚନ୍ଦନଭାଟି ନିକଟ ଫଟାବାହଲରେ ୧ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଧାୟକ ନରସିଂହ ମିଶ୍ର ଶନିବାର ଉଦ୍‌ଘାଟନ କରିଛନ୍ତି। ବସୁଧା ଯୋଜନା ଅନ୍ତର୍ଗତ ଏହି ପାନୀୟ ଜଳ ପ୍ରକଳ୍ପ ପାଇଁ ଫଟାବାହାଲ ଓ କଟାପାଲି ଲୋକେ ବିଧାୟକ ମିଶ୍ରଙ୍କୁ ଦାବି କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଫଟାବାହାଲ, କଟାପାଲି ତଥା ଆଖାପାଖର ଗାଁର ପିଇବା ପାଣି ସମସ୍ୟା ଦୂର ହୋଇପାରିବ। ଉଦ୍‌ଘାଟନୀ ସଭାରେ ବିଧାୟକ ମିଶ୍ରଙ୍କୁ ଫଟାବାହାଲ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପିଇବା ପାଣି ପାଇବା ଲୋକଙ୍କ ଆଇନସିଦ୍ଧ ଅଧିକାର। ଯେତେବେଳେ ପିଇବା ପାଣି ଯୋଗାଣ ଏଠାକୁ ହେଉ ନ ଥିଲା ସେସମୟରେ ସେ ସୁକତେଲ ନଦୀରୁ ପାଇପ ଯୋଗେ ଏଠାକୁ ପିଇବା ପାଣି ଯୋଗାଇ ଦେଇଥିଲେ। ଫଟାବାହାଲରେ ଥିବା ରାସ୍ତାଘାଟ, ପାନୀୟ ଜଳ, ଜଳସେଚନକୁ ନେଇ ଯେତେବେଳେ ବି ସମସ୍ୟା ଆସିଛି ସେସବୁ ସମସ୍ୟାର ସମାଧାନ କରିବାକୁ ସେ ଚେଷ୍ଟା କରିଛନ୍ତି। ଆଗକୁ ମଧ ତାହା ଜାରି ରହିବ ବୋଲି ସେ କହିଥିଲେ। ଶାନ୍ତନୁ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ମିଶ୍ରଙ୍କ ସହ କୁନ୍ତଳା ଗଡତ୍ୟା, ସବିତା କାଲସାଏ, ଉମାଶଙ୍କର ପଣ୍ଡା, ସଂକୀର୍ତ୍ତନ ମେହେର, ସଂଜୟ ଗଡତ୍ମା, ସୋମନାଥ ପୁଟେଲ, ବ୍ଲକ ସଭାପତି ଅରବିନ୍ଦ ସାହୁ ଉପସ୍ଥିତ ଥିଲେ।

# ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୯।୧୧**

ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ନୂତନ ପେନସନ ଯୋଜନାଭୁକ୍ତ) ଡାକରାରେ ପୁଇଁନ୍ତଲା ବ୍ଲକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ୩ ଦଫା ଦାବିପତ୍ର ଏବିଇଓ ଦୁର୍ବାଦଳ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ଦେବା ସମୟରେ ଶିକ୍ଷକ ପ୍ରତିନିଧି ଅନିଲ କୁମାର ରଣା, ଦେବେନ୍ଦ୍ର କୁମାର ବିଶ୍ୱାଳ, ବଦ୍ରିନାରାୟଣ ମିଶ୍ର, ସୁନିଲ ସରବଂଶ, ଯଜ୍ଞେଶ୍ୱର ସାହୁ, ସଞ୍ଜୟ ନାରାୟଣ ଗୁରୁ, ସନ୍ଦୀପ ଦାଶ ଉପସ୍ଥିତ ଥିଲେ। ସେହିପରି ବଲାଙ୍ଗୀର ବ୍ଲକ ତରଫରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ କୁମ୍ଭାରଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷକ ଓପିଟିଏ ସଭାପତି ଜ୍ଞାନ ରଞ୍ଜନ ବେହେରା, ସମ୍ପାଦକ ବସନ୍ତ କୁମାର ବୁଡେକ, ଜିଲା ସମ୍ପାଦକ ଖ୍ୱାଇସ ରସୁଲ ଖାନ, ପୂର୍ବତନ ସମ୍ପାଦକ ଭରତ ମହାକୁର, ପ୍ରଜ୍ଞା ପରମିତା ବହିଦାର, ଏୟୁପିଟିଏଫ୍ ସମ୍ପାଦକ ହରେକୃଷ୍ଣ ରଥ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅମ୍ଳାନ ଓମ୍‌କାର



@ ଜ୍ଞାନରଞ୍ଜନ



@ ମୃତ୍ୟୁଞ୍ଜୟ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



**କବାଡି ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା**

ନୂଆପଡ଼ା ଅଫିସ: କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ଆନ୍ତଃମହାବିଦ୍ୟାଳୟ କବାଡି ପ୍ରତିଯୋଗିତାରେ ନ୍ୟାସନାଲ ମହାବିଦ୍ୟାଳୟ ନୂଆପଡାର ବାଳିକା ଦଳ ଚାମ୍ପିୟନ ହୋଇଛନ୍ତି। କଳାହାଣ୍ଡି ଜିଲା ମଦନପୁର ରାମପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ବାଳିକା ବିଭାଗର ଫାଇନାଲ ମ୍ୟାଚରେ ନୂଆପଡ଼ା ନ୍ୟାସନାଲ ମହାବିଦ୍ୟାଳୟ ଦଳ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଦଳକୁ ପରାସ୍ତ କରି ଏହି ସୁନାମ ଅର୍ଜନ କରିଛନ୍ତି। ଶନିବାର ବିଜୟୀ ଦଳ ନୂଆପଡା ପହଞ୍ଚିବା ପରେ ମହାବିଦ୍ୟାଳୟରେ ଚାମ୍ପିୟନ ଦଳକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଛତିଶଗଡ଼ରେ ମିଳୁନି, ଝାଡ଼ଖଣ୍ଡରେ ମିଳୁଛି

**ଚାଷୀଙ୍କୁ ଧାନ ବୋନସ ଟଙ୍କା ମିଳିବା ପ୍ରସଙ୍ଗ**

**■ସୂଚନା ଅଧିକାର ଆଇନ ଯୋଗେ ମିଳିଲା ତଥ୍ୟ**

ବଲାଙ୍ଗୀର ଅଫିସ, ୧୯।୧୧

ପଡୋଶୀ ରାଜ୍ୟ ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବାଦ୍ ଚାଷୀଙ୍କୁ ବୋନସ ପ୍ରଦାନ କରାଯାଉଥିବା ନେଇ ରାଜନୈତିକ ନେତାମାନେ ଦାବି କରିଆସୁଛନ୍ତି । ଏହି କାରଣରୁ ଚାଷୀଙ୍କୁ ବୋନସ ଦିଆଯିବା ପ୍ରସଙ୍ଗ ଓଡ଼ିଶାରେ ସର୍ବାଧିକ ଚର୍ଚ୍ଚାର ବିଷୟ ହୋଇଛି। ଏହା ପ୍ରକାରାନ୍ତରେ ଜନସାଧାରଣଙ୍କ ପାଇଁ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତିର କାରଣ ପାଲଟିଛି। ଏହି ପ୍ରସଙ୍ଗକୁ ନେଇ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଓଡ଼ିଶାର ପଡ଼ୋଶୀ ରାଜ୍ୟମାନଙ୍କୁ ତଥ୍ୟ ମାଗିବା ପରେ କେଉଁ ରାଜ୍ୟରେ ଚାଷୀଙ୍କୁ ବୋନସ ମିଳୁଛି ଓ କେଉଁଠାରେ ମିଳୁନାହିଁ ତାହା ସ୍ପଷ୍ଟ ହୋଇଛି।

ପଣ୍ଡା ପ୍ରଦାନ କରିଥିବା ତଥ୍ୟରୁ ଜଣାପଡିଛି ଯେ, ଛତିଶଗଡ଼ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାଦ୍ ବୋନସ ଅର୍ଥରାଶି ଦେଉନାହିଁ। ତେବେ ଝାଡ଼ଖଣ୍ଡ ସରକାର ୨୦୧୬-୧୭ ଆର୍ଥିକ ବର୍ଷରୁ ଧାନ ଏମ୍ଏସ୍ପି ବାଦ୍ ଭିନ୍ନ ଭିନ୍ନ ଦରରେ ଚାଷୀଙ୍କୁ ବୋନସ ପ୍ରଦାନ କରିଆସୁଛନ୍ତି । ଗତ ଆର୍ଥିକ ବର୍ଷ ୨୦୨୧-୨୨ରେ ଝାଡଖଣ୍ଡ ସରକାର ଧାନର ତତ୍କାଳୀନ ଏମ୍ଏସ୍ପି ସହ ୧୧୦ ଟଙ୍କା ବୋନସ ଅର୍ଥରାଶି ପ୍ରଦାନ କରିଛନ୍ତି । ଝାଡଖଣ୍ଡ ସରକାରଙ୍କ ଖାଦ୍ୟ, ସାର୍ବଜନିକ ବିତରଣ ଏବଂ ଉପଭୋକ୍ତା ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଥିବା ପଣ୍ଡା କହିଛନ୍ତି। ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ଧାନ ଏମ୍ଏସ୍ପି ବାଦ୍ ବୋନସ ଅର୍ଥ ପ୍ରଦାନ କରାଯାଉ ନ ଥିବା ଛତିଶଗଡ ସରକାରଙ୍କ କୃଷି ବିକାଶ ଏବଂ କିଷାନ କଲ୍ୟାଣ ତଥା ଜୈବ ପ୍ରାଦ୍ୟୋଗିକ ବିଭାଗ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସାଧାରଣ ଯୋଗାଣ ବିଭାଗ ସୂଚନା ଅଧିକାରୀ କର୍ମୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ଓଡ଼ିଶା ବିଧାନସଭାରେ ୨୦୧୭ ଓ ୨୦୧୮ ମସିହାରେ ଦୁଇଥର ଧାନର ସର୍ବନିମ୍ନ ଦର ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ପାସ୍ ହୋଇଥିଲେ ମଧ୍ୟ ଚାଷୀଙ୍କ ପାଇଁ କିଛି କାମରେ ଆସିନାହିଁ । ଧାନ ଏମ୍ଏସ୍ପି ସହ ଓଡ଼ିଶାରେ ବୋନସ ଦେବା ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଇନାହିଁ। ଓଡ଼ିଶାରେ କାଳିଆ ଯୋଜନା, ଛତିଶଗଡ଼ରେ ରାଜୀବ ଗାନ୍ଧୀ କୃଷକ ନ୍ୟାୟ ଯୋଜନା ଭଳି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ କୃଷକଙ୍କୁ ସହାୟତା ପ୍ରଦାନ କରାଯାଉଥିବା ପଣ୍ଡା କହିଛନ୍ତି। ଭୋଟ ସର୍ବସ୍ୱ ରାଜନୀତି ଓ ଅଜ୍ଞତା ଯୋଗୁ ଛତିଶଗଡ଼ରେ ଧାନ ଏମ୍ଏସ୍ପି ବାଦ୍ ବୋନସ ଅର୍ଥ ଦିଆଯାଉଛି ବୋଲି ପ୍ରଚାର କରାଯାଉଛି। ଏହା ବିଭ୍ରାନ୍ତିକର ବୋଲି ପଣ୍ଡା କହିଛନ୍ତି।

# ଲୋଇସିଂହା-ବଲାଙ୍ଗୀର ଫାଇନାଲ ମୁକାବିଲା

**ଲୋଇସିଂହା କପ ଫୁଟବଲ**

ଲୋଇସିଂହା,୧୯।୧୧(ଡି.ଏନ.ଏ)



ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରରେ ଚାଲିଥିବା ୧୫ତମ୍ ଲୋଇସିଂହା କପ ଫୁଟବଲର ଶନିବାର ଷଷ୍ଠ ଦିବସରେ ଦ୍ୱିତୀୟ ସେମିଫାଇନାଲ ସିସିଏଫଏ ବଲାଙ୍ଗୀର ଓ ବିଏନ୍ଏନ୍ଏ ଜରାସିଂହା ମଧ୍ୟରେ ହୋଇଥିଲା । ଏଥିରେ ସିସିଏଫ୍ଏ ବଲାଙ୍ଗୀର ବିଗୁପରୁ ଫାଇନାଲକୁ ଉନ୍ନୀତ ହୋଇଛି । ରବିବାର ବଲାଙ୍ଗୀର ଓ ଲୋଇସିଂହା ଏପିଜେ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଦ୍ୱିତୀୟ ସେମିଫାଇନାଲ ବିଏନ୍ଏନ୍ଏ ଜରାସିଂହା ଓ ସିସିଏଫ୍ଏ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ସିସିଏଫଏ ବଲାଙ୍ଗୀର ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦେବାଶିଷ ବାଗ,କରୁଣାକର ପଧାନ, ଶ୍ରବଣ କୁମାର ବାଗ, ସଞ୍ଜୟ କୁଦେଇ ଓ ବିଜୟ ରଣା ଖେଳ ପରିଚାଳନା କରିଥିଲେ । ଜିଲା ପରିଷଦ ସଭ୍ୟା ବୀଣାପାଣି ହୋତା ମୁଖ୍ୟଅତିଥି, ଆଇନଜୀବୀ ବିଜୟ ବାବୁ, ଅଭିଳାଷ ହୋତା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ସିସିଏଫର ପୁରୁଷୋତ୍ତମ କେରକେଟାଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଷ୍ଟାଡିୟମ କମିଟି ସଭାପତି ଦିଲୀପ ବେହେରା, ସମ୍ପାଦିକା ସ୍ମିତା ମିଶ୍ର, ବିଭୂତିଭୂଷଣ ସାହଣୀ ଉପସ୍ଥିତ ଥିଲେ।

# ଫାଇନାଲରେ ବଲାଙ୍ଗୀର ବିଏମ୍ସି

**ମର୍ନିଂଷ୍ଟାର ଫୁଟବଲ ଟୁର୍ନାମେଣ୍ଟ**



ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଲୋଇସିଂହା,୧୯।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଲାଲ ବାହାଦୁର ହାଇସ୍କୁଲ ଖେଳପଡିଆରେ ମର୍ନିଂଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଏ ଗ୍ରୁପର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବିଏମସି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆୟୋଜକ ସରଗାଡ ଓ ଚନ୍ଦନଭାଟି ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ସରଗଡା ବିଜୟୀ ହୋଇଥିଲା। ସେହିପରି ବାରପୁରଗିଆ ଓ ବଲାଙ୍ଗୀର ବିଏମସି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚର ଫଳାଫଳ ବି ଟାଇବ୍ରେକରରେ ନିର୍ଣ୍ଣୟ ହୋଇଥିଲା। ଏଥିରେ ବଲାଙ୍ଗୀର ବିଏମସି ବିଜୟୀ ସରଗାଡ ସହ ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା। ଟାଇବ୍ରେକରରେ ବଲାଙ୍ଗୀର ବିମଏସି ବିଜୟୀ ହୋଇଛି ଫାଇନାଲରେ ପ୍ରବେଶ କରିଥିଲା । ସୁରେଶ ନାଏକ, ଜ୍ୟୋତିର୍ମୟ ରାଉତ, ରାଜକିଶୋର ସେଠ, ସୁବାସ ମଟାରି ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଦିବସରେ କୁଶମେଲ ସରପଞ୍ଚ କୌସ୍ତୁବ ସାହୁ ଅତିଥି ଯୋଗ ଦେଇଥିଲେ।

# ୧୮ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,୧୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଶନିବାର ଚଡାଉ କରି ୧୮ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ପାଟ୍ରୋଲିଂ ପୋଲିସ ହରିଶଙ୍କର ଛକ ନିକଟରେ ଏକ କ୍ରୁଜର (ଓ୧୭ସି୦୮୨୩)ରେ କେତେକ ଶ୍ରମିକ ଥିବା ଦେଖି ଅଟକାଇଥିଲା। ପଚରାଉଚରା ପରେ ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ଲାଠୋର ରେଳ ଷ୍ଟେଶନକୁ ନିଆ ଯାଉଥିବା ଜଣା ପଡିଥିଲା। ଉଦ୍ଧାର ଶ୍ରମିକମାନେ ବରଗଡ଼ ଜିଲା ଅତାବିରା ଥାନା ବନ୍ଧର ଗାଁର ବୋଲି ପୋଲିସ ସୂଚନା ଦେଇଛି। ଶ୍ରମିକମାନଙ୍କ ସହ ୫ଜଣ ଶିଶୁ ରହିଥିବା ଜଣାଯାଇଛି। ଖପ୍ରାଖୋଲ ଥାନାରେ ଏକ ମାମଲା(୧୯୩/୨୨) ରୁଜୁ ହୋଇଛି। ଶ୍ରମିକ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀ ଓ ଜନ ପ୍ରତିନିଧି।

ଦେଓଗାଁ,୧୯।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଏପିଓ ହିମାଂଶୁ ମେହେରଙ୍କ ସଂଯୋଜନା ତଥା ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ପିଡି ସୁଶାନ୍ତ ସିଂ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଏମଜିଏନଆରଜିଏ ସଂଯୋଜକ ଅଶୋକ କୁମାର ସାହୁ, ଜିଲା ସାମାଜିକ ସମୀକ୍ଷିକା ବର୍ଷାରାଣୀ ହରପାଲ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଯୋଗଦେଇଥିଲେ। ଶିବିରରେ ବ୍ଲକର ୨୬ ପଞ୍ଚାୟତର ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଅନେକ ପଞ୍ଚାୟତରେ ଏହି ଯୋଜନାରେ କାମ ଆଗେଇ ପାରୁ ନ ଥିବାରୁ ଉପସ୍ଥିତ ଜନ ପ୍ରତିନିଧି ଉଦ୍‌ବେଗ ପ୍ରକାଶ କରିଥିଲେ। ୨୬ ପଞ୍ଚାୟତରେ ମାତ୍ର ୧୬ ଜଣ ଗ୍ରାମ ରୋଜଗାର ସେବକ ରହିଥିବାରୁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ ବୋଲି ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ଅଭିଯୋଗ କରିଥିଲେ। ତୁରନ୍ତ ଆହୁରି ୧୦ ଜଣ ଜିଆରଏସ, ଆବଶ୍ୟକ ଯନ୍ତ୍ରୀ ପଦବୀ ପୂରଣ କରିବାପାଇଁ ଦାବି ଉପସ୍ଥାପନ କରିଥିଲେ। ବିଭିନ୍ନ ଗାଁରେ ହିତାଧିକାରୀ ଗାଈ ଗୁହାଳ ନିର୍ମାଣ କରିଥିଲେ ହେଁ ସେମାନେ ଏପର୍ଯ୍ୟନ୍ତ ପ୍ରାପ୍ୟ ପାଇ ନ ଥିବା ଏକ ପରିତାପର ବିଷୟ ବୋଲି ବ୍ରାହ୍ମଣୀ ଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି କରିଥିଲେ । ସେପରି ଅନେକ ପଞ୍ଚାୟତରେ କୂଅ ଖୋଳା କାମ ସରିଥିଲେ ହେଁ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ହୋଇଥିଲା। ଏହି ଯୋଜନାର ପଞ୍ଚାୟତ ସ୍ତରରେ ସମୀକ୍ଷା ପାଇଁ ଭିଆରପି ଭାବେ କାମ କରୁଥିବା ୧୭ ଜଣ ମହିଳାଙ୍କ ମଧ୍ୟରୁ କିଛି ଭିଆରପି ଆଜକୁ ତିନି ବର୍ଷ ହେଲା ତାଙ୍କ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ତେବେ ଏହାର ଉତ୍ତରରେ ସାମାଜିକ ସମିକ୍ଷୀକା ବର୍ଷା ହରପାଲ ଗୋଟିଏ ବର୍ଷର ପାଉଣା ବକେୟା ରହିଛି ବୋଲି ସୂଚନା ଦେଇଥିଲେ । ଠିକ ପ୍ରଚାର ପ୍ରସାର ହୋଇନଥିବା ଯୋଗୁଁ ଅନେକ ପଞ୍ଚାୟତରୁ ଜଣେ ମଧ୍ୟ ଶ୍ରମିକ ଅଭିଯୋଗ ପାଇଁ ଆସି ନଥିବା ନଜରକୁ ଆସିଥିଲା।

# କୃଷି ପରାମର୍ଶ କେନ୍ଦ୍ର ବୈଷୟିକ ଦଳ ବୈଠକ

ଦେଓଗାଁ,୧୯।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ଶନିବାର କୃଷି ପରାମର୍ଶ କେନ୍ଦ୍ର ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଷୟିକ ଦଳ ଆବାହକ ପ୍ରଦୀପ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିୟବ୍ରତ କୁମୁରା, ପ୍ରାଣୀଧନ ଅଧିକାରୀ ବିପିସି ଭକ୍ତିଭୂଷଣ ପଣ୍ଡା, ପ୍ରଦୀପ କୁମାର ଛତ୍ରିଆ, ଏଟିଏମ ପ୍ରଶାନ୍ତ କୁମାର ବହିଦାର, ଦେବେନ୍ଦ୍ର ନାଥ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ୫ ମହିଳା ସ୍ୱୟଂ ସହାୟକ ଦଳକୁ ୫ହଜାର ଟଙ୍କା ଲେଖାଏର ଚେକ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଧାନ କଟା ସମୟ ରହିଥିବାରୁ କ୍ରପ କଟିଂକୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଏଫଇଏସ କାର୍ଯ୍ୟର ଅଗ୍ରଗତି ତଥା ଜଳ ସଞ୍ଚାଳନକୁ ନେଇ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ।


**OFFICE OF THE COLLECTOR AND DISTRICT MAGISTRATE, KEONJHAR**

**No.785/Niz, Date:17.11.2022**

**SHORT TENDER CALL NOTICE**

**No.F-349:** Collector, Keonjhar invites sealed proposal from all interested bidder/s for "Selection of Agency for providing Comprehensive Facility Management Services" for Circuit House, Keonjhar.

The details can be downloaded from the official website www.kendujhar.nic.in. The last date and time of the submission of bid is upto 5.00 P.M. of 11.01.2023.

**Sd./- Additional District Magistrate, Keonjhar**

**OIPR-24046/11/0006/2223**


# ରାଜ୍ୟସ୍ତରୀୟ ସୁରଭିରେ ପୁରସ୍କୃତ ଛାତ୍ରୀ ସମ୍ବର୍ଦ୍ଧିତ

ଟିଟିଲାଗଡ,୧୯।୧୧(ଡି.ଏନ.ଏ.)

ରାଜ୍ୟସ୍ତରୀୟ ସୁରଭି ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବଲାଙ୍ଗୀର ଜିଲା ଟିଟିଲାଗଡ଼ ଧବଳେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସାତ ଜଣ ଛାତ୍ରୀଙ୍କୁ ଟିଟିଲାଗଡ଼ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ବାଳିକା ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝି ଯୋଗଦାନ କରିଥିଲେ। ଏହି ଅବସରରେ ସଂଘ ସଭାପତି ପଞ୍ଚାନନ ଗଡତ୍ୟା, ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପଞ୍ଚାନନ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ହିତାଧିକାରୀ ଜାଣୁନାହାନ୍ତି, ଉଠୁଛି ପିଡିଏସ୍ ସାମଗ୍ରୀ

**ଆରଟିଆଇରେ ମିଳୁନି ତଥ୍ୟ**

ଲୋଇସିଂହା,୧୯।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ଗାଁର ଜଣେ ହିତାଧିକାରୀଙ୍କ ପିଡିଏସ୍ ଆତ୍ମସାତ ହେଉଥିବା ଅଭିଯୋଗ ହୋଇଛି। ସେ ହେଲେ ଉଦିଆଁ ଭୋଇ। ୨୦୧୮ରୁ ତାଙ୍କର ପିଡିଏସକୁ କେହି ତାଙ୍କ ଅଜାଣତରେ ଉଠାଉଛନ୍ତି। ପରିବାର ଲୋକେ ଏଡା ଜାଣିବା ପରେ ବ୍ଲକ ଓ ପଞ୍ଚାୟତ ଅଫିସକୁ ଆରଟିଆଇ ତଥ୍ୟ ମାଗିଥିଲେ। ହେଲେ ତଥ୍ୟ ତାଙ୍କୁ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ନର୍ମଦା ଭୋଇ ଓ ଫୁଲବାଜ ଭୋଇଙ୍କ ଦୁଇ ଅବିବାହିତ ଝିଅ ଉଦିଆଁ ଓ ମଞ୍ଜୁ। ଦୁଇଭଉଣୀଙ୍କ ନାମରେ ଗତ ୨୦୧୫ ଅକ୍ଟୋବର ୨ତାରିଖରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଦିଆଯାଇଥିଲା। ସେମାନେ ୫କେଜି ଲେଖାଏ ପଡିଏସ୍ ଚାଉଳ ପାଉଥିଲେ। ପରବର୍ତ୍ତୀ ସମୟରେ ଉଦିଆଁଙ୍କ ବଡ ଭଉଣୀ ମଞ୍ଜୁଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡରେ ୩୫କେଜି ପିଡିଏସ୍ ଚାଉଳ ପାଇଲେ। ୨୦୧୮ମସିହାରେ ପଞ୍ଚାୟତରେ ପିଡିଏସ୍ ବଣ୍ଟନରେ ଥିବା କର୍ମଚାରୀ ମଞ୍ଜୁଙ୍କ କାର୍ଡରେ ତୁମ ନାମ ସଂଯୋଗୀକରଣ ହୋଇଥିବାରୁ ତୁମକୁ ଆଉ ଚାଉଳ ମିଳିବ ନାହିଁ ବୋଲି ଉଦିଆଁଙ୍କୁ କହିଥିଲେ। ସେବେଠାରୁ ଉଦିଆଁ ପଞ୍ଚାୟତକୁ ଆଉ ପିଡିଏସ ଆଣିବାକୁ ଯାଇ ନ ଥିଲେ। ହେଲେ ୨୦୨୨ପଞ୍ଚାୟତ ନିର୍ବାଚନରେ ଗାଁର ୩ ନଂ ୱାର୍ଡରୁ ଉଦିଆଁଙ୍କ ଭାଇ ହୀରାଲାଲ ଭୋଇ ୱାର୍ଡସଭ୍ୟ ନିର୍ବାଚିତ ହୋଇଛନ୍ତି। ସେ ପିଡିଏସ ବଣ୍ଟନର ତଦାରଖ ବେଳେ ଉଦିଆଁଙ୍କ ନାମରେ ୫ କେଜି ପିଡିଏସ ନିୟମିତ ଉଠୁଥିବା ଜାଣିବାକୁ ପାଇଥିଲେ। ଏନେଇ ପିଡିଏସ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହାପରେ ଗତ ସେପ୍ଟେମ୍ବର ୨୦ରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହୁତାସନ ସୁନାଙ୍କୁ ଏନେଇ ସେ ଆରଟିଆଇରେ ତଥ୍ୟ ମାଗିଛନ୍ତି। ପ୍ରଥମ ଅପିଲର ତଥ୍ୟ ନମିଳିବାରୁ ନଭେମ୍ବର ୧୪ ତାରିଖରେ 'ଘ'ଫର୍ମରେ ବିଡିଓ ଆକାଶ ରଞ୍ଜନ ସାହୁଙ୍କ ନିକଟରେ ଆବେଦନ କରିଥିବା ହୀରାଲାଲ କହିଛନ୍ତି।


**GOVERNMENT OF ODISHA** E-mail:serw_kpd@yahoo.com

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**

No.Tender Online RCK -33/22, Letter No.-2894, Date:17.11.22

No.O-1287:

**e-Procurement NOTICE**

1. Name of the Work : Periodical Renewal to 5 year completed (Post DLP) PMGSY Roads for the year 2022-23.
2. Class of contractor :
   a) Estimated cost more than Rs.20.00 Crore. : Super Class (of Odisha PWD) & relevant class of other licensing authorities.
   b) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   c) Estimated cost more than Rs. 1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   d) Estimated cost more than Rs. 20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-8 of the TCN
4. Detail Projects : As per TCN
5. Other details

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-33/22 | 24.11.2022 at 11.00 A.M. | 08.12.2022 to 05.00 P.M. | 07.12.2022 upto 02.00 P.M. | 09.12.2022 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.

**Sd./- Chief Construction Engineer, Rural Works Circle, Kendrapara-Jajpur**

**OIPR-25129/11/0038/2223**


# ୩ ବର୍ଷ ପରେ ଦୁଲୁକିବ ରେଣ୍ଡୋ ମାଝି ମଞ୍ଚ

**ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

**■ଜାନୁୟାରୀ ୧୪ରୁ ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ**

ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)



କଳାହାଣ୍ଡି ମହୋତ୍ସବ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ।

କୋଭିଡ କଟକଣା ଯୋଗୁ ବନ୍ଦ ରହିଥିଲା କଳାହାଣ୍ଡି ଉତ୍ସବ 'ଘୁମୁରା'। ହେଲେ କଟକଣା ହଟିବା ପରେ ଚଳିତବର୍ଷ ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛି କଳାହାଣ୍ଡି ମହୋତ୍ସବ। ଆସନ୍ତା ଜାନୁୟାରୀ ୧୪ ତାରିଖରୁ ଭବାନୀପାଟଣାରେ ୪ ଦିନ ଧରି ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ ହେବ। ପୁଣି ଥରେ କଳା ସଂସ୍କୃତି ଓ ପରମ୍ପରା ସହ କଳାକାର ଓ ବ୍ୟବସାୟୀଙ୍କ ହେବ ମହାମିଳନ। ଝୁମିବେ ଦର୍ଶକ , ଦୁଲୁକିବ ରେଣ୍ଡୋ ମାଝୀ ମଞ୍ଚ। ଯାହାର ପ୍ରସ୍ତୁତି ଆରମ୍ଭ କରିଛି କଳାହାଣ୍ଡି ଜିଲା ପ୍ରଶାସନ। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ କଳା ସଂସ୍କୃତି ଏଠାରେ ପ୍ରଦର୍ଶିତ ହେବ। ଏହାକୁ ନେଇ ଏବେଠୁ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ, ସୁଶାନ୍ତ ପଟେଲ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା,ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ସମସ୍ତ ବିଭାଗୀୟ ଅଧିକାରୀ, ଖବରଦାତା, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ। ଆସନ୍ତା ଡିସେମ୍ବର ୬ ତାରିଖ ଠାରୁ ପ୍ରଥମେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ମହୋତ୍ସବ ଅନୁଷ୍ଠିତ ହେବ। ଏହା ପରେ ବ୍ଲକସ୍ତରୀୟ ଓ ଆସନ୍ତା ଜାନୁୟାରୀ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାରେ ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୩ ଆୟୋଜନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ଲାଗି ଏକ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପାଇଁ ଜିଲାପାଳ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ବିଭିନ୍ନ ଦାୟିତ୍ୱ ପାଇଁ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଛି ।


**GOVERNMENT OF ODISHA**

**DEPARTMENT OF WATER RESOURCES**

**Office of the Chief Engineer & Basin Manager,Tel Basin, Bhawanipatna-766001**

E-Mail-ID-cetelbasinbhp@gmail.com / Phone No. 06670-230209

**NOTICE INVITING TENDER**

e - Procurement Notice No. CE&BM, TEL - 08/2022-23

PERCENTAGE RATE e-TENDER

**No.A-734:**1.The Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM,** in electronic tendering system for the construction works detailed in the table below.

**Table - 1: Details of critical Dates, Details of Works, Bid Security.**

| Sl. No. | Bid ID No. | Name of Work | Approx.Value of work (Rs.in Lakhs) (Excluding GST) | Period of Completion | Class of Contractor | Bid Security/ EMD in Rs. | Cost of BID Document (in Rs.) (ON-Line) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL- (BID) 06/2022-23 | Construction of F.P.E. on Tel right from Tentulikhunti to Athgaon RD 00 m to 15000 m. | Rs.22.12 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |
| 2 | CETEL- (BID) 07/2022-23 | Construction of F.P.E. on Ong left from Diversion weir at Guchhepali to Agalpur RD 00 m to 11500 m | Rs.21.34 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |

(Two Nos. of Work only)

| | |
|---|---|
| Tender documents available on website. | Can be downloaded from Website (http: / /www.tendersodisha.gov.in) |
| Bid documents available Date and Time. | 22.11.2022 at 11.00 Hrs |
| Bid clarification start date & closing date. | 22.11.2022 to 06.12.2022 during office hours |
| On Line Bid submission closing date and time. | 08.12.2022 at 17.00 Hrs |
| Date, Time and Venue of opening of bid online. | 09.12.2022 at 11.00 Hrs Office of the Chief Engineer, Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date / Time of Opening of Financial Bid | To be intimated after evaluation of Technical Bid. |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./-Chief Engineer & Basin Manager, Tel Basin, Bhawanipatna**

**OIPR-32317/11/0012/2223**

**ଜୈବିକ ଚାଷକୁ ଗୁରୁତ୍ୱ**

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ବରଗାଁ ପଞ୍ଚାୟତସ୍ଥିତ ଏକ ଫାର୍ମରେ ଶନିବାର କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେଞ୍ଚୁରିଏନ ବିଶ୍ୱବିଦ୍ୟାଳୟ ଅଧୀନ ଏମ.ଏସ ସ୍ୱାମୀନାଥନ ସ୍କୁଲ ଅଫ୍ ଏଗ୍ରିକଲଚର, ପାରଲାଖେମୁଣ୍ଡିର ଛାତ୍ରୀ ଅଙ୍କିତା ବାଗ ପ୍ରଚାରପତ୍ର ବଣ୍ଟନ କରିଥିଲେ। ଜୈବିକ ଚାଷ ପ୍ରତି ଧ୍ୟାନ ଦେବାକୁ ସେ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ। ଶସ୍ୟଜାତୀୟ ଫଳ ଏବଂ ପରିବା ଚାଷରେ ରାସାୟନିକ କୀଟନାଶକ ପ୍ରୟୋଗ ନ କରି ସ୍ୱଦେଶୀ କାରିଗରୀ ଚାଷ ପ୍ରଣାଳୀ ଅନୁକରଣ କରିବା ପାଇଁ ଛାତ୍ରୀ ବାଗ ପରାମର୍ଶ ଦେଇଥିଲେ। ଅଧିକ ମାତ୍ରାରେ କିରୋସିନ, ଗୁଡ଼, ନିମ୍ବପତ୍ର, କରଞ୍ଜ ପତ୍ର, କଞ୍ଚାଧାନ, ଗହମ ଆଦି ଉପଯୋଗ କଲେ ଚାଷରେ ଅଧିକ ସୁଫଳ ମିଳିବ ଏବଂ ଜୈବ ବିବିଧତା ପୁନଃସ୍ଥାପନ ହୋଇପାରିବ ବୋଲି ବାଗ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ବରଗଡ଼ ଜିଲା ପଦ୍ମପୁରରେ ଭୋଟର ସଚେତନତା ପାଇଁ ମାନବ ଶୃଙ୍ଖଳ କରାଯାଇଛି ।

# ହଷ୍ଟେଲ ଛାଡ଼ି ପଳାଉଥିବା ୫ ଛାତ୍ର ଉଦ୍ଧାର

**ବୌଦ୍ଧ,୧୯।୧୧(ସ୍ୱ.ପ୍ର.)**

**ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତର କାଳେଶ୍ୱର ଗ୍ରାମ ଠାରେ ଥିବା ଏକ ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କୁ ନିର୍ଯାତନା ଓ ମାଡ଼ ମରାଯାଉଥିବା ଅଭିଯୋଗ କରି ଶନିବାର ହଷ୍ଟେଲ ଛାଡି ପଳାଉଥିବା ୫ ଜଣ ଛାତ୍ରଙ୍କୁ ବୌଦ୍ଧ ବସଷ୍ଟାଣ୍ଡ ନିକଟରୁ ପୋଲିସ ଉଦ୍ଧାର କରିଛି।

ପ୍ରକାଶ ଯେ, କାଳେଶ୍ୱର ଗ୍ରାମଠାରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ସହାୟତାରେ ଅନୁସୂଚିତ ଜାତି ଆବାସିକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଶନିବାର ଦିନ ସକାଳେ ପ୍ରାର୍ଥନା ସମୟରେ ୫ ଜଣ ଛାତ୍ର ହଠାତ୍ ପାଚେରୀ ଡେଇଁ ପଳାଇଥିଲେ। ସେମାନେ ବୌଦ୍ଧ ବସଷ୍ଟାଣ୍ଡରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ସନ୍ଦେହରେ ପଚରାଉଚରା କରିଥିଲେ। ଛାତ୍ରମାନେ ସେମାନଙ୍କୁ ସେଠାରେ ରୋଷୟା ମାଡ ମାରିବା ସହିତ ନିର୍ଯାତନା ଦିଆଯାଇଥିବାର କହିଥିଲେ। ସ୍ଥାନୀୟ ଲୋକେ ବୌଦ୍ଧ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ପିଲାଙ୍କୁ ସେଠାରୁ ଉଦ୍ଧାର କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିବାର ଲୋକଙ୍କ ଆଗରେ ପୋଲିସ ଛାତ୍ରମାନଙ୍କୁ ନିର୍ଯାତନା ଦେବା ନେଇ ପଚାରିଥିଲେ। ହେଲେ ଛାତ୍ରମାନେ ନୀରବ ରହିଥିଲେ। ପୋଲିସ ବୁଝାଶୁଝା କରି ଛାତ୍ରମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲା। ଯେଉଁ ଅଭିଭାବକ ସେମାନଙ୍କ ପିଲାଙ୍କୁ ନେବାକୁ ଚାହୁଁଛନ୍ତି, ସେମାନେ ସ୍କୁଲ ରେଜିଷ୍ଟରରେ ନାମ ଲେଖାଇ ନେବାକୁ କହିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କୁ ତାଙ୍କ ପରିବାର ଲୋକ ନେଇ ଯାଇଥିବା ବେଳେ ଅନ୍ୟ ୪ ଜଣ ଛାତ୍ର ଏବେ ବି ହଷ୍ଟେଲରେ ଥିବା ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଅଜିତ ଭଞ୍ଜ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ଛାତ୍ରଙ୍କୁ ନିର୍ଯାତନା କିମ୍ବା ମାଡ ମରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ସ୍କୁଲରୁ ପଳାଉଥିବା ୫ ଛାତ୍ରଙ୍କ ମଧ୍ୟରୁ ୩ ଜଣଙ୍କ ଘର ଟିକରପଡା, ଜଣଙ୍କ ଘର ଝାରକଟା ଓ ଅନ୍ୟ ଜଣେ ଛାତ୍ରଙ୍କ ଘର ବଲାକିରା ବୋଲି ଜଣାପଡିଛି।

# ରଙ୍ଗୋଲି, ମାନବ ଶୃଙ୍ଖଳରେ ଭୋଟର ସଚେତନତା

**ପଦ୍ମପୁର,୧୯।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ବିଶେଷକରି ଯୁବ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଦ୍ମପୁର ମହିଳା କଲେଜ ଛାତ୍ରୀଙ୍କ ଦ୍ୱାରା ରଙ୍ଗୋଲି କାର୍ଯ୍ୟକ୍ରମର ଆୟୋଜନ ହୋଇଥିବାବେଳେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାନବ ଶୃଙ୍ଖଳ କରାଯାଇଥିଲା। ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ମାନଭେନ୍ଦ୍ର ପ୍ରତାପ ସିଂହ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ ରଙ୍ଗୋଲି କାର୍ଯ୍ୟକ୍ରମ ଦେଖି ଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ସେହିପରି ପଦ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ରଙ୍କ ତତ୍ତ୍ୱାବଧାନରେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ହୋଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କାଳୀଚରଣ ଦୁବେ, ଆର.ବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଧର୍ମକୁମାର ଶତପଥି, ଟାଉନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ନବୀନ ସାହୁ, ସରକାରୀ ବାଳିକା ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ନୀଳିମାରାଣୀ ମହାନ୍ତି, ଆର.ବି ହାଇସ୍କୁଲର ଏନ୍ସିସି ଅଧିକାରୀ ମୋହନ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।



ଭୋଟର ସଚେତନତା ପାଇଁ ରଙ୍ଗୋଲି କାର୍ଯ୍ୟକ୍ରମ ।

# ଜାନୁୟାରୀ ୧୨ରୁ ବୌଦ୍ଧ ମହୋତ୍ସବ

**ବୌଦ୍ଧ,୧୯।୧୧(ସ୍ୱ.ପ୍ର.)**

**ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ**

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା-୨୦୨୩ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ ଜିଲା ପରିଷଦ କାର୍ଯ୍ୟାଳୟ ପରିସର ପଞ୍ଚାୟତ ଭବନଠାରେ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆକର୍ଷଣୀୟ ଭାବରେ ଉଭୟ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଜାନୁୟାରୀ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବରୁ ଜିଲା ପ୍ରତିଷ୍ଠା ଦିବସରୁ ଏହି ଉତ୍ସବ ଆରମ୍ଭ ହେଉଥିବା ବେଳେ ଚଳିତବର୍ଷ ବିଶ୍ୱକପ ହକି ଓଡ଼ିଶାରେ ହେବାକୁ ଥିବାରୁ ସାରା ରାଜ୍ୟରେ ଉତ୍ସବର ମାହୋଲ ସୃଷ୍ଟି ପାଇଁ ସମସ୍ତ ଜିଲାର ପ୍ରମୁଖ କାର୍ଯ୍ୟକ୍ରମ ଏହି ସମୟ ମଧ୍ୟରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାଯାଇଛି। ତେବେ ଜାନୁୟାରୀ ୨ ତାରିଖ ଜିଲା ପ୍ରତିଷ୍ଠା ଦିବସରୁ ହିଁ ଜିଲାରେ ଉତ୍ସବର ମାହୋଲ ଲାଗି ରହିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳମାନଙ୍କୁ ଡକାଇବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ମହୋତ୍ସବ ସମୟରେ ଅଗ୍ନି ନିରାପତ୍ତା, ପାନୀୟ ଜଳ, ପରିଷ୍କାର ପରିଚ୍ଛନ୍ନତା, ଆଇନ ଶୃଙ୍ଖଳା ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ସ୍ୱାଗତ ଭାଷଣ ଦେବା ସହିତ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ପି ରବୀନ୍ଦ୍ର କୁମାର ରାଉତ, ଉପଜିଲାପାଳ ସନତ କୁମାର ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ୧୮ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୧୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଶନିବାର ଚଢାଉ କରି ୧୮ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ପାଟ୍ରୋଲିଂ ପୋଲିସ ହରିଶଙ୍କର ଛକ ନିକଟରେ ଏକ କ୍ରୁଜର (ଓ୧୭ସି୦୮୨୩)ରେ କେତେକ ଶ୍ରମିକ ଥିବା ଦେଖି ଅଟକାଇଥିଲା। ପଚରାଉଚରା ପରେ ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ଲାଠୋର ରେଳ ଷ୍ଟେଶନକୁ ନିଆ ଯାଉଥିବା ଜଣା ପଡିଥିଲା। ଉଦ୍ଧାର ଶ୍ରମିକମାନେ ବରଗଡ଼ ଜିଲା ଅତାବିରା ଥାନା ବନ୍ଧର ଗାଁର ବୋଲି ପୋଲିସ ସୂଚନା ଦେଇଛି। ଶ୍ରମିକମାନଙ୍କ ସହ ୫ଜଣ ଶିଶୁ ରହିଥିବା ଜଣାଯାଇଛି।

# ୨୫ରେ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼ ଅଫିସ୍,୧୯।୧୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହେବ। ୨୦୨୩ ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ଏହା ଚାଲିବ। ମହୋତ୍ସବ ପାଇଁ ଆସନ୍ତା ୨୫ତାରିଖ ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଦିନ ଅପରାହ୍ନ ୫ଟାରେ ପ୍ରଥମେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ ଏବଂ ଏକ ଶୋଭାଯାତ୍ରାରେ ହାଟପଦା ସଞ୍ଚାର ମଣ୍ଡଳୀକୁ ଆସି ସେଠାରେ ଶୁଭସ୍ତମ୍ଭ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଧନୁଯାତ୍ରା ମହୋତ୍ସବର ବିଭିନ୍ନ କମିଟି କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଏହାସହିତ ଏଥର ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଥିବା ଯୋଗୁ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ଉପରେ ଆଲୋଚନା ହୋଇଥିଲା। ବୈଠରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍ପି ସ୍ମିତ୍ ପି. ପରମାର୍, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, କୃତ୍ତିବାସ ରାଉତ, ସମ୍ପାଦକ ସୁରେଶ୍ୱର ଶତପଥିଙ୍କ ସମେତ ବିଭିନ୍ନ କମିଟିର ଆବାହକ ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧନୁଯାତ୍ରା ପ୍ରଚାର ପ୍ରସାର କାର୍ଯ୍ୟକାରୀ କମିଟିର ଏକ ବୈଠକ ହୋଇଥିଲା। ବୈଠକରେ ପ୍ରଚାର, ପ୍ରସାର କମିଟିର ଆବାହକ କଲ୍ୟାଣୀ ଦାଶ, କାର୍ଯ୍ୟକାରୀ ସହ ଆବାହକ ରବି ପଣ୍ଡା ଏବଂ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ଧନୁଯାତ୍ରା ମହୋତ୍ସବର ପ୍ରଥମ ଦିନ ହେବାକୁ ଥିବା ସାଂସ୍କୃତିକ ଶୋଭାଯାତ୍ରା, ଧନୁଯାତ୍ରାର ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା।

**OFFICE OF THE COLLECTOR AND DISTRICT MAGISTRATE, KEONJHAR**
**No.785/Niz, Date:17.11.2022**
**SHORT TENDER CALL NOTICE**

**No.F-349:** Collector, Keonjhar invites sealed proposal from all interested bidder/s for "Selection of Agency for providing Comprehensive Facility Management Services" for Circuit House, Keonjhar.
The details can be downloaded from the official website www.kendujhar.nic.in. The last date and time of the submission of bid is upto 5.00 P.M. of 11.01.2023.
**Sd./- Additional District Magistrate, Keonjhar**
**OIPR-24046/11/0006/2223**

# ଛତିଶଗଡ଼ରେ ମିଳୁନି, ଝାଡ଼ଖଣ୍ଡରେ ମିଳୁଛି

**ବଲାଙ୍ଗୀର ଅଫିସ, ୧୯।୧୧**

**ଚାଷୀଙ୍କୁ ଧାନ ବୋନସ ଟଙ୍କା ମିଳିବା ପ୍ରସଙ୍ଗ**
**■ସୂଚନା ଅଧିକାର ଆଇନ ଯୋଗେ ମିଳିଲା ତଥ୍ୟ**

ପଡୋଶୀ ରାଜ୍ୟ ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବାଦ୍ ଚାଷୀଙ୍କୁ ବୋନସ ପ୍ରଦାନ କରାଯାଉଥିବା ନେଇ ରାଜନୈତିକ ନେତାମାନେ ଦାବି କରିଆସୁଛନ୍ତି । ଏହି କାରଣରୁ ଚାଷୀଙ୍କୁ ବୋନସ ଦିଆଯିବା ପ୍ରସଙ୍ଗ ଓଡ଼ିଶାରେ ସର୍ବାଧିକ ଚର୍ଚ୍ଚାର ବିଷୟ ହୋଇଛି। ଏହା ପ୍ରକାରାନ୍ତରେ ଜନସାଧାରଣଙ୍କ ପାଇଁ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତିର କାରଣ ପାଲଟିଛି। ଏହି ପ୍ରସଙ୍ଗକୁ ନେଇ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଓଡ଼ିଶାର ପଡ଼ୋଶୀ ରାଜ୍ୟମାନଙ୍କୁ ତଥ୍ୟ ମାଗିବା ପରେ କେଉଁ ରାଜ୍ୟରେ ଚାଷୀଙ୍କୁ ବୋନସ ମିଳୁଛି ଓ କେଉଁଠାରେ ମିଳୁନାହିଁ ତାହା ସ୍ପଷ୍ଟ ହୋଇଛି।

ପଣ୍ଡା ପ୍ରଦାନ କରିଥିବା ତଥ୍ୟରୁ ଜଣାପଡିଛି ଯେ, ଛତିଶଗଡ଼ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାଦ୍ ବୋନସ ଅର୍ଥରାଶି ଦେଉନାହାଁନ୍ତି। ତେବେ ଝାଡ଼ଖଣ୍ଡ ସରକାର ୨୦୧୬-୧୭ ଆର୍ଥିକ ବର୍ଷରୁ ଧାନ ଏମ୍ଏସ୍ପି ବାଦ୍ ଭିନ୍ନ ଭିନ୍ନ ଦରରେ ଚାଷୀଙ୍କୁ ବୋନସ ପ୍ରଦାନ କରିଆସୁଛନ୍ତି । ଗତ ଆର୍ଥିକ ବର୍ଷ ୨୦୨୧-୨୨ରେ ଝାଡଖଣ୍ଡ ସରକାର ଧାନର ତତ୍କାଳୀନ ଏମ୍ଏସ୍ପି ସହ ୧୧୦ ଟଙ୍କା ବୋନସ ଅର୍ଥରାଶି ପ୍ରଦାନ କରିଛନ୍ତି । ଝାଡଖଣ୍ଡ ସରକାରଙ୍କ ଖାଦ୍ୟ, ସାର୍ବଜନିକ ବିତରଣ ଏବଂ ଉପଭୋକ୍ତା ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଥିବା ପଣ୍ଡା କହିଛନ୍ତି। ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ଧାନ ଏମ୍ଏସ୍ପି ବାଦ୍ ବୋନସ ଅର୍ଥ ପ୍ରଦାନ କରାଯାଉ ନ ଥିବା ଛତିଶଗଡ ସରକାରଙ୍କ କୃଷି ବିକାଶ ଏବଂ କିଷାନ କଲ୍ୟାଣ ତଥା ଜୈବ ପ୍ରାଦ୍ୟୋଗିକ ବିଭାଗ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସାଧାରଣ ଯୋଗାଣ ବିଭାଗ ସୂଚନା ଅଧିକାରୀ କର୍ମୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ଓଡ଼ିଶା ବିଧାନସଭାରେ ୨୦୧୭ ଓ ୨୦୧୮ ମସିହାରେ ଦୁଇଥର ଧାନର ସର୍ବନିମ୍ନ ଦର ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ପାସ୍ ହୋଇଥିଲେ ମଧ୍ୟ ଚାଷୀଙ୍କ ପାଇଁ କିଛି କାମରେ ଆସିନାହିଁ । ଧାନ ଏମ୍ଏସ୍ପି ସହ ଓଡ଼ିଶାରେ ବୋନସ ଦେବା ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଇନାହିଁ। ଓଡ଼ିଶାରେ କାଳିଆ ଯୋଜନା, ଛତିଶଗଡ଼ରେ ରାଜୀବ ଗାନ୍ଧୀ କୃଷକ ନ୍ୟାୟ ଯୋଜନା ଭଳି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ କୃଷକଙ୍କୁ ସହାୟତା ପ୍ରଦାନ କରାଯାଉଥିବା ପଣ୍ଡା କହିଛନ୍ତି। ଭୋଟ ସର୍ବସ୍ୱ ରାଜନୀତି ଓ ଅଜ୍ଞତା ଯୋଗୁ ଛତିଶଗଡ଼ରେ ଧାନ ଏମ୍ଏସ୍ପି ବାଦ୍ ବୋନସ ଅର୍ଥ ଦିଆଯାଉଛି ବୋଲି ପ୍ରଚାର କରାଯାଉଛି। ଏହା ବିଭ୍ରାନ୍ତିକର ବୋଲି ପଣ୍ଡା କହିଛନ୍ତି ।

**GOVERNMENT OF ODISHA** E-mail:serw_kpd@yahoo.com
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
**No.Tender Online RCK -33/22, Letter No.-2894, Date:17.11.22**
**No.O-1287:**
**e-Procurement NOTICE**

1. **Name of the Work** : **Periodical Renewal to 5 year completed (Post DLP) PMGSY Roads for the year 2022-23.**
2. Class of contractor :
a) Estimated cost more than Rs.20.00 Crore. : Super Class (of Odisha PWD) & relevant class of other licensing authorities.
b) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
c) Estimated cost more than Rs. 1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
d) Estimated cost more than Rs. 20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : **As specified in the Column-8 of the TCN**
4. **Detail Projects** : **As per TCN**
5. **Other details**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-33/22 | 24.11.2022 at 11.00 A.M. | 08.12.2022 to 05.00 P.M. | 07.12.2022 upto 02.00 P.M. | 09.12.2022 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.
**Sd./- Chief Construction Engineer, Rural Works Circle, Kendrapara-Jajpur**
**OIPR-25129/11/0038/2223**

# ୩ ବର୍ଷ ପରେ ଦୁଲୁକିବ ରେଣ୍ଡୋ ମାଝି ମଞ୍ଚ

**ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)**


କଳାହାଣ୍ଡି ମହୋତ୍ସବ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ।

**ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**
**■ଜାନୁୟାରୀ ୧୪ରୁ ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ**

କୋଭିଡ କଟକଣା ଯୋଗୁ ବନ୍ଦ ରହିଥିଲା କଳାହାଣ୍ଡି ଉତ୍ସବ 'ଘୁମୁରା'। ହେଲେ କଟକଣା ହଟିବା ପରେ ଚଳିତବର୍ଷ ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛି କଳାହାଣ୍ଡି ମହୋତ୍ସବ। ଆସନ୍ତା ଜାନୁୟାରୀ ୧୪ ତାରିଖରୁ ଭବାନୀପାଟଣାରେ ୪ ଦିନ ଧରି ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ ହେବ। ପୁଣି ଥରେ କଳା ସଂସ୍କୃତି ଓ ପରମ୍ପରା ସହ କଳାକାର ଓ ବ୍ୟବସାୟୀଙ୍କ ହେବ ମହାମିଳନ। ଝୁମିବେ ଦର୍ଶକ , ଦୁଲୁକିବ ରେଣ୍ଡୋ ମାଝୀ ମଞ୍ଚ। ଯାହାର ପ୍ରସ୍ତୁତି ଆରମ୍ଭ କରିଛି କଳାହାଣ୍ଡି ଜିଲା ପ୍ରଶାସନ। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ କଳା ସଂସ୍କୃତି ଏଠାରେ ପ୍ରଦର୍ଶିତ ହେବ। ଏହାକୁ ନେଇ ଏବେଠୁ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳାହାଣ୍ଡି ଏସ୍ପି ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ, ସୁଶାନ୍ତ ପଟେଲ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା,ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ସମସ୍ତ ବିଭାଗୀୟ ଅଧିକାରୀ, ଖବରଦାତା, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ। ଆସନ୍ତା ଡିସେମ୍ବର ୬ ତାରିଖ ଠାରୁ ପ୍ରଥମେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ମହୋତ୍ସବ ଅନୁଷ୍ଠିତ ହେବ। ଏହା ପରେ ବ୍ଲକସ୍ତରୀୟ ଓ ଆସନ୍ତା ଜାନୁୟାରୀ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାରେ ଜିଲାସ୍ତରୀୟ କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୩ ଆୟୋଜନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ଲାଗି ଏକ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପାଇଁ ଜିଲାପାଳ ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ବିଭିନ୍ନ ଦାୟିତ୍ୱ ପାଇଁ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଛି ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Chief Engineer & Basin Manager,Tel Basin, Bhawanipatna-766001**
**E-Mail-ID-cetelbasinbhp@gmail.com / Phone No. 06670-230209**
**NOTICE INVITING TENDER**
**e - Procurement Notice No. CE&BM, TEL - 08/2022-23**
**PERCENTAGE RATE e-TENDER**

**No.A-734:**1.The Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM,** in electronic tendering system for the construction works detailed in the table below.
**Table - 1: Details of critical Dates, Details of Works, Bid Security.**

| Sl. No. | Bid ID No. | Name of Work | Approx.Value of work (Rs.in Lakhs) (Excluding GST) | Period of Completion | Class of Contractor | Bid Security/ EMD in Rs. | Cost of BID Document (in Rs.) (ON-Line) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL- (BID) 06/2022-23 | Construction of F.P.E. on Tel right from Tentulikhunti to Athgaon RD 00 m to 15000 m. | Rs.22.12 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |
| 2 | CETEL- (BID) 07/2022-23 | Construction of F.P.E. on Ong left from Diversion weir at Guchhepali to Agalpur RD 00 m to 11500 m | Rs.21.34 Crores (Excluding GST) | 24 (Twenty Four) Calendar Months | Super & Special Class only | Declaration is to be furnished in the prescribed form | 10000/- |

**(Two Nos. of Work only)**

| | |
|---|---|
| Tender documents available on website. | Can be downloaded from Website (http: / /www.tendersodisha.gov.in) |
| Bid documents available Date and Time. | 22.11.2022 at 11.00 Hrs |
| Bid clarification start date & closing date. | 22.11.2022 to 06.12.2022 during office hours |
| On Line Bid submission closing date and time. | 08.12.2022 at 17.00 Hrs |
| Date, Time and Venue of opening of bid online. | 09.12.2022 at 11.00 Hrs Office of the Chief Engineer, Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date / Time of Opening of Financial Bid | To be intimated after evaluation of Technical Bid. |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.
**Sd./-Chief Engineer & Basin Manager, Tel Basin, Bhawanipatna**
**OIPR-32317/11/0012/2223**

**କମିଟି ଗଠନରେ ଅନିୟମିତତା, ପକ୍ଷପାତ ଅଭିଯୋଗ**

ଖଡ଼ିଆଲ,(ଡି.ଏନ.ଏ.): ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାରେ କମିଟି ଗଠନରେ ବ୍ୟାପକ ଅନିୟମିତତା ଓ ପକ୍ଷପାତିତା ହୋଇଥିବା ଅଭିଯୋଗ ହୋଇଛି। ଖଡ଼ିଆଲ ବ୍ଲକ ଖଇରଭା ଓ ଚଟରାଭଟା ଗାଁକୁ ନେଇ ହେବାକୁ ଥିବା କମିଟି ଗଠନରେ ନିଜର ସ୍ୱାର୍ଥ ସାଧନ ପାଇଁ ସରକାରୀ ଅଧିକାରୀ କିଛି ବ୍ୟକ୍ତିଙ୍କୁ ନେଇ କମିଟି ଗଠନ କରିଥିବା ଅଭିଯୋଗ ହୋଇଛି। ଏମିତିକି କମିଟି ଗଠନ ପୂର୍ବରୁ ରେଜିଷ୍ଟ୍ରେସନ ପାଇଁ ରିଜ୍ୟୁଲେସନ କପି ଉପଜିଲାପାଳଙ୍କୁ ପ୍ରେରଣ ହୋଇଛି। ଏହାର ପ୍ରମାଣ ମିଳିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନୂତନ କମିଟି ଗଠନ ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ସଂକ୍ଷେପରେ

### ଜିଲାସ୍ତରୀୟ ସମନ୍ୱୟ ବୈଠକ

**ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲ ଠାରେ ଶନିବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ପ୍ରଥମ ଥର ପାଇଁ ବ୍ଲକ ସ୍ତରରେ ବିଭିନ୍ନ ବିଭାଗୀୟ ଯୋଜନାର ସଫଳ ରୂପାୟନ ପାଇଁ ଏକ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ପ୍ରୋଜେକ୍ଟର ସ୍ଲାଇଡ୍ ମାଧ୍ୟମରେ କୃଷି, ଉଦ୍ୟାନ, ଜଳଛାୟା ଓ କଫି ଉନ୍ନୟନ, ପ୍ରାଣୀ ସମ୍ପଦ, ଜୀବିକା ମିଶନ, ମିଶନ ଶକ୍ତି, ଶିଳ୍ପ, କର୍ମ ନିଯୋଜନ ଓ ଦକ୍ଷତା ବିକାଶ, ମଙ୍ଗଳ, ଓରମାସ, ଏମଜିଏନଆରଇଜିଏସ, ଆଦିବାସୀ ଉନ୍ନୟନ, ଶ୍ରମ, ଦକ୍ଷତା, ସଂସ୍କୃତି, କ୍ରୀଡା, ଶିଶୁ ସୁରକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ଜନ ଶିବିର, କଲ୍ୟାଣକାରୀ ସ୍କିମରେ ଲୋକଙ୍କ ସହଭାଗିତା, ହିତାଧିକାରୀଙ୍କ ଲାଭ ଓ ଅଧିକରୁ ଅଧିକ ଜନ ସଚେତନତା ଆଣିବା ତଥା ବ୍ଲକ ସ୍ତରରେ ଅବସ୍ଥାପିତ ଅଧିକାରୀ ଏହି ଯୋଜନାକୁ ଜାଣି କିଭଳି ଲୋକଙ୍କୁ ସଚେତନ କରିବେ ଓ ହିତାଧିକାରୀଙ୍କ ଚୟନ କରିବେ ତା ଉପରେ ଦୀର୍ଘ ୫ ଘଣ୍ଟା ଧରି ବିସ୍ତୃତ ଭାବେ ପ୍ରଦର୍ଶନ କରାଯାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକେ ଜାଣନ୍ତୁ, ଲାଭ ଉଠାନ୍ତୁ ତଥା ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହେଉ ଏହା ହିଁ ସମନ୍ୱୟ ବୈଠକର ମୂଳ ଉଦ୍ଦେଶ୍ୟ ରହିଥିଲା । କୃଷି ବିଭାଗର ଓଡ଼ିଶା ମିଲେଟ ମିଶନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସମନ୍ୱିତ କୃଷି, କୃଷକ ଓଡ଼ିଶା ପୋର୍ଟାଲ, ଗୋ ସୁଗମ, ଉଦ୍ୟାନ ବିଭାଗର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଖାଦ୍ୟ ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଭାଗିତା, ଶ୍ରମ କାର୍ଡ ଧାରୀଙ୍କ ପାଇଁ କଲ୍ୟାଣ ଯୋଜନା ଓ ସହାୟତା, କ୍ରୀଡା ବିଭାଗ ତରଫରୁ ମିନି ଷ୍ଟାଡିୟମ, ଯୁବ ଉତ୍ସବ, କ୍ରୀଡାର ବିକାଶ ତଥା ପଞ୍ଚାୟତ ସ୍ତରରୁ ଖେଳକୁଦ ପ୍ରତିଯୋଗିତା, ଶିଶୁ ସୁରକ୍ଷା ବିଭାଗ ତରଫରୁ ବିଜୁ ଶିଶୁ ସୁରକ୍ଷା ଯୋଜନା, ଆଶୀର୍ବାଦ, ବେଟି ବଚାଓ ବେଟି ପଢ଼ାଓ, ପୋଷ୍ୟ ସନ୍ତାନ ଭଳି ବିଭିନ୍ନ କଲ୍ୟାଣମୂଳକ ଯୋଜନା କିପରି ଚାଲିଛି ତାହା ପ୍ରଦର୍ଶିତ ହୋଇଥିଲା । ବୈଠକରେ ଜିଲାସ୍ତରୀୟ ଅଧିକାର ମାନେ ଉପସ୍ଥିତ ଥିଲେ।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

**ଟିଟିଲାଗଡ, ୧୯।୧୧(ଡି.ଏନ.ଏ.):** ମିଳିତ ପ୍ରାଥମିକ ସଂଘ ପକ୍ଷରୁ ଟିଟିଲାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ଚୁକ୍ତିଭତ୍ତିକ ପ୍ରାଥମିକ ଶିକ୍ଷକ ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ, ୨୦୦୧ ମସିହାରୁ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କୁ ବିଗତ ଛଅ ବର୍ଷ କାର୍ଯ୍ୟକାଳକୁ ଚଗଣନା କରି ଛଅଟି ଇନକ୍ରିମେଣ୍ଟ(ନୋସନାଲ ବେନିଫିଟ)ପ୍ରଦାନ, ଅବିକଳ କେନ୍ଦ୍ରୀୟ ଦରମା ପ୍ରଦାନ ଓ ପୁରୁଣା ପେନସନ ଯୋଜନା ଲାଗୁ କରିବା ପ୍ରମୁଖ ଦାବି ରହିଛି। ଏହି ଅବସରରେ ଟିଟିଲାଗଡ଼ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଗଡ଼ତ୍ୟା, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, କୋଷାଧକ୍ଷ ସଞ୍ଜୟ ସରାବ, ଅଡିଟର ରାମଗୋପାଳ ମହେତୋ, ଉପସଭାପତି ଅନନ୍ତ ଚରଣ ସାହୁ, ହେମକାନ୍ତ ନାଗ, ସୁନୀଲ ହରପାଲ, ନିତ୍ୟାନନ୍ଦ ହୋତା, ପ୍ରଦୀପ୍ତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦେବଦତ୍ତ ସୌରାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

### ଡାଇନିଂ ହଲ୍ ନାହିଁ, ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ

**ଲାଠୋର,୧୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସ୍କୁଲ ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ ଖାଉଛନ୍ତି। ୨୦୧୯ରୁ ଏପରି ଚାଲିଥିଲେ ହେଁ ଏହାର କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ୧୯୧୪ ମସିହାରେ ସ୍ଥାପିତ ଏହି ସର୍ବ ପୁରାତନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୬୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇବା ପାଇଁ ଡାଇନିଂ ହଲର ବ୍ୟବସ୍ଥା ନାହିଁ। ସମସ୍ୟାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ଶାଣ୍ଡ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଉପକାର ମିଳି ନ ଥିବା କହିଛନ୍ତି। ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହାଙ୍କୁ ପଚାରିବାରେ ତିନି ମାସ ତଳେ ଏ ନେଇ ବିଡିଓଙ୍କ ସହ ଆଲୋଚନା କରିଥିଲି ବୋଲି କହିଛନ୍ତି। ପିଲାଙ୍କ ସ୍ୱାର୍ଥଦୃଷ୍ଟିରୁ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



କଳାହାଣ୍ଡି ଜିଲାର ମନ୍ତ୍ରୀଗୁଡା ଗାଁକୁ ଯାଇଥିବା ଦୁର୍ଗମ ପାଦଚଲା ରାସ୍ତା।



ଲୋକେ ଝରଣା ପାଣି ପିଉଛନ୍ତି।

# ଡାକ୍ତରଖାନା ବଦଳରେ ଗୁଣିଆ ହିଁ ଭରସା

**ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)**

- ସଚେତନତାର ଅଭାବ
- କେବେ ବି ମାଡ଼ି ନାହାନ୍ତି ସ୍କୁଲ ବାରଣ୍ଡା
- ଦୁର୍ଗମ ଅଞ୍ଚଳର ଗାଁ ମନ୍ତ୍ରୀଗୁଡ଼ା

କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ଏମିତି ଗାଁ ଅଛି, ଯେଉଁ ଗାଁର ଲୋକେ ଶିକ୍ଷା କ'ଣ ଜାଣି ନାହାନ୍ତି। ଏମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି। ନା ଅଛି ଗମନାଗମନ ସୁବିଧା, ନା ଅଛି ସ୍ୱାସ୍ଥ୍ୟ ସେବା । ରହିବା ପାଇଁ ଆବାସ ଯୋଜନାରେ ଘର ମିଳିବା ସାତସପନ ପାଲଟିଛି। ଏଭଳି ଗାଁ ହେଲା କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ପଞ୍ଚାୟତର ମନ୍ତ୍ରୀଗୁଡା। ପାହାଡ ଉପରେ ରହିଥିବା ଏହି ଗାଁକୁ ଯିବାକୁ ହେଲେ ୩ କିଲୋମିଟର ଚାଲି ଚାଲି ଯିବାକୁ ପଡିଥାଏ। ଏହି ଗାଁରେ କେଉଁ ଆବାହମାନ କାଳରୁ ବସବାସ କରି ଆସୁଛନ୍ତି ଲୋକେ। ଆଗରୁ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ଆସୁଥିଲେ। ସେମାନଙ୍କ ମଧ୍ୟରୁ କେତେକ ପରିବାର ପାହାଡ଼ ତଳକୁ ଆସି ରହିଥିବା ବେଳେ ବର୍ତ୍ତମାନ ୬ ଆଦିବାସୀ ପରିବାରର ୨୫ରୁ ଊର୍ଦ୍ଧ୍ୱ ଲୋକ ସେହି ପାହାଡ଼ ଉପରେ ହିଁ ବସବାସ କରୁଛନ୍ତି।

ଏହି ୬ ଆଦିବାସୀ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବର୍ଷ ବର୍ଷ ଧରି ଭାଗ୍ୟକୁ ଆଦରି ପଡି ରହିଛନ୍ତି। ୩ କିଲୋମିଟର ପାହାଡ଼ ଉପରେ ଥିବା ଯୋଗୁ ସେମାନଙ୍କୁ କୌଣସି ବିପଦ ପଡିଲେ କେହି ଆହା କରିବାକୁ ନାହାନ୍ତି। ପାହାଡ଼ ଉପରକୁ ଅନେକ କଷ୍ଟରେ ଚଢି ଯିବାକୁ ହୋଇଥାଏ। ଏମାନେ ଆଜି ବି ଅବହେଳିତ ଅବସ୍ଥାରେ ରହୁଛନ୍ତି। ଏମାନେ ଚାଳ ଘରେ ରହୁଛନ୍ତି ଓ ଝରଣାପାଣି ପିଉଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଗ୍ରାମବାସୀ ପୂର୍ବ ପୁରୁଷରୁ କେବେ ମଧ ଚକ ଖଡ଼ି ଧରି ନାହାନ୍ତି କି ସ୍କୁଲ ବାରଣ୍ଡା ମଧ ମାଡି ନାହାନ୍ତି। ଏମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଫେଲ୍ ମାରିଛି। ଆଦିବାସୀମାନେ ଏବେ ବି ଗୁଣିଗାରେଡିକୁ ବିଶ୍ୱାସ କରନ୍ତି। ପାହାଡ଼ ଉପରେ ଥିବା ଯୋଗୁ ଡାକ୍ତରଖାନା ଯିବା ପାଇଁ କଷ୍ଟକର ହୋଇଥାଏ। ଗର୍ଭବତୀ ମହିଳାଙ୍କ ପ୍ରସବ ଘରେ ହିଁ ହୋଇଥାଏ । କୌଣସି ସମସ୍ୟା ଦେଖାଦେଲେ ଡାକ୍ତରଖାନା ନିଅନ୍ତି ନାହିଁ। ଆଦିବାସୀମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କେବଳ ଗୁଣିଆ ଡାକି ଝଡାଫୁଙ୍କା କରିଥାନ୍ତି। ସରକାରୀ ସ୍ତରରେ ଏହି ଆଦିବାସୀମାନଙ୍କୁ ସଚେତନ କରାଯାଉ ନ ଥିବା ଯୋଗୁ ଏବେ ବି ସେମାନେ ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରି ରହିଛନ୍ତି। ନିର୍ବାଚନ ସମୟରେ ଏମାନଙ୍କୁ ଭୁଆଁ ଭୁଲାଇ ରାଜନେତା ଭୋଟ ନେଇଥାନ୍ତି। କିଏ ଓ କାହାକୁ ଭୋଟ ଦେଲେ ତାହା ମଧ ସେମାନେ ଜାଣନ୍ତି ନାହିଁ। ଏହି ସରଳ ଆଦିବାସୀ ମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।

## ଦୁର୍ଘଟଣାରେ ମୃତ କୁକୁର ଛୁଆକୁ ଜଗି ରହିଛି ମା'

**କୋକସରା,୧୯।୧୧(ଡି.ଏନ.ଏ.)**

ମଣିଷ ହେଉ କି ପଶୁ ମା'ର ମମତା ଅନାବିଳ। ମା' ଆଗରେ ସବୁ ସନ୍ତାନ ସମାନ। ଶନିବାର ଭୋର ସମୟରେ ରାସ୍ତା ପାର ହେଉଥିବା ବେଳେ ଏକ କୁକୁର ଛୁଆ ଉପରେ କୌଣସି ଏକ ଗାଡି ଚଢି ଯିବାରୁ ତାର ମୃତ୍ୟୁ ହୋଇଥିଲା। ହେଲେ ଛୁଆର ମୃତ୍ୟୁ ପରେ ମା' କୁକୁର ସକାଳୁ ରାତି ପର୍ଯ୍ୟନ୍ତ ଛୁଆକୁ ଜଗି ବସିଥିବା ଦେଖିବାକୁ ମିଳିଥିଲା । କଳାହାଣ୍ଡି ଜିଲା କୋକସରା ବସଷ୍ଟାଣ୍ଡ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସେଠାରେ ରହୁଥିବା ଏକ ବୁଲା ମାଈ କୁକୁର ଗତ କିଛି ଦିନ ତଳେ ୪ଟି ଛୁଆ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ଏକ କୁକୁର ଛୁଆ ଉପରେ ଗାଡି ଚଢି ଯାଇଥିଲା ।



ମୃତ ଛୁଆକୁ ମା' କୁକୁର ଜଗି ରହିଛି।

# ଚୁମନ ରାଓଙ୍କୁ ବଢ଼ିଲା ସହାୟତାର ହାତ



ଚୁମନ ରାଓଙ୍କ ଘରକୁ ଯାଇ ବିଧାୟକ ନରସିଂହ ମିଶ୍ର ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୯।୧୧**

- ପାଠ ପଢୁଥିବା ପର୍ଯ୍ୟନ୍ତ ମାସକୁ ୧ ହଜାର ଟଙ୍କା ଦେବେ ନରସିଂହ ମିଶ୍ର
- ଘର ତିଆରି କରିଦେବା ପ୍ରତିଶ୍ରୁତି ଦେଲେ

ପିତାଙ୍କ ମୃତ୍ୟୁ ଏବଂ ମା'ଙ୍କ ରୋଗଜନିତ ଅସୁସ୍ଥତା କାରଣରୁ ପାଠ ପଢ଼ି ପାରୁ ନାହାନ୍ତି। ପରିବାର ପ୍ରତିପୋଷଣ କରିବାକୁ ଖବର କାଗଜ ବିକ୍ରି କରିବାକୁ ବାଧ ହେଉଥିବା ଚୁମନ ରାଓ (୧୩)ଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବିଧାୟକ ନରସିଂହ ମିଶ୍ର। କରୋନା ମହାମାରୀ ସମୟରେ ଚୁଭନଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମା' ଯକ୍ଷ୍ମାରୋଗରେ ପୀଡିତ ହୋଇ ଘରେ ପଡିରହିଥିଲେ। ଏହି ସମୟରେ ଚୁଭନ ଖବରକାଗଜ ବିକ୍ରି କରି ପରିବାର ଚଳାଉଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବିଧାୟକ ମିଶ୍ର ଶନିବାର ତାଙ୍କ ଘରକୁ ଯାଇ ଚୁମନ, ତାଙ୍କ ମାତା ଏବଂ ଛୋଟ ଭାଇକୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ବିଧାୟକ ମିଶ୍ର ଚୁମନଙ୍କୁ ଜିଲା ପ୍ରଶାସନ ପକ୍ଷରୁ କଣ ସବୁ ସହାୟତା ଦିଆଯାଉଛି ପଚାରିଥିଲେ। ଚୁମନଙ୍କ ମା କହିଥିଲେ ପେପର ବାଣ୍ଟିବା ସମୟରେ କୋଚିଂ ନେଉଥିବାରୁ ମାସକୁ ଆୟ କରୁଥିବା ୧ ହଜାର ଟଙ୍କା ବର୍ତ୍ତମାନ ବନ୍ଦ ହୋଇଯାଇଛି। ଦୁଇଓଳି ଖାଦ୍ୟ ଯୋଗାଡ କରି ପାରୁ ନ ଥିବା ବେଳେ ଭଙ୍ଗା ଦଦରା ଘର ତିଆରି କରି ପାରୁ ନ ଥିବା କହିଥିଲେ । ଚୁମନ ଯେପର୍ଯ୍ୟନ୍ତ ପାଠ ପଢୁଥିବ ତାକୁ ପ୍ରତ୍ୟେକ ମାସ ୧ ହଜାର ଟଙ୍କା ସେ ବ୍ୟକ୍ତିଗତ ଭାବରେ ପ୍ରଦାନ କରିବେ। ପ୍ରଥମ ଦଫାରେ ପ୍ରଥମ ବର୍ଷର ୧୨ ମାସର ଚେକ୍ ରବିବାର ପ୍ରଦାନ କରିବେ ବୋଲି କହିଥିଲେ। ଏହା ସହିତ ଘର ମରାମତି ତଥା ନିର୍ମାଣ ପାଇଁ ଖୁବ୍ ଶୀଘ୍ର ଲୋକ ପଠାଇବେ ବୋଲି କହିଥିଲେ। ଚୁମନ ରାଓକୁ ପାଠ ପଢି ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ସ୍କୁଲ ଶିକ୍ଷା ହେଉ କି ଉଚ୍ଚ ଶିକ୍ଷା ଅଥବା ବୈଷୟିକ ଶିକ୍ଷା ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବଜରଙ୍ଗ ବନଛୋର, ଆରତିପ୍ରୀତି ନାଗ, ବିନ୍ଦୁ ନାଗ, କଂଗ୍ରେସ ନଗର ସଭାପତି ବୁଲୁ ଦାନି, ଅରବିନ୍ଦ ପରୁଆ, ହିମାଂଶୁ ନାୟକ, ଜୟନାରାୟଣ ବହିଦାର ଏଡି ଅବସରରେ ଉପସ୍ଥିତ ଥିଲେ ।

## ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ

**ସିନାପାଲି,୧୯।୧୧(ଡି.ଏନ.ଏ)**

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ସଂଘର ତିନି ଦଫା ଦାବି ନେଇ ଶନିବାର ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ସିନାପାଲି ଠାରେ ଅନୁଷ୍ଠିତ ହୋଇଛି । ପ୍ରଥମେ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ଏକତ୍ରିତ ହେଲା ପରେ ସେଠାରୁ ବିଭିନ୍ନ ନାରାବାଜି ଦେଇ ଶୋଭାଯାତ୍ରା ମାଧ୍ୟମରେ ସମସ୍ତେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏବିଇଓ ଆଦିତ୍ୟ ବନ୍ଦିଛୋରଙ୍କ ମାଧ୍ୟମରେ ସଂଘର ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୨୭ ତାରିଖରୁ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟ ସଂଘର ଆନ୍ଦୋଳନରେ ଯୋଗଦେବା ନେଇ ଆଲୋଚନା କରାଯାଇଥିଲା। ଆନ୍ଦୋଳନକୁ ସିନାପାଲି ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ, ସଂପାଦକ ବାଲାଜୀ ହରିଜନ, ଖଗେଶ୍ୱର ନିଆଲ, ବୈଷ୍ଣବ ମେହେର, ରାକେଶ ମିଶ୍ର, ପ୍ରକାଶ ମେହେର, ରାଜେନ୍ଦ୍ର ଖମାରୀ, ପ୍ରେମାନନ୍ଦ ମେହେର, ଆୟୁବ ଖାଁ, ଲୋଚନ ମେହେର, ପରେଶନାଥ ପାଣିଗ୍ରାହୀ, ବଂଶୀଧର ଜଗତ, ଅତୁଲ ସୁପକାର, ସୁଧୀର ଠାକୁର, ସେବକରାମ ପାତ୍ର, ସତ୍ୟରୂପା ଯୋଷୀ, ଅସ୍ମିତା ପାଢୀ, ଝରଣା ଦୁରିଆ, ଚର୍ତୁଭୁଜ ସେଠୀ, ମହେଶ୍ୱର ଗୁଆଲ, ସୁଶିଳ ଯୋଷୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବିଇଓଙ୍କୁ ଦାବିପତ୍ର



ମିଳିତ ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଇଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

**କୋକସରା,୧୯।୧୧(ଡି.ଏନ.ଏ.)**

ଶନିବାର କୋକସରା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ନୂତନ ପେନସନ ଯୋଜନାଭୁକ୍ତ) ପକ୍ଷରୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କୋକସରା ଶିକ୍ଷା ବିଭାଗର ମିଳିତ ଶିକ୍ଷକ ମହାସଂଘ ସମୂହଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ବାହାରି ବିଇଓ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ଶିକ୍ଷକ ମହାସଂଘ ସଭାପତି ଚନ୍ଦ୍ରମୋହନ ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘର ସାଙ୍ଗଠନିକ ସମ୍ପାଦକ ସତ୍ୟବାନ ପାଣିଗ୍ରାହୀ ଯୋଗ ଦେଇଥିଲେ।

ଜିଲା ସଂଯୋଜକ ସଞ୍ଜୀବ କୁମାର ପାଢ଼ୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଶିକ୍ଷକ ସଂଘ ପ୍ରତି ବୈମାତୃକ ମନୋଭାବକୁ ପ୍ରତିବାଦ କରିଥିଲେ । ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରୁଣା ପେନସନ ଯୋଜନା ପ୍ରଚଳନ ଆଦି ଦାବି ରହିଛି। ରାଜ୍ୟ ସରକାର ଦାବିର ପୁନର୍ବିଚାର ନ କରନ୍ତି ତାହେଲେ ସଂଘ ପକ୍ଷରୁ ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ପରେ କୋକସରା ବିଇଓ ନେପାଳ ଚନ୍ଦ୍ର ବାଗଙ୍କ ଜରିଆରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଘର ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ ପରିଚାଳନା କରିଥିଲେ । ସଂଘର ସମ୍ପାଦକ ବେଣୁଧର ନାଏକ, ଶରତ ଚନ୍ଦ୍ର ପୂଝାରୀ, ସୁନିଲ କୁମାର ଦାସ, ତ୍ରିନାଥ ନାଗ, ଉଦ୍ଧବ ଧରୁଆ, ଏମ.ଏନ. ପଦ୍ମଲୋଚନ ସାହୁ, ବବୁ ବାହାନ ବିଶି, ନବୀନ କୁମାର ମାଝୀ, ଉତ୍ତମ କୁମାର ବଳ, ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

**କୋକସରା,୧୯।୧୧(ଡି.ଏନ.ଏ.)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଶନିବାର କୋକସରା ବ୍ଲକ କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ କୋକସରା ବ୍ଲକ କଂଗ୍ରେସ ଭବନଠାରେ ଦଳୀୟ କର୍ମକର୍ତ୍ତାମାନେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ଲକ କଂଗ୍ରେସ ସଭାପତି ଘନଶ୍ୟାମ ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, କେଶବ ଚନ୍ଦ୍ର ନାଏକ, ନିମାଇଁ ଧଙ୍ଗଡାମାଝୀ, ଯୁବନେତା ତ୍ରିଭୂବନ ନାଏକ, ମହେନ୍ଦ୍ର ଧରୁଆ, କାମଦେବ ଧଙ୍ଗଡା ମାଝୀ, ଅର୍ଜୁନ ବାଗ, ବ୍ରଜ ମିଶ୍ର, ଅଭିମନ୍ୟୁ ପଟ୍ଟନାୟକ, ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ।



ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ କଂଗ୍ରେସ କର୍ମକର୍ତ୍ତା।

# ଜମି ଦିଅ ନଚେତ୍ କମ୍ପାନୀରେ ଚାକିରି ଦିଅ

**ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)**



ଲୋକେ ଖଜଣା ବାନ୍ଧିଥିବା ରସିଦ ଦେଖାଇ କମ୍ପାନୀ କାମକୁ ବିରୋଧ କରୁଛନ୍ତି।

- ୮୦ ଗରିବ ପରିବାରଙ୍କ ପେଟରେ ଲାତ
- ଶିଳ୍ପ ପ୍ରତିଷ୍ଠା ପାଇଁ ନେଇ ଗଲେ ଜମି
- ଆନ୍ଦୋଳନ ପାଇଁ ସଜବାଜ

ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ତଳଜାରିଙ୍ଗଠାରେ ଥିବା ପତରା ଜମିକୁ ନେଇ ଯାଇଛନ୍ତି। ଫଳରେ ଏହି ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ୮୦ ପରିବାର କେମିତି ଚଳିବେ ସେହି ଚିନ୍ତାରେ ଅଛନ୍ତି। ତଳଜାରିଙ୍ଗଠାରେ ଥିବା ୧୬୦ ଏକର ପତରା ଜମିରେ ଜୁନାଗଡ ବ୍ଲକ ଅଧୀନ ୨ଟି ପଞ୍ଚାୟତର ଲୋକେ ସରକାରଙ୍କୁ ଖଜଣା ଦେଇ ଚାଷ କରି ଆସୁଥିଲେ। ଏବେ ଜମି ଚାଲିଯିବାରୁ ରାଜ୍ୟ ସରକାର ଏହି ପରିବାରଙ୍କ ପେଟରେ ଲାତ ମାରିଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରି କି ଜମି ଦିଅ ନଚେତ୍ କମ୍ପାନୀରେ ଚାକିରି ଦିଅ ବୋଲି ଦାବି କରି ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ସମ୍ପୃକ୍ତ ଅଞ୍ଚଳର ଲୋକେ ସଜବାଜ ହେଉଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଳଜାରିଙ୍ଗଠାରେ ସରକାର ୩ଟି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଇଡ଼କୋ କମ୍ପାନୀକୁ ୧୬୦ ଏକର ଜମି ହସ୍ତାନ୍ତର କରିଛନ୍ତି। ଏଠାରେ ୧୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ୩ଟି ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଛି। ସେଥିମଧ୍ୟରୁ ଇଡ଼କୋ ପ୍ରଥମ ପର୍ଯ୍ୟାୟରେ ଇଥାନଲ ପ୍ଲାଣ୍ଟ ନିର୍ମାଣ ପାଇଁ ୩୮ ଏକର ଜମି ପ୍ରଦାନ କରିଛି। ବର୍ତ୍ତମାନ କାମରେ ଅଗ୍ରଗତି ଚାଲିଥିବା ଦେଖିବାକୁ ମିଳିଛି। ତଳଜାରିଙ୍ଗଠାରେ ଥିବା ଏହି ପତରା ଜମିରେ ନାନ୍ଦୋଳ ପଞ୍ଚାୟତର ବାଦଲଦେଇ, ଲବଣିପୁର, ନାନ୍ଦୋଳ ଓ ତଳଜାରିଙ୍ଗ ପଞ୍ଚାୟତର ୮୦ଟି ପରିବାର ଦୀର୍ଘ ବର୍ଷ ହେଲା ବିଭିନ୍ନ କିସମର ଚାଷ ଯଥା ଧାନ, କପା, ମାଣ୍ଡିଆ, ବିରି, ମୁଗ ଆଦି ଚାଷ କରି ଆସୁଥିଲେ। ଏହି ଚାଷୀମାନେ ମଧ ସରକାରଙ୍କୁ ନିୟମିତ ଖଜଣା ଦେଇ ଆସୁଥିଲେ। ଏହାଛଡା ଯେଉଁମାନେ ଏହି ଜମିରେ ଚାଷ କରି ଆସୁଥିଲେ ସେମାନେ ସମସ୍ତେ ଭୂମିହୀନ। ବର୍ତ୍ତମାନ ଇଡ଼କୋ ପକ୍ଷରୁ ଏହି ଚାଷ ଜମିରେ ମାଟି ପକାଯାଇ ପୋତା ଯାଉଛି । ଲୋକେ ବିଭିନ୍ନ ଚାଷ କରିଥିବା ବେଳେ କାହାକୁ ନ ଜଣାଇ ନିଜ ମନମୁତାବକ ଚାଷକୁ ନଷ୍ଟ କରାଯାଉଛି । ସରକାର ପ୍ରଥମେ ଉକ୍ତ ଜମିରେ ଚାଷ କରିଥିବା ଲୋକଙ୍କୁ ଜଣାଇବା କଥା। ଏପରି କି ଶିଳ୍ପ ବସିବା ପୂର୍ବରୁ ଗ୍ରାମସଭା ନ କରି ଫସଲକୁ ନଷ୍ଟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନ, ଉପଜିଲାପାଳ, ଜିଲାପାଳ ତଥା ସ୍ଥାନୀୟ ବିଧାୟକଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

## ସଂକ୍ଷେପରେ

### କ୍ୟାରିୟର କାଉନସେଲିଂ ଉପରେ ୱେବିନାର

**ଡୁଙ୍ଗୁରିପାଲି, ୧୯।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ରାମପୁରରେ ଅଧକ୍ଷ ତରଣୀସେନ ବେହେରାଙ୍କ ଅଧକ୍ଷତାରେ କ୍ୟାରିୟର କାଉନସେଲଂକୁ ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ୱେବିନାରର ଆଭିମୁଖ୍ୟ କହିଥିଲେ ଡକ୍ଟର ଗୁଣନିଧି ବାରିକ। ଆଇଏଫଏଏସ ପୁନେ ଅନୁଷ୍ଠାନର ଶୁଭମ ମଲ୍ଲିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦିଗ ଉପରେ ମାର୍ଗ ଦର୍ଶନ କରିଥିଲେ। ଡ. ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇକ୍ୟୁଏସି ମୁଖ୍ୟ ଡକ୍ଟର ଲିଙ୍ଗରାଜ ସାହୁ, ଡ଼. ଯୋଗେଶ ରାଉତ, ଅଧାପକ ଦେବେନ୍ଦ୍ର ଭୁଏ, ବିଳାସ ସାହୁ, ଅଧାପିକା ଜ୍ୟୋତିର୍ମୟୀ ବାରିକ ଯୋଗଦେଇଥିଲେ। ସୁରେଶ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୋଜନା ବୋର୍ଡ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

**ଜାମଟିକ୍ରା,୧୯।୧୧(ଡି.ଏନ.ଏ.):** ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକଙ୍କୁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ମନୋନିତ ହୋଇଛନ୍ତି। ଏହି ଅବସରରେ ଶନିବାର ଅତାବିରା ବ୍ଲକ ଗୋଡଭଗା ଛକଠାରେ ମା' ଦୁର୍ଗା କମିଟି ସଭାପତି କୁଳମଣି ପଧାନ, ମଧୁସୁଦନ ଶର୍ମା, ସୁରେଶ ଦାସ, ଦୁର୍ଗାପୂଜା କମିଟି ସଭାପତି ଅକ୍ଷୟ କର୍ଣ୍ଣ, ନାଗରିକ କମିଟି ସଭାପତି ହାରାଧନ ବାରିକ, ଲାୟନ୍ସ କ୍ଲବର ଦେବବ୍ରତ ରଥ, ମନୋଜ ଶର୍ମା, ସୁଧୀର ଦାସ, ନରେନ୍ଦ୍ର ଦାସ, ପ୍ରମୋଦ ମହାକୁର, ସିନୁ ବାବୁ ପ୍ରମୁଖ ଉପସ୍ଥିତ ରହି ସାଧୁ ନେପାକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

### ଜମଲା ଡିଗ୍ରୀ କଲେଜରେ ସମ୍ବର୍ଦ୍ଧନା ସଭା

**ପଦ୍ମପୁର, ୧୯।୧୧(ଡି.ଏନ.ଏ.):** ବରଗଡ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଜମଲା ଡିଗ୍ରୀ କଲେଜରେ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ଶନିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଅଧକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। ନୂତନ ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବୋଧ ସଂସ୍କାର ସମ୍ପର୍କରେ ଅଧାପିକା ଅଧାପକମାନେ ଦିଗ୍‌ଦର୍ଶନ ଦେଇଥିଲେ। ସଭାରେ ଅଧାପକ ଆଶିଷ କୁମାର ଭୋଇ, ଦୁର୍ଗାଶିଷ ପଟ୍ଟନାୟକ, ସଦାନନ୍ଦ ସେଠ, ଅଞ୍ଜନ ସାଗର, ଅଧାପିକା ପ୍ରେରଣା ଭୋଇ, ପ୍ରିୟଙ୍କା ବେହେରା, ଯାମିନୀ ରଞ୍ଜନ ସାହୁ, ଲାଇବ୍ରେରୀଆନ ସୁମନ୍ତ ବାଜପେୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା କାର୍ଯ୍ୟକର୍ତ୍ତାଙ୍କ ପରଲୋକ

**ବରଗଡ଼ ଅଫିସ୍,୧୯।୧୧:** ବରଗଡ଼ର ଜଣେ ଭାଜପା କାର୍ଯ୍ୟକର୍ତ୍ତା ରତ୍ନାକର ମହାପାତ୍ରଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୫୪ବର୍ଷ ହୋଇଥିଲା । ସ୍ୱର୍ଗତ ମହାପାତ୍ର ପୂର୍ବରୁ ଦଳର ଟାଉନ ସଭାପତି ଥିଲେ। ସେ ସମାଜସେବା ସହିତ ଶ୍ରମିକ ନେତା ଭାବେ ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇ କରିଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।

# ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କର

### ସୁବର୍ଣ୍ଣପୁରରେ ଦିଶା ବୈଠକ

#### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟରେ ସ୍ୱଚ୍ଛତା ରଖ

**ସୋନପୁର,୧୯।୧୧(ନି.ପ୍ର.)**



ବୈଠକରେ ଉପସ୍ଥିତ ଏମ୍‌ପି, ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ।

ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କୋଅର୍ଡିନେଶନ ଏଣ୍ଡ ମନିଟରିଂ କମିଟି(ଦିଶା)ର ତ୍ରୟୋମାସିକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏଥିରେ ଅଧକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ୪୩ଟି ଯୋଜନାର ରୂପାୟନ ନେଇ ଏମ୍‌ପି ସମୀକ୍ଷା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବା ସହ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ କହିଥିଲେ। ଏମ୍‌ପି ଲ୍ୟାଡ୍ ପ୍ରଦତ୍ତ ପ୍ରକଳ୍ପ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ପାଇପ ଯୋଗେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଓ ଜମିକୁ ଜଳସେଚନ ପାଇଁ କେନ୍ଦ୍ର ସରକାର ବ୍ୟାପକ ଅନୁଦାନ ଯୋଗାଇ ଦେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ଅନେକ ନଦୀ, ନାଳ ପ୍ରବାହିତ ହେଉଥିବାରୁ ଜଳର ସୁବିନିଯୋଗ କରିବା ଉପରେ ଏମ୍‌ପି ସିଂହଦେଓ ଗୁରୁତ୍ୱ ଦେଇଥିଲେ। ନଦୀରେ ଜଳ ସଂରକ୍ଷଣ କରି ରଖିବା ପାଇଁ ନଦୀ ବନ୍ଧ ନିର୍ମାଣ ସକାଶେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଏମ୍‌ପି ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ କହିଥିଲେ। ଅନୁସୂଚିତ ଜାତି ବର୍ଗର ଲୋକ ସଂଖ୍ୟା ୫୦ପ୍ରତିଶତରୁ ଅଧିକ ଥିବା ଜିଲାର ୨୪ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ପ୍ରତି ଗ୍ରାମ ପିଛା ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ତେବେ ଆଦର୍ଶ ଗ୍ରାମଗୁଡିକର ବିକାଶମୂଳକ କାର୍ଯ୍ୟ ନୈରାଶ୍ୟଜନକ ରହିଛି। ତରଭା ବ୍ଲକର ୮ଟି ଗାଁକୁ ଏହି ଯୋଜନାରେ ସାମିଲ କରାଯାଇଛି। ବ୍ଲକର ଜେଇଙ୍କ ନାମରେ ଡିପାର୍ଟମେଣ୍ଟାଲ କାର୍ଯ୍ୟ ହେଉଛି। ଏହି କାର୍ଯ୍ୟରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ବିକାଶମୂଳକ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ଏମ୍‌ପି ସିଂହଦେଓ ନୋଡାଲ ଅଫିସର ଓ ବିଡିଓଙ୍କୁ ତାଗିଦ୍ କରିଥିଲେ। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା(ଏନଆରଏଲଏମ), ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା(ଡିଡିୟୁ-ଜିକେୱାଇ)ରେ ଜିଲାର କୁଶଳୀ କାରିଗରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନଏସଏପି), ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମନ୍ୱିତ ଜଳବିଭାଜିକା ପରିଚାଳନା ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସମଗ୍ର ଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା ସମେତ ଜାତୀୟ ରାଜପଥ, ପୂର୍ତ୍ତ ଓ ଗୃହ ନିର୍ମାଣ, ଜଙ୍ଗଲ, ଯୋଗାଣ, ସମବାୟ, ପ୍ରାଣୀସମ୍ପଦ, ଶ୍ରମ ବିଭାଗ, ଜଳସେଚନ ଓ କୃଷି ବିଭାଗ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲାପାଳ ତଥା ଦିଶା କମିଟିର ମେମ୍ବର ସେକ୍ରେଟାରୀ ଅବୋଲି ସୁନିଲ ନରୱଣେ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ସରଗଜ ପଞ୍ଚାୟତର ସରପଞ୍ଚ ନର୍ମଦା ମିଶ୍ର ଓ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଥାନା ଘେରିଲା ବ୍ୟବସାୟୀ ସଂଘ

### ଇଲେକ୍ଟ୍ରୋନିକ୍ସ ଦୋକାନରୁ ଚୋରି


ପୋଲିସ ପାଟ୍ରୋଲିଂ, ଚୋରକୁ ଧରିବା ଦାବିରେ ବ୍ୟବସାୟୀମାନେ ଥାନା ଘେରାଉ କରିଛନ୍ତି।

**ଉଲୁଣ୍ଡା,୧୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସଦର ସ୍ଥିତ ନଟରାଜ ଇଲେକଟ୍ରୋନିକ୍ସ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନରେ ଥିବା ଟଙ୍କା ଓ ମୋବାଇଲ ଚୋରି କରି ନେଇଥିବା ମାଲିକ ନଟବର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (୧୬୨/୨୨)ରୁଜୁ କରି ତନାଘନା ଚଳାଇଛି। ଶନିବାର ଉଲୁଣ୍ଡା ଥାନା ପୋଲିସ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ଦୁଇଜଣ ମୁଖା ପିନ୍ଧା ଚୋର ଭିତରେ ପଶି ଚୋରି କରୁଥିବା ଦୃଶ୍ୟ ଫୁଟେଜରୁ ସ୍ପଷ୍ଟ ହୋଇଛି। ଦୁଇଦିନ ପୂର୍ବରୁ ଏହି ଅଞ୍ଚଳରୁ ଏକ ପିକ୍‌ଅପ ଚୋରି ହୋଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ ଟେର ପାଇନାହିଁ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟବସାୟୀ ସଂଘ ପୋଲିସ ପାଟ୍ରୋଲିଂ କଡାକଡି କରିବା ଏବଂ ୭୨ଘଣ୍ଟା ଭିତରେ ଚୋରକୁ ଧରିବା ଦାବିରେ ଉଲୁଣ୍ଡା ଥାନା ଘେରାଉ କରିଥିଲେ। ଆଇଆଇସି ଚନ୍ଦ୍ରମୋହନ ସିଂ ଏ ଦିଗରେ ପୋଲିସ ତନାଘନା ଜାରି ରଖିଛି ବୋଲି କହିଥିଲେ। ସବୁଦିନ ପରି ରାତିରେ ଦୋକାନ ବନ୍ଦ କରି ମାଲିକ ଘରକୁ ଯାଇଥିଲେ। ସକାଳୁ ଶନିବାର ସକାଳେ ମାଲିକ ଦୋକାନକୁ ଆସିବା ବେଳେ ଶର୍ଟର ତାଲା କଟାଯାଇ ଖୋଲା ଅବସ୍ଥାରେ ଥିବା ଦେଖିଥିଲେ। ଦୋକାନ ଭିତରେ ଥିବା ଡ୍ରରେ ନଗଦ ୭୦ ହଜାର ଟଙ୍କା ଓ ୧୦ଟି ଏଣ୍ଡ୍ରୟଡ ଫୋନ, ୬ଟି କିପେଡ ମୋବାଇଲ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।

# ଯୁବକଙ୍କୁ ହତ୍ୟା, ମୁହଁରେ ପଥର ଲଦିଦେଲେ

**ବରପାଲି, ୧୯।୧୧(ଡି.ଏନ.ଏ.)**

ବରଗଡ ଜିଲା ବରପାଲି-କଇଁରାଟିକ୍ରା ରାସ୍ତାକଡ଼ ନାଳରେ ପଡିଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ବରପାଲି ମଧପଡ଼ାର ଆଶିଷ ସାହୁ (୩୫)। ଉକ୍ତ ଯୁବକଙ୍କ ମୃତଦେହ ଉପରେ ଓଜନିଆ ପଥର ଲଦା ଯାଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ବରପାଲି ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସୂଚନା ଅନୁସାରେ, ଆଶିଷ ପେଶାରେ ଜଣେ ଇଲେକ୍ଟ୍ରିକାଲ ମେକାନିକ୍। ସେ ଗତ ୧୭ ତାରିଖ ରାତିରୁ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତାଙ୍କ ଫୋନ ମଧ୍ୟ ସ୍ୱିଚ୍ ଅଫ୍ ଥିଲା। ତେବେ ଶନିବାର ସକାଳେ କଇଁରାଟିକ୍ରା ରାସ୍ତାକଡ ନାଳରେ ଏକ ମୃତଦେହ ପଡ଼ିଥିବା ବରପାଲି ଥାନା ଆଇଆଇସି ରୋଜାଲିନ ପଟେଲଙ୍କୁ ସୂଚନା ମିଳିଥିଲା। ଏହାପରେ ସେ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉପରେ ଲଦା ଯାଇଥିବା ପଥର ହଟାଇବାରୁ ମୃତକଙ୍କ ପରିଚୟ ମିଳିଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଆଶିଷଙ୍କ କାହା ସହିତ ଶତ୍ରୁତା ନ ଥିବା ପରିବାର ଲୋକେ କହୁଥିବା ବେଳେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି ପଟେଲ କହିଛନ୍ତି।

# ରାଜ୍ୟସ୍ତରରେ ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ପ୍ରସ୍ତୁତି

**ସୋନପୁର,୧୯।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ଦାମୋଦର ପଣ୍ଡାଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନଭେମ୍ବର ୨୭ରୁ ଭୁବନେଶ୍ୱରଠାରେ ହେବାକୁ ଥିବା ମିଳିତ ଶିକ୍ଷକ ମହାସଂଘର ରାଲି ଓ ଧାରଣାରେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହେବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଶିକ୍ଷକମାନଙ୍କର ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଭୁବନେଶ୍ୱର ରାଜରାସ୍ତାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଦିଲୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ବୁଧବାର ପୁଣିଥରେ ସମସ୍ତ ବ୍ଲକର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରାଯିବ। ସମସ୍ତ ବର୍ଗର ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଏଥିରେ ଶରତ ସୁନା, ବିଜୟ ପୁରୋହିତ, କାର୍ତ୍ତିକ ସାହୁ, ଉମାକାନ୍ତ ମିଶ୍ର, ବ୍ରତାନନ୍ଦ ଭୋଇ, ଓମ ପୂଝାରୀ ପ୍ରମୁଖ ଜିଲାସ୍ତରୀୟ ନେତୃବୃନ୍ଦ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତ୍ତି ନେଇଥିଲେ ।

# ୨୧ରେ ଝାରବନ୍ଧ ବନ୍ଦ, ଅନିର୍ଦ୍ଦିଷ୍ଟ କାଳ ଧାରଣା

**ଝାରବନ୍ଧ, ୧୯।୧୧(ଡି.ଏନ.ଏ.)**

ଝାରବନ୍ଧ ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ଦାବି କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଆସନ୍ତା ୨୧ ତାରିଖରେ ଝାରବନ୍ଧ ବନ୍ଦ ଡାକରା ଦିଆଯାଇଛି। ଏହାସହ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଆଲୋଚନା ପାଇଁ ଶନିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ ପରିଚାଳନା କମିଟି, ଗଙ୍ଗାଧର ମେହେର କ୍ଲବ, ଗାନ୍ଧୀ କ୍ଲବ, ଗ୍ଲୋବାଲ ସ୍ପୋର୍ଟିଂ, ଚାଷୀ ସଂଘ, ନାଗରିକ କମିଟି, ବଣିକ ସଂଘ, ସାମ୍ବାଦିକ ସଂଘ, ମାରୱାଡି ଯୁବା ମଞ୍ଚ ଓ ଅନ୍ୟ ସମସ୍ତ ବେସରକାରୀ ପ୍ରତିଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଝାରବନ୍ଧ ପିଏଚ୍‌ସିକୁ ସିଏଚ୍‌ସି କରିବା, ଯୁକ୍ତ ୨ ବିଜ୍ଞାନ କଲେଜ ସ୍ଥାପନ, ଝାରବନ୍ଧରେ ଜମି ରେଜିଷ୍ଟ୍ରେଶନ ଅଫିସ୍, ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ଉପରେ ସେମାନେ ଆଲୋଚନା କରିଥିଲେ। ଏହି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ମୋହନ ପ୍ରଧାନ, ସୁନୀଲ ରାୟ, ଗଗନ ବିହାରୀ, ରାକେଶ ଅଗ୍ରୱାଲ, କୁସୁମ ପ୍ରଧାନ, ଜୟକୁମାର ନିଗମ, କୁମାରଗୌରବ ବେହେରାଙ୍କୁ ମନୋନିତ କରାଯାଇଥିଲା।

# ଅଧ୍ୟବସାୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଥାଏ

### ଅମରପାଲି ହାଇସ୍କୁଲରେ ସମ୍ବର୍ଦ୍ଧନା ଉତ୍ସବ

**ଅମରପାଲି,୧୯।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଶନିବାର ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବହଳପଦର ସରପଞ୍ଚ ନିରୂପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା, ସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଏକାଗ୍ରତା ଚିତ୍ତରେ କଠିନ ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ଓ ଉପାଧକ୍ଷଙ୍କୁ ସ୍କୁଲ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ବରିଷ୍ଠ ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଅବସରପ୍ରାପ୍ତ ସେନା ଅଧିକାରୀ ଅନନ୍ତ କୁମାର ପ୍ରଧାନ ଓ ଚଳିତ ବର୍ଷ ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ମେଡିକାଲ ପଢିବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ସୁମନ ପ୍ରଧାନଙ୍କୁ ସ୍ମୃତିଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମ୍ବିତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ଓ ନଟବର ରଣା ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଆୟୁର୍ବେଦ ବୃକ୍ଷରାଜି ବୁଲି ଦେଖିଲେ ଛତିଶଗଡ଼ ଛାତ୍ରୀଛାତ୍ର

**ପାଇକମାଳ,୧୯।୧୧(ଡି.ଏନ.ଏ.)**

ଛତିଶଗଡ଼ର ଦୁର୍ଗ ସ୍ଥିତ ଭାରତୀ ଆୟୁର୍ବେଦ ମେଡିକାଲ କଲେଜ ଓ ହସ୍ପିଟାଲର ୮୧ ଜଣ ଛାତ୍ରୀଛାତ୍ର ଏବଂ ୩ ଜଣ ଅଧାପକ ବରଗଡ ଜିଲା ପାଇକମାଳ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନକୁ ଶନିବାର ଶିକ୍ଷା ଭ୍ରମଣରେ ଆସିଥିଲେ। ସେମାନେ ନୃସିଂହନାଥ ମନ୍ଦିର ଏବଂ ଚତୁଃପାର୍ଶ୍ୱରେ ଥିବା ଔଷଧୀୟ ବୃକ୍ଷଲତାକୁ ଅନୁଧ୍ୟାନ କରିଥିଲେ ଏବଂ ମନ୍ଦିର ପାଖରେ ବସିଥିବା ବୈଦ୍ୟମାନଙ୍କଠାରୁ ବିଭିନ୍ନ ଜଡ଼ିବୁଟିମାନ ସଂଗ୍ରହ କରିଥିଲେ। ଅପରାହ୍ନରେ ସେମାନେ ଶ୍ରୀ ଶ୍ରୀ ନୃସିଂହନାଥ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ଜର୍ଜଗଡ ସ୍ଥିତ ଲୁମ୍ବିନୀ ଭେଷଜ ଉଦ୍ୟାନକୁ ଯାଇଥିଲେ ଏବଂ ସେଠାରେ ଥିବା ପ୍ରାୟ ୩୦୦ ଔଷଧୀୟ ବୃକ୍ଷଲତାକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଦ୍ରବ୍ୟଗୁଣ ବିଭାଗର ମୁଖ୍ୟ ଡ. ଶିବ ପ୍ରସାଦ ମାହାନ୍ତି, ବିଭାଗର ଅଧାପକ ଡ. ଯୋଗାଂଶୁ ବର୍ମା ଏବଂ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ନୃସିଂହନାଥ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ କ୍ଷୀରାବ୍ଧି ତନୟା ରାଉତରାୟ ସ୍ୱାଗତ କରିଥିଲେ।

### କରୋନା ଭାକ୍ସିନ ଦେଇଥିଲେ, ପାଇନାହାନ୍ତି ପାରିଶ୍ରମିକ

**ଅମରପାଲି,୧୯।୧୧(ଡି.ଏନ.ଏ)**

କରୋନା ଟିକା ପ୍ରଦାନ ପାଇଁ ସରକାର ପ୍ରତ୍ୟେକ ସ୍ଥାନରେ କର୍ମଚାରୀ ନିଯୁକ୍ତ କରିଥିଲେ। ଟିକାକରଣ ପାଇଁ ଗାଁଗାଁ ଯାଇ ଲୋକଙ୍କୁ ଟିକା ଦେଇଥିବା କେତେକ କର୍ମଚାରୀଙ୍କୁ ଏଯାଏ ମିଳି ପାରିନି ପାରିଶ୍ରମିକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଟିକାକରଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଏଯାଏ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗ ହୋଇଛି। ଭେକସିନେସନ କାମରେ ନିୟୋଜିତ ସେ ସମୟର କର୍ମଚାରୀଙ୍କ କାମ ଶେଷ ହୋଇସାରିଛି । ବ୍ଲକରେ ଟିକାକରଣ ପାଇଁ ୧୫ ଜଣ ଏଏନଏମ ଓ ୧୫ଜଣ ଡିଓ କାର୍ଯ୍ୟରତ ଥିଲେ। ମାତ୍ର ଏହି ୩୦ଜଣ କର୍ମଚାରୀଙ୍କ ୬ମାସର ଦରମା ବକେୟା ପ୍ରାୟ ୬ଲକ୍ଷ ୪୧ହଜାର ୫ଶହ ଟଙ୍କା ବାକି ରହିଛି । ଏ ନେଇ ବିଭାଗୀୟ ମୁଖ୍ୟ ସିଡିଏମଓ ବିଶ୍ୱରଞ୍ଜନ ପତିଙ୍କ ସହ ଯୋଗାଯୋଗ କରାଯିବାରୁ କାର୍ଯ୍ୟରତ କର୍ମଚାରୀଙ୍କ ପାଉଣା କାହିଁକି ମିଳିନାହିଁ ତାହାର ତଦନ୍ତ କରି କିଭଳି ଶୀଘ୍ର ପ୍ରଦାନ କରାଯିବ ତାହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ପାଇକମାଳ,୧୯।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ବରଗଡ ଜିଲ । ପାଇକମାଳ ବ୍ଲକ ଅନ୍ତର୍ଗତ ଛେଚଗାଁ ପଞ୍ଚାୟତରେ ବିଜେଡିର ଏକ ନିର୍ବାଚନୀ କାର୍ଯ୍ୟାଳୟକୁ ଶନିବାର ଉଦ୍‌ଘାଟନ କରାଯାଇଛି। ଉଦଘାଟନୀ ଉତ୍ସବରେ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତୁନ ସବ୍ୟସାଚୀ ନାୟକ ମୁଖ୍ୟଅତିଥି, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପାଲଲହଡା ବିଧାୟକ ମୁକେଶ ପାଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମାଣ୍ତିଆଡିପା ବଇଦପାଲିଠାରେ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ବିଧାୟକ କ୍ୟାପେଟନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି, ସୁଶାନ୍ତ ସିଂ, ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ଧବଳେଶ୍ୱର ସାହୁ, ଦୀପକ ବୁଡେକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ଶୈବପୀଠରେ ଚାରାରୋପଣ

**ସରଣ୍ଡା,୧୯।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ସ୍ଥିତ ଅଷ୍ଟଶମ୍ଭୁବିଶ୍ୱେଶ୍ୱର ଶୈବପୀଠରେ ଶନିବାର ଅତାବିରା ପୋଲିସ ଓ ମନ୍ଦିର କମିଟି ପକ୍ଷରୁ ବିଭିନ୍ନ ସୌଖିନ ଚାରାରୋପଣ କରାଯାଇଛି। ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏଏସ୍‌ଆଇ ଲଳିତ ନାଗ, ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର, ପ୍ରମୋଦ ମହାପାତ୍ର, ଦାରାସିଂ ମହାପାତ୍ର, କୁବେର ପ୍ରଧାନ, ମନୋଜ ମହାପାତ୍ର, ଝସକେତନ ମହାପାତ୍ର, ଶ୍ରୀକାନ୍ତ ସିଂଦେଓ, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ବହୁ ଯୋଗଦେଇ ଚାରାରୋପଣ କରିଥିଲେ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୮ତାରିଖରେ ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼ ପକ୍ଷରୁ ଦେଉଳ ପୋଖରୀ ଚାରିଆଡ଼ିରେ ଚାରୋପଣ କରାଯାଇ ଏହାର ଯତ୍ନ ନିଆଯାଉଛି।

# ପପଙ୍ଗା ପାହାଡ଼ରେ ପୋଲିସ ମୁତୟନ ଦାବି



ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜାମଟିକ୍ରା, ୧୯।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡେନ ବ୍ଲକର ପପଙ୍ଗା ପାହାଡ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ। ଏଠାରେ ପ୍ରତିଦିନ ପରିଭ୍ରମଣ, ବଣଭୋଜି, ଗବେଷଣା ପାଇଁ ପ୍ରକୃତି ପ୍ରେମୀଙ୍କ ଭିଡ ଦେଖିବାକୁ ମିଳିଥାଏ। ଏଭଳି ସ୍ଥିତିରେ ଏଠାକୁ ଆସୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ଦାବି ଜଣାଇଛି ଭେଡେନ ସଂଗ୍ରାମୀ ସାମ୍ବାଦିକ ସଂଘ। ସଂଘ ସଭାପତି ସୋମନାଥ ଭୋଇଙ୍କ ଆବାହକତ୍ୱ ଓ ସମ୍ବଲପୁରୀ ଭାଷାବିତ୍ ଉତ୍ପନ୍ନ କୁମାର ଭୋଇଙ୍କ ନେତୃତ୍ୱରେଏକ ପ୍ରତିନିଧି ଦଳ ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଭେଡେନ ଥାନା ଏଏସ୍‌ଆଇ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଂଘର ସମ୍ପାଦକ ପ୍ରଭାକର ଦାଶ, କଳାକାର ଆନନ୍ଦ ଚନ୍ଦ୍ର ସୁନା, ପୂର୍ବତନ ସରପଞ୍ଚ ଭିମସେନ ମଲିକ, କ୍ଷିରେଶ ମହାକୁର, ଓମ୍ ପ୍ରକାଶ ମିଶ୍ର, ଲକ୍ଷ୍ମଣ ପଣ୍ଡା, ସୁବୋଧ ଦାଶ, ମନୋରଞ୍ଜନ ଭୁଏ, ଶୁଶାନ୍ତ ମହାକୁର ପ୍ରମୁଖ ସାମିଲ ହୋଇଥିଲେ।